# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨/୨୦୨୫ (୧୪ ପୃଷ୍ଠା) | Bhubaneswar, Tuesday, December 2/2025 | Page 14 | ₹ 7.00 | DHENKANAL

୫୨ଶ ଭାଗ ୯ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 9 | ମୂଲ୍ୟ ₹୭/-




## ହରେନ୍ଦ୍ର ସିଂଙ୍କ ଇସ୍ତଫା

ବ୍ୟକ୍ତିଗତ କାରଣ ଦର୍ଶାଇ ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଛନ୍ତି ହରେନ୍ଦ୍ର ସିଂ।

୧୪

୦୨

## ପୁଣି ବିବାହ କଲେ ସାମନ୍ଥା

ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ସୋମବାର ଦି ଫ୍ୟାମିଲି ମ୍ୟାନ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କୁ ବିବାହ କରିଛନ୍ତି।



# ୪ ଖେଳାଳିଙ୍କୁ ୧୧ ଲକ୍ଷ ଟଙ୍କା ଲେଖାଏ ପୁରସ୍କାର

## ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍

ଭୁବନେଶ୍ୱର,୧।୧୨(ତପନ ସ୍ୱାଇଁ)

ଶ୍ରୀଲଙ୍କାର କଲମ୍ବୋଠାରେ ଆୟୋଜିତ ପ୍ରଥମ ଦୃଷ୍ଟିବାଧିତ ମହିଳା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଚାମ୍ପିୟନ ହୋଇ ଇତିହାସ ରଚିଛି। ଭାରତୀୟ ବିଶ୍ୱକପ ଦଳରେ ସାମିଲ ଥିବା ଓଡ଼ିଶାର ୪ ଖେଳାଳି ବାଲେଶ୍ୱରର ଫୁଲ ସୋରେନ, ମୟୂରଭଞ୍ଜର ପାର୍ବତୀ ମାର୍ଣ୍ଡି, ଯମୁନାରାଣୀ ଟୁଡୁ ଏବଂ ବାସନ୍ତୀ ହାଁସଦା ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହି ବିଶ୍ୱ ଚାମ୍ପିୟନ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଭିନନ୍ଦନ ଜଣାଇବା ସହ ନିଜ ବାସଭବନରେ ସମ୍ବର୍ଦ୍ଧିତ କରିଛନ୍ତି। ଏଥି ସହିତ ପ୍ରତ୍ୟେକ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କାର ସ୍ୱରୂପ ୧୧ ଲକ୍ଷ ଟଙ୍କା ଲେଖାଏ ଅର୍ଥ ରାଶି ଚେକ୍ ଆକାରରେ ପ୍ରଦାନ କରିଛନ୍ତି। ଖେଳାଳିଙ୍କର ଦୃଢ଼ ନିଷ୍ଠା ଓ ଉଲ୍ଲେଖନୀୟ ପ୍ରଦର୍ଶନକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହ କହିଛନ୍ତି ଯେ "ନିଜର ନିଷ୍ଠା ଓ ଅଧ୍ୟବସାୟ ବଳରେ ଖେଳରେ ଉତ୍କର୍ଷ ପ୍ରଦର୍ଶନ କରି ଆପଣମାନେ ଦେଶ ☞ପୃଷ୍ଠା-୪




କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଚାମ୍ପିୟନ ଭାରତୀୟ ଦଳରେ ସାମିଲଥିବା ଓଡ଼ିଶାର ୪ ଖେଳାଳିଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ସମ୍ବର୍ଦ୍ଧିତ କରୁଛନ୍ତି। ନିକଟରେ ଅଛନ୍ତି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

# ଦେଶବ୍ୟାପୀ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ

## ଡିଜିଟାଲ ଆରେଷ୍ଟ ମାମଲା

ନୂଆଦିଲ୍ଲୀ,୧।୧୨(ପି.ଟି.)

ଡିଜିଟାଲ ଆରେଷ୍ଟ ଦୁର୍ନୀତି ମାମଲାଗୁଡ଼ିକର ଦେଶବ୍ୟାପୀ ଏକୀକୃତ ତଦନ୍ତ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ସାଇବର ଅପରାଧୀମାନେ ବ୍ୟବହାର କରୁଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଖୋଜି ବାହାର କରିବା ସହ ସେଗୁଡ଼ିକୁ ଅଚଳ କରିବା ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) କୃତ୍ରିମ ବୁଦ୍ଧିମତ୍ତା (ଏଆଇ)କୁ ବ୍ୟବହାର କରୁନାହିଁ କାହିଁକି ବୋଲି ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ଦେଶରେ ଡିଜିଟାଲ ଆରେଷ୍ଟ ନାମରେ ସାଇବର ଅପରାଧ ବଢ଼ିଚାଲିଛି। ଅପରାଧୀମାନେ ନିଜକୁ ଆଇନ ପ୍ରବର୍ତ୍ତନକାରୀ ବା କୋର୍ଟ ଅଫିସର ଅଥବା ସରକାରୀ ଏଜେନ୍ସିର ଅଫିସର ପରିଚୟ ଦେଇ ଲୋକଙ୍କୁ ଅଡିଓ ଏବଂ ଭିଡିଓ କଲ୍ ଜରିଆରେ ଭୟଭୀତ କରାଇଥାନ୍ତି। ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକପ୍ରକାର ପଣବନ୍ଦୀ କରି ରଖିବା ସହ ଟଙ୍କା ପୈଠ କରିବାକୁ ଚାପ ପକାଇଥାନ୍ତି। ବିରୋଧୀ ଦଳ ଶାସିତ ପଶ୍ଚିମବଙ୍ଗ, ତାମିଲନାଡୁ, କର୍ଣ୍ଣାଟକ ଏବଂ ତେଲଙ୍ଗାନା ସମେତ ସମସ୍ତ ରାଜ୍ୟ ଡିଜିଟାଲ ଆରେଷ୍ଟ ମାମଲାରେ ସିବିଆଇକୁ ତଦନ୍ତ ପାଇଁ ଅନୁମତି ଦେବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ କହିଛନ୍ତି।

ସାଇବର ଅପରାଧ ମାମଲାରେ ବ୍ୟବହୃତ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଅଚଳ କରିବା ପାଇଁ ଏଆଇ କିମ୍ବା ମେଶିନ୍ ଲର୍ନିଂ ପ୍ରଯୁକ୍ତି କାହିଁକି ବ୍ୟବହାର କରାଯାଉ ନାହିଁ, ତାହାର ଜବାବ ☞ପୃଷ୍ଠା-୪

# ବିଦା ହେଲେଣି ୪୯ ବାଂଲାଦେଶୀ: ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀର ଲାଲ୍‌କିଲା ବୋମା ବିସ୍ଫୋରଣ ଘଟଣା ପରେ ସାରା ଦେଶରେ ଅନୁପ୍ରବେଶକାରୀଙ୍କ ଚିହ୍ନଟ ପ୍ରକ୍ରିୟା ଜୋରଦାର କରାଯାଇଛି। ଏହିକ୍ରମରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ନେଇ ଖୋଳତାଡ଼ ଚାଲିଛି। ସୋମବାର ବିଧାନସଭାରେ ବାଂଲାଦେଶୀ ଅନୁପ୍ରବେଶକାରୀ ସମ୍ପର୍କିତ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ଆମ ସରକାର ଆସିବା (୧୨ ଜୁନ୍ ୨୦୨୪) ପରଠାରୁ ଇତିମଧ୍ୟରେ ୫୧ ଜଣ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଥିବାବେଳେ ୪୯ଜଣଙ୍କୁ ଦେଶାନ୍ତର କରାଯାଇଛି। ଆଉ ୫୦ ଜଣ ସନ୍ଦିଗ୍ଧଙ୍କ ପରିଚୟପତ୍ର ଯାଞ୍ଚ ପ୍ରକ୍ରିୟା ଚାଲିଛି। ଅପରପକ୍ଷେ କେନ୍ଦ୍ରାପଡ଼ା ଜିଲାରେ ସର୍ବାଧିକ ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ୨୦୦୫ରୁ ବିଭିନ୍ନ ସମୟରେ ବିଧାନସଭାରେ ତଥ୍ୟ ଉପସ୍ଥାପିତ ହୋଇଛି। ଏଥିସହ ଏହି ଜିଲାରେ ୭୬ ହଜାରରୁ ଉର୍ଦ୍ଧ୍ୱ ବଙ୍ଗଳାଭାଷୀ ବସବାସ କରୁଛନ୍ତି। କିନ୍ତୁ ଗତ ଅଗଷ୍ଟ ମାସରୁ ଏଠାରେ ବାଂଲାଦେଶୀ ଅନୁପ୍ରବେଶକାରୀ ଖୋଜା ପ୍ରକ୍ରିୟା ଚାଲିଥିବାବେଳେ ଜଣେ ହେଲେ ଏପର୍ଯ୍ୟନ୍ତ ଚିହ୍ନଟ ହୋଇ ନ ପାରିବା ଉଦ୍‌ବେଗର ବିଷୟ ବୋଲି କୁହାଯାଉଛି।**

ଭୁବନେଶ୍ୱର,୧।୧୨(ରବିନାରାୟଣ ଜେନା)

କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ମେ' ୨ରେ ନିର୍ଦ୍ଦେଶ ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାଂଲାଦେଶୀ ଓ ଅନୁପ୍ରବେଶକାରୀଙ୍କୁ ବିଦା କରିବା ନେଇ ତତ୍ପରତା ଦେଖାଦେଇଛି। ସେମାନଙ୍କୁ କିଭଳି ଚିହ୍ନଟ କରାଯାଇ ଓଡ଼ିଶାରୁ ବିଦା କରାଯିବ ସେନେଇ 'ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ' ପକ୍ଷରୁ ପ୍ରକ୍ରିୟା ଜାରି ରହିଛି। ଇତିମଧ୍ୟରେ ରାଜ୍ୟରୁ ୪୯ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଯାଇଥିବାବେଳେ ଏବେ ବି ବହୁ ଅଞ୍ଚଳରେ ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି।

ସୋମବାର ବିଜେଡି ସଦସ୍ୟ ଗୌତମବୁଦ୍ଧ ଦାସ ଓ ଭାଜପା ସଦସ୍ୟ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦେଇଥିବା ତଥ୍ୟ ଅନୁଯାୟୀ, ରାଜ୍ୟରେ ଭାଜପା ସରକାର କ୍ଷମତାକୁ ଆସିବା ପରେ ଇତିମଧ୍ୟରେ ୫୧ ବାଂଲାଦେଶୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୪୯ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଗଲାଣି। ସେଥିମଧ୍ୟରେ ଖୋର୍ଦ୍ଧା ସହରରୁ ୨୪, କଟକରୁ ୧୫, ଗଞ୍ଜାମ ୬, କନ୍ଧମାଳ ୩, କୋରାପୁଟରୁ ଜଣେ ବାଂଲାଦେଶୀଙ୍କୁ ଚିହ୍ନଟ କରାଯାଇ ନିଜ ଦେଶକୁ ପଠାଯାଇଛି। ଅନ୍ୟ ୨ ବାଂଲାଦେଶୀ ଅନୁପ୍ରବେଶକାରୀ ଜାଲ୍ ପାସ୍‌ପୋର୍ଟ କରି ଧରାପଡ଼ିଛନ୍ତି। ସେମାନଙ୍କ ବିରୋଧରେ ମୋକଦ୍ଦମା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଛି। ବାଂଲାଦେଶୀଙ୍କୁ ଚିହ୍ନଟ, ଅଟକ ଏବଂ ଦେଶାନ୍ତର କରିବା ପାଇଁ 'ସ୍ୱତନ୍ତ୍ର କାର୍ଯ୍ୟ ବାହିନୀ' ଗଠନ କରାଯାଇଛି। ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଏସ୍‌ପିଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି।

ଏହି ଅବସରରେ ମାନସ ଦତ୍ତଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି, ବାଂଲାଦେଶୀଙ୍କୁ ଚିହ୍ନଟ ଓ ଅଟକ ରଖିବା ପାଇଁ ରାଜ୍ୟସ୍ତରରେ ୨ଟି ଏବଂ ଜିଲାସ୍ତରରେ ୧୮ ଗୋଟି କେନ୍ଦ୍ର ଖୋଲାଯାଇଛି। ସନ୍ଦିଗ୍ଧ ବାଂଲାଦେଶୀଙ୍କୁ ତାଙ୍କ ଦେଶକୁ ପଠାଯିବା ପର୍ଯ୍ୟନ୍ତ ରଖାଯାଉଛି। ☞ପୃଷ୍ଠା-୪

## କେନ୍ଦ୍ରାପଡ଼ାରେ ଚିହ୍ନଟ ପ୍ରକ୍ରିୟା ବାଟବଣା

କେନ୍ଦ୍ରାପଡ଼ା,୧।୧୨(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ୧,୬୪୯ ବାଂଲାଦେଶୀ ଅନୁପ୍ରବେଶକାରୀ ରହିଥିବା ୨୦୦୫ ମସିହାରୁ ବିଧାନସଭାରେ ବାରମ୍ବାର ତଥ୍ୟ ଉପସ୍ଥାପନ କରାଯାଉଛି। ଅପରପକ୍ଷେ ସାରା ରାଜ୍ୟରେ ଗତ ଅଗଷ୍ଟ ମାସଠାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ଖୋଳତାଡ଼ ଚାଲିଥିବାବେଳେ ଏହି ଜିଲାରେ ଚିହ୍ନଟ ପ୍ରକ୍ରିୟା ଅଦ୍ୟାବଧି ଜାରି ରହିଛି। ତେବେ ସୋମବାର ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଅନ୍ୟ ଜିଲାର ୫୧ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇଛି। ମାତ୍ର ଗତ ୪ ମାସ ଧରି କେନ୍ଦ୍ରାପଡ଼ା ଜିଲାର ଜଣେହେଲେ ଅନୁପ୍ରବେଶକାରୀ ଚିହ୍ନଟ ସମ୍ପର୍କରେ ଜିଲା ପୋଲିସ ପକ୍ଷରୁ ତଥ୍ୟ ପ୍ରକାଶ ନ ହେବା ଉଦ୍‌ବେଗର ବିଷୟ କୁହାଯାଉଛି। ଏ ସମ୍ପର୍କରେ ବୁଦ୍ଧିଜୀବୀ ରାଧାକାନ୍ତ ମହାନ୍ତି, ସୁଶାନ୍ତ ନାୟକ, ବୀରେନ୍ଦ୍ର ଦାସ, ଆକାଶ ଦାସ, ମନ୍ମଥ ନାୟକ ପ୍ରମୁଖ କହିଛନ୍ତି, ବଙ୍ଗଭଙ୍ଗ ସମୟରେ ଏହି ଜିଲାରେ ମୋଟ ୧,୨୩୭ ଜଣ ବାଂଲାଦେଶୀଙ୍କୁ ଥଇଥାନ କରାଯାଇଥିଲା। ରାଜନଗର ଓ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ୧୯୭୦ ମସିହାରୁ ଏପର୍ଯ୍ୟନ୍ତ ୪୨ଟି ବାଂଲାଭାଷୀଙ୍କ ରାଜସ୍ୱ ଗ୍ରାମ ସୃଷ୍ଟି ହୋଇଛି। ୨୦୧୧ ଜନଗଣନା ଅନୁସାରେ ଜିଲାରେ ବାଂଲାଭାଷୀଙ୍କ ସଂଖ୍ୟା ୭୬ ହଜାରରୁ ଉର୍ଦ୍ଧ୍ୱ ରହିଥିବା ବେଳେ ସାମ୍ପ୍ରତିକ ସମୟରେ ଏହି ସଂଖ୍ୟା ଅଧିକ ହେବ। ଖୋଲାମେଲା ସମୁଦ୍ର ଓ ରାଜପଥ ଯୋଗୁ ଏହି ଜିଲାକୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଆସିବାରେ ବାଧା ନାହିଁ। ଏଠାକୁ ଆସି ରାଜନେତାଙ୍କ ଶରଣରେ ରହି ଭୋଟର କାର୍ଡ, ରାଶନ କାର୍ଡ, ଆଧାର ଆଦି ପ୍ରସ୍ତୁତ ☞ପୃଷ୍ଠା-୪

## 'ରାଜଭବନ' ହେଲା 'ଲୋକ ଭବନ'



ଭୁବନେଶ୍ୱର,୧।୧୨(ସୁନିତ୍ ମିଶ୍ର)

ଆନୁଷ୍ଠାନିକ ଭାବେ ଉଭୟ ଭୁବନେଶ୍ୱର ଏବଂ ପୁରୀ 'ରାଜଭବନ' ର ନାମ ପରିବର୍ତ୍ତନ କରାଯାଇ 'ଲୋକ ଭବନ' ନାମରେ ନାମିତ କରାଯାଇଛି। ଏହି ପରିବର୍ତ୍ତନ ସମ୍ପର୍କରେ ରାଜଭବନ ପକ୍ଷରୁ ସୋମବାର ଏକ ବିଜ୍ଞପ୍ତି ଜାରି କରାଯାଇ ସୂଚନା ଦିଆଯାଇଛି। ଏହା ଓଡ଼ିଶାର ପ୍ରଶାସନିକ ପରିଚୟରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ବୋଲି କୁହାଯାଇଛି। କେନ୍ଦ୍ର ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଆଧାରରେ ଓଡ଼ିଶାର ରାଜ୍ୟପାଳ ହରିବାବୁ କମ୍ଭମପାଟି ଏହି ନାମକରଣକୁ ଅନୁମୋଦନ କରିଛନ୍ତି। ୨୦୨୪ରେ ☞ପୃଷ୍ଠା-୪

## ଏନ୍‌ଆର୍‌ଟିଏସ୍ ପରୀକ୍ଷାଫଳ ପ୍ରକାଶ

କଟକ,୧।୧୨(କାର୍ତ୍ତିକ ସାହୁ)


ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଜାତୀୟ ଗ୍ରାମାଞ୍ଚଳ ମେଧାବୃତ୍ତି (ଏନ୍‌ଆର୍‌ଟିଏସ୍) ୨୦୨୫ର ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ପରୀକ୍ଷାର୍ଥୀମାନେ ବୋର୍ଡ ୱେବ୍‌ସାଇଟ୍ www.bseodisha.ac.in-ରେ ଉପଲବ୍ଧ ହୋଇଥିବା ଲିଙ୍କ୍ ଖୋଲିବା ପରେ ନିଜ ରୋଲ୍ ନମ୍ବର କିମ୍ବା ନାମ ପୂରଣ କରି ଫଳ ଦେଖିପାରିବେ। ଗତ ସେପ୍ଟେମ୍ବର ୧୯ ତାରିଖରେ ଅନୁଷ୍ଠିତ ଏହି ପରୀକ୍ଷା ୫୩,୮୧୦ଜଣ ଛାତ୍ରୀଛାତ୍ର ଦେଇଥିଲେ। ଅପରପକ୍ଷରେ ୩୫୫ଜଣ ଛାତ୍ରୀଛାତ୍ର ପରୀକ୍ଷାରେ ଅନୁପସ୍ଥିତ ଥିଲେ। ସମଗ୍ର ରାଜ୍ୟରେ ୩୫୫ଟି ପରୀକ୍ଷା କେନ୍ଦ୍ରରେ ଏହି ପରୀକ୍ଷା ହୋଇଥିଲା।

ଆଜିର ସମ୍ପାଦକୀୟ

ଆରାବଳିକୁ ମାରିଦେବେ

# ଜୀବନବ୍ୟାପୀ ସଞ୍ଚିତ ଅର୍ଥ ଦାନ କଲେ ଡାକ୍ତର

## ଏମ୍ସକୁ ୩ କୋଟି ୪୦ ଲକ୍ଷ ଦାନ: ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବେ ଡାକ୍ତର ଲକ୍ଷ୍ମୀବାଈ



ପ୍ରଫେସର ଡା. କେ. ଲକ୍ଷ୍ମୀବାଈ

ବ୍ରହ୍ମପୁର,୧।୧୨(ସୁବାସ ଚନ୍ଦ୍ର ପାଢ଼ୀ)

ଶହେ ବର୍ଷରେ ପଦାର୍ପଣ କରିବାକୁ ଯାଉଥିବା ବ୍ରହ୍ମପୁରର ଜଣେ ମହିଳା ଡାକ୍ତର ବଦାନ୍ୟତା ଦେଖାଇଛନ୍ତି। ନିଜର ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟସେବାର ବିକାଶରେ ବିନିଯୋଗ ନିମନ୍ତେ ସେ ଦାନ କରିଛନ୍ତି। ସମ୍ପୃକ୍ତ ଡାକ୍ତର ଜଣଙ୍କ ହେଲେ ପ୍ରସୂତି ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡା. କେ. ଲକ୍ଷ୍ମୀବାଈ। ୧୦୦ତମ ଜନ୍ମଦିନକୁ ସ୍ମରଣୀୟ କରିବାକୁ ସେ ଭୁବନେଶ୍ୱର ଏମ୍ସକୁ ୩ କୋଟି ୪୦ଲକ୍ଷ ଟଙ୍କା ଦେଇଛନ୍ତି। ଏହି ଅର୍ଥ ଏମ୍ସ ମହିଳା କର୍କଟ ରୋଗ ଚିକିତ୍ସା ଓ ଯତ୍ନ କେନ୍ଦ୍ରକୁ ଦିଆଯାଇଛି।

୧୯୨୬ ଡିସେମ୍ବର ୫ରେ ଡା. ଲକ୍ଷ୍ମୀବାଈଙ୍କ ଜନ୍ମ। ୧୯୪୫ରୁ ୧୯୫୦ ମଧ୍ୟରେ ସେ କଟକ ଶ୍ରୀରାମ ଚନ୍ଦ୍ର ଭଞ୍ଜ(ଏସ୍‌ସିବି) ମେଡିକାଲ କଲେଜରେ ଏମ୍‌ବିବିଏସ୍ ପଢ଼ିଥିଲେ। ସେ ଏସ୍‌ସିବିର ପ୍ରଥମ ବ୍ୟାଚ ଏମ୍‌ବିବିଏସ୍ ଛାତ୍ରୀ ଥିଲେ। ୧୯୫୮ରେ ମାଡ୍ରାସ ମେଡିକାଲ କଲେଜରେ ସ୍ତ୍ରୀ ଓ ପ୍ରସୂତି ବିଭାଗ ପାଠ୍ୟକ୍ରମରେ ଡିପ୍ଲୋମା ଓ ପରେ ମାଷ୍ଟର ଡିଗ୍ରୀ ପଢ଼ା ସାରିଥିଲେ। ପ୍ରଫେସର ଡା. ଲକ୍ଷ୍ମୀବାଈ ୧୯୫୦ରେ ସୁନ୍ଦରଗଡ଼ ଜିଲା ହସ୍ପିଟାଲରୁ ଚାକିରି ଜୀବନ ଆରମ୍ଭ କରି ୧୯୮୬ରେ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରୁ ଅବସର ନେଇଥିଲେ। ଅବସର ପରେ ସେ ଏବେ ବ୍ରହ୍ମପୁର ଭାବାନଗରସ୍ଥିତ ଘରେ ରହୁଛନ୍ତି। ଆସନ୍ତା ୫ ତାରିଖରେ ୧୦୦ତମ ଜନ୍ମଦିନ ପାଳନ ଅବସରରେ ସେ ଏମ୍ସକୁ ଦାନ ସମ୍ପର୍କରେ ଘୋଷଣା କରିବେ ବୋଲି ସୂଚନା ମିଳିଛି। ଜୀବନବ୍ୟାପୀ ସଞ୍ଚିତ ଅର୍ଥକୁ ସ୍ୱାସ୍ଥ୍ୟ ସେବା ନିମନ୍ତେ ଦାନ କରି ପ୍ରଫେସର ଡା. ଲକ୍ଷ୍ମୀବାଈ ଅତ୍ୟନ୍ତ ଖୁସିଥିବା କହିଛନ୍ତି। ତାଙ୍କର ଛାତ୍ରୀ ତଥା ଜଣାଶୁଣା ପ୍ରସୂତି ଓ ସ୍ତ୍ରୀ ରୋଗ ବିଭାଗ ପ୍ରଫେସର ପି. ଭାରତୀ ଓ ଡା. ଭାରତୀ ମିଶ୍ର ଏହି କାର୍ଯ୍ୟର ତଦାରଖ କରୁଛନ୍ତି। ସ୍ୱାସ୍ଥ୍ୟସେବା ପ୍ରତି ଗୁରୁଙ୍କ ବଦାନ୍ୟତା ଦେଖି ଉଭୟେ ଖୁସି ହେବା ସହ ତାଙ୍କ ଆଦର୍ଶ ଅନେକଙ୍କୁ ଅନୁପ୍ରାଣିତ କରିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରଫେସର ଡା. ଲକ୍ଷ୍ମୀବାଈ ପୂର୍ବରୁ ଭାରତଜ୍ୟୋତି ଆୱାର୍ଡ, ଇଣ୍ଟରନ୍ୟାଶନାଲ ଫ୍ରେଣ୍ଡଶିପ୍ ସୋସାଇଟି ଆୱାର୍ଡ ଏବଂ ବେଷ୍ଟ ସିଟିଜେନ ଅଫ ଇଣ୍ଡିଆ ଆୱାର୍ଡ ପାଇଛନ୍ତି।

## ଜନଶୁଣାଣି ଶିବିରରେ ବିଧବାଙ୍କ ଆତ୍ମାହୁତି ଉଦ୍ୟମ

### ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ନ ଶୁଣିବାରୁ ଚରମ ନିଷ୍ପତ୍ତି

ବାଙ୍କୀ,୧।୧୨(ଶୁଭେନ୍ଦୁ ମହାପାତ୍ର/ ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ସ୍ୱାମୀଙ୍କ ମୃତ୍ୟୁ ପରେ ସହାୟତା ରାଶି ପାଇବା ପାଇଁ ସ୍ଥାନୀୟ ପ୍ରଶାସନଠାରୁ ଆରମ୍ଭ କରି ଜିଲାପାଳଙ୍କ ନିକଟରେ ବାରମ୍ବାର ନିବେଦନ କଲେ। ହେଲେ କେହି ଗୁହାରି ନ ଶୁଣିବାରୁ ଜଣେ ମହିଳା ଚରମ ନିଷ୍ପତ୍ତି ନେଇଛନ୍ତି। କଟକ ଜିଲା ବାଙ୍କୀ ବ୍ଲକରେ ଅନୁଷ୍ଠିତ ଜିଲାପାଳଙ୍କ ଜନଶୁଣାଣି ଶିବିରରେ ସସ୍ମିତା ମାଝୀ ନିଜ ଶରୀରରେ ପ୍ଲାଷ୍ଟିକ ବୋତଲରେ ଆଣିଥିବା ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଛନ୍ତି। ତେବେ ଏହି ସମୟରେ ନିକଟରେ ଥିବା ପୋଲିସ ଓ ଜିଲାପାଳଙ୍କ ସୁରକ୍ଷା ଅଧିକାରୀ ତାଙ୍କୁ କାବୁ କରିନେଇଛନ୍ତି। ତାଙ୍କ ସମସ୍ୟାର ସମାଧାନ ଖୁବ୍‌ଶୀଘ୍ର କରାଯିବ ବୋଲି ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

ଖବର ମୁତାବକ, ବାଙ୍କୀ ବୈଦେଶ୍ୱର ପଞ୍ଚାୟତସ୍ଥିତ ରଙ୍ଗଣୀ ସାହିର ସସ୍ମିତାଙ୍କ ସ୍ୱାମୀ ବନମାଳୀ ଖଟୁଆଙ୍କ ୨ବର୍ଷ ପୂର୍ବେ ମୃତ୍ୟୁ ଘଟିଥିଲା। ☞ପୃଷ୍ଠା-୪

## ପରକୀୟା ପ୍ରୀତି ସନ୍ଦେହ

## ସ୍ତ୍ରୀଙ୍କୁ ନିଆଁଖୁଣ୍ଟାରେ ପିଟି ହତ୍ୟା



ଘଟଣାସ୍ଥଳରେ ଲୋକଙ୍କ ଭିଡ଼।

ଖମାର,୧।୧୨(ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ମୁଣ୍ଡୁରିବେଡ଼ା ପଞ୍ଚାୟତ ସିଆରିମାଳିଆ ଗ୍ରାମ ଆଦିବାସୀ ସାହିରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ପରକୀୟା ପ୍ରୀତି ସନ୍ଦେହରେ ସ୍ତ୍ରୀ ମଞ୍ଜୁ ହେମ୍ବ୍ରମ (୨୫)ଙ୍କୁ ନିଆଁଖୁଣ୍ଟାରେ ପିଟି ସ୍ୱାମୀ ସୁଦର୍ଶନ ହେମ୍ବ୍ରମ (୩୦) ହତ୍ୟା କରିଥିବା ମୃତ ମହିଳାଙ୍କ ଭାଇ ଓ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ କରାଯାଇଛି।

ପୋଲିସ ପକ୍ଷରୁ କୁହାଯାଇଛି, ମୁଣ୍ଡୁରିବେଡ଼ା ପଞ୍ଚାୟତ ସିଆରିମାଳିଆ ଗ୍ରାମର ସୁଦର୍ଶନ ବଡିସୁଆଁ ପଞ୍ଚାୟତ ହାତୀମୁଣ୍ଡ ଗ୍ରାମର ମଞ୍ଜୁଙ୍କୁ କିଛିବର୍ଷ ତଳେ ବିବାହ କରିଥିଲେ। ତାଙ୍କର ୬ ଓ ୪ ବର୍ଷର ଶିଶୁପୁତ୍ର ଅଛନ୍ତି। ସମ୍ପୃକ୍ତ ଦମ୍ପତିଙ୍କ ମଧ୍ୟରେ ସବୁବେଳେ ଝଗଡ଼ା ଲାଗି ରହୁଥିଲା। ସୁଦର୍ଶନ ସର୍ବଦା ସ୍ତ୍ରୀ ମଞ୍ଜୁଙ୍କ ଚରିତ୍ରକୁ ସନ୍ଦେହ କରୁଥିବାରୁ କିଛି ଦିନ ଉଭୟ ଅଲଗା ରହିଥିଲେ। ତେବେ ବୁଝାଶୁଝା ପରେ ଦୁହେଁ ପୁଣି ଏକାଠି ରହିଥିଲେ। ସୋମବାର ସକାଳ ୯ଟାରେ ସୁଦର୍ଶନ ମଞ୍ଜୁଙ୍କ ଭାଇ ଶୁଭେଦାର ପିଙ୍ଗୁଆଙ୍କୁ ଫୋନ କରି ମଞ୍ଜୁ ମରିଯାଇଥିବା କହିଥିଲେ। ଏହାପରେ ଶୁଭେଦାର ପରିବାର ଲୋକଙ୍କୁ ନେଇ ଭଉଣୀ ଘରେ ପହଞ୍ଚିଥିଲେ ହେଁ ଭିଣୋଇ ସୁଦର୍ଶନଙ୍କୁ ପାଇ ନ ଥିଲେ। ଘର ଭିତରକୁ ଯାଇ ଭଉଣୀଙ୍କ ମୃତଦେହ ଏକ ଲୁଗାରେ ଘୋଡ଼ା ଯାଇଥିବା ଦେଖିଥିଲେ। ଠେଙ୍ଗା ମାଡ଼ରେ ଭଉଣୀ ଦେହ କଳା ପଡ଼ିଯାଇଥିବା ବେଳେ ଶରୀରର ବିଭିନ୍ନ ସ୍ଥାନରେ ନିଆଁ ଚେଙ୍କ ସହିତ ମୁହଁ ଓ ମୁଣ୍ଡରେ ଶକ୍ତ ଆଘାତ ଲାଗିଥିବା ଦେଖି ଥାନାରେ ଅଭିଯୋଗ କରିଥିଲେ। ଘଟଣା ସ୍ଥଳରେ ଏସ୍‌ଡିପିଓ କୈଳାଶ ଚନ୍ଦ୍ର ସେଠୀ, ଖମାର ଥାନା ଅଧିକାରୀ ଅରୁଣ କୁମାର ପଣ୍ଡା, ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ। ଖୁବ୍‌ଶୀଘ୍ର ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ପଣ୍ଡା ପ୍ରକାଶ କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ଏସ୍‌ଡିପିଓ ପ୍ରକାଶ କରିଛନ୍ତି।



ଅପରେଶନ ସାଗରବନ୍ଧୁ: ଶ୍ରୀଲଙ୍କାରେ ବନ୍ୟା ଓ ଭୂସ୍ଖଳନ ପରେ ଉଦ୍ଧାର କାର୍ଯ୍ୟରେ ଭାରତର ଏନ୍‌ଡିଆର୍‌ଏଫ୍ କର୍ମଚାରୀ ନିୟୋଜିତ ହୋଇଛନ୍ତି।

# ହାସିନାଙ୍କୁ ପୁଣି ୫ ବର୍ଷ ଜେଲଦଣ୍ଡ

**ଢାକା, ୧।୧୨**



ଶେଖ୍ ହାସିନା

ବାଂଲାଦେଶର କ୍ଷମତାଚ୍ୟୁତ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କୁ ଏକ ଜମି ଦୁର୍ନୀତି ମାମଲାରେ ସେଠାର ଏକ ଅଦାଲତ ଦୋଷୀସାବ୍ୟସ୍ତ କରିବା ସହ ୫ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଉକ୍ତ ମାମଲାରେ ହାସିନାଙ୍କ ଝିଆରୀ ତଥା ବ୍ରିଟିଶ ପାର୍ଲାମେଣ୍ଟାରିଆନ୍ ଟୁଲିପ୍ ସିଦ୍ଦିକଙ୍କୁ ୨ ବର୍ଷ ଜେଲଦଣ୍ଡ ହୋଇଛି। ଢାକାର ସ୍ପେଶାଲ ଜଜ୍ କୋର୍ଟ-୪ର ବିଚାରପତି ମହମ୍ମଦ ରାବିଉଲ୍ ଆଲାମ ଏକ ଦୁର୍ନୀତି ମାମଲାରେ ହାସିନାଙ୍କ ଭଉଣୀ ଶେଖ୍ ରେହନାଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଥିବାବେଳେ ଅନ୍ୟ ୧୪ ଜଣ ଅଭିଯୁକ୍ତଙ୍କୁ ୫ ବର୍ଷ ଲେଖାଏ ଜେଲଦଣ୍ଡ ମିଳିଛି। ସମସ୍ତ ୧୭ ଦୋଷୀଙ୍କ ଉପରେ ୧ ଲକ୍ଷ ଟାକା ଜରିମାନା ଲଗାଯାଇଛି। ଏହା ପୈଠ ନକଲେ ସେମାନଙ୍କୁ ଅତିରିକ୍ତ ୬ ମାସ ଜେଲରେ ରହିବାକୁ ପଡ଼ିବ ବୋଲି ବିଚାରପତି କହିଛନ୍ତି। ସିଦ୍ଦିକ ଜଣେ ବ୍ରିଟିଶ-ବାଂଲାଦେଶୀ ଲେବର ପାର୍ଟି ନେତ୍ରୀ। ସେ ରେହନାଙ୍କ ଝିଅ। ୨୦୧୫ରୁ ସେ ବ୍ରିଟେନରେ ଏମ୍‌ପି ଅଛନ୍ତି। ହାସିନାଙ୍କ ଶାସନ କାଳରେ ହୋଇଥିବା ଦୁର୍ନୀତିର ତଦନ୍ତ ପାଇଁ ଗତ ଏପ୍ରିଲରେ ଅନ୍ତରୀଣ ସରକାର ସିଦ୍ଦିକଙ୍କ ନାଁରେ ଗିରଫ ପରୱାନା ଜାରି କରିଥିଲେ। ସେ ବାହାରେ ରହି ତାଙ୍କ ମାଆ, ମାଉସୀ, ଭାଇ ଓ ଭଉଣୀଙ୍କୁ ପ୍ଲଟ୍ ହାତେଇବା ପାଇଁ ପ୍ରଭାବିତ କରିଥିବା ଅଭିଯୋଗରେ ଦୋଷୀସାବ୍ୟସ୍ତ ହୋଇଛନ୍ତି। ହାସିନାଙ୍କ ବିରୋଧରେ ଦୁର୍ନୀତି ମାମଲାରେ ଏହା ଚତୁର୍ଥ ରାୟ। କିଛିଦିନ ପୂର୍ବରୁ ୩ଟି ମାମଲାରେ ତାଙ୍କୁ ୨୧ ବର୍ଷ ଜେଲଦଣ୍ଡ ହୋଇଥିଲା। ଗତବର୍ଷ ଅଗଷ୍ଟରେ ଛାତ୍ର ଆନ୍ଦୋଳନକୁ ଦମନ କରିବା ପାଇଁ ସେନାକୁ ବଳ ପ୍ରୟୋଗ କରିବା ଲାଗି ନିର୍ଦ୍ଦେଶ ଦେଇଥିବା ଅଭିଯୋଗରେ ହାସିନାଙ୍କୁ ବାଂଲାଦେଶର ଅନ୍ତର୍ଜାତୀୟ ଅପରାଧ ଟ୍ରିବ୍ୟୁନାଲ ଗତମାସ ୧୭ ତାରିଖରେ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ।

# ଏସ୍‌ଆଇଆର୍‌କୁ ନେଇ ହଟ୍ଟଗୋଳ

## ପ୍ରଥମ ଦିନ ଲୋକ ସଭା ମୁଲତବୀ

**ନୂଆଦିଲ୍ଲୀ, ୧।୧୨**

ଭୋଟର ତାଲିକାର ବିବାଦୀୟ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଉପରେ ଆଲୋଚନା ଦାବିରେ ବିରୋଧୀ ଜୋର୍‌ଦାର ବିରୋଧ ଜାରି ରଖିବାରୁ ଶୀତ ଅଧିବେଶନର ପ୍ରଥମ ଦିନରେ ସୋମବାର ଲୋକ ସଭାକୁ ମୁଲତବୀ ରଖାଯାଇଛି।

ଏସ୍‌ଆଇଆର୍ କାର୍ଯ୍ୟରେ ନିୟୋଜିତ ଅନେକ ବୁଥ୍‌ସ୍ତରୀୟ ଅଧିକାରୀ (ବିଏଲ୍‌ଓ) ଅତ୍ୟଧିକ କାର୍ଯ୍ୟଚାପରୁ ଆତ୍ମହତ୍ୟା କରିଥିବା ବିରୋଧୀ ଦର୍ଶାଇଥିଲେ। ଅପରାହ୍ନ ୨ଟା ୨୦ରେ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପୂର୍ବାହ୍ନ ପ୍ରଶ୍ନୋତ୍ତର କାଳରେ ଏବଂ ପରେ ଅପରାହ୍ନରେ ୨ ଥର ମୁଲତବୀ ହୋଇଥିଲା। ଅନେକ ବିରୋଧୀ ସଦସ୍ୟ ଗୃହ ମଧ୍ୟଭାଗକୁ ଆସି ଏସ୍‌ଆଇଆର୍ ବିରୋଧରେ ସ୍ଲୋଗାନ ଦେବା ସହ ପ୍ରତିବାଦ କରିଥିଲେ।

ହଟ୍ଟଗୋଳ ମଧ୍ୟରେ ମଣିପୁରରେ ସଂଶୋଧିତ ଜିଏସ୍‌ଟି ଆଇନ ଲାଗୁ କରିବା ପାଇଁ ଅଣାଯାଇଥିବା ବିଲ୍ ସ୍ୱଳ୍ପ ଆଲୋଚନା ପରେ ଗୃହୀତ ହୋଇଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଉକ୍ତ ବିଲ୍ ଆଗତ କରିଥିଲେ। ଏଥିସହିତ ଅର୍ଥମନ୍ତ୍ରୀ ତମାଖୁ ଓ ତମାଖୁ ଉତ୍ପାଦ ଉପରେ ଉତ୍ପାଦ ଶୁଳ୍କ ଧାର୍ଯ୍ୟ ଲାଗି ଏବଂ ପାନ ମସଲା ଉତ୍ପାଦନ ଉପରେ ନୂଆ ସେସ୍ ଲଗାଇବା ପାଇଁ କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ (ସଂଶୋଧନ) ବିଲ୍ ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଓ ଜାତୀୟ ସୁରକ୍ଷା ସେସ୍ ବିଲ୍ ଆଗତ କରିଥିଲେ।

ରାଜ୍ୟ ସଭାରେ ମଧ୍ୟ ବିରୋଧୀ ଏସ୍‌ଆଇଆର୍ ଉପରେ ତୁରନ୍ତ ଆଲୋଚନା ଦାବି କରିଥିଲେ। ସରକାର ଆଲୋଚନା ପାଇଁ ବିମୁଖ ନୁହନ୍ତି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ କହିବା ସହ ସମୟସୀମା ଧାର୍ଯ୍ୟ କରିବାକୁ ଚାପ ନ ପକାଇବା ପାଇଁ କହିଥିଲେ। ମନ୍ତ୍ରୀଙ୍କ ଉତ୍ତରରେ ସନ୍ତୁଷ୍ଟ ନ ହୋଇ କେତେକ ବିରୋଧୀ ସଦସ୍ୟ କକ୍ଷତ୍ୟାଗ କରିଥିଲେ। ପୂର୍ବରୁ ବିରୋଧୀ ସଦସ୍ୟ ଏସ୍‌ଆଇଟି ପ୍ରସଙ୍ଗରେ ଆଲୋଚନା ପାଇଁ ନୋଟିସ ଦେଇଥିବାବେଳେ ଗୃହ ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ ତାହାକୁ ଅନୁମତି ଦେଇ ନ ଥିଲେ।

## ରୁବୈୟା ସୟିଦ ଅପହରଣ ମାମଲାରେ ସନ୍ଦିଗ୍ଧ ଗିରଫ



ରୁବୈୟା ସୟିଦ

**ନୂଆଦିଲ୍ଲୀ, ୧।୧୨ (ପି.ଟି.)**

୧୯୮୯ ଡିସେମ୍ବର ୮ରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ମୁଫ୍ତି ମହମ୍ମଦ ସୟିଦଙ୍କ ଝିଅ ରୁବୈୟା ସୟିଦଙ୍କୁ ଜେକେଏଲ୍‌ଏଫ୍ ଆତଙ୍କବାଦୀ ଅପହରଣ କରିନେଇଥିଲେ। ଅପହରଣର ୩୬ ବର୍ଷ ପରେ ଉକ୍ତ ମାମଲା ସହ ସମ୍ପୃକ୍ତ ଜଣେ ସନ୍ଦିଗ୍ଧଙ୍କୁ ସିବିଆଇ ଗିରଫ କରିଥିବା ସୋମବାର କହିଛି। ଅପହରଣର ୫ ଦିନ ପରେ ରୁବୈୟାଙ୍କୁ ମୁକ୍ତ କରିଦିଆଯାଇଥିଲା। ଜେକେଏଲ୍‌ଏଫ୍‌ର ସର୍ତ୍ତ ଅନୁଯାୟୀ ତତ୍କାଳୀନ ଭାଜପା ସମର୍ଥିତ ଭି.ପି. ସିଂ ସରକାର ଏହା ବଦଳରେ ୫ ଆତଙ୍କବାଦୀଙ୍କୁ ଛାଡ଼ିଥିଲେ। ତାମିଲନାଡୁରେ ରହୁଥିବା ରୁବୈୟା ସିବିଆଇ ପାଇଁ ସରକାରୀ ପକ୍ଷର ସାକ୍ଷୀ ଭାବେ କାର୍ଯ୍ୟ କରୁଛନ୍ତି। ୧୯୯୦ରେ ସିବିଆଇ ଉକ୍ତ ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା। ଅପହରଣ ମାମଲାର ମୁଖ୍ୟ ଅଭିଯୁକ୍ତ ୟାସିନ୍ ମଲିକ ଏବେ ତିହାର ଜେଲରେ ଅଛନ୍ତି।

## ପାର୍ଲାମେଣ୍ଟ ନାଟକ ମଞ୍ଚ ନୁହେଁ: ପ୍ରଧାନମନ୍ତ୍ରୀ




ଶୀତ ଅଧିବେଶନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ପରିସରରେ ଗଣମାଧ୍ୟମକୁ ସମ୍ବୋଧିତ କରୁଛନ୍ତି।

ଶୀତ ଅଧିବେଶନ ଆରମ୍ଭ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ, ପାର୍ଲାମେଣ୍ଟ କୌଣସି ନାଟକ ମଞ୍ଚ ନୁହେଁ, ଏହା ଦେବାର ସ୍ଥାନ। ବିରୋଧୀ ଦଳ ନିର୍ବାଚନ ପାଇଁ କିମ୍ବା ପରାଜୟ ପରେ କୌଣସି ଧୋକାବାଜି ବାହାର କରିବା ଲାଗି ଗୃହକୁ ଏକ ଅଭ୍ୟାସ ଆଖଡ଼ାରେ ପରିଣତ କରିଥିବା ପ୍ରଧାନମନ୍ତ୍ରୀ ଅଭିଯୋଗ କରିଥିଲେ। ଅଧିବେଶନ ରାଜନୈତିକ ନାଟକବାଜି ନ ହୋଇ ଗଠନମୂଳକ ତଥା ଫଳପ୍ରଦାନକାରୀ ବିତର୍କର ମଞ୍ଚ ହେବା ଆବଶ୍ୟକ। ରାଜନୀତିରେ ସକାରାତ୍ମକତା ଆଣିବା ଲାଗି ବିରୋଧୀଙ୍କୁ କେତେକ ଟିପ୍ସ ଦେବା ପାଇଁ ପ୍ରସ୍ତାବ ରଖିଥିଲେ। ଆମକୁ ଦାୟିତ୍ୱପୂର୍ଣ୍ଣ ସହକାରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ପ୍ରଧାନମନ୍ତ୍ରୀଙ୍କ ଏଭଳି ମନ୍ତବ୍ୟକୁ ବିରୋଧୀ ଦଳ କଡ଼ା ସମାଲୋଚନା କରିଛି। କେନ୍ଦ୍ର ସରକାର କୌଶଳକ୍ରମେ ସଂସଦୀୟ ମର୍ଯ୍ୟାଦାକୁ ନଷ୍ଟ କରୁଛନ୍ତି। ଗତ ୧୧ ବର୍ଷ ହେଲା ସଂସଦୀୟ ବ୍ୟବସ୍ଥା ନଷ୍ଟ ହୋଇଚାଲିଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ମୌସୁମୀ ଅଧିବେଶନରେ ସରକାର ତରବରିଆ ଭାବେ ଗୁରୁତ୍ୱପୂର୍ଣ୍ଣ ବିଲ୍‌କୁ ବିନା ଆଲୋଚନାରେ କିମ୍ବା ସ୍ୱଳ୍ପ ଆଲୋଚନାରେ ଗୃହୀତ କରାଇ ନେଇଥିଲେ। ପ୍ରଧାନମନ୍ତ୍ରୀ ସବୁଠୁ ବଡ଼ ଡ୍ରାମାବାଜି ବୋଲି ଖାର୍ଗେ କହିଛନ୍ତି। ସେହିପରି କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା କହିଛନ୍ତି, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଏବଂ ଦିଲ୍ଲୀ ବାୟୁ ପ୍ରଦୂଷଣ ପ୍ରସଙ୍ଗ ପାର୍ଲାମେଣ୍ଟରେ ଉଠାଇବା ଡ୍ରାମା ନୁହେଁ।

## ଶ୍ରୀଲଙ୍କାରେ ଫସିଥିବା ଭାରତୀୟଙ୍କୁ ଫେରାଇ ଅଣାଗଲା

**କଲମ୍ବୋ, ୧।୧୨**

ବାତ୍ୟା ଡିଟ୍‌ୱା ପ୍ରଭାବରେ ବନ୍ୟା ଓ ଭୂସ୍ଖଳନରେ ଶ୍ରୀଲଙ୍କାରେ ୩୫୫ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ବ୍ୟାପକ କ୍ଷୟକ୍ଷତି ହୋଇଥିବାବେଳେ ଅନେକ ଭାରତୀୟ ଫେରି ନ ପାରି ସେଠାରେ ଫସିରହିଥିଲେ। ଅପରେଶନ ସାଗରବନ୍ଧୁ ଜରିଆରେ ଭାରତୀୟ ବାୟୁସେନା ସେମାନଙ୍କୁ ସ୍ୱଦେଶ ଫେରାଇ ଆଣିଛି। ସୋମବାର କଲମ୍ବୋର ବନ୍ଦରନାଏକ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଶେଷ ବ୍ୟାଚ୍‌ରେ ୧୦୪ ଭାରତୀୟ ଯାତ୍ରୀ ବାୟୁସେନା ବିମାନରେ ଆସି ଥିରୁଭନନ୍ତପୁରମ୍‌ରେ ପହଞ୍ଚିଛନ୍ତି। ଶ୍ରୀଲଙ୍କା ବନ୍ୟା ଓ ଭୂସ୍ଖଳନଜନିତ ମୃତ୍ୟୁସଂଖ୍ୟା ସୋମବାର ୩୫୫ରେ ପହଞ୍ଚିଥିବାବେଳେ ୩୬୬ ଜଣ ନିଖୋଜ ରହିଛନ୍ତି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ଭାରତୀୟ ବାୟୁସେନା ସାମିଲ ହୋଇଛି। ୨ ଦଶନ୍ଧି ମଧ୍ୟରେ ଉକ୍ତ ଦ୍ୱୀପଦେଶରେ ଏହା ସବୁଠୁ ଭୟାବହ ପ୍ରାକୃତିକ ବିପର୍ଯ୍ୟୟ ଯେଉଁଥିରେ ଉପକୂଳ ସମେତ କେନ୍ଦ୍ରୀୟ ଶ୍ରୀଲଙ୍କାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବର୍ଷା ବିପ୍ଲାତରେ ୧୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ବିପର୍ଯ୍ୟୟ ପରିଚାଳନା କେନ୍ଦ୍ର ପକ୍ଷରୁ କୁହାଯାଇଛି।

# ଫୋନ୍ ବିକ୍ରି ପୂର୍ବରୁ ସଞ୍ଚାର ସାଥୀ ଆପ୍ ସଂଯୋଗ କର

## ସ୍ମାର୍ଟଫୋନ୍ କମ୍ପାନୀଙ୍କୁ କେନ୍ଦ୍ରର ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୧।୧୨**

ସାଇବର ସୁରକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଫୋନ୍ ବିକ୍ରି ପୂର୍ବରୁ ସେଥିରେ ସରକାରଙ୍କ ଦ୍ୱାରା ବିକଶିତ ସାଇବର ସୁରକ୍ଷା ଆପ୍ଲିକେଶନ (ସଞ୍ଚାର ଆପ୍) ସଂଯୋଗ କରିବାକୁ କେନ୍ଦ୍ର ସରକାର ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ୟୁଜରଙ୍କୁ ଜାଲିଆତି କଲ୍ ଏବଂ ମେସେଜ୍ ତଥା ମୋବାଇଲ୍ ଫୋନ୍ ଚୋରି ସମ୍ପର୍କରେ ସୂଚନା ମିଳିବ। ୟୁଜରମାନେ ଉକ୍ତ ଆପ୍ଲିକେଶନକୁ ହଟାଇପାରିବେ ନାହିଁ। ସମ୍ପ୍ରତି ବଜାରକୁ ଆସିଥିବା ନୂଆ ସ୍ମାର୍ଟଫୋନ୍‌ଗୁଡ଼ିକରେ ସଞ୍ଚାର ସାଥୀ ଆପ୍ଲିକେଶନ ପୂର୍ବରୁ ଇନ୍‌ଷ୍ଟଲ ହୋଇଛି। ଯେଉଁ ଫୋନ୍‌ଗୁଡ଼ିକ ପୂର୍ବରୁ ବିକ୍ରି ହୋଇଛି, ସେଥିରେ ଉକ୍ତ ଆପ୍ଲିକେଶନ ଉପଲବ୍ଧ କରାଇବା ସହ ସଫ୍ଟୱେର ଅପ୍‌ଡେଟ୍ କରାଇବାକୁ ଟେଲିକମ୍ ବିଭାଗ ନିର୍ଦ୍ଦେଶ ଦେଇଛି। ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ପାଇଁ ୩ ମାସ ସମୟ ଦିଆଯାଇଛି। ଏହା ଆପଲ୍, ସାମ୍‌ସଙ୍ଗ, ସାଓମି, ଓପୋ, ଭିଭୋ ଭଳି ସ୍ମାର୍ଟଫୋନ୍ ନିର୍ମାତାମାନଙ୍କୁ ପ୍ରଭାବିତ କରିବ ବୋଲି ଏହାର ଅଧିକାରୀମାନେ କହିଛନ୍ତି।

# କଶ୍ମୀରରେ ଅନୁପ୍ରବେଶ ଅପେକ୍ଷାରେ ୧୨୦ ଆତଙ୍କବାଦୀ

## ସୀମାରେ ୬୯ ଲଞ୍ଚପ୍ୟାଡ୍ ସକ୍ରିୟ

**ଶ୍ରୀନଗର, ୧।୧୨**



ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅତିକ୍ରମ କରି କଶ୍ମୀରରେ ଅନୁପ୍ରବେଶ କରିବାକୁ ସୀମା ସେପାଖ ଲଞ୍ଚ୍‌ପ୍ୟାଡ୍‌ଗୁଡ଼ିକରେ ୧୦୦ରୁ ୧୨୦ ଆତଙ୍କବାଦୀ ଅପେକ୍ଷାରେ ରହିଥିବା ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଜଣେ ବରିଷ୍ଠ ଅଧିକାରୀ ସୋମବାର କହିଛନ୍ତି। ଏଲ୍‌ଓସିର ପାକିସ୍ତାନ ପାର୍ଶ୍ୱରେ ଆତଙ୍କବାଦୀମାନଙ୍କର ୬୯ଟି ଲଞ୍ଚିଂ ପ୍ୟାଡ୍ ସକ୍ରିୟ ରହିଛି। ବିଏସ୍‌ଏଫ୍‌ର କଶ୍ମୀର ଫ୍ରଣ୍ଟିୟର ଆଇଜି ଅଶୋକ ଯାଦବ ଗଣମାଧ୍ୟମକୁ କହିଛନ୍ତି, ବିଏସ୍‌ଏଫ୍ ଏଲ୍‌ଓସିରେ ସତର୍କ ରହିବା ସହ ଚଳିତ ବର୍ଷ ୪ଟି ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛି। ସୁରକ୍ଷା ବଳ ଗୁଳିରେ ୮ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ସେନା, ଜମ୍ମୁ-କଶ୍ମୀର ପୋଲିସ ଏବଂ ସିଆର୍‌ପିଏଫ୍ ଯବାନଙ୍କ ସହ ଏଲ୍‌ଓସିରେ ୨୨ଟି ମିଳିତ ଅଭିଯାନ କରାଯାଇଛି। ଉତ୍ତର କଶ୍ମୀରରେ କେତେଜଣ ଆତଙ୍କବାଦୀ ନିପାତ ହେବା ସହ ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଜବତ କରାଯାଇଛି। ଜବତ ଅସ୍ତ୍ର ମଧ୍ୟରେ ଏକେ-୪୭ ରାଇଫଲ, ଏମ୍‌ପି-୫ ରାଇଫଲ, ପିସ୍ତଲ, ହ୍ୟାଣ୍ଡ ଗ୍ରେନେଡ୍, ୟୁବିଜିଏଲ୍, ୟୁବିଜିଏଲ୍ ଗ୍ରେନେଡ୍, ଚାଇନା ଗ୍ରେନେଡ୍ ଆଦି ରହିଛି। ଆତଙ୍କବାଦୀଙ୍କ ବିଭିନ୍ନ ପ୍ରଶିକ୍ଷଣ କ୍ୟାମ୍ପ୍ ଉପରେ ଗୋଇନ୍ଦା ବିଭାଗ ପୂରା ନଜର ରଖିଥିବା ଯାଦବ କହିଛନ୍ତି।

**ଫୁରସତ୍**

# ମଣିଷଙ୍କ ହାଡ଼ରେ ତିଆରି ରାସ୍ତା



ବିଶ୍ୱରେ ଏପରି ଏକ ରାସ୍ତା ଅଛି ଯାହା କେବଳ ପଥର, ମାଟି ଏବଂ ପିଚୁରେ ତିଆରି ନୁହେଁ ବରଂ ଏଥିରେ ମଣିଷ ହାଡ଼ ମଧ୍ୟ ଅଛି। ସେଥିପାଇଁ ଏହି ରାସ୍ତାକୁ ବୋନ୍ ରୋଡ୍ ବା ହାଡ଼ର ରାସ୍ତା କୁହାଯାଏ। ଏହି ନାଁ ଶୁଣିଲେ ଭୟରେ ଦେହ ଥରିଉଠିବ। କିନ୍ତୁ ଏହା ପଛରେ ଥିବା କାହାଣୀ ଆହୁରି ଭୟଙ୍କର। ଏହି ରାସ୍ତାଟି ରୁଷିଆର ଏକ ଅତି ଦୁର୍ଗମ ଏବଂ ଥଣ୍ଡା ଅଞ୍ଚଳରେ ଅବସ୍ଥିତ। ଏହା ପ୍ରକୃତରେ କୋଲିମା ହାଇୱେ ନାମକ ଏକ ଲମ୍ବା ରାଜପଥ। ରୁଷିଆର ଏହି ଅଂଶ ଏତେ ଥଣ୍ଡା ଯେ ଏହା ବର୍ଷର ଅନେକ ମାସ ପର୍ଯ୍ୟନ୍ତ ବରଫାବୃତ ଥାଏ। ଆଜି ମଧ୍ୟ ଏହି ରାଜପଥର ଅନେକ ସ୍ଥାନରେ ମଣିଷ ହାଡ଼ ଏବଂ କଙ୍କାଳ ଦେଖିବାକୁ ମିଳେ। ଏହା କୌଣସି ଭୟଙ୍କର ଚଳଚ୍ଚିତ୍ର ପରି ଶୁଭେ, କିନ୍ତୁ ଏହା ସମ୍ପୂର୍ଣ୍ଣ ସତ୍ୟ। କୁହାଯାଏ ଯେ ରାସ୍ତାରେ ବରଫ ପଡ଼ିବା ଯୋଗୁ ଯାନବାହନ ଖସିଯାଉଥିଲା। ସେତେବେଳେ ପ୍ରଯୁକ୍ତିବିଦ୍ୟା ସୀମିତ ଥିଲା ତେଣୁ ରାସ୍ତାକୁ ମଜବୁତ କରିବା ପାଇଁ ମଣିଷ ହାଡ଼କୁ ପଥର ଏବଂ ବାଲି ସହିତ ମିଶ୍ରଣ କରାଯାଉଥିଲା। ଏହି ହାଡ଼ଗୁଡ଼ିକ ହଜାର ହଜାର ଶ୍ରମିକ ଏବଂ କଏଦୀଙ୍କର ଥିଲା ଯେଉଁମାନେ ଏହି ରାଜପଥ ନିର୍ମାଣ ସମୟରେ ମୃତ୍ୟୁବରଣ କରିଥିଲେ। ବିଶ୍ୱାସ କରାଯାଏ ଯେ, ଏହି ରାସ୍ତା ନିର୍ମାଣ ସମୟରେ ୨୫୦୦୦ରୁ ୧୦୦୦୦୦ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେମାନଙ୍କର ହାଡ଼ସବୁ ଏହି ରାସ୍ତାରେ ପୋତି ହୋଇ ରହିଛି। ଏହି ରାସ୍ତାଟି ସୋଭିଏତ୍ ଏକଛତ୍ରବାଦୀ ଯୋସେଫ ଷ୍ଟାଲିନ୍‌ଙ୍କ ଶାସନ କାଳରେ ନିର୍ମିତ ହୋଇଥିଲା। ୧୯୩୦ ଦଶକରେ ଏହା ଆରମ୍ଭ ହେବା ପରେ, ଲକ୍ଷ ଲକ୍ଷ କଏଦୀଙ୍କୁ ଏହି ଅଞ୍ଚଳକୁ ବଳପୂର୍ବକ ଶ୍ରମିକ ପାଇଁ ପଠାଯାଇଥିଲା। କାର୍ଯ୍ୟ ପରିସ୍ଥିତି ଏତେ ଭୟଙ୍କର ଥିଲା ଯେ, କୁହାଯାଏ ଏଠାକୁ ଆସିଥିବା କୌଣସି କଏଦୀ କେବେ ଫେରି ନ ଥିଲେ। ଶୀତ ଏତେ କଠୋର ଥିଲା ଯେ ତାପମାତ୍ରା ପ୍ରାୟତଃ-୫୦ ଡିଗ୍ରୀ ତଳେ ଖସିଯାଉଥିଲା। ଉପଯୁକ୍ତ ଖାଦ୍ୟ, ଆଶ୍ରୟସ୍ଥଳ, ପୋଷାକ ନ ଥିଲା। କାମ କରୁଥିବା ସମୟରେ ଯେଉଁମାନେ ମୃତ୍ୟୁବରଣ କରୁଥିଲେ ସେମାନଙ୍କୁ ସେମାନଙ୍କ ଶରୀରକୁ କବର ଦେବା ପାଇଁ ମଧ୍ୟ ସମୟ ଦିଆଯାଉ ନ ଥିଲା। ସେମାନଙ୍କୁ ସିଧାସଳଖ ରାସ୍ତା ତଳେ କବର ଦିଆଯାଉଥିଲା। ଏହି କାରଣରୁ ଏହି ରାଜପଥ ଲକ୍ଷାଧିକ ମୃତ ଲୋକଙ୍କ ହାଡ଼ ଉପରେ ନିର୍ମିତ ବୋଲି ବିଶ୍ୱାସ କରାଯାଏ। ଲୋକମାନେ ଏହାକୁ ଏକ ଦୁଃସାହସିକ ରାସ୍ତା ବୋଲି ମଧ୍ୟ କୁହନ୍ତି।

# ପୁଣି ବିବାହ କଲେ ସାମନ୍ଥା

**ମୁମ୍ବାଇ**




ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ପୁଣିଥରେ ବିବାହ କରିଛନ୍ତି। ଦି ଫ୍ୟାମିଲି ମ୍ୟାନ୍ ନିର୍ଦ୍ଦେଶକ ରାଜ ନିଦିମୋରୁଙ୍କୁ ସେ ଗୁପ୍ତ ଭାବେ ବିବାହ କରିଛନ୍ତି। ବିବାହର ଫଟୋ ଶେୟାର କରି ସାମନ୍ଥା କେବଳ ଲେଖିଛନ୍ତି, ୧.୧୨.୨୦୨୫। ସାମନ୍ଥା ଏବଂ ରାଜ ସୋମବାର ସକାଳେ ଈଶା ଯୋଗ କେନ୍ଦ୍ରର ଲିଙ୍ଗ ଭୈରବୀ ମନ୍ଦିରରେ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ବିବାହରେ ୩୦ ଜଣ ଅତିଥି ଯୋଗ ଦେଇଥିଲେ। ରାଜ ଏବଂ ସାମନ୍ଥା ଉଭୟଙ୍କ ପାଇଁ ଦ୍ୱିତୀୟ ବିବାହ। ରାଜଙ୍କ ପୂର୍ବତନ ସ୍ତ୍ରୀ ଶ୍ୟାମଳୀ ଦେ ମଧ୍ୟ ଇନ୍‌ଷ୍ଟାଗ୍ରାମରେ ଏକ ଷ୍ଟାଟସ ପୋଷ୍ଟ କରିଥିଲେ, ଯେଉଁଥିରେ ଲେଖାଥିଲା, ହତାଶ ଲୋକମାନେ ହତାଶ କାମ କରନ୍ତି। ଏହି ପୋଷ୍ଟ ସାମନ୍ଥା ଏବଂ ରାଜଙ୍କ ବିବାହକୁ ନେଇ ଚର୍ଚ୍ଚାକୁ ଆହୁରି ତ୍ୱରାନ୍ୱିତ କରିଥିଲା। ରାଜ ଏବଂ ଶ୍ୟାମଳୀ ୨୦୨୨ରେ ଛାଡପତ୍ର ନେଇଥିଲେ। ସାମନ୍ଥ ରୁଥ ପ୍ରଭୁଙ୍କ ପ୍ରଥମ ବିବାହ ନାଗା ଚୈତନ୍ୟଙ୍କ ସହିତ ହୋଇଥିଲା। ୨୦୨୧ରେ ସେମାନଙ୍କର ଛାଡପତ୍ର ହୋଇଗଲା। ନାଗା ଚୈତନ୍ୟ ମଧ୍ୟ ଅଭିନେତ୍ରୀ ସୋଭିତା ଧୂଳିପାଲାଙ୍କୁ ବିବାହ କରିଥିଲେ। ନାଗା ଚୈତନ୍ୟଙ୍କଠାରୁ ଅଲଗା ହେବା ପରେ, ସାମନ୍ଥା ଏବଂ ରାଜ ୱେବ ସିରିଜ 'ଦି ଫ୍ୟାମିଲି ମ୍ୟାନ ୨'ରେ ଏକାଠି କାମ କରିଥିଲେ। ଏହା ପରେ ସେମାନଙ୍କର ନିବିଡତା ବଢ଼ିଥିଲା।




# ବଡ଼ କମ୍ପାନୀକୁ ସାହାଯ୍ୟ କରିବାକୁ ବିଲ୍ ଆଣୁଛନ୍ତି ସରକାର: ରଣେନ୍ଦ୍ର

ଭୁବନେଶ୍ୱର, ୧।୧୨(ସୁନିତ୍ ମିଶ୍ର)

■ ଗରିବ ଲୋକଙ୍କୁ ନିଯୁକ୍ତି ଦେବା ବିଲ୍‌ର ମୂଳ ଉଦ୍ଦେଶ୍ୟ: ଶ୍ରମମନ୍ତ୍ରୀ ଗଣେଶରାମ

■ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଆଗତ

ରାଜ୍ୟ ସରକାର ଏବେ ବଡ଼ ବଡ଼ କମ୍ପାନୀକୁ ସୁରକ୍ଷା ଦେବା ଲାଗି ଅଣ୍ଟା ଭିଡ଼ିଛନ୍ତି। ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଜରିଆରେ ଏଭଳି ନିଷ୍ପତ୍ତି ନେବା ଲାଗି ପ୍ରୟାସ କରିଛନ୍ତି ; ଯାହା ରାଜ୍ୟର ସାଧାରଣ ଗରିବ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିବାକୁ ଯାଉଛି। ୨୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ ରଖିଥିବା କମ୍ପାନୀ ଏଣିକି ଏହି ଆଇନ ଆସିବା ପରେ ପଞ୍ଜୀକରଣ ପ୍ରମାଣପତ୍ର ପାଇପାରିବେ। ଏହା ଅତ୍ୟନ୍ତ ସାଙ୍ଘାତିକ ବୋଲି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଶ୍ରମ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ସୋମବାର ଗୃହରେ ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ(ସଂଶୋଧନ) ବିଲ୍, ୨୦୨୫ ଉପସ୍ଥାପିତ କରିଛନ୍ତି। ଉକ୍ତ ବିଲ୍‌କୁ ନେଇ ବିଜେଡି ପକ୍ଷରୁ ରଣେନ୍ଦ୍ର ଏହି ଆଲୋଚନାରେ ପ୍ରଥମେ ଭାଗ ନେଇ କହିଛନ୍ତି, ବଡ଼ କମ୍ପାନୀକୁ ସାହାଯ୍ୟ କରିବା ପାଇଁ ଏହା ହେଉଛି ଏକ ବହୁତ ବଢ଼ିଆ ବାଟ। ଯଦି ୨୦ କିମ୍ବା ତଦୂର୍ଦ୍ଧ୍ୱ କର୍ମଚାରୀ ଥିବା କମ୍ପାନୀ ଏହି ଆଇନ ବଳରେ ପଞ୍ଜୀକରଣ କରିପାରିବେ, ତେବେ ତା'ଠାରୁ କମ୍ କର୍ମଚାରୀ ଥିବା କମ୍ପାନୀ କାହିଁକି ପଞ୍ଜୀକରଣ କରିପାରିବେ ନାହିଁ। ଏହାଦ୍ୱାରା ବଡ଼ କମ୍ପାନୀଗୁଡ଼ିକ ଏକାଧିକ ସଂସ୍ଥା କରି ସବୁଥିରେ ୧୯ ଜଣ ଲେଖା କର୍ମଚାରୀ ରଖି ଚଳାଇବାକୁ ବାଟ ପାଇଗଲେ। ଭବିଷ୍ୟତରେ ଏହା ବହୁ ବଡ଼ ସମସ୍ୟା ସୃଷ୍ଟିକରିବ। ସେ ଆହୁରି କହିଛନ୍ତି, ଅନ୍ତର୍ଜାତୀୟ ଶ୍ରମ ସଂଗଠନ କହୁଛି ଜଣେ କର୍ମଚାରୀ ଦିନ ଭିତରେ ୮ ଘଣ୍ଟା କାମ କରିବା ଦରକାର, ୮ ଘଣ୍ଟା ପରିବାର ସଦସ୍ୟଙ୍କୁ ସମୟ ଦେବା ସହ ବାକି ୮ ଘଣ୍ଟା ଶୋଇବାର ଆବଶ୍ୟକତା ରହିଛି। ହେଲେ ରାଜ୍ୟ ସରକାର ପ୍ରଥମେ ଜଣେ କର୍ମଚାରୀଙ୍କ କାର୍ଯ୍ୟ କରିବାର ସମୟ ପ୍ରଥମେ ୮ ଘଣ୍ଟା ବଦଳରେ ୯ ଘଣ୍ଟା କାର୍ଯ୍ୟ କରିବାକୁ ସ୍ଥିର କରିଥିବା ବେଳେ ଏବେ ତାହା ୧୦ ଘଣ୍ଟାକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଉଛନ୍ତି। ଏହାଦ୍ୱାରା କର୍ମଚାରୀଙ୍କ ଉପରେ ଚାପ ବଢ଼ିବ। ଜଣେ କର୍ମଚାରୀ ଓଭର ଟାଇମ୍ ସହ ଦିନକୁ ମୋଟ ୧୨ ଘଣ୍ଟା କାର୍ଯ୍ୟ କରିପାରିବେ। ମାସକୁ ୫୦ ଘଣ୍ଟା ବଦଳରେ ୧୪୪ ଘଣ୍ଟା ଓଭର ଟାଇମ୍‌କୁ ମିଶାଇ କାମ କରିପାରିବେ। ଯଦି ଜଣେ ମାସକୁ ୧୪୪ ଘଣ୍ଟା କାମ କଲେ ତେବେ ଏହାଦ୍ୱାରା ବହୁ ଜଣଙ୍କୁ ନିଯୁକ୍ତି ସୁଯୋଗ ହରାଇବାକୁ ପଡ଼ିବ। ୫୦ ଘଣ୍ଟାକୁ ଯେଉଁ ୧୪୪ ଘଣ୍ଟାକୁ ବଢ଼ାଗଲା, ଉକ୍ତ ଅଧିକ ସମୟ କାର୍ଯ୍ୟ ଆଉ ୨ ଜଣଙ୍କୁ ନିଯୁକ୍ତି ଦିଆଯାଇପାରି ଥାଆନ୍ତା। ଏହାଦ୍ୱାରା ରାଜ୍ୟର ଗରିବ ଲୋକଙ୍କ ଉପରେ ଚାପ ବଢ଼ିବା ସହ ଅଧିକ ନିଯୁକ୍ତି ସୁଯୋଗର ବାଟ ବନ୍ଦ କରାଗଲା। ସେହିପରି ମହିଳାମାନଙ୍କୁ ରାତ୍ରି ସମୟରେ କାର୍ଯ୍ୟ କରିବାକୁ ଅନୁମତି ଦେବା କଥା ସରକାର ଉଲ୍ଲେଖ କରିଛନ୍ତି। ହେଲେ ମହିଳାଙ୍କୁ ଯେଉଁ ସୁରକ୍ଷା ବ୍ୟବସ୍ଥା ମିଳିବା କଥା ତା'ର ବ୍ୟବସ୍ଥା ନ କରି ରାତ୍ରି ସମୟରେ କାର୍ଯ୍ୟ କରିବାକୁ ଖାଲି ଅନୁମତି ଦେଇଦେଲେ ଏହା କେତେ ଠିକ୍ ହେବ ସେକଥା ସରକାର ବିଚାର କରନ୍ତୁ ବୋଲି ରଣେନ୍ଦ୍ର କହିଛନ୍ତି। ବିଧାୟକ ପ୍ରତାପ ଦେବ ମଧ୍ୟ ଏହି ଆଲୋଚନାରେ ଭାଗନେଇ ଏଭଳି ବିଲ୍‌କୁ ନିନ୍ଦାକରିବା ସହ ଏହା ବ୍ୟବସାୟୀମାନଙ୍କୁ ସୁହାଇବା ଭଳି କାର୍ଯ୍ୟ ହେଉଥିବା କହିଛନ୍ତି।

ମନ୍ତ୍ରୀ ସିଂଖୁଣ୍ଟିଆ ବିରୋଧୀଙ୍କ ଅଭିଯୋଗର ଉତ୍ତରରେ କହିଛନ୍ତି, ଯେଉଁମାନେ ଏନ୍ଏସି, ମ୍ୟୁନିସିପାଲିଟି ଅଞ୍ଚଳରେ ରୁହନ୍ତି ସେମାନେ ଭାଗ୍ୟବାନ୍। ଏହି ସଂଶୋଧନ ମୁଖ୍ୟତଃ ସହରାଞ୍ଚଳ ଲୋକଙ୍କ କ୍ଷେତ୍ରରେ ଲାଗୁହେବ। କାରଣ ୪୫,୦୦୦ରୁ ଅଧିକ ବ୍ୟବସାୟିକ ପ୍ରତିଷ୍ଠାନ ସହରାଞ୍ଚଳରେ ରହିଛି। ଗରିବ ଲୋକଙ୍କୁ ନିଯୁକ୍ତି ଦେବା ଏହି ବିଲ୍‌ର ମୂଳ ଉଦ୍ଦେଶ୍ୟ। ୧୯ ଜଣ ପର୍ଯ୍ୟନ୍ତ ଯେଉଁ କମ୍ପାନୀରେ କର୍ମଚାରୀ ରହିଛନ୍ତି, ସେମାନଙ୍କୁ ପଞ୍ଜୀକୃତ କରାଯିବ ନାହିଁ। ହେଲେ ଯଦି ସେହି କମ୍ପାନୀଗୁଡ଼ିକ କର୍ମଚାରୀଙ୍କୁ ହଇରାଣ କରନ୍ତି ତେବେ ଛଡ଼ାଯିବ ନାହିଁ। ଆନ୍ଧ୍ର ପ୍ରଦେଶ, ତାମିଲନାଡୁ, ଛତିଶଗଡ଼, ତ୍ରିପୁରା ଭଳି ଅନେକ ରାଜ୍ୟରେ ଏହି ସଂଶୋଧିତ ବିଲ୍ ଲାଗୁ ହୋଇସାରିଛି ବୋଲି ସେ କହିଛନ୍ତି।

# ଖାରବେଳ ଭବନରେ ଖୋଲିଲା ଶିଶୁବାଟିକା 'କଳିକା'

ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)

ଖାରବେଳ ଭବନରେ କାର୍ଯ୍ୟ କରୁଥିବା ମା' ଏବଂ କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସେଠାରେ ଏକ ଶିଶୁବାଟିକା 'କଳିକା' ଆରମ୍ଭ ହୋଇଛି। ସୋମବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ଖାରବେଳ ଭବନରେ ପିଲାମାନଙ୍କୁ ନିରାପଦ, ପୋଷଣ ଡେ-କେୟାର ସହାୟତା ଯୋଗାଇବା ପାଇଁ ବିକଶିତ ପଦକ୍ଷେପ ସରକାରୀ ପ୍ରତିଷ୍ଠାନ ମଧ୍ୟରେ କାର୍ଯ୍ୟ ଜୀବନ ସନ୍ତୁଳନକୁ ମଜବୁତ କରିବ। ଏଥିସହ ଅନ୍ତର୍ଭୁକ୍ତ, ସହାନୁଭୂତିଶୀଳ କାର୍ଯ୍ୟକ୍ଷେତ୍ର ସହାୟତା ପ୍ରଣାଳୀରେ ଆଉ ଏକ ପଦକ୍ଷେପ ଆଗକୁ ବଢାଇବ ବୋଲି ଆଶା କରାଯାଉଛି। ମାତୃତ୍ୱ ଏବଂ ବୃତ୍ତିଗତ ଦାୟିତ୍ୱ ଏକାଠି ଚାଲିବା ଭଳି ଏକ କର୍ମକ୍ଷେତ୍ର ନିର୍ମାଣରେ ଏହି ଶିଶୁବାଟିକା 'କଳିକା' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଲେ, ଯତ୍ନ ଆମ କାର୍ଯ୍ୟ ସଂସ୍କୃତିର ଏକ ଅଂଶ। ଏହି ପଦକ୍ଷେପ କର୍ମଜୀବୀ ମା'ଙ୍କ ଜୀବନକୁ ସହଜ କରିବ ଏବଂ ଏକ ପରିବେଶ ସୃଷ୍ଟି କରିବ। 'କଳିକା'ରେ ଏଥିରେ ପିଲାମାନେ ପ୍ରେମ, ଶିକ୍ଷା ଏବଂ ନିରାପତ୍ତା ସହିତ ବିକଶିତ ହୋଇପାରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଅଂଶଗ୍ରହଣ କରି କର୍ମଚାରୀ କଲ୍ୟାଣ ଓ ଶିଶୁ କେନ୍ଦ୍ରିକ ସୁବିଧା ବୃଦ୍ଧି ପାଇଁ ସହଭାଗୀ ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ।


ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିଶୁ ବାଟିକା 'କଳିକା'କୁ ଉଦ୍‌ଘାଟନ କରୁଛନ୍ତି।

# ଭଲ ନିର୍ଦ୍ଦେଶ ; ଅଟକାଉଛନ୍ତି ଅମଲା


ଭୁବନେଶ୍ୱର, ୧।୧୨ (ରବିନାରାୟଣ ଜେନା)

ଓଡ଼ିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟରେ ପରିଗଣିତ କରିବା ପାଇଁ ରାଜ୍ୟ ସରକାର ଦିନରାତି ଏକ କରି ଦେଉଛନ୍ତି। ଏପରି କି ମୁଖ୍ୟମନ୍ତ୍ରୀ ଛୁଟିଦିନଗଡ଼ିକରେ ମଧ୍ୟ ଲୋକସେବା ଭବନରେ ବସି କାର୍ଯ୍ୟ କରୁଥିବା ଦେଖାଯାଉଛି। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିକାଶ ଭିଜନ-୨୦୩୬କୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଯେଉଁ ନିର୍ଦ୍ଦେଶନାମା ଜାରି କରୁଛନ୍ତି, ତାହା କାର୍ଯ୍ୟକାରୀ ବେଳେ କେତେକ କ୍ଷେତ୍ରରେ ଅମଲାଙ୍କ ସ୍ତରରେ ଅଟକି ଯାଉଛି। ଫଳରେ ସରକାରଙ୍କ ବିକାଶର ରଥ ଆଗକୁ ଗଡ଼ିପାରୁ ନ ଥିବା ଜଣାଯାଇଛି।

ତଥ୍ୟ ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟଭାର ସମ୍ଭାଳିବା ପରେ ଓଡ଼ିଶାର ସାମୂହିକ ବିକାଶ ଲାଗି ଇତିମଧ୍ୟରେ ୬୪ଟି ବ୍ୟକ୍ତିଗତ ନିର୍ଦ୍ଦେଶନାମା ବିଭାଗୀୟ ସଚିବମାନଙ୍କୁ ପ୍ରଦାନ କଲେଣି। ଏହାବାଦ୍ ବିଭିନ୍ନ ଯୋଜନା ସମ୍ବନ୍ଧୀୟ ୨୨୭ଟି ନିର୍ଦ୍ଦେଶନାମା ଅମଲାଙ୍କୁ ପ୍ରଦାନ କରିଛନ୍ତି। ଏଠାରେ କେତୋଟି ଉଦାହରଣ ଦିଆଯାଇପାରେ ଯଥା, ସେଥିମଧ୍ୟରେ କେଉଁଠାରେ ମନ୍ତ୍ରୀଙ୍କୁ 'ପ୍ରହରୀ ମନ୍ତ୍ରୀ' ଭାବେ ଜିଲାସ୍ତରରେ ଘୋଷଣା କରିବାକୁ ସରକାର ଲକ୍ଷ୍ୟ ରଖିଥିବାବେଳେ ଅନ୍ୟ କେଉଁଠାରେ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା' କାର୍ଯ୍ୟକାରିତା, ଗୁଟ୍‌ଖାକୁ ସମ୍ପୂର୍ଣ୍ଣ ନିଷେଧ କରିବା, ପୁରୀ ମହାନଗର ନିଗମକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା, ମହାନଦୀ ମୁହାଁଣରେ ନୂତନ ବନ୍ଦର ନିର୍ମାଣ କରିବା ଭଳି ଶତାଧିକ ବ୍ୟକ୍ତିଗତ ନୋଟ୍‌ଶିଟ୍ ପ୍ରଦାନ କଲେଣି। ହେଲେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ନିର୍ଦ୍ଦେଶନାମା ଶତପ୍ରତିଶତ କାର୍ଯ୍ୟକାରୀ ହୋଇପାରିନାହିଁ। ଏହାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିନ୍ତା ପ୍ରକଟ କରାଯିବା ପରେ ମଙ୍ଗଳବାର ଏହାର ସଚିବସ୍ତରୀୟ ସମୀକ୍ଷା ବୈଠକ କରାଯିବାକୁ ରହିଛି।

ଏ ସଂକ୍ରାନ୍ତରେ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ନିର୍ଦ୍ଦେଶକ(ଇ) ସୁଧାପ୍ରିୟା ଦାସ ସମସ୍ତ ବିଭାଗୀୟ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଉକ୍ତ ପତ୍ରର ଅବିକଳ ନକଲ ଛପା ଯାଇଛି। ସେ ଦର୍ଶାଇଛନ୍ତି, ମୁଖ୍ୟଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନ ୧୨ଟା ୩୦ମିନିଟ୍‌ରେ ଲୋକସେବାଭବନରେ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ସେଥିରେ ପ୍ରଥମରେ ରହିଛି, ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିବା 'ୟୁଓଆଇ-ନୋଟ୍‌ଶିଟ୍'। ଏହା କେତେଦୂର ବିଭାଗୀୟ ସଚିବମାନେ କାର୍ଯ୍ୟକାରୀ କରିଛନ୍ତି ତାହାକୁ ତନ୍ନତନ୍ନ କରି ସମୀକ୍ଷା କରାଯିବ। ତଥ୍ୟ ଅନୁଯାୟୀ,ଏହି ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ୬୪ଟି ବ୍ୟକ୍ତିଗତ ନୋଟ୍‌ଶିଟ୍‌ର କାର୍ଯ୍ୟକାରିତା ଓ ୨୨୭ଟି ପ୍ରକଳ୍ପ ସଂକ୍ରାନ୍ତୀୟ ନିର୍ଦ୍ଦେଶନାମାର ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। କେଉଁ ବିଭାଗ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାକୁ କେତେଦୂର ଅନୁପାଳନ କରିଛନ୍ତି ତାହାର ସମୀକ୍ଷା କରାଯିବ। ଏହାପରେ ଜିଲାସ୍ତରରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟକାରିତାର ସମୀକ୍ଷା ସାଙ୍ଗକୁ କର୍ମଚାରୀଙ୍କ 'ୱାର୍କ ପାସ୍ ବୁକ୍' କାର୍ଯ୍ୟକ୍ରମ କେତେଦୂର ଗଲା ତାହାର ମଧ୍ୟ ଆଲୋଚନା ହେବ। ଏହି ଅବସରରେ ବିଭାଗୀୟ ସଚିବମାନେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶନାମାର ଆକ୍ସନ ଟେକେନ ରିପୋର୍ଟ(ଏଟିଆର୍) ମଧ୍ୟ ସାଙ୍ଗରେ ଆଣିବାକୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, ଲୋକଙ୍କ ବିକାଶକୁ ଗୁରୁତ୍ୱ ଦେଇ ସରକାର ରାଜଭବନକୁ ଏବେ ଲୋକଭବନରେ ପରିଣତ କରିଛନ୍ତି। ଲୋକଙ୍କ କଥା ଶୁଣିବାକୁ ମୁଖ୍ୟମନ୍ତ୍ରୀ ବିଭିନ୍ନ ବୈଠକରେ ଗୁରୁତ୍ୱ ଦେଉଛନ୍ତି। ଏପରି କି ପ୍ରତିମାସରେ ଅନ୍ତତଃ ଥରେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଲୋକଙ୍କ ଗୁହାରି ଶୁଣି ତା'ର ତ୍ୱରିତ୍ ସମାଧାନ କରିବାକୁ ଗୁରୁତ୍ୱ ଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ବିଳମ୍ବିତ କରାଇବାରେ ଅନେକ ପ୍ରଚେଷ୍ଟା ଲାଗି ରହିଥିବା ଭଳି ପ୍ରତୀୟମାନ ହେଉଛି।


GOVERNMENT OF ODISHA
PLANNING & CONVERGENCE DEPARTMENT
*****

Letter No. 16784(40) /P., Bhubaneswar, Date 28/11/2025
PC-COODI-COODI-0002-2022

From
Smt Sudhapriya Das
Director(E)

To
All Additional Chief Secretaries to Government,
All Principal Secretaries to Government,
All Commissioners-cum Secretaries to Government

Sub: Meeting of All Secretaries on 2nd December, 2025 at 12.30 PM in the 2nd Floor Conference Hall of Loka Seva Bhawan

Madam / Sir,

In inviting a reference to the subject cited above, I am directed to say that the next Meeting of All Secretaries will be held on 2nd December, 2025 at 12.30 PM in the 2nd Floor Conference Hall of Loka Seva Bhawan under the Chairpersonship of Chief Secretary.

It is, therefore, requested to kindly make it convenient to attend the meeting as per the above schedule for discussion on the following agenda points.

1. Status of the UoI received from Hon'ble Chief Minister
2. Review of Implementation of District Level Projects relating to various Departments
3. Discussion on Work Pass Book
4. Any other matter with permission of the Chair.

The Action Taken on the subject mentioned in the enclosed UoI received from Office of Hon'ble CM and status report of the projects announced by Hon'ble Chief Minister (list enclosed) may kindly be updated.

Further, in order to facilitate incorporation of the Action Taken/ status report of the Projects, soft copy of the project details is being sent through google sheet in the Department's official e mail id. Details of the Link is also mentioned below for kind reference.

It is requested to kindly update the Action Taken/ status report in the google sheet by 29th November, 2025 for kind apprisal of Chief Secretary.

1.https://docs.google.com/spreadsheets/d/1lP4AItr_6X0pFoVB3KvxUr_9pmw77Hpn/edit?usp=sharing&ouid=108523836053301598718&rtpof=true&sd=true
2.https://docs.google.com/spreadsheets/d/15vWl4E7VUldYbjoou8h8g8n6ZaZJ2cpg/edit?usp=sharing&ouid=108523836053301598718&rtpof=true&sd=true.

Encl-As above

Yours faithfully,
28/11/25
Director (E)

PTO

# 'ମୋ' ହୃଦୟ ଯନ୍ତ୍ରଣାରେ ଭରିଯାଉଛି'

ଭୁବନେଶ୍ୱର, ୧।୧୨ (ସତ୍ୟଜିତ ରାଉତ)

## ସାମ୍ନାକୁ ଆସିଲା ପୂଜାଙ୍କ ପାଳିତ ମା'ଙ୍କ କୋହଭରା ଚିଠି

ଆମେରିକାରେ ପାଳିତ ମା'ଙ୍କ ନାଁରେ ମିଛ ନିର୍ଯାତନା ଅଭିଯୋଗ ଆଣି ଚର୍ଚ୍ଚାକୁ ଆସିଥିବା ଓଡ଼ିଆ ପୋଷ୍ୟକନ୍ୟା ପୂଜା ନାୟକ ଓରଫ ସେଜଲ ଜୋହନଙ୍କୁ ନେଇ ଚର୍ଚ୍ଚା ଲାଗିରହିଛି। ତେବେ ପୂଜା ବାଲେଶ୍ୱରରେ ଥିବାବେଳେ ତାଙ୍କ ପାଳିତ ମା' ସୁସି ଜୋହନ୍ ଲେଖିଥିବା ଏକ କୋହଭରା ଚିଠି ସୋମବାର ସାମ୍ନାକୁ ଆସିଛି। ଗତ ନଭେମ୍ବର ୨୧ରେ ପୂଜା ଆମେରିକା ଛାଡ଼ିବାବେଳେ ତାଙ୍କ ପାଳିତ ମା' ଏହି ଚିଠି ଦେଇଥିଲେ। ପୂଜାଙ୍କୁ ତାଙ୍କ ପାଳିତ ମା' କେତେ ଭଲପାଉଥିଲେ ତାହା ଉକ୍ତ ଚିଠିରୁ ବାରି ହେଇପଡୁଛି। ଇଂଲିଶରେ ଲେଖାଯାଇଥିବା ଉକ୍ତ ଚିଠିରେ ପାଳିତ ମା' ବେଦନାଭରା କଥା ଲେଖିଛନ୍ତି। ସେଥିରେ ସେ ଲେଖିଥିଲେ, 'ପ୍ରିୟ ସେଜ୍, ତୁମେ ଚାଲିଯାଉଥିବାରୁ ମୋ ହୃଦୟ କଷ୍ଟ ଓ ଯନ୍ତ୍ରଣାରେ ଭରିଯାଉଛି। ମୁଁ ଦୁଃଖିତ ଯେ, ତୁମେ ତୁମ ମା'ଙ୍କ ନାଁରେ କଳଙ୍କ ଲଗେଇଦେଲ। ତୁମେ ଜାଣିଛ, ମୁଁ କେବଳ ତୁମକୁ କେତେ ଭଲ ପାଉଥିଲି ଓ ଯତ୍ନ ନେଇଥିଲି। ତୁମ ତୁମର ଯତ୍ନ ନିଅ, ଭଗବାନ ତୁମର ମଙ୍ଗଳ କରନ୍ତୁ। ତୁମର ସବୁଠୁ ଛୋଟ ଆନନ୍ଦ ଓ ସବୁଠୁ ବଡ଼ ଦୁଃଖ ସମୟରେ ମୁଁ ତୁମ ସହ ଅଛି। ତୁମେ ସବୁଦିନ ମୋ' ହୃଦୟରେ ରହିବ, ସ୍ନେହ ସହ ମୁଁ ତୁମକୁ ବିଦାୟ ଦେଉଛି।'

ଅପରପକ୍ଷରେ ପ୍ରେମିକ ଅମର ଦାସଙ୍କୁ ବିବାହ କରିବାକୁ ପୂଜା ଚାହୁଁଥିବାବେଳେ ତାଙ୍କୁ କାଉନସେଲିଂ କରାଯାଉଛି। ଏବେ ପୂଜା ବାଲେଶ୍ୱରସ୍ଥିତ ନାରୀଶକ୍ତି ସଦନରେ ରହିଛନ୍ତି। ତାଙ୍କ ମାନସିକ ସ୍ଥିତି ସୁଧାରିବାକୁ ଜିଲା ସାମାଜିକ କଲ୍ୟାଣ ଅଧିକାରୀ ଓ କର୍ମଚାରୀମାନେ ବୁଝାଉଛନ୍ତି। ପୂଜା ଆମେରିକାରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିବା ବେଳେ ସେ ଏଠାରେ ନର୍ସିଂ ପଢ଼ିବାକୁ ଚାହୁଁଛନ୍ତି ବୋଲି ସୂଚନା ମିଳିଛି। ତେବେ ପ୍ରଶାସନ ପକ୍ଷରୁ ପୂଜାଙ୍କ ପାଳିତ ମା'ଙ୍କୁ ମଧ୍ୟ ଯୋଗାଯୋଗ କରାଯାଇଛି। ପୂଜା ଚାହିଁଲେ ପୁଣି ଥରେ ପାଳିତ ମା'ଙ୍କ ପାଖକୁ ଆମେରିକା ଚାଲିଯାଇ ସୁନ୍ଦର ଭବିଷ୍ୟତ ଗଢ଼ିପାରିବେ ବୋଲି ମତ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ପୂଜାଙ୍କୁ ତାଙ୍କ ପାଳିତ ମା' ନିର୍ଯାତନା ଦେଉଥିବା ଘଟଣା ପ୍ରଚାରିତ ହୋଇଥିଲା। ପୂଜା ଅମରଙ୍କୁ ଭିଡିଓ ପଠାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନଭେମ୍ବର ୭ରେ ଏହି ଖବର ପ୍ରଚାର ହୋଇଥିଲା। ପୂଜା ଭିଡିଓ ସେୟାର କରିଥିବାବେଳେ ସେଥିରେ ସେ କାନ୍ଦି କାନ୍ଦି କୋହଭରା କଣ୍ଠରେ ପାଳିତ ମା'ଙ୍କ ବିରୋଧରେ ମିଛ କାହାଣୀ କହିଥିଲେ। ଏହାପରେ ପୂଜାଙ୍କୁ ରାଜ୍ୟ ସରକାରଙ୍କ ପ୍ରଚେଷ୍ଟାରେ ଗତ ୨୫ ତାରିଖରେ ଓଡ଼ିଶା ଫେରାଇ ଅଣାଯିବା ପରେ ସେ ପ୍ରେମ ପାଇଁ ମା'ଙ୍କ ବିରୋଧରେ ମିଛ କହିଥିଲେ ବୋଲି ପ୍ରକାଶ କରିଥିଲେ।


ପୂଜା ନାୟକ ଓରଫ ସେଜଲ ଜୋହନ


ମା' ସୁସି ଜୋହନ୍

# ଜଙ୍ଗଲରୁ ମିଳିଲେ ହଷ୍ଟେଲରୁ ନିଖୋଜ ୨୦ ଛାତ୍ର

କୋରାପୁଟ, ୧।୧୨ (ଅମିତାଭ ବେହେରା)

କୋରାପୁଟ ବ୍ଲକ ଲଙ୍କାପୁଟ ପଞ୍ଚାୟତ ପ୍ରାଥମିକ ବିଦ୍ୟାଳୟ ହଷ୍ଟେଲରୁ ରବିବାର ରାତିରୁ ୨୦ ଛାତ୍ର ନିଖୋଜ ରହିଥିଲେ। ସୋମବାର ଅଭିଭାବକମାନେ ଘଟଣା ସମ୍ପର୍କରେ ଖବର ପାଇ ଖୋଜାଖୋଜି କରିଥିଲେ। ଅପରାହ୍ନ ପ୍ରାୟ ୪ଟା ହଷ୍ଟେଲଠାରୁ ୯ କି.ମି. ଦୂର କୋଲାବ ଜଳଭଣ୍ଡାର ନିକଟ ଏକ ଗ୍ରାମର ଜଙ୍ଗଲରୁ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତ ଛାତ୍ର ହଷ୍ଟେଲକୁ ଫେରିଥିବା ସୂଚନା ମିଳିଛି। ଜିଲାପାଳ ମନୋଜ ସତ୍ୟବାନ ମହାଜନ ଘଟଣା ସମ୍ପର୍କରେ ଖବରପାଇ ତୁରନ୍ତ କୋରାପୁଟ ବିଡିଓ ଦେବାଶିଷ ଗୌଡ଼ଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ବିଡିଓ ଗୌଡ଼, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରା ବିଦ୍ୟାଳୟରେ ପହଞ୍ଚି ତଦନ୍ତ କରିଥିଲେ। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପିଲାମାନେ ଗୋଟିଏ ରାତି ନିଖୋଜ ଥିବା ବେଳେ ଏ ସମ୍ପର୍କରେ କେହି କିପରି ଜାଣିପାରିଲେ ନାହିଁ ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

ସୂଚନାନୁଯାୟୀ, ଲଙ୍କାପୁଟ ସ୍କୁଲରେ ଆଖପାଖ ଶୁକୁ, ହାଟ ସୁକୁ, ପିତେଇ ଆଦି ଗ୍ରାମର ଆଦିବାସୀ ଛାତ୍ରମାନେ ରହି ପାଠ ପଢୁଛନ୍ତି। ଲଙ୍କାପୁଟ ହଷ୍ଟେଲରେ ପ୍ରଥମରୁ ୫ମ ଶ୍ରେଣୀ ଯାଏ ପଢୁଥିବା ୨୦ ଛାତ୍ର ରବିବାର ନିଖୋଜ ଥିବା ନେଇ ସେମାନଙ୍କ ଅଭିଭାବକଙ୍କୁ ବିଦ୍ୟାଳୟ ପକ୍ଷରୁ ଫୋନ ଯୋଗେ ଖବର ଦିଆଯାଇଥିଲା। ସୋମବାର ଅଭିଭାବକମାନେ ବିଦ୍ୟାଳୟରେ ପହଞ୍ଚି ଗ୍ରାମବାସୀଙ୍କ ସହ ମିଶି ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ଖୋଜିବା ପରେ ପ୍ରାୟ ୯ କି.ମି. ଦୂର ପୁଟକେରେଙ୍ଗା ଗ୍ରାମ ନିକଟ ପାହାଡ଼ରୁ ଛାତ୍ରମାନଙ୍କୁ ଉଦ୍ଧାର କରିଥିଲେ। ସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ଛୁଟିରେ ରହିଥିବାରୁ ଦିନକ ପାଇଁ ଜଣେ ଶିକ୍ଷୟିତ୍ରୀ ତାଙ୍କ ଦାୟିତ୍ୱରେ ଅଛନ୍ତି। ମଙ୍ଗଳବାର ପ୍ରଧାନ ଶିକ୍ଷୟିତ୍ରୀ କାର୍ଯ୍ୟରେ ଯୋଗ ଦେବେ ବୋଲି ଜଣାପଡ଼ିଛି। ଘଟଣା ସମ୍ପର୍କରେ ଠିକ୍ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି। ଉଦ୍ଧାର ହୋଇଥିବା ୨୦ ଛାତ୍ର ସମ୍ପୂର୍ଣ୍ଣ ସୁସ୍ଥ ଥିବା ବିଡିଓ ସୂଚନା ଦେଇଛନ୍ତି। ଏ ନେଇ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗନ୍ନାଥ ଭତ୍ରାଙ୍କୁ ପଚାରିବାରୁ ୫ମ ଶ୍ରେଣୀର ୨ ଛାତ୍ର ମାରପିଟ୍ କରିବାରୁ ପିଲାମାନେ ହଷ୍ଟେଲରୁ ପଳାଇଥିଲେ ବୋଲି କହିଛନ୍ତି। ପିଲାମାନଙ୍କ ମାନସିକ ସ୍ଥିତି ଠିକ୍ ନ ଥିବାରୁ ମଙ୍ଗଳବାର ସେମାନଙ୍କୁ କାଉନ୍‌ସେଲିଂ କରାଯିବା ପରେ ଘଟଣାର ସତ୍ୟତା ସ୍ପଷ୍ଟ ହେବ ବୋଲି ବିଡିଓ ଗୌଡ଼ କହିଛନ୍ତି। ତେବେ ଛାତ୍ରମାନେ ରବିବାର ରାତିଠାରୁ ନିଖୋଜ ଥିବା ନେଇ ଅଭିଭାବକମାନେ ଯେଉଁ ଅଭିଯୋଗ ଆଣିଛନ୍ତି, ବିଡିଓ ଗୌଡ଼ ତାହାକୁ ଖଣ୍ଡନ କରିଛନ୍ତି। ଛାତ୍ରମାନେ ସୋମବାର ସକାଳୁ ହଷ୍ଟେଲ ଛାଡ଼ିଥିବା ସେ କହିଛନ୍ତି। ବିଦ୍ୟାଳୟରେ ବହୁମାତ୍ରାରେ ଛାତ୍ର ରହି ପଢୁଥିବା ବେଳେ ହଷ୍ଟେଲ ଦାୟିତ୍ୱରେ କେହି ନ ଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



କୋରାପୁଟ ବିଡିଓ ଦେବାଶିଷ ଗୌଡ଼ ଓ ଏଡିଇଓ ଜଗନ୍ନାଥ ଭତ୍ରା ସ୍କୁଲରେ ତଦନ୍ତ କରୁଛନ୍ତି।



# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ପ୍ରଦୁଷଣ ନିରାକରଣ ସଚେତନତା ପଦଯାତ୍ରା, ସ୍ଥାନ: ସୈନିକ ସ୍କୁଲ, ସମୟ: ସକାଳ ୮ଟା।
- ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ୍ ସ୍କୁଲର ୫୧ତମ ଆନୁଆଲ୍ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ୍ କ୍ୟାମ୍ପସ, ଏମ୍/୧୫ ବକ୍ସି ଜଗବନ୍ଧୁ ନଗର, ସମୟ: ସକାଳ ୮ଟା ୩୦।
- ମା' ମାଣିକେଶରୀ ଦେବୀଙ୍କ ୪ର୍ଥ ଜନ୍ମ ବାର୍ଷିକ ଉତ୍ସବର ଦଶ ମହାବିଦ୍ୟା ପୂଜା ଓ ପୂର୍ଣ୍ଣାହୁତି, ସ୍ଥାନ: ବାଲିଅନ୍ତା ବ୍ଲକର କାକରୁଦ୍ରପୁର ମେଳକସ୍ଥିତ ମା'ଙ୍କ ପୀଠ, ସମୟ: ସନ୍ଧ୍ୟା ୬ଟା।
- ଭାଗବତ ପ୍ରଚାର ସମିତି ପକ୍ଷରୁ ଭାଗବତ ମହାପୁରାଣ ପ୍ରବଚନ ଜ୍ଞାନଯଜ୍ଞ, ସ୍ଥାନ: ଗଡ ନହରକଣ୍ଟାସ୍ଥିତ ମହାଦେବ ସଭା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**ବାଲେଶ୍ୱର**
- ଶିଶୁ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ଶିବିର, ସ୍ଥାନ: ଜିଲାପାଳଙ୍କ ଅଡିଟୋରିୟମ୍ ହଲ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ: ପରମିଟ୍ ଫିଲ୍ଡ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଭକ୍ତମାଳା ପ୍ରବଚନ ସଭା, ସ୍ଥାନ: ପୁରୁଣା ଷ୍ଟାଡିୟମ୍ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

**ଭଦ୍ରକ**
- ଗୀତାଜ୍ଞାନ ମହାଯଜ୍ଞ, ସ୍ଥାନ: ବାଲିମୁଣ୍ଡା, ପଦ୍ମପୁର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଗାୟକ ଅନିରୁଦ୍ଧ ପାଣିଗ୍ରାହୀଙ୍କ ଶ୍ରାଦ୍ଧବାର୍ଷିକୀ, ପାଲା ପରିବେଷଣ, ସ୍ଥାନ: ସାରଣା, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୪ଟା।
- ତ୍ୟାଗଭୂମି ମହୋତ୍ସବର ଉଦ୍‌ଯାପନୀ, ସ୍ଥାନ: ମଠସାହି ଗୋପାଳଜୀଉ ପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।
- ଭଦ୍ରକ ମହୋତ୍ସବ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ହନୁମାନ ମନ୍ଦିରରେ ରାମ ଚରିତ ମାନସ ପାଠ, ବେଦ ଶିକ୍ଷା, ହନୁମାନ ଚାଳିଶା ପାଠ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୭ ଟା ଏବଂ ସନ୍ଧ୍ୟା ୬ ଟା।
- ହନୁମାନ ମନ୍ଦିରରେ ରାମ ଚରିତ ମାନସ ପାଠ, ବେଦ ଶିକ୍ଷା, ହନୁମାନ ଚାଳିଶା ପାଠ, ସ୍ଥାନ: ହାବଳେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୭ଟା ଏବଂ ସନ୍ଧ୍ୟା ୬ ଟା।

**ମୟୂରଭଞ୍ଜ**
- ଖରିଫ ଋତୁ ଧାନ ସଂଗ୍ରହ ସମ୍ପର୍କିତ ସଚେତନତା ରଥ ଶୁଭାରମ୍ଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।

**ଅନୁଗୋଳ**
- ନବାହ୍ନ ପାରାୟଣରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମଳିପଦର, ସମୟ: ସନ୍ଧ୍ୟା ୭ଟା।

**ଜଗତ୍‌ସିଂହପୁର**
- ସାଂସ୍କୃତିକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ଲେଡିଜ କ୍ଲବର ନାଟକ 'ଅଭିମାନିନୀ ଶ୍ରୀମତୀ' ପରିବେଷଣ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଜିଲାସ୍ତରୀୟ ଯୁବ ଉତ୍ସବ ପାଇଁ ଦଳଗତ ପ୍ରତିଯୋଗିତା, ସ୍ଥାନ:ଏଚ୍‌ଏନ୍‌ଏସ୍ କଲେଜ, ଚାନ୍ଦୋଳ, ଡେରାବିଶ, କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା, ପଟ୍ଟାମୁଣ୍ଡାଇ କଲେଜ, ପଟ୍ଟାମୁଣ୍ଡାଇ, ଏସ୍‌ଜେ କଲେଜ, ରାଜନଗର, ମାର୍ଶାଘାଇ କଲେଜ, ମାର୍ଶାଘାଇ, ଏଲ୍‌ଏନ୍ କଲେଜ, କୋରୁଆ, ଗରଦପୁର, ଏସ୍‌ଏସ୍‌ବି କଲେଜ, ମହାକାଳପଡା, ଏସ୍‌ଏନ୍ କଲେଜ, ରାଜକନିକା, ଆଳି କଲେଜ, ଆଳି, ସମୟ:ପୂର୍ବାହ୍ନ ୧୦ଟା ।

**ଯାଜପୁର**
- ସପ୍ତମ ବାର୍ଷିକ ବିଶ୍ୱ ଶାନ୍ତି ମହାଯଜ୍ଞ ଆରମ୍ଭ, ସ୍ଥାନ: ତାରିଣୀ ପୀଠ, ବାଲିବିଲ, ସମୟ: ସକାଳ ୮ଟା।
- ଶ୍ରୀମଦନ ମୋହନ ଜୀଉ ମନ୍ଦିରର ପ୍ରଥମ ବର୍ଷିକ ପ୍ରତିଷ୍ଠା ଦିବସ ଉପଲକ୍ଷେ କଳସ ଯାତ୍ରା, ସ୍ଥାନ: ବିଛାଖଣ୍ଡି, ଧର୍ମଶାଳା, ସମୟ: ସକାଳ ୭ଟା୩୦।

**ନୟାଗଡ଼**
- ବ୍ୟଞ୍ଜନ ଦ୍ୱାଦଶୀ ପର୍ବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ଗୋକୁଳାନନ୍ଦ ପୀଠ, ସମୟ: ସକାଳ ୭ଟା ।
- ଘୋଡଲାଗି ପର୍ବର ଷଷ୍ଠ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ଘୋଡ଼ଲାଗି ପର୍ବର ଷଷ୍ଠ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା୩୦।
- ଘୋଡଲାଗି ପର୍ବର ଷଷ୍ଠ ଦିବସ, ସ୍ଥାନ: ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- କନ୍ଧମାଳ ଏମ୍‌ପିଙ୍କ ପକ୍ଷରୁ ଖେଳ ମହୋତ୍ସବର ୨ୟ ଦିବସ, ସ୍ଥାନ: ଗଣିଆ କେସି ବିଦ୍ୟାପୀଠ, ସମୟ: ସକାଳ ୯ଟା ।
- ବାର୍ଷିକ କ୍ରୀଡ଼ା ସମାରୋହର ୨ୟ ଦିବସ, ସ୍ଥାନ: ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର ନୟାଗଡ, ସମୟ: ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩ଟା ୩୦।
- ନୟାଗଡ ବ୍ଲକସ୍ତରୀୟ ବିଜ୍ଞାନମେଳା, ସ୍ଥାନ: ନୟାଗଡ ବ୍ଲକ ଲାଠିପଡା ପିଏମ୍‌ଶ୍ରୀ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା ।
- ଖବରଦାତାଙ୍କୁ ମାଡମରା ଘଟଣାରେ ବିକ୍ଷୋଭ, ସ୍ଥାନ: ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖ,ସମୟ:ପୂର୍ବାହ୍ନ ୧୦ଟା ।
- ଏଡସ୍ ସଚେତନତା ଶିବିରର ଉଦ୍‌ଯାପନ ଦିବସ, ସ୍ଥାନ: ଖଣ୍ଡପଡା ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ରାୟଗଡ଼ା**
- ବ୍ଲକସ୍ତରୀୟ ଚଇତି ମହୋତ୍ସବ ପାଇଁ କଳସ ଯାତ୍ରା ଆରମ୍ଭ, ସ୍ଥାନ: କାଶୀପୁର, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଡାବୁଗାଁ ବ୍ଲକ କୁନାପାଣିସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା।
- ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ, ସ୍ଥାନ: ଉମରକୋଟ ଜମରୁଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ପ୍ରସ୍ତୁତି ବୈଠକ, ସ୍ଥାନ:– ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତ୍ୟେକ ଶିଶୁ ଗୁରୁତ୍ୱପୂର୍ଣ୍ଣ ସମ୍ପର୍କୀୟ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।

**କୋରାପୁଟ**
- ମଶାଲ ଶୋଭାଯାତ୍ରା, ପରବ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ସେମିଳିଗୁଡ଼ା, ସମୟ: ସକାଳ ୯ଟା।
- ପରବ ଉପଲକ୍ଷେ କ୍ରିକେଟ ପ୍ରତିଯୋଗିତା, ଭୈରବ ପଡ଼ିଆ, କୋଟପାଡ଼, ସମୟ: ସକାଳ ୯ଟା।
- ବ୍ଲକସ୍ତରୀୟ ପରବ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନନ୍ଦପୁର ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଶିକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ, ସ୍ଥାନ: ବିଦ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।
- ବ୍ଲକସ୍ତରୀୟ ଲୋକ ମହୋତ୍ସବ ପରବ, ସ୍ଥାନ: ଶାସ୍ତ୍ରୀ ମୈଦାନ, କୁନ୍ଦୁରା, ସମୟ: ରାତି ୭ଟା।

**ମାଲକାନଗିରି**
- ବ୍ଲକସ୍ତରୀୟ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ମେଳା ଉଦ୍‌ଘାଟନ, ସ୍ଥାନ: ବାଲିମେଲା ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।
- ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ, ସ୍ଥାନ: ଚିତ୍ରକୋଣ୍ଡା ମିନି ଷ୍ଟାଡିୟମ, ସମୟ: ଅପରାହ୍ନ ୪ ଟା।

**ସମ୍ବଲପୁର**
- ୩୦ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟନଶିପ ଉଦ୍‌ଘାଟନ ଉତ୍ସବ, ସ୍ଥାନ : ବାଟମଙ୍ଗଳା ମନ୍ଦିର, ସମୟ : ପୂର୍ବାହ୍ନ ୯ଟା।
- ଜିଲା କ୍ରୀଡା ସଂଘ ଆୟୋଜନରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା–୨୦୨୫ର ଉଦଯାପନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ଷ୍ଟାଡିୟମ, ସମୟ : ଅପରାହ୍ନ ୧ଟା।
- ସାରେ ଯାହାଁ ସେ ଆଚ୍ଛା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଲଳିତ କଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ଅପରାହ୍ନ ୩ଟା।
- ସମ୍ବଲପୁର ଲୋକ ମହୋତ୍ସବ –୨୦୨୬ର ପ୍ରସ୍ତୁତି ବୈଠକ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ଅପରାହ୍ନ ୫ଟା।

**ବଲାଙ୍ଗୀର**
- ଜାତୀୟ ପ୍ରଦୂଷଣ ନିବାରଣ ଦିବସ, ସ୍ଥାନ: ହୋଟେଲ ପାର୍କ ଲ୍ୟାଣ୍ଡ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

**ରାଉରକେଲା**
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ସମାରୋହ, ସ୍ଥାନ: ସେକ୍ଟର–୧୬, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ପ୍ରଦୂଷଣ ନିରାକରଣ ଦିବସ ପାଳନ, ସ୍ଥାନ: ସିପିଟିଆଇ ହଲ୍, ସମୟ: ପୂର୍ବାହ୍ନ ୧୦ଟା।
- ଇସ୍ପାତ ନାଟ୍ୟ ମହୋତ୍ସବର ଉଦଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ।

**ସୁନ୍ଦରଗଡ଼**
- ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ, ସ୍ଥାନ: ସାର୍ଥକ ବିଦ୍ୟାଳୟ, ବନ୍ଧପାଲି, ସୁନ୍ଦରଗଡ, ସମୟ: ସକାଳ ୮ଟା।

# କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ଛାତ୍ରଙ୍କ ଆତ୍ମହତ୍ୟା

- ପ୍ରେମ ସମ୍ପର୍କକୁ ନେଇ ସହପାଠିନୀଙ୍କୁ ଦାୟୀ କଲେ ଛାତ୍ରଙ୍କ ମା'
- ପ୍ରେମିକାଙ୍କ ବାପା, ମା'ଏବଂ ଭାଇ ନାମରେ ଥାନାରେ ମାମଲା
- ଘଟଣା ସମ୍ପର୍କରେ ଥାନାରେ ଜଣାଇଛୁ, ପୋଲିସ ତଦନ୍ତ କରୁଛି: କିଟ୍

ଭୁବନେଶ୍ୱର,୧।୧୨(ତ୍ରିନାଥ ମହାନ୍ତି)

କିଟ୍ ବିଶ୍ୱବିଦ୍ୟାଳୟରେ ପୁଣି ଜଣେ ଛାତ୍ର ରବିବାର ରାତିରେ ଆତ୍ମହତ୍ୟା କରିଛନ୍ତି। କ୍ୟାମ୍ପସ–୧୦ କେପି ୭ ଏବି ହଷ୍ଟେଲ ରୁମ୍‌ରୁ ଛାତ୍ରଙ୍କ ମୃତଦେହ ଜବତ କରାଯାଇଛି। ମୃତ ଛାତ୍ର ହେଲେ ଛତିଶଗଡ଼ ରାୟପୁରର ରାହୁଲ ଯାଦବ। ସେ କିଟ୍‌ରେ କମ୍ପ୍ୟୁଟର ସାଇନ୍ସ ପ୍ରଥମ ବର୍ଷର ଛାତ୍ର ଥିଲେ। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ସୋମବାର ଅପରାହ୍ନରେ ପରିବାର ଲୋକେ ପହଞ୍ଚିବା ପରେ ଏମ୍‌ସରେ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ସାଇଣ୍ଟିଫିକ ଟିମ୍, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ, ଡିସିପି ଜଗମୋହନ ମୀନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ରାହୁଲ୍ ଆତ୍ମହତ୍ୟା କରିଥିବା ହଷ୍ଟେଲକୁ ଯାଇ ଯାଞ୍ଚ କରିଥିଲେ। ଏପରିକି ହଷ୍ଟେଲରୁ ରାହୁଲଙ୍କ ଏକ ମୋବାଇଲ୍ ଫୋନ୍ ଏବଂ ଲାପ୍‌ଟପ ଜବତ କରି ପୋଲିସ ତଦନ୍ତ କରୁଛି। ଅପରପକ୍ଷରେ ପୁଅର ମୃତ୍ୟୁ ପାଇଁ ପରିବାର ଲୋକେ ଜଣେ ଯୁବତୀ ଏବଂ ତାଙ୍କ ପରିବାର ଲୋକଙ୍କୁ ଦାୟୀ କରିଛନ୍ତି।

ରାହୁଲଙ୍କ ମୃତ୍ୟୁକୁ ନେଇ କମିଶନରେଟ୍ ପୋଲିସ ପକ୍ଷରୁ କୁହାଯାଇଛି ଯେ, ରବିବାର ରାତି ପ୍ରାୟ ୧୦:୪୫ ସମୟରେ ଇନ୍‌ଫୋସିଟି ଥାନାକୁ ସୂଚନା ମିଳିବା ପରେ ଘଟଣାସ୍ଥଳକୁ ପୋଲିସ ଯାଇଥିଲା। ପୋଲିସ ଅଧିକାରୀ ଭିତରପଟୁ ବନ୍ଦ ଥିବା କବାଟର ଲକ୍ ଭାଙ୍ଗି ଖୋଲିଥିଲେ। ଘର ଭିତରେ ଫ୍ୟାନ୍‌ରେ ଝୁଲୁଥିବା ମୃତଦେହକୁ ଜବତ କରାଯାଇ ନିକଟ ଘରୋଇ ହସ୍ପିଟାଲକୁ ପଠାଇ ଦିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହସ୍ପିଟାଲର ଏମ୍‌ଏଲ୍‌ସି ଆଧାରରେ ପୋଲିସ ଏକ ଅପମୃତ୍ୟୁ ମାମଲା କରିଥିଲା। ହଷ୍ଟେଲରେ ରହୁଥିବା ସାଙ୍ଗସାଥୀ, ରାହୁଲଙ୍କ ମା' ନିର୍ମଳା ଯାଦବଙ୍କ ବୟାନ ଏବଂ ସୋସିଆଲ ମିଡିଆ ଆଧାରରେ ପୋଲିସ ତଦନ୍ତ କରୁଛି। ନିର୍ମଳାଙ୍କ ସୂଚନା ଆଧାରରେ ଛତିଶଗଡ଼ର ଜଣେ ଯୁବତୀଙ୍କ ସହିତ ରାହୁଲଙ୍କ ପ୍ରେମସମ୍ପର୍କ ରହିଥିଲା। ସେ ଯୁବତୀ ବର୍ତ୍ତମାନ ମହାରାଷ୍ଟ୍ରରେ ପାଠ ପଢୁଛନ୍ତି। ହେଲେ ଯୁବତୀଙ୍କ ମା'ବାପା ଏବଂ ଭାଇ ରାହୁଲଙ୍କୁ ଧମକ ଦେବା ସହ ନିର୍ଯାତନା ଦେଉଥିଲେ, ଯେଉଁଥିପାଇଁ ରାହୁଲ ମାନସିକ ଚାପରେ ଆସି ଆତ୍ମହତ୍ୟା କରିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିବା କହିଛି। ରାହୁଲଙ୍କ ମା'ଙ୍କ ଅଭିଯୋଗ ଆଧାରରେ ପୋଲିସ ଉକ୍ତ ଯୁବତୀଙ୍କ ଭାଇ, ବାପା ଏବଂ ମା'ଙ୍କ ନାମରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

ଅନ୍ୟପଟରେ ନିର୍ମଳା କହିଛନ୍ତି ଯେ, ଅନେକ ସମୟରେ ତାଙ୍କ ପୁଅକୁ ଉକ୍ତ ଯୁବତୀଙ୍କ ଘର ଲୋକଙ୍କ ପକ୍ଷରୁ ଧମକ ଦିଆଯାଉଥିଲା। କିଛିଦିନ ହେବ ତାଙ୍କ ପୁଅ ମାନସିକ ଚାପରେ ରହୁଥିଲେ। ପୁଅ ଉପରେ ନଜର ରଖିବାକୁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ସେ କହିଥିଲେ। ହେଲେ ହଷ୍ଟେଲ କର୍ତ୍ତୃପକ୍ଷ ତାଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିଲେ, ଯେଉଁଥିପାଇଁ ତାଙ୍କ ପୁଅ ଆତ୍ମହତ୍ୟା କରିବାକୁ ସୁଯୋଗ ପାଇଲା ବୋଲି ନିର୍ମଳା କହିଛନ୍ତି। ଏହି ଆତ୍ମହତ୍ୟା ଘଟଣାକୁ ନେଇ କିଟ୍ ପକ୍ଷରୁ ସ୍ପଷ୍ଟୀକରଣ ରଖାଯାଇଛି। ପ୍ରେସ୍ ରିଲିଜ୍ ଜରିଆରେ ଲୋକ ସମ୍ପର୍କ ନିର୍ଦ୍ଦେଶିକା ଶ୍ରଦ୍ଧାଞ୍ଜଳି ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ପୋଲିସକୁ ଜଣାଇ ଦିଆଯାଇଛି। ପୋଲିସ ତାହାର ତଦନ୍ତ କରୁଛି ବୋଲି କହିଛନ୍ତି। ସୂଚନାଯୋଗ୍ୟ, ଗତ ୧୦ମାସ ମଧ୍ୟରେ କିଟ୍‌ରେ ୩ଜଣ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ଗତ ଫେବ୍ରୁଆରୀ ୧୬ରେ ବିଟେକ୍ ଦ୍ୱିତୀୟ ବର୍ଷରେ ପଢୁଥିବା ଜଣେ ନେପାଳୀ ଛାତ୍ରୀ ପ୍ରକୃତି ଲାମ୍‌ସାଙ୍କ ମୃତ୍ୟୁ ଘଟିଥିବାବେଳେ ମେ ୧ତାରିଖରେ ଆଉ ଜଣେ ଛାତ୍ରୀ ପ୍ରିସାଙ୍କ ମୃତ୍ୟୁ ଘଟିଥିଲା।

**ପ୍ରଥମ ପୃଷ୍ଠାରୁ...**

## ୪ ଖେଳାଳିଙ୍କୁ...

ଓ ରାଜ୍ୟ ପାଇଁ ଯଶ ଆଣିଛନ୍ତି। ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଆପଣମାନେ ପ୍ରେରଣା ହୋଇଛନ୍ତି''। ଆତ୍ମବିଶ୍ୱାସର ସହ ଏହି ବିଜୟ ଯାତ୍ରା ଜାରି ରଖିବାକୁ ସେ ଏହି ଅବସରରେ ଖେଳାଳିମାନଙ୍କୁ ଉପଦେଶ ଦେଇଛନ୍ତି। ଏହି ଅବସରରେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଦଳର କୋଚ ଦେବାଶିଷ ଜେନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଦେଶବ୍ୟାପୀ ତଦନ୍ତ...

ଦେବାକୁ ଖଣ୍ଡପୀଠ ଆର୍‌ବିଆଇକୁ ନୋଟିସ ଜାରି କରିଛନ୍ତି। ହରିୟାଣାର ଏକ ବୟସ୍କ ଦମ୍ପତିଙ୍କ ଅଭିଯୋଗ ଆଧାରରେ ସୁପ୍ରିମକୋର୍ଟ ଉକ୍ତ ମାମଲାକୁ ନିଜ ଆଡୁ ଶୁଣାଣି ପାଇଁ ଗ୍ରହଣ କରିଥିଲେ। ଖଣ୍ଡପୀଠ କହିଛନ୍ତି, ମୁଖ୍ୟତଃ ବରିଷ୍ଠ ନାଗରିକମାନଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ କରି ସେମାନଙ୍କ କଷ୍ଟଲବ୍ଧ ଅର୍ଥକୁ ଶୋଷଣ କରୁଛନ୍ତି। ମାମଲାରେ ସବିଶେଷ ତଥ୍ୟ ସିବିଆଇକୁ ଦେବା ସହ ତଦନ୍ତରେ ସହାୟତା କରିବା ପାଇଁ ଖଣ୍ଡପୀଠ ସୂଚନା ପ୍ରଯୁକ୍ତି ମଧ୍ୟସ୍ଥମାନଙ୍କୁ କହିଛନ୍ତି। ବିଦେଶରୁ ଏହି ଅପରାଧ ପରିଚାଳିତ ହେଉଥିଲେ, ସାଇବର ଅପରାଧୀଙ୍କ ପାଖରେ ପହଞ୍ଚିବା ନିମନ୍ତେ ଇଣ୍ଟରପୋଲ୍‌ର ସହାୟତା ନେବା ପାଇଁ ସୁପ୍ରିମକୋର୍ଟ ସିବିଆଇକୁ ପରାମର୍ଶ ଦେଇଛନ୍ତି। ସେହିପରି ଟେଲିକମ୍ ସେବାପ୍ରଦାନକାରୀ ସଂସ୍ଥାଗୁଡ଼ିକ ଯେପରି ଜଣେ ୟୁଜର କିମ୍ବା ଗୋଟିଏ ସଂସ୍ଥାକୁ ଏକାଧିକ ସିମ୍ କାର୍ଡ ଇସ୍ୟୁ ନ କରିବେ, ତାହା ସୁନିଶ୍ଚିତ କରିବା ପାଇଁ ଖଣ୍ଡପୀଠ ଟେଲିକମ୍ ବିଭାଗକୁ କହିଛନ୍ତି। ସିବିଆଇ ସହିତ ଉତ୍ତମ ସମନ୍ୱୟ ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଆଞ୍ଚଳିକ ତଥା ରାଜ୍ୟ ସାଇବର ଅପରାଧ ସମନ୍ୱୟ କେନ୍ଦ୍ର ସ୍ଥାପନ କରିବାକୁ କୁହାଯାଇଛି। ଏହିପ୍ରସଙ୍ଗରେ ସ୍ୱରାଷ୍ଟ୍ର, ଟେଲିକମ୍, ଅର୍ଥ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ମତାମତ ସଂଗ୍ରହ କରିବା ପାଇଁ ଖଣ୍ଡପୀଠ ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ କହିଛନ୍ତି।

## ବିଦା ହେଲେଣି ୪୯...

ଇତିମଧ୍ୟରେ ସମୁଦାୟ ୧୭୬୮ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଯାଞ୍ଚ କରାଯାଇଛି। ସେଥିମଧ୍ୟରୁ ୫୧ ଜଣଙ୍କୁ ବେଆଇନ ବାଂଲାଦେଶୀ ଭାବେ ଘୋଷଣା କରାଯାଇଛି। ଏବେ ବି ୫୦ ସନ୍ଦିଗ୍ଧଙ୍କର ପରିଚୟପତ୍ର ଯାଞ୍ଚ ପ୍ରକ୍ରିୟା ଜାରି ରହିଛି। ସ୍ୱତନ୍ତ୍ର ଆପ୍ ଜରିଆରେ ଅନୁପ୍ରବେଶକାରୀ ବାଂଲାଦେଶୀ ଚିହ୍ନଟ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏଥିସହ ମୁଖ୍ୟମନ୍ତ୍ରୀ କହିଛନ୍ତି, ବାଂଲାଦେଶୀ ଚିହ୍ନଟ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ ଓ ତଦାରଖ କରିବା ପାଇଁ ଗୋଇନ୍ଦା ବିଭାଗର ବରିଷ୍ଠ ଅଧିକାରୀମାନେ ସମ୍ଭାବ୍ୟ ବେଆଇନ ବାଂଲାଦେଶୀ ଅନୁପ୍ରବେଶ ଜିଲାଗୁଡ଼ିକୁ ଲଗାତର ପରିଦର୍ଶନ କରୁଛନ୍ତି। ଏତଦ୍‌ବ୍ୟତୀତ, ସୀମା ସୁରକ୍ଷା ବାହିନୀ, ପଶ୍ଚିମବଙ୍ଗ ଗୋଇନ୍ଦା ସଂସ୍ଥା, କେନ୍ଦ୍ର ଗୋଇନ୍ଦା ସଂସ୍ଥା, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମନ୍ୱୟରେ ଅବୈଧ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ଏବଂ ଦେଶାନ୍ତର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଛନ୍ତି।

## କେନ୍ଦ୍ରାପଡ଼ାରେ ଚିହ୍ନଟ...

କରିଥିବା ସମୟରେ ଜଙ୍ଗଲ ଜମିକୁ ଜବରଦଖଲ କରି ରହିବା ସୁଯୋଗ ପାଉଛନ୍ତି। ଏପରିକି ପ୍ରଶାସନିକ ଅଧିକାରୀ ଓ ବନ ବିଭାଗ ଜଙ୍ଗଲ ଜମି ଜବରଦଖଲ ସମୟରେ କୌଣସି କାରଣରୁ ନୀରବ ରହୁଛନ୍ତି। ଏହି ଜିଲାରେ ୧୯୨୯ ମସିହାରେ ଭୂବନ୍ଦୋବସ୍ତ ହୋଇଥିଲା। ତତ୍କାଳୀନ ସମୟରେ ଜଙ୍ଗଲ ଜମି ହ୍ରାସ ସମ୍ପର୍କରେ କୌଣସି ସମୀକ୍ଷା ହେଉନାହିଁ ଅପରପକ୍ଷରେ ୨୦୦୪ ମସିହାରେ ଚିହ୍ନଟ ହୋଇଥିବା ୧,୬୪୯ ଅନୁପ୍ରବେଶକାରୀଙ୍କ ମଧ୍ୟରୁ ମହାକାଳପଡ଼ା ବ୍ଲକର ୧,୫୫୧ଙ୍କୁ ଦେଶାନ୍ତର ନୋଟିସ ମିଳିଥିଲେ ମଧ୍ୟ ତାହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପାଇଁ ଜିଲା ପୋଲିସ ପକ୍ଷରୁ କେବଳ ଧରପଗଡ଼ ଚାଲିଛି। ସନ୍ଦେହରେ କେତେକ ବ୍ୟକ୍ତିଙ୍କୁ ଥାନାକୁ ଡକାଇ ଛାଡ଼ି ଦିଆଯାଉଥିବା ଲକ୍ଷ୍ୟ କରାଯାଉଛି। ଜିଲାରେ ସର୍ବାଧିକ ବାଂଲାଦେଶୀ ଅନୁପ୍ରବେଶକାରୀ ଥିବା ତଥ୍ୟ ଉଜାଗର କରୁଥିବା ସମୟରେ ଜଣେ ହେଲେ ଚିହ୍ନଟ ନ ହେବାରେ ପୋଲିସ ପ୍ରଶାସନ ବାଟବଣା ହୋଇଥିବା ଉପରୋକ୍ତ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଖୁବ୍ ଶୀଘ୍ର ଜିଲା ପୋଲିସ ପକ୍ଷରୁ ଏନେଇ ସୂଚନା ମିଳିଯିବ।

## 'ରାଜଭବନ' ହେଲା...

ରାଜ୍ୟପାଳମାନଙ୍କ ସମ୍ମିଳନୀ ସମୟରେ ହୋଇଥିବା ସୁପାରିସ ପରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ଉପନିବେଶ ଯୁଗର ଶବ୍ଦରୁ ଦୂରେଇଯାଇ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପାଇଁ ସମଗ୍ର ଭାରତରେ ରାଜଭବନଗୁଡ଼ିକର ନାମକୁ 'ଲୋକ ଭବନ' ନାମରେ ବଦଳାଇବାକୁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ ରାଜ୍ୟପାଳ କମ୍ଭମପାଟି କହିଛନ୍ତି, ନୂତନ ନାମକରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟିକୋଣ ଅନୁଯାୟୀ ସୁଦୃଢ଼ ଜନସଂଯୋଗ ଏବଂ ଅଂଶଗ୍ରହଣ ପ୍ରତି ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। 'ଲୋକ ଭବନ' ସ୍ୱଚ୍ଛତା, ସୁଗମତା ଏବଂ ପ୍ରଶାସନ ଏବଂ ଲୋକଙ୍କ ମଧ୍ୟରେ ଏକ ଗଭୀର ସମ୍ପର୍କର ପ୍ରତୀକ। ଏହି ପଦକ୍ଷେପ ନାଗରିକମାନଙ୍କୁ ସଶକ୍ତ କରିବା, ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ସୁନିଶ୍ଚିତ କରିବାର ବ୍ୟାପକ ଦୃଷ୍ଟିକୋଣ ସହ ସମନ୍ୱିତ। 'ଲୋକ ଭବନ' ଜନସାଧାରଣଙ୍କ ସହଭାଗିତା ଏବଂ ପରାମର୍ଶ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ କାର୍ଯ୍ୟକରି ସମସ୍ତଙ୍କ ପାଇଁ ସୁଗମତା ଉପରେ ଧ୍ୟାନଦିଆଯିବ ବୋଲି ରାଜ୍ୟପାଳ କହିଛନ୍ତି।

## ଜନଶୁଣାଣି ଶିବିରରେ...

ସ୍ୱାମୀଙ୍କ ମୃତ୍ୟୁ ପରଠାରୁ ସସ୍ମିତା କେତେବେଳେ ଶାଶୁଘରେ ତ ଆଉ କେତେବେଳେ ବାପ ଘରେ ନିଜ ଛୋଟ ପୁଅ ସହ ରହି ବହୁ କଷ୍ଟରେ ଦିନ କାଟୁଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ପରିବାର ମଙ୍ଗଳ ଯୋଜନାରେ ସରକାରୀ ଅର୍ଥ ୨୦ହଜାର ଟଙ୍କା ପାଇବା ପାଇଁ ସସ୍ମିତା ବିଭାଗୀୟ ଅଧିକାରୀଙ୍କୁ ନିବେଦନ କରିଥିଲେ। ତେବେ ଲିଗାଲ ହେୟାର୍ ସାର୍ଟିଫିକେଟରେ ତ୍ରୁଟି ଥିବା ଦର୍ଶାଇ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ତାଙ୍କୁ ଫେରାଇ ଦେଇଥିଲେ। ପରେ ସେ ଏନେଇ ବାଙ୍କୀ ତହସିଲଦାର, ସ୍ଥାନୀୟ ଆର୍‌ଆଇ, ବିଡିଓ ଏବଂ ଉପଜିଲାପାଳଙ୍କୁ ଜଣାଇଥିଲେ। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସସ୍ମିତା ଜିଲାପାଳଙ୍କ ନିକଟରେ ଦୁଇ ଥର ଅଭିଯୋଗ କରିଥିଲେ। ବ୍ଲକଠାରୁ ଜିଲା ପ୍ରଶାସନ ପର୍ଯ୍ୟନ୍ତ ସବୁଠି ବାରମ୍ବାର ଅଭିଯୋଗ ପରେ ବି ସହାୟତା ରାଶି ନ ମିଳିବାରୁ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିରରେ ପୁଅକୁ ନେଇ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବାକୁ ସସ୍ମିତା ନିଷ୍ପତ୍ତି ନେଇଥିଲେ। ଏନେଇ ଜିଲାପାଳଙ୍କୁ ଶିବିରରେ ଦେଖା କରିବା ପରେ ପୂର୍ବଭଳି ଉତ୍ତର ମିଳିବାରୁ ବାହାରକୁ ଆସି ପେଟ୍ରୋଲ୍ ଢାଳି ଆତ୍ମାହୁତି ଉଦ୍ୟମ କରିଥିଲେ ବୋଲି ସସ୍ମିତା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାମାଜିକ କଲ୍ୟାଣ ଅଧିକାରିଣୀ ସସ୍ମିତା ସେଠୀଙ୍କୁ ପଚାରିବାରୁ ସେ କହିଲେ ତାଙ୍କ ଆବେଦନରେ ତ୍ରୁଟି ଥିଲା। ସେଥିପାଇଁ ଟଙ୍କା ମଞ୍ଜୁରୀ ହୋଇପାରିନାହିଁ। ବାଙ୍କୀ ଉପଜିଲାପାଳ ପ୍ରଣବ କୁମାର ବେହେରାଙ୍କୁ ପଚାରିବାରେ ସସ୍ମିତାଙ୍କ ଅଭିଯୋଗର ଯଥାଶୀଘ୍ର ସମାଧାନ କରାଯିବ ବୋଲି କହିଛନ୍ତି।

## ପୁଣି ଚର୍ଚ୍ଚାରେ ପ୍ଲାଷ୍ଟିକ୍ ବୋତଲରେ ପେଟ୍ରୋଲ

ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି ପେଟ୍ରୋଲ ଢାଳି ଆତ୍ମାହୁତି ଘଟଣା ସାରା ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହାପରଠାରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ୍ ଦେବା ଉପରେ ନିଷେଧାଜ୍ଞା କରାଯାଇଥିଲା। ହେଲେ ଏ କଟକଣାକୁ ଖୋଲା ଉଲ୍ଲଂଘନ କରାଯାଉଥିବା ସୋମବାର ଘଟଣାରୁ ସ୍ପଷ୍ଟ ବାରି ହୋଇପଡୁଛି। ଜିଲାପାଳଙ୍କ ଜନଶୁଣାଣିରେ ପୋଲିସ ମୁତୟନ ସତ୍ତ୍ୱେ ମହିଳା ଜଣକ ପେଟ୍ରୋଲ କିପରି ଆଣି ଆସିଲେ, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ଗୋଇନ୍ଦା ବିଭାଗର ସମ୍ପୂର୍ଣ୍ଣ ବିଫଳତା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ବାଙ୍କୀ ଅଞ୍ଚଳରେ ପୋଲିସ ଓ ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ପେଟ୍ରୋଲ ପମ୍ପରେ ଚଢ଼ାଉ ଠିକ୍ ଭାବେ ହେଉ ନ ଥିବାରୁ ବହୁ ପେଟ୍ରୋଲ ପମ୍ପରେ ଲୁଚାଛପା ପ୍ଲାଷ୍ଟିକ ବୋତଲରେ ଏବେବି ପେଟ୍ରୋଲ ବିକ୍ରି ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଭାଗ୍ୟ କାଳେ ବିପରୀତ ବାଣୀ,**
**ଚାଳରୁ ମୂଷା ପଡ଼ି ମାରନ୍ତି କହୁଣି ।**

ଦୁର୍ଦ୍ଦିନ ପଡ଼ିଲେ ମଣିଷ ଅସହାୟ ହୋଇଯାଏ। ମଣିଷ ଉପରକୁ ଦୁଃଖର ପାହାଡ଼ ମାଡ଼ିଆସିବା ସହ ବିପଦରେ ପଡ଼ି ଘାଣ୍ଟି ଚକଟି ହେବା ସାର ହୋଇଥାଏ। ଏପରିସ୍ଥଳେ ଅତି ନ୍ୟୂନସ୍ତରର ବ୍ୟକ୍ତି ପରାକ୍ରମ ଦେଖାଇବାକୁ ବା ଦାଉ ସାଧିବାକୁ ତିଳେମାତ୍ର ପଛାଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଇଁଠା ଭାତେ ଘିଅ,**
**ପ୍ରେତେ ଖାଇତେ ଦିଅ ।**

ସାଧାରଣତଃ ଅଇଁଠା ବା ଥଣ୍ଡା ଭାତରେ ଘିଅ ଦେବା ନେଇ ବାରଣ କରାଯାଇଥାଏ। ଅଇଁଠା ଭାତରେ ଘିଅ ଦେଇ ଖାଇବା ପ୍ରେତ ଖାଇବା ସହ ସମାନ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜିର ଗ୍ରହସ୍ଥିତି ମାନସିକ ସୁସ୍ଥତାକୁ ପରିପୁଷ୍ଟ କରିବ। ଥଣ୍ଡାଜନିତ ପୀଡ଼ାନୁଭବ ସାଙ୍ଗକୁ ଧୈର୍ଯ୍ୟହରା, ନୈରାଶ୍ୟ ବ୍ୟସ୍ତ ଓ ବିବ୍ରତ କରାଇପାରେ। କର୍ମକ୍ଷେତ୍ରରେ କୌଶଳପୂର୍ଣ୍ଣ ବ୍ୟବହାର ଅନ୍ୟମାନଙ୍କୁ ଆପଣାର କରିବାରେ ସାହାଯ୍ୟ କରିବ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ।

**ବୃଷ** – ଆଜିର ଚନ୍ଦ୍ରଙ୍କ ସ୍ଥିତି ପ୍ରଭାବରେ ବନ୍ଧୁଙ୍କ ସମସ୍ୟାର ସମାଧାନ ଦିଗରେ ମୁଣ୍ଡ ପୂରାଇବେ। କଥା କଥାକେ ମଉଜିଆ କଥା କହିବାକୁ ନେଇ କଳହ ଲାଗିପାରେ। ଅନ୍ୟମାନଙ୍କ ଉପରେ ବିରକ୍ତ ହୋଇ କାର୍ଯ୍ୟପ୍ରବାହକୁ ଅବରୁଦ୍ଧ କରିଦେବେ। ବନ୍ଧୁଙ୍କ ସହଯୋଗରେ ଶିଳ୍ପ, ବାଣିଜ୍ୟ, ପରିବହନ ଭଲରେ ଚାଲିବ।

**ମିଥୁନ** – ମୁଖଭାବରେ ଗୁରୁଥିବାରୁ ଆପଣଙ୍କ ଇଚ୍ଛାନୁକୂଳ କାର୍ଯ୍ୟ ଓ ପ୍ରାପ୍ୟ ପାଇଁ ମାର୍ଗ ସୁଗମ କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ବିଜୟଲାଭ କରିବା ସାଙ୍ଗକୁ ବନ୍ଧୁଙ୍କୁ ଆପେଣଇ ନେବାରେ ସମର୍ଥ କରାଇବ। ଯୋଜନା, ସାଂଗଠନିକ କାର୍ଯ୍ୟ କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ପରିବାରରେ ସମ୍ପର୍କ ହାନି ଫଳରେ ଚିନ୍ତା ପ୍ରକଟ କରିପାରନ୍ତି।

**କର୍କଟ** – ଚନ୍ଦ୍ରଙ୍କ ପ୍ରତି ବୁଧଙ୍କ ଦୃଷ୍ଟିରୁ ବନ୍ଧୁଙ୍କ ସହ ବିବାଦ ଓ କିଛି ନୂତନ କାମରେ ପ୍ରତିବନ୍ଧକ ହେତୁ ଚିନ୍ତିତ ରହିବେ। ନିର୍ଦ୍ଦିଷ୍ଟ ସ୍ଥାନରେ ସହକର୍ମୀଙ୍କୁ ନ ପାଇ ବ୍ୟସ୍ତ ହେବେ। ପରିବାରରେ ପୂର୍ବ ସମସ୍ୟା ସମାଧାନ ହେବାରେ ନୀଚ ଜାତିର ବ୍ୟକ୍ତି ମୁଖ୍ୟ ଭୂମିକା ଗ୍ରହଣ କରିବେ। ପରିଜନଙ୍କ ସହ କୌଣସି ଯାତ୍ରା ଓ ନୂତନ କର୍ମାରମ୍ଭ ଆଲୋଚନା ଫଳପ୍ରଦ ହେବ।

**ସିଂହ** – ଧନାଧିପତିଙ୍କ ପ୍ରଭାବରେ ଆଶାଜନକ ଅର୍ଥ ପ୍ରଦାନର ସୁଯୋଗ ନ ଦେଲେ ମଧ୍ୟ ବନ୍ଧୁଙ୍କ ସୁନ୍ଦର ବ୍ୟବହାରରେ ଖୁସି ରହିବେ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ରସାଣିତ କରିବ। କୌଣସି କ୍ଷେତ୍ରରେ ଆଜି ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ ସାହିତ୍ୟ, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**କନ୍ୟା** – ରାହୁଙ୍କ ପ୍ରଭାବରେ କୌଶଳ ପ୍ରୟୋଗକରି କାର୍ଯ୍ୟ ହାସଲ କରିବେ। ସନ୍ତାନଙ୍କ ସମସ୍ୟା ବ୍ୟସ୍ତବିବ୍ରତ କରାଇବାର ଆଶଙ୍କା ଉପୁଜିବାର ସୂଚନା ରହିଛି। ପ୍ରତ୍ୟେକ କ୍ଷେତ୍ରରେ ଯେତେ ଭଲ କାମ କଲେ ମଧ୍ୟ ଶନିଙ୍କ ପ୍ରଭାବରୁ ସନ୍ଦେହ ଘେରରେ ରହିବେ। ଟଙ୍କା ପଇସା ଦେଣନେଣକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ।

**ତୁଳା** – ଆଜି ଦୂରସ୍ଥାନକୁ ଯାତ୍ରା କିମ୍ବା କର୍ମକ୍ଷେତ୍ରରେ ସ୍ଥାନାନ୍ତର ପାଇଁ ବ୍ୟଗ୍ରତା ପ୍ରକାଶ କରିପାରନ୍ତି। ନୂତନ ବନ୍ଧୁ ସମ୍ପର୍କ ଓ ସୁଚିନ୍ତିତ କାର୍ଯ୍ୟଧାରା କାମକୁ ଅଗ୍ରଗାମୀ କରାଇବ। ତୃତୀୟାଧିପତିଙ୍କ ପ୍ରଭାବରେ ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। ନିର୍ଦ୍ଦିଷ୍ଟ କାରଣ ନ ଥାଇ ସାୟାହ୍ନେ ମନଟା ଭଲ ଲାଗିବ ନାହିଁ।

**ବିଛା** – କୋଣଭାବସ୍ଥ ଶନି ମାନସିକ ଉଦାସୀନତା ସୃଷ୍ଟିକରି ଅନ୍ୟମାନଙ୍କ ନିକଟରେ ସନ୍ଦେହାଚ୍ଛନ୍ନ କରି ରଖିପାରେ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବା ସକାଶେ ଦିନଟି ଭଲ। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସଭା ସମିତି ଓ ମନୋରଞ୍ଜନରେ ଉତ୍ସାହିତ ହେବେ। ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନରେ ଟେନ୍‌ସନ୍ ବଢ଼ିପାରେ।

**ଧନୁ** – ଅନୁକୂଳ ଗ୍ରହସ୍ଥିତିରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବା ସକାଶେ ମନ ବଳାଇ ପାରନ୍ତି। ବିବାଦୀୟ ଘଟଣାରେ ଦୁଃସାହସିକ ପଦକ୍ଷେପ ନେବା ଠିକ୍ ହେବନି। ପଡ଼ୋଶୀଙ୍କ ସହ ନୂତନ ସ୍ଥାନ ଭ୍ରମଣ ସୁଯୋଗ ଜୁଟିପାରେ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ କହି ସହକର୍ମୀ କିମ୍ବା ଆତ୍ମୀୟମାନେ ଦୂରେଇ ରହିପାରନ୍ତି।

**ମକର** – ଏକାଦଶସ୍ଥ ଗ୍ରହଜନିତ ସମ୍ପର୍କୀୟଙ୍କୁ ସାହାଯ୍ୟ ପ୍ରତିଶ୍ରୁତି ଦେଇ ଶ୍ରଦ୍ଧାଭାଜନ ହେବେ। ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ସାଙ୍ଗକୁ ସ୍ଥଗିତ କାମଗୁଡ଼ିକ ପାଇଁ ଯୋଜନା ବନେଇ ପାରନ୍ତି। ବନ୍ଧୁଙ୍କ କଥାରେ ପ୍ରଭାବିତ ହୋଇ କୌଣସି କାମ ପାଇଁ ଆଗଭର ହୋଇପାରନ୍ତି। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ବିଶେଷ ଲାଭ ପାଇବେ।

**କୁମ୍ଭ** – ଆଜି ଦିନରେ ବହୁତ ଭଲ କାମ କରିବେ। ପୂର୍ବ ଚିନ୍ତିତ ଆଶା ଓ ଅଭିଳାଷ ପୂରଣ ହେବା ସାଙ୍ଗକୁ ଅର୍ଥ ପାଇ କାର୍ଯ୍ୟକୁ ପୂର୍ଣ୍ଣାଙ୍ଗ କରିପାରିବେ। ଦ୍ୱାଦଶସ୍ଥାନକୁ ବୃହସ୍ପତିଙ୍କ ଦୃଷ୍ଟିରୁ ସ୍ୱର୍ଣ୍ଣାଳଙ୍କାର ପ୍ରଭୃତି କ୍ରୟ କରିବା ସକାଶେ ମନ ବଳିବ। ପରିବାର ମଧ୍ୟରେ ଛୋଟ କଥାକୁ ଧରିବସିଲେ ଅଯଥା ଅଶାନ୍ତିର ବାତାବରଣ ସୃଷ୍ଟି ହୋଇପାରେ।

**ମୀନ** – କର୍ମକ୍ଷେତ୍ରରୁ ଫେରନ୍ତା ବାଟରେ ବନ୍ଧୁଙ୍କୁ ଭେଟି କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି। କେତୁଙ୍କ କୁପ୍ରଭାବରୁ ବାକି ରହିଥିବା ଅର୍ଥ ଆଦାୟ କରିବାକୁ ଯାଇ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ ଏବଂ କୌଣସି ଅନ୍ୟ ଏକ ଉଦ୍ଦେଶ୍ୟରେ ସେହି ଟଙ୍କାକୁ ବିନିଯୋଗ କରିପାରନ୍ତି।

ଆଜି ଡିସେମ୍ବର ୨ ତାରିଖ, ମାର୍ଗଶିର ଶୁକ୍ଳପକ୍ଷର ବ୍ୟଞ୍ଜନ ଦ୍ୱାଦଶୀ ମଙ୍ଗଳବାର। ଦିବା ଘ. ୦୩.୫୭ ଗତେ ଅନଙ୍ଗ ତ୍ରୟୋଦଶୀ। ରାଶିନକ୍ଷତ୍ର–ଅଶ୍ୱିନୀ/ମେଷ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୯ ଗତେ ଘ.୦୬.୫୨ ମଧ୍ୟେ, ଘ.୦୮.୫୨ ଗତେ ଘ.୧୧.୧୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୨.୧୯ ଗତେ ଘ.୦୩.୪୦ ମଧ୍ୟେ ରାହୁ କାଳ।

# ସଡ଼କ ସୁରକ୍ଷା: ୧୯ ମାସରେ ୫୯.୭୦ କୋଟି ଖର୍ଚ୍ଚ

## ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ ଲକ୍ଷ୍ୟ ବହୁ ଦୂରରେ

ଯାଜପୁର,୧।୧୨ (ହର୍ଷବର୍ଦ୍ଧନ ବେହେରା)

ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ହାର ହ୍ରାସ କରିବା ଲକ୍ଷ୍ୟ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ଏହିକ୍ରମରେ ୨୦୨୪ ଜାନୁଆରୀରୁ ୨୦୨୫ ଜୁଲାଇ ପର୍ଯ୍ୟନ୍ତ ୧୯ ମାସରେ ସରକାରଙ୍କ ତହବିଲରୁ ୫୯ କୋଟି ୭୦ ଲକ୍ଷ ୨୭ ହଜାର ୭୨୮ ଟଙ୍କା ଖର୍ଚ୍ଚ କରାଯାଇଛି। ତଥାପି ୨୦୨୪ର ଅର୍ଥାତ୍ ୩୬୫ ଦିନରେ ଓଡ଼ିଶାରେ ୧୨,୩୭୫ ଦୁର୍ଘଟଣା ଘଟି ୬,୧୪୨ ଜଣଙ୍କ ମୃତ୍ୟୁ ଘଟିଛି। ଅର୍ଥାତ୍ ଓଡ଼ିଶାରେ ଗୋଟିଏ ଦିନରେ ୧୬ରୁ ଉର୍ଦ୍ଧ୍ୱ ଜଣଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହେଉଥିବା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗ ତଥ୍ୟରୁ ଜଣାପଡ଼ିଛି। ଅନ୍ୟପକ୍ଷେ ଗତ ୩ ବର୍ଷର ରିପୋର୍ଟକୁ ହିସାବକୁ ନେଲେ ଓଡ଼ିଶାରେ ୩୬,୦୩୦ ଦୁର୍ଘଟଣାରେ ୧୭,୩୪୮ ଜଣଙ୍କ ମୃତ୍ୟୁ ଘଟିଛି। ଦେଶରେ ସଡ଼କ ଦୁର୍ଘଟଣା ମୃତ୍ୟୁରେ ଏହା ସର୍ବାଧିକ। ଏଭଳିସ୍ଥିତିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖର୍ଚ୍ଚ ହୋଇଥିବା ଉପରୋକ୍ତ ବିପୁଳ କୋଟି ଟଙ୍କାର ଲାଭ କେତେ ମିଳିଲା ଏବଂ ଜନସାଧାରଣଙ୍କ ଧନଜୀବନର ସୁରକ୍ଷା କେତେ ହେଲା ତାହା ତଦନ୍ତସାପେକ୍ଷ ବୋଲି ମତପ୍ରକାଶ ପାଇଛି। ରୋଡ୍ ସେଫ୍ଟି ଫଣ୍ଡ ମ୍ୟାନେଜମେଣ୍ଟ କମିଟି ବୈଠକର ଏକ ରିପୋର୍ଟ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଯୁଗ୍ମ ନିର୍ଦ୍ଦେଶକ ତପନ କୁମାର ମିଶ୍ର ୨୮।୧୧।୨୦୨୫ରେ କଟକ ପରିବହନ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ରୋଡ ସେଫ୍ଟି ଫଣ୍ଡ ମ୍ୟାନେଜମେଣ୍ଟ କମିଟି ବୈଠକ ରିପୋର୍ଟଅନୁସାରେ ରାଜ୍ୟର ସର୍ବାଧିକ ଦୁର୍ଘଟଣାଜନିତ ମୃତ୍ୟୁ ହେଉଥିବା ପୋଲିସ ଜିଲା ସୁନ୍ଦରଗଡ଼, କେନ୍ଦୁଝର, ଗଞ୍ଜାମ, ମୟୂରଭଞ୍ଜ, ଯାଜପୁର, ଖୋର୍ଦ୍ଧା ଓ ରାଉରକେଲାରେ ୫୦୦ ଟ୍ରାଫିକ ୱାର୍ଡେନଙ୍କୁ ମୁତୟନ କରାଯାଇଛି। ଏଥିପାଇଁ ଜଣେ ଟ୍ରାଫିକ ୱାର୍ଡେନ ପିଛା ମାସକୁ ୨୩,୩୦୦ ଟଙ୍କା ହିସାବରେ ୩ ମାସ ପାଇଁ ୩ କୋଟି ୪୯ ଲକ୍ଷ ୫୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୮୧୦ ଜଣ ଛାତ୍ର ଟ୍ରାଫିକ ସ୍ୱେଚ୍ଛାସେବୀ(ଏସ୍‌ଭି) ମୁତୟନ ହୋଇଥିବାବେଳେ ଜଣ ପିଛା ୨୦୦ ଟଙ୍କା ହିସାବରେ ୧୮୦ ଦିନ ପାଇଁ ୨ କୋଟି ୯୨ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାବାଦ୍ ସଡ଼କ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମରେ ହେଭି ଭେହିକିଲ ଡ୍ରାଇଭରମାନଙ୍କୁ ମାଗଣାରେ ଚା ବଣ୍ଟନ ପାଇଁ ୫.୫୫ ଲକ୍ଷ ଟଙ୍କା, ନ୍ୟାଶନାଲ ରୋଡ ସେଫ୍ଟି ମାସ ପାଳନରେ ୨ କୋଟି ୧୦ ଲକ୍ଷ, ୬୩ ହଜାର ୯୪୯ ଟଙ୍କା, ପୁରସ୍କାର ବାବଦକୁ ୧୪.୨୦ ଲକ୍ଷ ଟଙ୍କା, ୨୦୨୪ ବାଲିଯାତ୍ରା ଉତ୍ସବରେ ସଡ଼କ ସୁରକ୍ଷା ଷ୍ଟଲ ପାଇଁ ୭ ଲକ୍ଷ ଟଙ୍କା, ରଥଯାତ୍ରା ସମୟରେ ଓଆର୍‌ଏସ୍ କ୍ରୟ ପାଇଁ ୧ ଲକ୍ଷ, ଦ୍ୱିତୀୟ ପର୍ଯ୍ୟାୟ ନ୍ୟାଶନାଲ ଶର୍ଟ ଫିଲ୍ମ ଫେଷ୍ଟିଭାଲ ପାଇଁ ୨୯,୪୬,୭୯୯ ଟଙ୍କା, ରାଜ୍ୟର ୮୦ ସିନେମା ହଲ୍‌ରେ ସଡ଼କ ସୁରକ୍ଷା ସଚେତନତା ବାର୍ତ୍ତା ପାଇଁ ୫୨.୧୭ ଲକ୍ଷ ଟଙ୍କା, ସ୍କୁଲଗୁଡ଼ିକରେ ଟ୍ରାଫିକ କ୍ଲବ୍ ଖୋଲିବା ପାଇଁ ୫୦ ଲକ୍ଷ ଟଙ୍କା ଇତ୍ୟାଦି ବାବଦକୁ ଖର୍ଚ୍ଚ କରାଯାଇଛି। ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପୋଲିସ ଦ୍ୱାରା ସଡ଼କ ସୁରକ୍ଷା ଉପକରଣ କ୍ରୟ ବାବଦକୁ ୧୧ କୋଟି ୨୬ ଲକ୍ଷ ଟଙ୍କା, ମେଡିକାଲ ସେନ୍‌ସର ଇଣ୍ଡିଆ ପ୍ରାଇଭେଟ୍ ଲିଃ ଦ୍ୱାରା ସିଏମ୍‌ସି ଇକ୍ୟୁପମେଣ୍ଟ ସ୍ଥାପନ ପାଇଁ ୯୫.୯୫ ଲକ୍ଷ ଟଙ୍କା, ଦିଶା ପ୍ରକଳ୍ପରେ ନେଟ୍‌ୱର୍କ କନେକ୍ସନ ପାଇଁ ୧.୮୦ କୋଟି ଟଙ୍କା, ବିଏସ୍‌ଏନ୍‌ଏଲ୍‌କୁ ୧ କୋଟି ୨୮ ହଜାର ଟଙ୍କା, ଇଣ୍ଟରସେପ୍ଟର ଭେହିକିଲ ପାଇଁ ୧.୫୮ କୋଟି ଟଙ୍କା ଆଦି ଖର୍ଚ୍ଚ ହୋଇଛି। ସେହିପରି କ୍ୟାପାସିଟି ବିଲ୍ଡିଂ, ଗମନାଗମନ, କନସଲଟିଂ ଇତ୍ୟାଦି କ୍ଷେତ୍ରରେ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି।

ବିଶେଷକରି ହେଲମେଟ୍ ପରିଧାନ ନ କରି ଗାଡ଼ି ଚଳାଇବା, ମଦ୍ୟପାନ ଓ ମୋବାଇଲ ଫୋନ ଧରିବା ସହ ଅଧିକ ବେଗରେ ଗାଡ଼ି ଚଳାଇବା ଆଦି ଦୁର୍ଘଟଣାର କାରଣ ବୋଲି ବିଭିନ୍ନ ବୈଠକରେ ମତପ୍ରକାଶ ପାଇଆସୁଛି। ଏହିକ୍ରମରେ ଗତ ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ଦୁର୍ଘଟଣାଜନିତ ଶୂନ୍ୟମୃତ୍ୟୁପକ୍ଷ ପାଳନ ହୋଇଛି। ରାଜ୍ୟର ବିଭିନ୍ନ ଜାତୀୟ ରାଜପଥ(ଏନ୍‌ଏଚ୍)ରେ ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ଅଧିକ ହେଉଥିବା ପୂର୍ବ ରିପୋର୍ଟକୁ ଅବଲୋକନ କଲେ ସ୍ପଷ୍ଟ ହେଉଛି। ତ୍ରୁଟିପୂର୍ଣ୍ଣ ଏନ୍‌ଏଚ୍ ନିର୍ମାଣ, ନିମ୍ନମାନର କାର୍ଯ୍ୟ ଯୋଗୁ ଏନ୍‌ଏଚ୍‌ରେ ଖାଲଢିପ ବୃଦ୍ଧି, ନିର୍ମାଣ ସମ୍ପୂର୍ଣ୍ଣରେ ବିଳମ୍ବ, ବେଆଇନ ପାର୍କିଂ ଆଦି ଯୋଗୁ ଦୁର୍ଘଟଣା ମୃତ୍ୟୁହାର ଅଣାୟତ୍ତ ହେଉଛି। ଯାଜପୁର ଜିଲା ଦେଇ ଯାଇଥିବା ୨୦ ନମ୍ବର, ୧୬ ନମ୍ବର ଓ ୫୩ ନମ୍ବର ଏନ୍‌ଏଚ୍‌କୁ ଏହାର ଉଦାହରଣ ଭାବେ ନିଆଯାଇପାରେ। ଅନ୍ୟପକ୍ଷେ ଦୁର୍ଘଟଣାରେ ଆହତମାନଙ୍କର ଉପଯୁକ୍ତ ଚିକିତ୍ସା ପାଇଁ ପାଣିକୋଇଲିଠାରେ ଟ୍ରମାକେୟାର ସେଣ୍ଟର ସମ୍ପୂର୍ଣ୍ଣ ହେବା ସତ୍ତ୍ୱେ କାର୍ଯ୍ୟକାରୀ ନ ହେବା ମୃତ୍ୟୁହାର ବୃଦ୍ଧିର ଅନ୍ୟତମ କାରଣ ବୋଲି ମତପ୍ରକାଶ ପାଇଛି।

# ରାଜ୍ୟରେ ତାପମାତ୍ରା ବୃଦ୍ଧି ସହ ହାଲୁକା ବର୍ଷା

## ଘନ କୁହୁଡ଼ି ନେଇ ୟେଲୋ ୱାର୍ନିଂ

ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)

ଘୂର୍ଣ୍ଣିଝଡ଼ 'ଡିଟ୍‌ୱା' ପ୍ରଭାବରେ ରାଜ୍ୟରେ ବର୍ତ୍ତମାନ ଶୀତ ପ୍ରକୋପ ସାମାନ୍ୟ କମିଛି। ଅଧିକାଂଶ ସ୍ଥାନରେ ରାତି ତାପମାତ୍ରା କ୍ରମଶଃ ବୃଦ୍ଧି ପାଇଛି। ଦକ୍ଷିଣ ଉପକୂଳ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ପ୍ରାୟ ୨ ଡିଗ୍ରୀ ହ୍ରାସ ପାଇଛି। ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨ରୁ ୪ ଡିଗ୍ରୀ ସେଲ୍‌ସିୟସ ବୃଦ୍ଧି ପାଇଛି। ଅପରପକ୍ଷେ ଗତ ୨୪ ଘଣ୍ଟାରେ ଗଜପତି, ରାୟଗଡ଼ା, କୋରାପୁଟ, ବଲାଙ୍ଗୀର, କନ୍ଧମାଳ, ବରଗଡ଼, ସମ୍ବଲପୁର, ସୁନ୍ଦରଗଡ଼ ଏବଂ ଝାରସୁଗୁଡ଼ା ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତି ହାଲୁକାରୁ ହାଲୁକା ଧରଣର ବର୍ଷା ହୋଇଛି। ସେହିପରି ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କଳାହାଣ୍ଡି ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ମଧ୍ୟମ କୁହୁଡ଼ି ପଡ଼ିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ମଙ୍ଗଳବାର ଓ ବୁଧବାର ସୁନ୍ଦରଗଡ଼, ଝାରସୁଗୁଡ଼ା, କୋରାପୁଟ ଏବଂ ଅନୁଗୋଳ ଜିଲାରେ ଘନ କୁହୁଡ଼ି ପଡ଼ିବା ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ରାଜ୍ୟରେ ବର୍ତ୍ତମାନ ପାଗ ଶୁଖିଲା ରହିଥିବାବେଳେ ଡିସେମ୍ବର ୬ ପର୍ଯ୍ୟନ୍ତ ବର୍ଷା ନେଇ କୌଣସି ସୂଚନା ଦିଆଯାଇ ନାହିଁ। ରାଜ୍ୟର ସର୍ବନିମ୍ନ ତାପମାତ୍ରା ଦାରିଙ୍ଗବାଡ଼ିଠାରେ ୧୧.୫ ଡିଗ୍ରୀ ହୋଇଥିବାବେଳେ ପୁରୀରେ ସର୍ବାଧିକ ୨୯.୨ ଡିଗ୍ରୀ ରେକର୍ଡ ହୋଇଥିଲା। ସେହିପରି ଝାରସୁଗୁଡ଼ାରେ ୧୩.୭ ଡିଗ୍ରୀ, ବୌଦ୍ଧ ୧୩.୮, ଫୁଲବାଣୀ, କେନ୍ଦୁଝରଗଡ଼ ଏବଂ ବୌଦ୍ଧରେ ୧୪, କୋରାପୁଟରେ ୧୪.୨, ରାଉରକେଲାରେ ୧୪.୫, ଅନୁଗୋଳ ଓ ଢେଙ୍କାନାଳରେ ୧୪.୬, କଟକରେ ୧୫.୬ ଏବଂ ଭୁବନେଶ୍ୱରରେ ୧୬ଡିଗ୍ରୀ ସେଲ୍‌ସିୟସ୍ ତାପମାତ୍ରା ରେକର୍ଡ କରାଯାଇଛି।

ଅପରପକ୍ଷେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ତାମିଲନାଡୁ-ପୁଡୁଚେରୀ ଉପକୂଳରେ ସୃଷ୍ଟି ହୋଇଥିବା ଗଭୀର ଅବପାତ (ଘୂର୍ଣ୍ଣିଝଡ଼ ଡିଟ୍‌ୱାର ଅବଶିଷ୍ଟାଂଶ) ସୋମବାର ସକାଳ ୮.୩୦ରେ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର, ଉତ୍ତର ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ଉପରେ କେନ୍ଦ୍ରିତ ହୋଇଥିଲା। ଏହା ଉତ୍ତର ତାମିଲନାଡୁ-ପୁଡୁଚେରୀ ଏବଂ ଦକ୍ଷିଣ ଆନ୍ଧ୍ରପ୍ରଦେଶ ଉପକୂଳ ସହ ସମାନ୍ତରାଳ ଭାବେ ଧୀରେ ଧୀରେ ଉତ୍ତର ଆଡ଼କୁ ଗତିକରି ଆସନ୍ତା ୧୨ଘଣ୍ଟା ମଧ୍ୟରେ ଏକ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ଏହି ପ୍ରଣାଳୀ ସୋମବାର ମଧ୍ୟାହ୍ନ ସୁଦ୍ଧା ଚେନ୍ନାଇ ଉପକୂଳରୁ ଅତି କମ୍‌ରେ ୩୦ କି.ମି. ଦୂରତା ମଧ୍ୟରେ ଦକ୍ଷିଣ-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ କେନ୍ଦ୍ରୀଭୂତ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।



ସୋମବାର କୋଣାର୍କ ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଭାରତନାଟ୍ୟମ ନୃତ୍ୟ 'ଶିବଭହୋମ' ପରିବେଷଣ କରାଯାଉଛି। (ଜ୍ୟୋତିରାଜ ମହାନ୍ତି)

# ବିଜେଡି ଛାଡ଼ିଲେ ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ

ବାସୁଦେବପୁର,୧।୧୨ (କାଳିପଦ ରାୟ/ନାରାୟଣ ପ୍ରସାଦ ବାରିକ୍)


ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ।

ଭଦ୍ରକରେ ବିଜେଡି ଗଡ଼ ଦୋହଲିବାରେ ଲାଗିଛି। ଜଣକ ପରେ ଜଣେ ନେତା ଦଳ ଛାଡ଼ି ଯାଉଛନ୍ତି। ଦୁଇଦିନ ତଳେ ବନ୍ତ, ଭଣ୍ଡାରିପୋଖରୀ ଓ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଅଧ୍ୟକ୍ଷ ବିଜେଡିରୁ ଇସ୍ତଫା ଦେବା ଚର୍ଚ୍ଚା ଥମି ନ ଥିବାବେଳେ ସୋମବାର ଦଳ ଛାଡ଼ିଛନ୍ତି ବାସୁଦେବପୁର ବ୍ଲକ୍ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ଯାହାକି ବିଜେଡିକୁ ବଡ଼ ଝଟ୍‌କା ବୋଲି କୁହାଯାଉଛି। ବିଶ୍ୱାଳ ତାଙ୍କ ଇସ୍ତଫା ପତ୍ର ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ନିକଟକୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣ ଯୋଗୁ ସେ ଦଳ ଛାଡୁଥିବା ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି।

# ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ

## ଦେଢ଼ବର୍ଷରେ ୮୨ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ

ଭୁବନେଶ୍ୱର,୧।୧୨ (ସତ୍ୟଜିତ ରାଉତ)

ରାଜ୍ୟରେ ବହୁ ଦୁର୍ନୀତିଗ୍ରସ୍ତ ସରକାରୀ ବାବୁ ଭିଜିଲାନ୍ସ ଜାଲରେ ଧରାପଡ଼ିବା ପରେ ସେମାନଙ୍କ ସମ୍ପତ୍ତି ସାମ୍ରାଜ୍ୟ ପଦାକୁ ଆସୁଛି। ଘର ଯାଞ୍ଚ ବେଳେ ବିପୁଳ ସୁନା ଅଳଙ୍କାର ଓ ନଗଦ ଟଙ୍କା ମିଳୁଛି। ସରକାରୀ କର୍ମଚାରୀଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଦେଖି ସଭିଏଁ ଚକିତ ହେଉଛନ୍ତି। ରାଜ୍ୟରେ ଗତ ପ୍ରାୟ ଦେଢ଼ବର୍ଷ ମଧ୍ୟରେ ୮୨ଜଣ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ କରାଯାଇ ସେମାନଙ୍କଠାରୁ ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ସୋମବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ରଖିଛନ୍ତି। ରାୟଗଡ଼ା ବିଧାୟକ କାଡ୍ରାକା ଆପଲ ସ୍ୱାମୀଙ୍କ ଅଣତାରକା ପ୍ରଶ୍ନରେ ମୁଖ୍ୟମନ୍ତ୍ରୀ ରଖିଥିବା ଉତ୍ତରରୁ ସରକାରୀ ବାବୁଙ୍କ ସମ୍ପତ୍ତି ସାମ୍ରାଜ୍ୟ ସାମ୍ନାକୁ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ନୂତନ ସରକାର ଆସିବା ପରେ ଅର୍ଥାତ ୨୦୨୪ ଜୁନ ୧୨ଠାରୁ ଚଳିତବର୍ଷ ନଭେମ୍ବର ୨୧ ତାରିଖ ମଧ୍ୟରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ଦ୍ୱାରା ମୋଟ ୩୧୮ ମାମଲା ରୁଜୁ କରାଯାଇ ଚଢ଼ାଉ କରାଯାଇଛି। ଏଥିମଧ୍ୟରୁ ୮୨ଜଣ ସରକାରୀ କର୍ମଚାରୀଙ୍କ ଉପରେ ଚଢ଼ାଉ କରାଯାଇଛି। ସେମାନଙ୍କଠାରୁ ୨୦୮.୨୪ କୋଟି ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ଲାଞ୍ଚ ମାମଲାରେ ୨୬୬ ଜଣ ସରକାରୀ ଅଧିକାରୀ ତଥା କର୍ମଚାରୀ, ୧୨ଜଣ ଅନ୍ୟ ଲୋକସେବକ ଏବଂ ୩୮ ଜଣ ସାଧାରଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଭିଜିଲାନ୍ସ କୋର୍ଟରେ ୧୮୭ ଜଣ ସରକାରୀ କର୍ମଚାରୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିସହ ଦଣ୍ଡାଦେଶ ଆଧାରରେ ୩୪ଜଣ ସରକାରୀ କର୍ମଚାରୀଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ସେହିପରି ୬୫ ଜଣ ସରକାରୀ କର୍ମଚାରୀଙ୍କ ପେନସନ୍ ରାଶି ବନ୍ଦ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୩୧ଜଣ ସରକାରୀ ଅଧିକାରୀଙ୍କ ବିରୋଧରେ ଏକାଧିକ ଥର ଭିଜିଲାନ୍ସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ଦିଆଯାଇଛି।

# ଜନ ବିଶ୍ୱାସ ନୁହେଁ, ଜନ ଅବିଶ୍ୱାସ ବିଲ୍: ବିରୋଧୀ

ଭୁବନେଶ୍ୱର,୧।୧୨ (ସୁନିତ୍ ମିଶ୍ର)

- ଜନ ବିଶ୍ୱାସ ବିଲ୍ ୨୦୨୫ ଉପସ୍ଥାପନ
- କେନ୍ଦ୍ର ସରକାର ୨୦୨୩ରୁ ସବୁ ରାଜ୍ୟକୁ ବିଲ୍ ଲାଗୁ କରିବାକୁ କହିଥିଲେ

ବିଧାନସଭାରେ ସୋମବାର ଓଡ଼ିଶା ଜନ ବିଶ୍ୱାସ ବିଲ୍, ୨୦୨୫ ଉପସ୍ଥାପିତ ହୋଇଛି। ଏହି ବିଲ୍ ଉପସ୍ଥାପନ କରି ମନ୍ତ୍ରୀ ସମ୍ପଦ ଚରଣ ସ୍ୱାଇଁ କହିଛନ୍ତି, ଭାରତ ସରକାର ୨୦୨୩ରୁ ଜନ ବିଶ୍ୱାସ ବିଲ୍ ଲାଗୁ କରିଥିଲେ। ଏହାପରେ ସବୁ ରାଜ୍ୟରେ ଉକ୍ତ ବିଲ୍ ଆଣିବା ଲାଗି କେନ୍ଦ୍ର ସରକାର କହିଥିଲେ। ମଧ୍ୟପ୍ରଦେଶ, ତାମିଲନାଡୁ, ଉତ୍ତର ପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ଛତିଶଗଡ଼, ହରିୟାଣା, ତ୍ରିପୁରା ଏବଂ ମେଘାଳୟ ଭଳି ୯ଟି ରାଜ୍ୟ ଏହି ବିଲ୍ ଲାଗୁ କରିସାରିଛନ୍ତି। ଉକ୍ତ ବିଲ୍‌ରେ ମୁଖ୍ୟତଃ ୧୬ଟି ବିଲ୍ ରଖାଯାଇଛି। ଏହି ବିଲ୍‌ରେ ମୁଖ୍ୟତଃ ୪ଟି ସଂଶୋଧନ ପ୍ରସ୍ତାବ ରହିଛି। ରାଜ୍ୟରେ ନିବେଶକଙ୍କ ପାଇଁ ଏକ ଭଲ ପରିବେଶ ସୃଷ୍ଟି କରିବା ସହ ସେମାନଙ୍କୁ ସୁଦୃଢ଼କରିବା ଏହି ବିଲ୍‌ର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଛନ୍ତି। ଅନ୍ୟପଟେ ବିରୋଧୀ କଂଗ୍ରେସ ଏବଂ ବିଜେଡି ଏହାକୁ ଜନ ବିଶ୍ୱାସ ନୁହେଁ, ଜନ ଅବିଶ୍ୱାସ ବିଲ୍ ବୋଲି କହିଛନ୍ତି।

ବିଜେଡି ପକ୍ଷରୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଜନ ବିଶ୍ୱାସ ଏବଂ ଜନ ଅବିଶ୍ୱାସରେ ପରିଣତ ହେବାକୁ ଯାଉଛି। ସରକାର ଯେଉଁ ନିଷ୍ପତ୍ତି ନେବାକୁ ଚାହୁଁଛନ୍ତି ସେଥିରୁ ବିରତି ରୁହନ୍ତୁ। ନ ହେଲେ ବହୁ ଅସୁବିଧାର ସମ୍ମୁଖୀନ ହେବେ। ଗଞ୍ଜାମରେ ଜୁଆଖେଳ ବନ୍ଦ କରିବା ପାଇଁ ଯେଉଁ ପ୍ରାବଧାନ ରହିଥିଲା ତାକୁ ପରିବର୍ତ୍ତନକରିପଇସା ଦେଇ ଖସିଯିବା ପାଇଁ ବାଟ ତିଆରି କରାଯାଇଛି। ଏଣିକି ଆଉ ଜୁଆ ଖେଳିଲେ ପୋଲିସ ଧରିବ ନାହିଁ। ଏଥିରେ ସରକାରଙ୍କ ପ୍ରତି ଯାହା ଜନ ବିଶ୍ୱାସ ବଢ଼ିବ ବୋଲି ରଣେନ୍ଦ୍ର ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଏହି ବିଲ୍‌ରେ ଆଉ ଏକ ବ୍ୟବସ୍ଥା କରାଯାଇଛି, ଓଡ଼ିଶା ବିଦ୍ୟୁତ୍(ଦେୟ) ଅଧିନିୟମ ଅଣାଯାଇଛି। ଏହାଦ୍ୱାରା ଟାଟା ଭଳି କମ୍ପାନୀକୁ ସାହାଯ୍ୟ କରିବାକୁ ବାଟ ତିଆରି ହେବ। ଏଣିକି ବିଦ୍ୟୁତ୍ ବିଲ୍ ବଢ଼ିଚାଲିଥିବା ବେଳେ ଟାଟା କମ୍ପାନୀ ଯେଉଁସବୁ ସୁବିଧା ଦେବା କଥା ସେସବୁ ନ ଦେଇ ଦେୟ ଫାଙ୍କିବାରେ ଲାଗିଛି। ହେଲେ ସେହି କମ୍ପାନୀ ଭୁଲ୍ କଲେ ମଧ୍ୟ ସେମାନଙ୍କୁ ଆଉ ଆଗକୁ ଧରିହେବ ନାହିଁ। କାରଣ ସରକାର ଇଜ୍ ଅଫ୍ ଡୁଇଙ୍ଗ୍ ଆକ୍ଟରେ ଚଳାଇବେ। ଯେଉଁ ୧୬ଟା ବିଲ୍ ମିଶାଇ ଜନ ବିଶ୍ୱାସ ବିଲ୍ କରି ଆଣିଛନ୍ତି ଏଥିରେ ଗରିବମାନେ ମରିବେ ବୋଲି ରଣେନ୍ଦ୍ର କହିଛନ୍ତି।

ସେହିପରି ଏହି ଜନ ବିଶ୍ୱାସ ବିଲ୍ ଭିତରେ ଓଡ଼ିଶା ଦୋକାନ ଏବଂ ବାଣିଜ୍ୟିକ ପ୍ରତିଷ୍ଠାନ (ସଂଶୋଧନ) ବିଲ୍ ରହିଥିବାରୁ ବିରୋଧୀ ସଦସ୍ୟମାନେ ଏହାକୁ ନେଇ ପ୍ରଶ୍ନ ଉଠାଇଥିଲେ। ଗୋଟିଏ ବିଲ୍ ୨ ଥର ସରକାର କାହିଁକି ଆଣୁଛନ୍ତି ବୋଲି ବିରୋଧୀ ପ୍ରଶ୍ନ ଉଠାଇଥିଲେ।

# ଏଡ୍‌ସ ନିୟନ୍ତ୍ରଣ ପାଇଁ ସଚେତନତା ଆବଶ୍ୟକ

ଭୁବନେଶ୍ୱର,୧।୧୨ (ବନ୍ଦନା ସେଠୀ)

ଏଡ୍‌ସ ରୋଗ ନିୟନ୍ତ୍ରଣ କରିବାକୁ ଜନ ସଚେତନତା ଆବଶ୍ୟକ। ଏଥିନିମନ୍ତେ ଅନେକ କାର୍ଯ୍ୟକ୍ରମ ବିଭିନ୍ନ ସ୍ତରରେ କରାଯାଉଛି। ଏହି କାର୍ଯ୍ୟକ୍ରମ ଲୋକଙ୍କ ପାଖରେ ପହଞ୍ଚିଲେ ମୂଳ ଉଦ୍ଦେଶ୍ୟ ସାଧିତ ହେବ ଏବଂ ଏଡ୍‌ସକୁ ସମୂଳ ନିୟନ୍ତ୍ରଣ କରିବାକୁ ସଫଳ ହେବା ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସୋମବାର ବିଶ୍ୱ ଏଡ୍‌ସ ଦିବସ ଅବସରରେ କ୍ୟାପିଟାଲ ହସ୍ପିଟାଲଠାରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହାକୁ ଉଦ୍‌ଘାଟନ କରି ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଲେ, ଏଡ୍‌ସ ନିୟନ୍ତ୍ରଣ ପାଇଁ ଅଧିକରୁ ଅଧିକ ଜନ ସଚେତନତା ସୃଷ୍ଟି କରିବା ସହ ପୀଡ଼ିତ ରୋଗୀଙ୍କୁ ଘୃଣା ନ କରି ଆବଶ୍ୟକୀୟ ଚିକିତ୍ସା ସୁନିଶ୍ଚିତ କରିବା ଉଚିତ। ବିଶ୍ୱ ଏଡ୍‌ସ ଦିବସ 'ବିଭ୍ରାଟକୁ ଦୂର କରିବା, ଏଡ୍‌ସ ପ୍ରତିକ୍ରିୟାକୁ ରୂପାନ୍ତରିତ କରିବା' ଥିମ୍‌ରେ ଏଥର କାର୍ଯ୍ୟକ୍ରମ କରାଯାଉଛି। ସଚେତନତା ଶୋଭାଯାତ୍ରାରେ କୋଟପାଡ଼ ବିଧାୟକ ରୁପୁ ଭତ୍ରା, ମାଲକାନଗିରି ବିଧାୟକ ନରସିଂହ ମାଡ଼କାମୀ, ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, କଣ୍ଟାବାଞ୍ଜି ବିଧାୟକ ଲକ୍ଷଣ ବାଗ, ବିଭାଗର ସଚିବ ଅଶ୍ୱତି ଏସ୍, ବିଭାଗୀୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ରଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଏବଂ ଓସାକ୍ସର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜିଠାରୁ ରାଜ୍ୟରେ ଧାନ ସଂଗ୍ରହ

## ମନ୍ତ୍ରୀଙ୍କ ସହ ମିଲର୍ସ ଆସୋସିଏଶନର ଆଲୋଚନା


ମିଲର୍ସ ଆସୋସିଏଶନ ପକ୍ଷରୁ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଦାବିପତ୍ର ଦିଆଯାଉଛି।

ଭୁବନେଶ୍ୱର,୧।୧୨ (ସୁଚିସ୍ମିତା ସାହୁ)

ରାଜ୍ୟରେ ମଙ୍ଗଳବାରଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହେବ। ଲୋକସେବା ଭବନସ୍ଥିତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ କାର୍ଯ୍ୟାଳୟରେ ରାଜ୍ୟ ଏବଂ ଜିଲା ରାଇସ ମିଲର୍ସ ଆସୋସିଏଶନର ଏକ ବୈଠକରେ ଧାନ ସଂଗ୍ରହ ନେଇ ବିସ୍ତୃତ ଆଲୋଚନା ହୋଇଛି। ଏହି ଅବସରରେ ମିଲର୍ସ ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିଗୁଡ଼ିକୁ ବିଚାରକୁ ନିଆଯାଇ ଖୁବଶୀଘ୍ର ସମାଧାନ କରାଯିବ ବୋଲି ମନ୍ତ୍ରୀ ପାତ୍ର କହିବା ପରେ ସହଯୋଗ ପାଇଁ ମିଲର୍ସମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହ ଧାନ କିଣା ପାଇଁ ରାଜ୍ୟ ଯୋଗାଣ ନିଗମ ସହ କଷ୍ଟମ ମିଲର୍ସର ବୁଝାମଣା ପତ୍ର ସ୍ୱାକ୍ଷର ପରେ ମଙ୍ଗଳବାରଠାରୁ ଧାନ ସଂଗ୍ରହ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହେବ।

ଚଳିତ ଖରିଫ ଋତୁରେ ରାଜ୍ୟରେ ଧାନ କିଣା ନେଇ ସରକାରୀସ୍ତରରେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଛି। ପଞ୍ଜୀକୃତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରାଯିବା ସହ ସେମାନଙ୍କୁ ପ୍ରାପ୍ୟ ପ୍ରଦାନ ଉପରେ ମଧ୍ୟ ସରକାର ବିହିତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଚାଷୀମାନଙ୍କ ସ୍ୱାର୍ଥ ରକ୍ଷା ଦିଗରେ ଉକ୍ତ ବୈଠକରେ ଆଲୋଚନା କରାଯାଇଛି। ଏହି ବୈଠକରେ ଓଡ଼ିଶା ରାଇସ ମିଲର୍ସ ଆସୋସିଏଶନର ସଭାପତି ମହେଶ କୁମାର ବଂଶଲ, ସାଧାରଣ ସମ୍ପାଦକ ଲକ୍ଷ୍ମୀନାରାୟଣ ଦୀପକ ରଞ୍ଜନ ଦାସ, ସମସ୍ତ ୩୦ଟି ଜିଲାର ମିଲର୍ସ ସଂଘ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ହାତୀଛୁଆ ପଦ୍ମପୁର ଉଦ୍ଧାର କେନ୍ଦ୍ରକୁ ଗଲା

## ହାତୀଛୁଆକୁ ମା', ପଲ ଗ୍ରହଣ ନ କରିବା ଘଟଣା

କେନ୍ଦୁଝର,୧।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ସୁକଡୋଳା ଗ୍ରାମ ଜଙ୍ଗଲରୁ ଉଦ୍ଧାର ହାତୀଛୁଆକୁ ତା'ର ମା' ଓ ପଲ ଗ୍ରହଣ ନ କରିବାରୁ ଶେଷରେ ପଦ୍ମପୁର ହାତୀଛୁଆ ଉଦ୍ଧାର କେନ୍ଦ୍ରକୁ ପଠାଯାଇଛି। ଦୀର୍ଘ ଦିନ ଧରି ବନ ବିଭାଗ ପକ୍ଷରୁ ହାତୀଛୁଆକୁ ପଲରେ ମିଶାଇବା ଉଦ୍ୟମ କରାଯାଉଥିଲା। ବନ କର୍ମଚାରୀ ନିରାଶହେବା ପରେ ୬ ବର୍ଷର ହାତୀଛୁଆକୁ ସଦର ବ୍ଲକ୍ ପଦ୍ମପୁର ମେଗା ନର୍ସରି ପରିସରରେ ଥିବା ଶିଶୁ ୟୁନିଟ୍‌ରେ ରଖି ଦେଖାରଖା କରାଯାଉଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ୫ ଦିନ ପୂର୍ବେ ବାଂଶପାଳ ବ୍ଲକ୍ ସୁକଡୋଳା ଗ୍ରାମ ନିକଟ ଜଙ୍ଗଲରୁ ଛୁଆହାତୀଟି ଏକ ୫ ଫୁଟ୍ ଖାଲରେ ପଡ଼ିଥିଲା। ଗ୍ରାମବାସୀଙ୍କ ନିକଟରୁ ଖବର ପାଇ ବନ ବିଭାଗ ସେଠାକୁ ଯାଇ ଉଦ୍ଧାର କରିଥିଲା। ତାକୁ ନ ଛୁଇଁ ଉଦ୍ଧାର କରାଯାଇଥିଲେ ହେଁ ହାତୀପଲ ଓ ତା'ର ମା' ଗ୍ରହଣ କରି ନ ଥିଲେ। ପଲରେ ମିଶାଇବାକୁ ବାରମ୍ବାର ଉଦ୍ୟମ କରାଯାଇଥିଲା। ହାତୀପଲ ଗ୍ରହଣକରି ପୁଣି ଛାଡ଼ି ଦେଉଥିଲେ। ରବିବାର ରାତିରେ ଶେଷଥର ମିଶାଇବାକୁ ଉଦ୍ୟମ କରାଯାଇଥିଲା। ମାତ୍ର ପଲ ଗ୍ରହଣକରି ନ ଥିଲା। ସୋମବାର ବନ କର୍ମଚାରୀମାନେ ଡିଏଫ୍‌ଓଙ୍କ ନିର୍ଦ୍ଦେଶରେ ପଦ୍ମପୁରସ୍ଥିତି ମେଗା ନର୍ସରି ପରିସରରେ ଥିବା ଛୁଆହାତୀ ଉଦ୍ଧାର କେନ୍ଦ୍ର ଶିଶୁ ୟୁନିଟ୍‌ରେ ଛାଡ଼ିଥିଲେ। ସେଠାରେ ଛୁଆହାତୀର ଦେଖାରଖା କରାଯାଉଛି। ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା ଅନୁଯାୟୀ, ଛୁଆହାତୀର ସ୍ୱାସ୍ଥ୍ୟ ଭଲ ଅଛି, ସାଧାରଣ ଭାବେ ଚଳପ୍ରଚଳ କରୁଛି। ଝାଡ଼ା ଓ ପରିସ୍ରା କରିପାରୁଛି। ଥରକୁ ଦେଢ଼ରୁ ୨ ଲିଟର କ୍ଷୀର ପିଉଥିବା ବେଳେ ଦିନକୁ ୫ରୁ ୬ ଥର ଦିଆଯାଉଛି। ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ବାରମ୍ବାର ଚେଷ୍ଟା କରିବା ଠିକ୍ ହେବ ନାହିଁ। ଏବେ ହାତୀ ଛୁଆର ସ୍ୱାସ୍ଥ୍ୟ ଅବସ୍ଥାକୁ ଦେଖିବାକୁ ହେବ। ସୁସ୍ଥ ଅଛି, ଡାକ୍ତରଙ୍କ ନିରୀକ୍ଷଣରେ ରହିଛି, କୌଣସି ସମସ୍ୟା ନାହିଁ। ପିସିସିଏଫ (ବନ୍ୟପ୍ରାଣୀ)ଙ୍କ ଆଦେଶକୁ ଅପେକ୍ଷା କରାଯାଇଛି। ଯାହା ନିର୍ଦ୍ଦେଶ ହେବ ସେଭଳି ପଦକ୍ଷେପ ନିଆଯିବ।



ପଦ୍ମପୁର ଉଦ୍ଧାର କେନ୍ଦ୍ରରେ ହାତୀଛୁଆ।

# ବଜେଟ ଟଙ୍କା ଖର୍ଚ୍ଚକୁ ନେଇ ଗୃହ ସରଗରମ

ଭୁବନେଶ୍ୱର,୧।୧୨ (ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ବଜେଟ ଟଙ୍କା ଖର୍ଚ୍ଚ ହୋଇପାରୁନାହିଁ। ରାଜ୍ୟର ବିକାଶ କିଭଳି ହେବ ବୋଲି କହି ବିରୋଧୀ ବିଜୁ ଜନତା ଦଳ(ବିଜେଡି) ଓ କଂଗ୍ରେସ ସୋମବାର ପ୍ରଶ୍ନକାଳରେ ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଥିଲେ। ମାତ୍ର ଅର୍ଥ ବିଭାଗ ପକ୍ଷରୁ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର ଉତ୍ତର ରଖି କହିଥିଲେ, ଚଳିତବର୍ଷ ବର୍ଷା ଯୋଗୁ କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚ ଟିକିଏ ଧିମେଇଛି। ହେଲେ ମାର୍ଚ୍ଚ ସୁଦ୍ଧା ଏହା ୧୦୦% ହେବ।

ବିଧାନସଭାର ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବାଚସ୍ପତି ସୁରମା ପାଢ଼ୀ ବଜେଟ ଅର୍ଥର ଖର୍ଚ୍ଚ ହିସାବ ଦେବାକୁ ମନ୍ତ୍ରୀଙ୍କୁ ଡାକିଥିଲେ। ମନ୍ତ୍ରୀ ଉତ୍ତର ପଢ଼ିବା ପରେ ମୂଳପ୍ରଶ୍ନକର୍ତ୍ତା ବିଜେଡି ବିଧାୟକ ପ୍ରତାପ କେଶରୀ ଦେବ କହିଥିଲେ, ସରକାରଙ୍କ ଅଧିକାଂଶ ବିଭାଗ ଏପର୍ଯ୍ୟନ୍ତ ଧାର୍ଯ୍ୟ ଅର୍ଥ ଖର୍ଚ୍ଚ କରିପାରି ନାହାନ୍ତି। କେଉଁ ବିଭାଗ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତାହାର ତାଲିକା ପ୍ରତାପ ଲୋଡ଼ିଥିଲେ। ଏହାକୁ ନେଇ ମନ୍ତ୍ରୀ ତାଙ୍କ ଉତ୍ତରରେ କହିଥିଲେ, ଅକ୍ଟୋବର ଶେଷ ସୁଦ୍ଧା ୧ ଲକ୍ଷ ୧୪ ହଜାର ୫୧୮ କୋଟି ଟଙ୍କା ଖର୍ଚ୍ଚ ହୋଇଛି; ଯାହାକି ମୋଟ ବଜେଟର ୩୯ ପ୍ରତିଶତ। ସେ କହିଥିଲେ, ଗତବର୍ଷ ତୁଳନାରେ ଚଳିତ ଆର୍ଥିକବର୍ଷ ଅକ୍ଟୋବର ସୁଦ୍ଧା ଅଧିକ ଖର୍ଚ୍ଚ ହୋଇଛି। ଗତବର୍ଷ ଅକ୍ଟୋବର ସୁଦ୍ଧା ୩୬ ପ୍ରତିଶତ ଖର୍ଚ୍ଚ ହୋଇଥିବା ବେଳେ ବର୍ତ୍ତମାନ ଚଳିତବର୍ଷ ୩୯ ପ୍ରତିଶତ ହୋଇଛି। କାର୍ଯ୍ୟକ୍ରମ ବ୍ୟୟ ଗତବର୍ଷ ୩୨ ପ୍ରତିଶତ ହୋଇଥିବା ବେଳେ ଏଥର ୩୬ ପ୍ରତିଶତ ହୋଇଛି। ଖାଦ୍ୟ ଯୋଗାଣ ଭଳି ବିଭାଗରେ ୭୦ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ଏହି ଅବସରରେ ପ୍ରତାପ ଦେବ ପ୍ରଶ୍ନ କରିଥିଲେ କି ଡବଲ ଇଞ୍ଜିନ ସରକାର କାମ କରୁଛି ନା ନାହିଁ। ମହିଳା ଓ ଶିଶୁ ବିକାଶ ବିଭାଗ, ସ୍କୁଲ ଓ ଗଣଶିକ୍ଷା ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଶକ୍ତି, ପୂର୍ତ୍ତ, ଜଳସମ୍ପଦ ପରି ବିଭାଗର ବଜେଟ ଖର୍ଚ୍ଚ ନୈରାଶ୍ୟଜନକ ରହିଛି। କେନ୍ଦ୍ରୀୟ ଅନୁଦାନ ୪୧ ପ୍ରତିଶତ ଆଣିବାକୁ ଲକ୍ଷ୍ୟ ଥିଲା କିନ୍ତୁ ମାତ୍ର ୧୮ ପ୍ରତିଶତ ଅନୁଦାନ ମିଳିଛି।

ସେ କହିଥିଲେ, ମୁଖ୍ୟମନ୍ତ୍ରୀ ପୂର୍ତ୍ତମନ୍ତ୍ରୀଙ୍କୁ ଭାଲୁ ଧରାଇଦେଇଛନ୍ତି। ବର୍ଷା ଯୋଗୁ ଖର୍ଚ୍ଚ ଅଟକିବା ଯଦି ଠିକ୍ କଥା ତେବେ ରାଜସ୍ୱ କେଉଁଭଳି ଭାବେ ବଢ଼ିଛି ବୋଲି ସେ ଯୁକ୍ତି ବାଢ଼ିଥିଲେ। ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଥିଲେ, ବଜେଟ ବଢ଼ିଛି କିନ୍ତୁ ଖର୍ଚ୍ଚ କମ୍ ହୋଇଛି। ସରକାରଙ୍କ ଆନ୍ତରିକତା ନାହିଁ। ଗତ ୬-୭ ମାସରେ ଯଦି ଖର୍ଚ୍ଚ ହୋଇପାରିଲା ନାହିଁ, ଆଉ ୩ ମାସରେ କିପରି ଖର୍ଚ୍ଚ ହେବ ବୋଲି ସେ ପ୍ରଶ୍ନ କରିଛନ୍ତି।

ସେହିପରି ବିଜେଡି ବିଧାୟକ ନିରଞ୍ଜନ ପୂଜାରୀ କ୍ୟାପିଟାଲ ଏକ୍ସପେଣ୍ଡଚର୍‌ର ପୂର୍ଣ୍ଣାଙ୍ଗ ତଥ୍ୟ ଲୋଡ଼ିଥିଲେ। ସନାତନ ବିଜୁଳି ବିକଶିତ ଗାଁ, ବିକଶିତ ଓଡ଼ିଶାର ଗୁରୁତ୍ୱ ନେଇ ଗୃହକୁ ଜଣାଇଥିଲେ। ମନ୍ତ୍ରୀ ହରିଚନ୍ଦନ କହିଛନ୍ତି,ଅତ୍ୟଧିକ ବର୍ଷା କାରଣରୁ ଭିତ୍ତିଭୂମି କ୍ଷେତ୍ରରେ ବ୍ୟୟ କମ୍ ରହିଥିଲା। ଏହା ସତ୍ତ୍ୱେ ମାର୍ଚ୍ଚ ମାସ ସୁଦ୍ଧା ଶତ ପ୍ରତିଶତ ଖର୍ଚ୍ଚ ହେବ । ବିକଶିତ ଗାଁ ବିକଶିତ ଓଡ଼ିଶା ଗାଇଡ୍ ଲାଇନରେ ଟିକେ ପରିବର୍ତ୍ତନ ହୋଇଛି। କେନ୍ଦ୍ରୀୟ ଅନୁଦାନ ବର୍ତ୍ତମାନ ସୁଦ୍ଧା ୪୨ହଜାର ୪୨୦କୋଟିରୁ ଅଧିକ ରହିଛି। ଅର୍ଥାତ ୪୧ପ୍ରତିଶତ କେନ୍ଦ୍ରୀୟ ଅନୁଦାନ ରାଜ୍ୟ ପାଇ ସାରିଛି। କେନ୍ଦ୍ରୀୟ ଅନୁଦାନକୁ ନେଇ ବିରୋଧୀ କୌଣସି ଦ୍ୱନ୍ଦ୍ୱରେ ରହିବାର ନାହିଁ ବୋଲି ମନ୍ତ୍ରୀ କହିଥିଲେ।

ଭଗବତ୍ ପ୍ରେମର ଅବ୍ୟବହିତ ନିମ୍ନ ଦେଶରେ ରହିଛି ମଣିଷ ଭିତରେ ଭଗବାନଙ୍କୁ ଭଲ ପାଇବା । ଏଠାରେ ହିଁ ଲାଭ ହୁଏ ବସ୍ତୁର ଆନନ୍ଦ । ... ଭଗବତ ପ୍ରେମ ଓ ସର୍ବଭୂତରେ ଦୟାଭାବ ହେଲା ପୂର୍ଣ୍ଣଜ୍ଞାନର ପ୍ରଥମ ସୋପାନ । -ଶ୍ରୀଅରବିନ୍ଦ



# ଆରାବଳିକୁ ମାରିଦେବେ

ଆରାବଳି ଭାରତର ଉତ୍ତର-ପଶ୍ଚିମାଞ୍ଚଳ ଭାଗରେ ଅବସ୍ଥିତ ସବୁଠାରୁ ପୁରୁଣା ପର୍ବତମାଳା । ପ୍ରାୟ ୨୦୦ କୋଟି ବର୍ଷ ପୂର୍ବରୁ ଏହା ସୃଷ୍ଟି ହୋଇଥିଲା । ତୁଳନାତ୍ମକ ଭାବେ ଦେଖିଲେ ହିମାଳୟ ପର୍ବତମାଳା ୪୦ରୁ ୫୦ ନିୟୁତ ବର୍ଷ ପୂର୍ବେ ଗଠିତ ହୋଇଥିଲା । ଆରାବଳି ଦକ୍ଷିଣ-ପଶ୍ଚିମ ଦିଗରେ ପ୍ରାୟ ୬୭୦ କିଲୋମିଟର ଲମ୍ବିଛି, ଯାହା ଦିଲ୍ଲୀରୁ ଆରମ୍ଭ ହୋଇ ଦକ୍ଷିଣ ହରିୟାଣା, ରାଜସ୍ଥାନ ଦେଇ ଗୁଜରାଟର ଅହମଦାବାଦରେ ସରିଛି । ଆରାବଳି ପର୍ବତମାଳା ଭାରତର ସର୍ବାଧିକ ପୁରୁଣା ଫୋଲ୍ଡ ବା ଭଙ୍ଗିଳ ପର୍ବତମାଳା ଭାବେ ଜଣାଶୁଣା । ଆରାବଳି ସମ୍ପର୍କରେ ପିଲାଟି ବେଳୁ ପଢ଼ିଛୁ ଯେ, ଏହା ଜୈବବିବିଧତା ବଜାୟ ରଖିବା ସହ ଜଳସ୍ତରକୁ ପୁନଃଭରଣ କରିଥାଏ । ଏଥିସହିତ ଏହା ଉତ୍ତର ଭାରତ ଆଡ଼କୁ ପ୍ରବାହ ହେଉଥିବା ଗରମ ପବନର ଗତିରୋଧ କରିବା ଓ ଥାର୍ ମରୁଭୂମିର ଭାରତ-ଗାଙ୍ଗେୟ ସ୍ଥଳଭାଗ ଆଡ଼କୁ ଅଗ୍ରସର ହେବାକୁ ରୋକିବାରେ ସହାୟକ ହୋଇଥାଏ ।

ଆରାବଳିକୁ ନେଇ ସଦ୍ୟ ଆଲୋଚନା ଆରମ୍ଭ ହୋଇଛି । ଏହାର ପ୍ରଚ୍ଛଦପଟରେ ଅଛି ସୁପ୍ରିମକୋର୍ଟରେ କରାଯାଇଥିବା ଏକ ଜନସ୍ୱାର୍ଥ ମାମଲା । ଆରାବଳିକୁ ନେଇ ହୋଇଥିବା ମାମଲାର ଉତ୍ତରରେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ଏକ କମିଟି ଗଠନ କରି ଯେଉଁ ରିପୋର୍ଟ ସର୍ବୋଚ୍ଚ ନ୍ୟାୟାଳୟକୁ ଦେଲେ, ତାହା ଆରାବଳି ପର୍ବତମାଳାର ସଂଜ୍ଞାରେ ପରିବର୍ତ୍ତନ ଚାହିଁଥିଲା । ମୂଳବିନ୍ଦୁଟି ରହିଲା ୧୦୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ତାହା ଆରାବଳି ପର୍ବତ ଭାବେ ଗଣାଯିବ ନାହିଁ । ଅର୍ଥାତ୍ ମଣିଷର ଦୁଇଗୋଡ଼କୁ କାଟିଦେଇ କୁହାଯିବ ଦୌଡ଼ିବାକୁ । ଏଭଳି ଅବାଞ୍ଛିତ ମତକୁ ସୁପ୍ରିମକୋର୍ଟ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିନେଇଛନ୍ତି । କେବଳ ସେତିକି ନୁହେଁ, ଏଠାରେ ମନେରଖିବାକୁ ହେବ ଯେ, ଆରାବଳି ପର୍ବତମାଳାର ୯୦ ପ୍ରତିଶତରୁ ଅଧିକ ପାହାଡ଼ ୧୦୦ ମିଟରଠାରୁ କମ୍ ଉଚ୍ଚତାରେ ଅଛି । ଏହି ଗୋଟିଏ ସଂଜ୍ଞା ପରିବର୍ତ୍ତନରେ ଆରାବଳିର ପ୍ରାୟ ୯୦ ପ୍ରତିଶତ ଧ୍ୱଂସ ପାଇଯିବ । ଅତି ଚତୁରତାର ସହିତ କେତେକ ବ୍ୟକ୍ତି ସୋସିଆଲ ମିଡିଆରେ ଯେଉଁ ପ୍ରକାର ମନ୍ତବ୍ୟ ସବୁ ଦେଉଛନ୍ତି, ସେଥିରେ ଏକ ତ୍ରୁଟିପୂର୍ଣ୍ଣ ଛବି ସୃଷ୍ଟି ହେଉଛି । ସେମାନେ ଦର୍ଶାଉଛନ୍ତି ଯେଉଁ ୧୦ ପ୍ରତିଶତ ସୁରକ୍ଷିତ ରହିବ, ସେଥିରେ କୌଣସି ଖଣି ଖନନ ବା ବିକାଶ କାର୍ଯ୍ୟ କରାଯିବ ନାହିଁ । ସତେଯେମିତି ସୁପ୍ରିମକୋର୍ଟଙ୍କ ରାୟ ଫଳରେ ଆରାବଳିର ରୂପରେଖ ସୁରକ୍ଷିତ ହୋଇଯିବ । କିନ୍ତୁ ବାସ୍ତବରେ ସେଠାରେ ଖଣି ଖନନ ଏବଂ ଅନ୍ୟାନ୍ୟ ଭିତ୍ତିଭୂମି ସୃଷ୍ଟି କାର୍ଯ୍ୟ ଅତିଶୀଘ୍ର ଆରମ୍ଭ ହୋଇଯିବ । ବିଭିନ୍ନ ରିପୋର୍ଟ ଅନୁଯାୟୀ, ପୂର୍ବାପେକ୍ଷା ଆରାବଳି ତା'ର ଚାରି ଭାଗରୁ ଏକ ଭାଗ ପର୍ବତ ହରାଇସାରିଲାଣି । ଏହାପଛରେ ମୁଖ୍ୟତଃ ମନୁଷ୍ୟକୃତ ବିପର୍ଯ୍ୟୟ ରହିଛି । ଏହି ପର୍ବତମାଳା କ୍ଷୟ ହେବାରେ ଲାଗିଥିବାରୁ ଭାରତର ରାଜଧାନୀ ଦିଲ୍ଲୀକୁ ଆସୁଥିବା ବାୟୁ ଅଧିକ ପ୍ରଦୂଷିତ ହେବ ବୋଲି କୁହାଗଲାଣି ।

ତେଣେ ବମ୍ବେର ଅନ୍ୟ ଏକ ଘଟଣା ମଧ୍ୟ ଦୃଷ୍ଟି ଆକର୍ଷଣ କରୁଛି । ସେହି ବୃହତ୍ ମହାନଗର ପାର୍ଶ୍ୱରେ ଆରେ ଜଙ୍ଗଲ ଅଛି । ସେହି ଜଙ୍ଗଲକୁ କାଟି ସେଠାରେ ମେଟ୍ରୋ ରେଳର ଡିପୋ କରିବାର ଯୋଜନାକୁ କିଛି ବର୍ଷ ପୂର୍ବେ ଉଦ୍ଧବ ଠାକ୍‌ରେ ସରକାର ବନ୍ଦ କରିଦେଇଥିଲେ । ସେହି ସରକାର ପତନ ପରେ ଏକନାଥ ଶିନ୍ଦେ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପୁନର୍ବାର ଆରେ ପ୍ରକଳ୍ପ ଆରମ୍ଭ କରାଗଲା, ଯାହାକୁ ସ୍ଥାନୀୟ ଜନସାଧାରଣ ପ୍ରବଳ ବିରୋଧ କଲେ । ଏବେ ଏକନାଥ ଶିନ୍ଦେ ସମର୍ଥିତ ଦେବେନ୍ଦ୍ର ଫଡନବିସଙ୍କ ଭାଜପା ସରକାର ସେହି ପ୍ରକଳ୍ପକୁ ତ୍ୱରାନ୍ୱିତ କରୁଛନ୍ତି । ତାହା ହେଲେ ବମ୍ବେ ସହରର ମୁଖ୍ୟ ଜଙ୍ଗଲର ବିରାଟକାୟ ଅଞ୍ଚଳ ଧ୍ୱଂସ ପାଇଯିବ । ସେହିଭଳି ଭୁବନେଶ୍ୱର ପାର୍ଶ୍ୱବର୍ତ୍ତୀ ଚନ୍ଦକା ଜଙ୍ଗଲକୁ ପୂର୍ବ ସରକାର ଘରୋଇ କମ୍ପାନୀ ମାଧ୍ୟମରେ ଧ୍ୱଂସ କରିବା କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି । ଏଥିରୁ ବୁଝିବାକୁ ହେବ ଯେ, ଭାରତରେ ବିକାଶ ନାମରେ ପରିବେଶ ଧ୍ୱଂସ କାର୍ଯ୍ୟ ଚାରିଆଡ଼େ ଚାଲିଛି ।

ଆଜିର ସମୟରେ ଦେଖାଯାଉଛି ଭାରତବର୍ଷର କୌଣସି ବିସ୍ତୃତ ପ୍ରାକୃତିକ ଅଞ୍ଚଳ ପଡ଼ିଥିଲେ ତାହାକୁ ବିକାଶ ନାମରେ ତତ୍‌କ୍ଷଣାତ୍ ବ୍ୟବହାର କରିଦିଆଯାଉଛି । ଏହା ଫଳରେ ଉତ୍ତରାଖଣ୍ଡରେ ନୂଆ ଚାରିଧାମ କରାଯାଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାର ପରିଣତି କ'ଣ ଘଟୁଛି ଦେଶବାସୀ ଜାଣିପାରିଲେଣି । ଭୂମି, ଜଳ, ବାୟୁକୁ ନ୍ୟାୟସଙ୍ଗତ ଭାବେ ଉପଯୋଗ କରାଯାଉ ନ ଥିବାରୁ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସିଧାସଳଖ ଅନୁଭୂତ ହେଲାଣି । ଦିଲ୍ଲୀ ସମେତ ଉତ୍ତର ଭାରତର ଅନେକ ସହରରେ ସାଧାରଣ ଜୀବନଯାପନ ଅତ୍ୟନ୍ତ କଷ୍ଟକର ହୋଇପଡ଼ିଲାଣି । ଆରାବଳି ଭଳି ପର୍ବତମାଳାକୁ ଧ୍ୱଂସ କରିଦେଲେ ଉତ୍ତର ଭାରତରେ ଆହୁରି ବହୁତ ଅଞ୍ଚଳ ଖୁବ୍‌ଶୀଘ୍ର ତୀବ୍ର ପାଣିପାଗଜନିତ ବିପର୍ଯ୍ୟୟର ସମ୍ମୁଖୀନ ହେବା ଥୟ । କିନ୍ତୁ ହାତଗଣତି କିଛି ବ୍ୟବସାୟୀ ପ୍ରବଳ ମାତ୍ରାର ଜମି ପାଇବା ସହିତ ଅର୍ଥ ଅର୍ଜନ କରିପାରିବେ । ଦେଶ ଧ୍ୱଂସ ହେଉ, କିନ୍ତୁ ଧନୀ ଆହୁରି ଅଧିକ ଧନୀ ହୁଅନ୍ତୁ । ସୁପ୍ରିମକୋର୍ଟଙ୍କ ଏଭଳି ରାୟ ପଛରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ପାସୋରି ଯିବା ଉଚିତ ନୁହେଁ । ନିକଟ ଅତୀତକୁ ଦେଖିଲେ ଅବସର ଗ୍ରହଣ କରିବାର ଅଳ୍ପ କେତେକ ଦିନ ପୂର୍ବରୁ ଭାରତର ପ୍ରତ୍ୟେକ ପ୍ରଧାନ ବିଚାରପତି କେତୋଟି ମାରାତ୍ମକ ରାୟ ଦେଇ ବିଦାୟ ନେଉଛନ୍ତି । ଆରାବଳି ସମ୍ପର୍କିତ ରାୟକୁ ଅବସର ପୂର୍ବରୁ ବି.ଆର୍. ଗବଇ ରାୟ ଦେଇ ପଳାଇଗଲେ । ଏହି ରାୟ ପରେ ଗବଇ କହିଛନ୍ତି ତାଙ୍କ ମନ ଉଶ୍ୱାସିଆ ହୋଇଗଲା । ଅବସୋସର ବିଷୟ ଯେ ଦେଶର ଭବିଷ୍ୟତକୁ,ଏହିଭଳି ରାୟ, ଅନ୍ଧକାରକୁ ଠେଲିଦେଲା ।


# ବିଶ୍ୱବ୍ରହ୍ମାଣ୍ଡ ସୃଷ୍ଟି ରହସ୍ୟ



ଡ. ନିଖିଳାନନ୍ଦ ପାଣିଗ୍ରାହୀ

'ଯୁକ୍ତରାଷ୍ଟ୍ର ଆମେରିକା ବ୍ରୁକଲିନଠାରେ ଜନ୍ମିତ କାର୍ଲ ସାଗନ (୧୯୩୪-୯୬) ଜଣେ ଜ୍ୟୋତିର୍ବିଜ୍ଞାନୀ, ବିଶ୍ୱତତ୍ତ୍ୱବିତ୍, ନଭୋବିଦ୍ୟାବିଶାରଦ ତଥା ଜ୍ୟୋତିର୍ଜୀବତତ୍ତ୍ୱବିତ୍ । ଷାଠିଏଟି ଦେଶର ୫୦୦ ନିୟୁତ ଦର୍ଶକ ଦେଖିଥିବା 'କସ୍ମୋସ' ଟେଲିଭିଜନ ଧାରାବାହିକର ସେ ପ୍ରଣେତା । ତାଙ୍କର ଉକ୍ତି ପ୍ରଣିଧାନଯୋଗ୍ୟ । ଆମେ କିଏ ? ଏହି ବିଶ୍ୱବ୍ରହ୍ମାଣ୍ଡରେ ଯେତେ ନକ୍ଷତ୍ରପୁଞ୍ଜ, ଆକାଶଗଙ୍ଗା (ଗାଲାକ୍ସି) ଅଛି, ତାହାର ସଂଖ୍ୟା ଆମ ଲୋକସଂଖ୍ୟାଠାରୁ ଯଥେଷ୍ଟ ଅଧିକ । ତନ୍ମଧ୍ୟରୁ ଗୋଟିଏ ଗାଲାକ୍ସିର ଏକ ବିସ୍ମୃତ କୋଣରେ ଅବସ୍ଥିତ ଥିବା ସାଧାରଣ ନକ୍ଷତ୍ରଟିର ଏକ ନଗଣ୍ୟ ଗ୍ରହର ଆମେ ହେଉଛେ ଅଧିବାସୀ । ବିଶ୍ୱବ୍ରହ୍ମାଣ୍ଡର ବିଶାଳତା ଓ ବୈଚିତ୍ର୍ୟ ସମ୍ପର୍କରେ କାର୍ଲ ସାଗନ ଏହି ପ୍ରକାରେ ବୁଝାଇଛନ୍ତି । ତେବେ ପ୍ରଶ୍ନ ଉଠୁଛି ଏହା କିପରି ସୃଷ୍ଟି ହେଲା ? ଏଥିପାଇଁ ମୁଖ୍ୟତଃ ତିନୋଟି ମତବାଦ ପ୍ରଚଳିତ । ଏହି ତତ୍ତ୍ୱମାନ ହେଉଛି : ଷ୍ଟେଡି ଷ୍ଟେଟଥିଓରି ଅଫ୍ ୟୁନିଭର୍ସ, ବିଗ ବ୍ୟାଙ୍ଗ ଥିଓରି, ପଲସେଟିଙ୍ଗ ଥିଓରି ।

ଷ୍ଟେଡି ଥିଓରିର ପ୍ରବର୍ତ୍ତକ ହେଉଛନ୍ତି ଅଷ୍ଟ୍ରିଆନ-ବ୍ରିଟିଶ୍ ଗଣିତଜ୍ଞ ତଥା ଜ୍ୟୋତିର୍ବିଜ୍ଞାନୀ ହରମାନ ବଣ୍ଡି (୧୯୧୯-୨୦୦୫), କାମ୍ବ୍ରିଜର ଜ୍ୟୋତିର୍ବିଜ୍ଞାନ ଅନୁଷ୍ଠାନରେ ଏକଦା କାର୍ଯ୍ୟରତ ଥିବା ବ୍ରିଟିଶ୍ ବିଜ୍ଞାନୀ ଫ୍ରେଡ୍ ହୟେଲ (୧୯୧୫-୨୦୦୧) ଓ କର୍ଣ୍ଣେଲ ବିଶ୍ୱବିଦ୍ୟାଳୟର ପ୍ରଫେସର ଥୋମାସ ଗୋଲ୍ଡ (୧୯୨୦-୨୦୦୪) । ପରବର୍ତ୍ତୀ କାଳରେ ଉଇଲିଅମ ଡଙ୍କାନ ମ୍ୟାକମିଲାନ ଓ ଅନ୍ୟ କେତେ ଜଣ ବିଶିଷ୍ଟ ବିଜ୍ଞାନୀ ଏହାର ସମର୍ଥକ ହେଲେ । ଏହି ଥିଓରି ଅନୁସାରେ ବିଶ୍ୱ ଅବିରତ ଭାବେ ସଂପ୍ରସାରିତ ହେଉଛି । କିନ୍ତୁ ସଦାସର୍ବଦା ଏହାର ସାନ୍ଦ୍ରତା ତଥା ବାହ୍ୟ-ରୂପ (ଆପିଅରେନ୍ସ) ଅପରିବର୍ତ୍ତନୀୟ ରହେ । ପୁରୁଣା ବସ୍ତୁ ଧ୍ୱଂସପ୍ରାପ୍ତ ହୁଏ । କିନ୍ତୁ ନୂତନ ଭାବେ ହାଇଡ୍ରୋଜେନ ସମଷ୍ଟି ସୃଷ୍ଟି ହୋଇ ସାନ୍ଦ୍ରତା ପୂର୍ବବତ୍ ମାପକୁ ବଜାୟ ରଖେ । ବ୍ରହ୍ମାଣ୍ଡ ସର୍ଜନାର ନିର୍ଦ୍ଦିଷ୍ଟ ଆରମ୍ଭ ଓ ବିଲୟ ସମୟ ନାହିଁ । ବିଂଶ ଶତାବ୍ଦୀରେ କେତେକ ପ୍ରମୁଖ ବୈଜ୍ଞାନିକଙ୍କ ଦ୍ୱାରା ଯଦିଓ ଏହା ସମର୍ଥିତ ହୋଇଥିଲା କିନ୍ତୁ; ସମୟ କ୍ରମେ ବିଭିନ୍ନ ପରୀକ୍ଷା-ନିରୀକ୍ଷାର ଫଳ ଏହା ସପକ୍ଷରେ ପ୍ରାପ୍ତ ନ ହେବାରୁ ଏହା ଗ୍ରହଣୀୟତା ହରାଇଲା । ପ୍ରକାଶଥାଉ କି ଏହି ମତ ପ୍ରଣୟନ ହେବାର ବହୁ ପୂର୍ବରୁ ଆଇନ୍‌ଷ୍ଟାଇନ୍ ୧୯୩୧ରେ ଗୋଟିଏ ଗବେଷଣା-ନିବନ୍ଧ ପ୍ରକାଶ କରି ଏହି ତତ୍ତ୍ୱର ମୂଳଦୁଆ ପକାଇଥିଲେ । କିନ୍ତୁ ପରେ ଏହା ତାଙ୍କ ଜୀବନର ଭୁଲ୍ ବୋଲି ସ୍ୱୀକାର କରି ଏଥିରୁ ଓହରି ଯାଇଥିଲେ । ଷ୍ଟେଡି ଷ୍ଟେଟ୍ ଥିଓରି ବିପକ୍ଷରେ ୧୯୫୦ ଦଶକରେ କ୍ୟାମ୍ବ୍ରିଜ୍‌ର ରେଡିଓ-ଆଷ୍ଟ୍ରୋନମର୍ ସାର୍ ମାର୍ଟିନ ରାଇଲ (୧୯୧୮-୮୪) ପ୍ରତିକୂଳ ପ୍ରମାଣ ଉପସ୍ଥାପନ କଲେ । ନକ୍ଷତ୍ରପୁଞ୍ଜର କେନ୍ଦ୍ରରେ ବିଦ୍ୟମାନ ଅତ୍ୟନ୍ତ ଦୀପ୍ତ କ୍ୱାସର୍ ନାମକ ଖଗୋଳୀୟ ପିଣ୍ଡର ଉପସ୍ଥିତି ଷ୍ଟେଡି ଷ୍ଟେଟ୍ ଦ୍ୱାରା ବୁଝାଇ ହେଲା ନାହିଁ । ପୁଣି ଆମ ନିକଟରେ ଥିବା ରେଡିଓ-ଗାଲାକ୍ସିର ସଂଖ୍ୟାଠାରୁ ଦୂରସ୍ଥିତ ଏତାଦୃଶ ନକ୍ଷତ୍ରପୁଞ୍ଜର ସଂଖ୍ୟା ଅଧିକ । ଏହା ସୂଚାଏ ଯେ, ବିଶ୍ୱ ସମୟ କ୍ରମେ ବିବର୍ତ୍ତିତ ହୋଇଛି, ଯାହା କି ଡାରଉଇନ ଜୀବଜଗତ ସମ୍ପର୍କରେ କହିଥିଲେ ।



ବିଗ ବ୍ୟାଙ୍ଗ ଥିଓରି ହେଉଛି ଷ୍ଟେଡି ଷ୍ଟେଟ ମତର ପରିପନ୍ଥୀ । ଏହି ଥିଓରିର ନାମକରଣ ପ୍ରତିଦ୍ୱନ୍ଦ୍ୱୀ ଫ୍ରେଡ ହେୟେଲଙ୍କ ଏଥିପ୍ରତି ଅପମାନସୂଚକ ଶବ୍ଦ 'ବିଗ୍ ବ୍ୟାଙ୍ଗ' (ପ୍ରଚଣ୍ଡ ବିସ୍ଫୋରଣ)ରୁ ଆହରଣ କରାଯାଇଛି । ଏହାର ପ୍ରଥମ ପ୍ରବର୍ତ୍ତକ ଥିଲେ ବେଲଜିଅମର ଜଣେ ଧର୍ମଯାଜକ ଫାଦର ଜର୍ଜ ଲିମଟର । ବ୍ରହ୍ମାଣ୍ଡ ଏକ ମହାଜାଗତିକ ଅଣୁ (କସ୍ମିକ ଆଟମ୍)ରୁ ଜାତ ବୋଲି ସେ କହିଲେ । ୧୯୨୦ ଦଶକରେ ଆମେରିକୀୟ ଜ୍ୟୋତିର୍ବିଜ୍ଞାନୀ ଏଡ୍‌ୱିନ ହୁବଲ ଆବିଷ୍କାର କଲେ ଯେ, ବହୁ ଦୂରରେ ଥିବା ନକ୍ଷତ୍ରପୁଞ୍ଜମାନ ଆମ ଗ୍ରହଠାରୁ ବିଭିନ୍ନ ଦିଗରେ ଦୂରେଇ ଯାଉଛନ୍ତି । ପୁଣି ସେମାନଙ୍କ ଦୂରତା ଆମଠାରୁ ଯେତେ ଅଧିକ, ସେହି ପ୍ରକାରେ ସେମାନଙ୍କ ଗତି ଆନୁପାତିକ ଭାବେ ବଢ଼ିଥାଏ । ବହୁ ଗବେଷକ ପରୀକ୍ଷା କରି ଏହି ଫଳାଫଳର ସତ୍ୟତା ସିଦ୍ଧ କଲେ । ଏହା ପ୍ରମାଣ କଲା ଯେ, ବିଶ୍ୱ ସଂପ୍ରସାରିତ ହେବାରେ ଲାଗିଛି । ପ୍ରକାରାନ୍ତରେ ବହୁ ବର୍ଷ ପୂର୍ବେ ସମସ୍ତ ବସ୍ତୁ ଓ ଶକ୍ତି ଗୋଟିଏ ଅତ୍ୟନ୍ତ ଉତ୍ତପ୍ତ ଓ କ୍ଷୁଦ୍ର ଆକାରରେ କେନ୍ଦ୍ରୀଭୂତ ହୋଇଥିଲା । ତେବେ ଏଥିରେ ଏକ ପ୍ରଚଣ୍ଡ ବିସ୍ଫୋରଣ ଘଟିଲା, ଯାହା ହେଉଛି 'ବିଗ ବ୍ୟାଙ୍ଗ' । ତା'ପରେ ଆରମ୍ଭ ହେଲା ଚତୁର୍ଦ୍ଦିଗରେ ବସ୍ତୁ ଓ ଶକ୍ତିର ଅଗ୍ରଗମନ । ଆମେ ଯଦି ଏହି ପରିକଳ୍ପନା ସ୍ୱୀକାର କରୁ ତେବେ ଧରାଯିବ ଯେ, ମହାକାଶର ସାଂପ୍ରତିକ ତାପମାତ୍ରା ପରମଶୂନ୍ୟ (ଆବସୋଲ୍ୟୁଟ ଜିରୋ)ଠାରୁ ଅଧିକ ହେବ । ୧୯୯୧ରେ କସ୍ମିକ ମାଇକ୍ରୋୱେଭ ବ୍ୟାକଗ୍ରାଉଣ୍ଡ ଏକ୍ସପ୍ଲୋରର୍ (ସିଓବିଇ) ଉପଗ୍ରହ ଯେଉଁ ବର୍ଣ୍ଣାଳୀ ରେକର୍ଡ କଲା, ତାହା ବିଗ୍ ବ୍ୟାଙ୍ଗ ପୂର୍ବରୁ ସୂଚନା ଦେଇଥିବା ନିଷ୍କର୍ଷ ସହ ସଂପୂର୍ଣ୍ଣ ମେଳ ଖାଇଲା ।

ଯେତେବେଳେ ବିଶ୍ୱ ସଂପ୍ରସାରିତ ହେବାରେ ଲାଗିଲା, ବସ୍ତୁଗୁଡ଼ିକ ମିଳିତ ହୋଇ କେନ୍ଦ୍ରୀଭୂତ ହେବା ସହ ଘୂର୍ଣ୍ଣୟମାନ ହେଲେ । ଏହା ହେଉଛି ନକ୍ଷତ୍ରପୁଞ୍ଜର ପ୍ରାଥମିକ ଅବସ୍ଥା । ନକ୍ଷତ୍ରପୁଞ୍ଜର ଏହି ଆଦ୍ୟ ଅବସ୍ଥାରେ ଚାପ-ପରିବର୍ତ୍ତନ ଦ୍ୱାରା ଗ୍ୟାସ ଓ ଧୂଳିକଣାର ନିର୍ଦ୍ଦିଷ୍ଟ ସମଷ୍ଟିମାନ ଘଟିଲା । ଏହି ସମାହାରମାନଙ୍କ ମଧ୍ୟରୁ କେତୋଟିରେ ଅଧିକ ବସ୍ତୁ ଏକତ୍ରିତ ହେଲେ ଏବଂ ଉପଯୁକ୍ତ ବଳର କାର୍ଯ୍ୟକାରିତା ତଥା ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ସେଇ ସମଷ୍ଟିରେ ପତନ ଦେଖାଦେଲା । ଯେଉଁ କ୍ଷେତ୍ରରେ ଅତ୍ୟଧିକ ସଂକୋଚନ ଘଟେ, ନ୍ୟୁକ୍ଲିଅର ପ୍ରତିକ୍ରିୟା ଯୋଗୁ ନକ୍ଷତ୍ର ସୃଷ୍ଟି ହୁଏ ।

କେବଳ ବ୍ରହ୍ମାଣ୍ଡ ନୁହେଁ, ଛାୟାପଥ (ମିଲ୍କ ୱେ)ର ବୟସ ମଧ୍ୟ ଅନୁମାନ କରାଯାଇଛି । ଛାୟାପଥ ହେଉଛି ଏକ ବିରାଟ ତାରକାଗୁଚ୍ଛ (ଗାଲାକ୍ସି), ଯେଉଁଥିରେ ସୌରମଣ୍ଡଳ ଅବସ୍ଥିତ । ଏଥିରେ ଗୁଚ୍ଛବଦ୍ଧ ଥିବା ନକ୍ଷତ୍ର-ସମାହାରରେ ସ୍ୱଭାବତଃ ହାଲୁକା ଓଜନ ବହନ କରୁଥିବା ହାଇଡ୍ରୋଜେନ ଓ ହିଲିଅମ ଅପେକ୍ଷା ଭାରି ଅଣୁଙ୍କ ସଂଖ୍ୟା କମ୍ । ଏହା ସୂଚାଏ ଯେ, ଛାୟାପଥର ବୟସ ଏଗାରରୁ ଷୋହଳ ବିଲିଅନ ବର୍ଷ ମଧ୍ୟରେ । ତେଜସ୍କ୍ରିୟ ମୌଳିକ ଉପାଦାନ (ରେଡିଓଏକ୍ଟିଭ୍ ଏଲିମେଣ୍ଟ) ପଦ୍ଧତି ମଧ୍ୟ ଏହି ବୟସକୁ ଦୃଢ଼ୀକରଣ କରୁଛି ।

ସୌରମଣ୍ଡଳ ଓ ପୃଥିବୀର ବୟସ ନିର୍ଣ୍ଣୟ କରିବାକୁ ରେଡିଓ-ଆକ୍ଟିଭ୍ ଏଲିମେଣ୍ଟମାନଙ୍କୁ ଟାଇମ୍-କିପର୍ (ସମୟ ନିର୍ଦ୍ଧାରକ) ଭାବେ ବ୍ୟବହାର କରାଯାଇଛି । ଆପୋଲୋ ଚନ୍ଦ୍ର ଯାତ୍ରାରୁ ଆନୀତ ଚନ୍ଦ୍ରର ମୃତ୍ତିକା ପରୀକ୍ଷଣରୁ ପୃଥିବୀ ସମେତ ସୌରମଣ୍ଡଳର ବୟସ ୪.୪ରୁ ୪.୫ ବିଲିଅନ ବର୍ଷ ମଧ୍ୟରେ । କାନାଡ଼ା ଓ ପଶ୍ଚିମ ଅଷ୍ଟ୍ରେଲିଆରୁ ସଂଗୃହୀତ ପ୍ରାଚୀନତମ ଶିଳା ପରୀକ୍ଷା ଏହି ସଂଖ୍ୟା ପ୍ରାୟ ୪.୩ ବିଲିଅନ ବର୍ଷ ବୋଲି ନିର୍ଦ୍ଧାରଣ କରିଛି । ଉଲ୍ଲେଖନୀୟ ଯେ, ସୂର୍ଯ୍ୟ ଓ ପୃଥିବୀକୁ ସମବୟସ୍କ ବୋଲି ଧରାଯାଏ ।

ଅନ୍ୟ ଏକ ମତବାଦ ହେଉଛି ପଲସେଟିଙ୍ଗ ଥିଓରି, ଯାହାକି ଅସିଲେଟରି ୟୁନିଭର୍ସ ବା ବିଗ୍‌କ୍ରଞ୍ଚ ମଡେଲ ଭାବେ ନାମିତ । ଏହାର ଚିତ୍ର ଦୋଳନ (ଅସିଲେସନ) ବିଷୟରେ ଆମକୁ ସ୍ମରଣ କରାଯାଏ । କାନ୍ଥ ଘଡ଼ିର ଦୋଳକ (ପେଣ୍ଡୁଲମ)ର ଗତିରୁ ସ୍ପଷ୍ଟ ହୁଏ ଯେ, ଏହା ଗୋଟିଏ ସୀମା ପଟକୁ ଯିବା ପରେ ସେଠାରୁ ବାହୁଡ଼ି ବିପରୀତ ଦିଗର ସୀମାକୁ ଛୁଏଁ । ଏହି ପ୍ରକାରେ ଏହାର ଏପଟ-ସେପଟ ଗତି ଚାଲୁ ରହେ । ସେମିତି ଯଦି ବିଗ୍ ବ୍ୟାଙ୍ଗ ଘଟିଛି, ବିପରୀତ ପ୍ରତିକ୍ରିୟା ଭାବେ ବିଗ୍ କ୍ରଞ୍ଚ ଏଥିରୁ ଘଟିବ । ଅର୍ଥାତ୍ ଯେଉଁ ଅବସ୍ଥାରୁ ତା'ର ପ୍ରାରମ୍ଭ, ପୁଣି ସଂକୁଚିତ ହୋଇ ସେଇ ସ୍ଥିତିରେ ଉପନୀତ ହେବ । କିନ୍ତୁ ଏହା ସେମିତି ହୋଇ ଅଟକି ଯିବ ନାହିଁ । ତାହା ପୁଣି ସଂପ୍ରସାରିତ ହେବ । ଏହି ଧରଣରେ ସଂପ୍ରସାରଣ ଓ ସଂକୋଚନ ପ୍ରକ୍ରିୟା ନିରନ୍ତର ଘଟିବ । ସଂକୋଚନର କାରଣ ହେଉଛି ମାଧ୍ୟାକର୍ଷଣ ବଳ । ଏହାର ସମର୍ଥକ ବି ଥିଲେ ଆଇନଷ୍ଟାଇନ । ସେ ଯାହାହେଉ, ଏହି ତତ୍ତ୍ୱରୁ ମିଳେ ନିରନ୍ତର କ୍ରିୟାଶୀଳ ସୃଷ୍ଟିଚକ୍ରର ବାର୍ତ୍ତା ।

ମୋ:୯୦୭୮୭୪୩୮୪୩

# ତୁମ ପାଇଁ ଅଛି ମୁଁ



ଡ. ଦ୍ୱିତୀ ଚନ୍ଦ୍ର ସାହୁ

ମୁଁ ତୁମ ପାଇଁ/ତୁମେ ମୋ ପାଇଁ/କୋଳାକୋଳି ହେବା ଆମେ / ଦୁହେଁ ଦୁହିଁଙ୍କ ପାଇଁ/ ସବୁକିଛି ଆମର/ ପର କଥା କି ଦରକାର /ବାକି ଯାହା ଛିଛାକର/ ଏତିକି କହି ଚିରୁଡ଼ାଏ ଚା'କୁ ଶୋଷିଦେଲେ ଧନ ମଉସା । ଗାଁର ଆଶୁକବି । ବଡ଼ ଗମାତିଆ ଲୋକ । ତାଙ୍କୁ କଥାରେ ଟିକେ ଚିମୁଟେଇଦେଲେ ମୁହଁରୁ ବାହାରିବ କବିତା ସାଏଁ ସାଏଁ । ରାଜ୍ୟ ତଥା ଦେଶର ବିଶେଷ ପରିସ୍ଥିତିରେ ଗାଁ ଚା'ଖଟିରେ ଟିକେ ଉଷ୍ମତା ବଢ଼ିଯାଏ । ସେଠି ଧନ ମଉସା ଆସିଗଲେ ଚର୍ଚ୍ଚା ରୋଚକ ହୋଇଯାଏ । ଧନ ମଉସା ଟାଉଁ ଟାଉଁ କବିତା ଗାଇ ଦେଲେ ଚା' ପିଉ ପିଉ । ଆଉ ବିଳମ୍ବ ନ କରି ବିଲକୁ ତରତର ହୋଇ ଚାଲିଗଲେ ସିନା ଗୁଡ଼ାଏ କଥା କବିତା ଭିତରେ ଛାଡି ଦେଇଗଲେ ।

ଅନେକ ସମୟରେ ଆମକୁ କେହି ନା କେହି କହେ ଜମା ଚିନ୍ତା କରନି । ମୁଁ ପା ଅଛି । ସେତକ ଆଶ୍ୱାସନାରେ ମନ ଓ ହୃଦୟ ପୂରିଯାଏ । ଶତ ସିଂହର ବଳ ମିଳିଯାଏ । ଭଙ୍ଗା ମନ କ୍ରମଶଃ ଯୋଡିବା ଆରମ୍ଭ ହୁଏ । ପୁଣି ବଳ ଗୋଟାଇବାକୁ ମନ ହୁଏ । ଏହି ପୃଥିବୀରେ ଆସିବାମାତ୍ରେ ସମସ୍ତେ ଆମକୁ ନାମ, ପରିଚୟ, ଦାୟିତ୍ୱ ଦେଇଥାନ୍ତି । କିନ୍ତୁ କେବଳ କିଛି ଜଣେ ଅଲଗା ଲୋକ ଥାଆନ୍ତି ଯେଉଁମାନେ ଆମର ମନକୁ ଧରି ରଖନ୍ତି । ଲୁହଆସିବା ପୂର୍ବରୁ ସେମାନେ ଅନୁଭବ କରନ୍ତି । ହୃଦୟର କଥାକୁ ଧରି ସେହି ମୁହଁରେ ହସ ଫେରାଇ ଚକଚକିଆ କରିଦିଅନ୍ତି । ସେଇ ଜଣଙ୍କ ନିଶ୍ୱୁପରେ କହିଦିଏ କଥା 'ତୁମ ପାଇଁ ଅଛି ମୁଁ ।' ଦୁଃଖକୁ ଜାଣିପାରେ । ମନକୁ ବୁଝିପାରେ । କାରଣ ସେ ସମ୍ପର୍କ କେବଳ କଥାରେ ସୀମିତ ନୁହଁ, ତାହା ହୃଦୟସ୍ପର୍ଶରେ ସମାହିତ । ଯେବେ ତୁମ ଛୋଟ ଛୋଟ କଥାରେ ଲୁହ ଲୁଚାଇ ରଖ । ସେ ବୁଝିଯାଏ । ଜୀବନ କେତେ ଧାଇଁ ଚାଲେ । ସକାଳରୁ ସନ୍ଧ୍ୟା, ଶୀତରୁ ଗ୍ରୀଷ୍ମ । ଦିନ ଶେଷରେ ଯେବେ ସବୁ ଆଲୋକ ଲିଭିଯାଏ । ଅନ୍ଧାର ମାଡି ଆସେ ସେତେବେଳେ ସେ ମନେପଡ଼େ । ଜୀବନର ଦୁର୍ବିପାକରେ ସେ ଛାଏଁ ଛାଏଁ ମନରେ ବସା ବାନ୍ଧେ । ହୃଦୟ ଭିତରେ ଗୋଟିଏ ଧ୍ୱନି ଅନୁରଣିତ ହୁଏ 'ମୋ ପାଇଁ ସେ ଅଛି ।' ପୃଥିବୀ ବଦଳିଯାଇପାରେ, ପରିସ୍ଥିତି ଓଲଟିଯାଇପାରେ । କିନ୍ତୁ ଏହି ସତ୍ୟ ବଦଳିପାରେନି ତୁମ ପାଇଁ କିଏ ଜଣେ ଅଛି । ସେଇ ସ୍ନେହ ଓ ଶ୍ରଦ୍ଧା ଅବିଚଳିତ । ଯେବେ ତୁମ ସଫଳତା ମଞ୍ଚରୁ ଫେରି ଆସ । ହସୁଥିବା ମୁହଁରେ ଗର୍ବର ଆଲୋକ ମିଶିଥାଏ । ସେତେବେଳେ ଆପଣଙ୍କ ହୃଦୟ କହେ,'ଦେଖ, ସେ ଥିଲା ; ଆଜି ବି ଅଛି ବୋଲି ସୁରୁଖୁରୁରେ ସବୁ ହୋଇଗଲା ।' ଆଉ ଯେବେ ବିଫଳତାର ଅନ୍ଧାର ରାତିରେ ତୁମ ମନ କ୍ଳାନ୍ତ, ସନ୍ଦେହରେ ଭାରି ଭାରି ଲାଗେ ସେତେବେଳେ ତା'ର ଅଦୃଶ୍ୟ କଣ୍ଠ ତୁମକୁ ମୃଦୁ ସ୍ୱରରେ କହିବ – ପୁଣି କି ଚିନ୍ତା ? 'ତୁମ ପାଇଁ ଅଛି ମୁଁ ।

ତୁମ ଜୀବନରେ ଯେବେ ବିଚଳିତରେ ଝାଳ ବହିଯାଉଥାଏ, ତୁମ ହୃଦୟ ଥକିଯାଏ । ତା'ର ହାତ ତୁମ ପିଠିରେ ହୋଇପାରେ ଗଛର ଛାଇ । ତା'ର କାନ୍ଧ ହେବ ସେଇ ଆଶ୍ରୟ ଯେଉଁଠାରେ ତୁମେ ନିର୍ଭୀକ ହୋଇପାରିବ । ତା'ର ସ୍ନେହ ହେଉଛି ଯୁଦ୍ଧପରର ମିଳୁଥିବା ଶାନ୍ତି । ତୁମ ପାଇଁ ରଖିଥିବା ସରଳ ଆଶ୍ରୟ । ମନେରଖନ୍ତୁ ତୁମେ କେବେ ଏକା ନୁହଁ । ତୁମର ଦୁଃଖକୁ ହସରେ ପରିଣତ କରିବା ପାଇଁ କିଏ ଜଣେ ଅଛି । ତୁମର ଲୁହକୁ ଶବ୍ଦ ବିନା



ବୁଝିବା ପାଇଁ ସେ ଅଛି । ତୁମ ହୃଦୟରେ ସାହସ ଭରିବାକୁ, ତୁମ ଆଖିରେ ସ୍ୱପ୍ନ ଜଳାଇ ରଖିବାକୁ ତୁମ ପାଇଁ ଆଉ କିଏ ଅଛି । ଦୁନିଆର ଏହି ଭିଡ଼-ଭାଡ଼ ମଧ୍ୟରେ ଯେବେ ଚୁପଚାପ ହେଇ ତୁମ ପଛ ବୟସକୁ ମନେପକାଉଥିବ । ସେ ମନେ ପଡେ । ଜୀବନ ଯେତେ ଜଟିଳ ହେଉ, ସମୟ ଯେତେ ଅନିଶ୍ଚିତ ହେଉ, ତୁମ ହସର ମୂଲ୍ୟ ତାରି ପାଖରେ ସବୁଠାରୁ ଅଧିକ । ତୁମ ଦୁଃଖ ତାରି ଅଶାନ୍ତି । ତୁମ ସଫଳତା, ତା'ର ଗର୍ବ । ତୁମ ହସ, ତା'ର ପରିପୂର୍ଣ୍ଣତା ।

ଏବେ ପ୍ରଶ୍ନ ଉଠେ 'ତୁମ ପାଇଁ ଅଛି କିଏ ?' ସେ ହୋଇପାରନ୍ତି ଆମ ମାତାପିତା, ଆମ ମିତ୍ର, ପତି କିମ୍ବା ପତ୍ନୀ, ଭାଇ ଭଉଣୀ, ବନ୍ଧୁବାନ୍ଧବ ଅବା ଆମ ସମାଜ, କିମ୍ବା ସମସ୍ତ ସୃଷ୍ଟି, ଯାହା ପାଇଁ ଆମ ଅସ୍ତିତ୍ୱ ଅର୍ଥମୟ । ଜଣେ ମା' କହେ 'ପୁଅ, ତୋ ପାଇଁ ଅଛି ମୁଁ' । ସେହି ହେଉଛି ନିଷ୍ଠା । ଜଣେ ସେନାନୀ କହେ 'ଦେଶ ପାଇଁ ଅଛି ମୁଁ' । ଏହା ହେଉଛି ବଳିଦାନ । ଜଣେ ଶିକ୍ଷକ କହନ୍ତି 'ତୁମର ଭବଷ୍ୟତ ପାଇଁ ଅଛି ମୁଁ' ଏହା ହେଉଛି ଜ୍ଞାନଦାନର ତପସ୍ୟା । ଜଣେ ପ୍ରେମିକା କି ପ୍ରେମିକ କହେ 'ତୁମ ପାଇଁ ମୁଁ ପରା ଅଛି ।' ଏହା ପବିତ୍ର ପ୍ରେମ । ଏସବୁ କେବଳ ଏକ ସମ୍ପର୍କ ନୁହେଁ । ଏହା ଜୀବନର ସର୍ବୋଚ୍ଚ ସତ୍ୟ । ଅହଂ ପରିବର୍ତ୍ତିତ ହୁଏ ମମତାରେ, ଶ୍ରଦ୍ଧାରେ, କରୁଣାରେ ଓ ପ୍ରେମରେ । ଏଠି ସୂର୍ଯ୍ୟ କୁହେ 'ଅନ୍ଧାର ପାଇଁ ଅଛି ମୁଁ ।' ରାତି କୁହେ 'ଆତ୍ମାକୁ ଶାନ୍ତି କରିବାକୁ ଅଛି ମୁଁ ।' ପ୍ରବଳ ତରଙ୍ଗ କୁହେ 'ଉଠିବାକୁ ଚେଷ୍ଟା କର, ପଡ଼ିଲେ ଧରିବାକୁ ଅଛି ମୁଁ ।' ପ୍ରକୃତି କିନ୍ତୁ ଯାହା କହେନି, ସେହି ନୀରବତାକୁ ଆମେ ଶୁଣି ବି ଅଜଣା ହେଉ । ସେ କହେ ସକଳ ସୃଷ୍ଟି ହେଉଛି ମୁଁ । ଆଉ କେବଳ ତୁମ ପାଇଁ ଅଛି ମୁଁ ।

ଆଜି ଯେଉଁଠି ଧନ, କ୍ଷମତା, ପଦ ଓ ସ୍ୱାର୍ଥ ମହତ୍ତ୍ୱ ପାଉଛି, ସେଠି ଏହିତତ୍ତ୍ୱ ଆମକୁ ମନେପକାଏ ଜୀବନ କେବଳ ନିଜ ପାଇଁ ନୁହେଁ, ଅନ୍ୟଙ୍କ ପାଇଁ ହେଲେ ତାହାର ଅର୍ଥ ରହେ । ଯଦି ଜଣେ ଡାକ୍ତର ରୋଗୀ ପାଇଁ, ଜଣେ ବିଜ୍ଞାନୀ ମାନବଜାତି ପାଇଁ, ଜଣେ ଛାତ୍ର ତାଙ୍କ ପରିବାର ଓ ଦେଶ ପାଇଁ, ନେତା ସମାଜ ସେବା ପାଇଁ ସମର୍ପିତ ହୁଅନ୍ତି, ତେବେ ସେହି ହେଉଛି 'ତୁମ ପାଇଁ ଅଛି ମୁଁ'ର ସ୍ୱରୂପ । ଏକଥା ବୁଝିବାକୁ ମଣିଷକୁ ବହୁତ ସମୟ ଲାଗେ । ଜୀବନର ସବୁ ଭାଗ ସରି ଆସିଲା ପରେ ଶେଷରେ ବୟସର ଭାରରେ ସବୁ ଉଦ୍ଦାମପଣ ସରି ସରି ଗଲେ ସେତେବେଳେ ମନେପଡନ୍ତି ଅନ୍ୟ ମଣିଷମାନେ । ଜୀବନଟା ଭାରି ନିଃସ୍ୱ ଲାଗେ । ଜୀବନର ଆରମ୍ଭ ହୁଏ 'ମୁଁ'ରୁ । ମୋ ଶରୀର, ମୋ ପାଇଁ ଥିବା ସୁଖ, ମୋ ଆକାଂକ୍ଷା ସବୁକିଛି ମୋର ବୋଲି ମନେ ହୁଏ ଏକ ସମୟରେ । କିନ୍ତୁ ଯେବେ 'ମୁଁ' ନିଜ ସୀମା ଛାଡ଼ି 'ତୁମ' ପାଇଁ ବଞ୍ଚିବା ଶିଖେ, ସେଠାରୁ ଆରମ୍ଭ ହୁଏ ମନୁଷ୍ୟରୁ ମଣିଷତ୍ୱ ଯାତ୍ରା । ତା'ପରେ ଜୀବନ ଏକ ନିଜସ୍ୱ କାହାଣୀ କହେ । ଏହା ହୁଏ ସମଗ୍ର ସୃଷ୍ଟି ପାଇଁ ଗାଥା । ଓଲଟିଯାଏ ଆମର ଚିନ୍ତା ଓ ଚେତନା । ସେଇଠୁ ଏକ ପ୍ରେମମୟ ଘୋଷଣା ଆମ୍ ଜାଗ୍ରତ ହୁଏ 'ତୁମ ପାଇଁ ଅଛି ମୁଁ ।' ଆମେ ସବୁବେଳେ ଏମିତିରେ କହୁ 'ମୁଁ ଅଛି' । କିନ୍ତୁ ଯେତେବେଳେ ଆମେ କହୁ 'ତୁମ ପାଇଁ ଅଛି ମୁଁ । ସେତେବେଳେ ମାନବ ଜୀବନର ନୂଆ ଦ୍ୱାର ଖୋଲିଯାଏ । ସେଇ ଦ୍ୱାରର ଚାବିକାଠି ଖାସ୍ ଆପଣଙ୍କ ହାତରେ । ଥରେ ଖୋଲି ଦେଖନ୍ତୁ ନା ଆପଣଙ୍କୁ ବି ବାକି ଲୋକ କହିବେ – ତୁମ ପାଇଁ ଅଛି ମୁଁ !

ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ଅରୁଣାଚଳ ପ୍ରଦେଶ ପାକ୍କେ ବ୍ୟାଘ୍ର ସଂରକ୍ଷଣ ଜଙ୍ଗଲର ଅନ୍ୟ ଏକ ଆକର୍ଷଣ ହେଉଛି ବିଭିନ୍ନ ରଙ୍ଗ ତଥା ପ୍ରଜାତିର ହର୍ନବିଲ । ଏହି ଜାତୀୟ ପକ୍ଷୀର ମାଂସ ଓ ଅଣ୍ଡା ପାଇଁ ସ୍ଥାନୀୟ ଅଞ୍ଚଳର ଆଦିବାସୀ ଏମାନଙ୍କୁ ଶିକାର କରିଥାନ୍ତି । ବ୍ୟାପକ ଶିକାର ହେତୁ ସମୟକ୍ରମେ ଏମାନଙ୍କ ସଂଖ୍ୟା ହ୍ରାସ ପାଇଚାଲିଲା ଓ ବିଲୁପ୍ତିର ଦ୍ୱାରଦେଶରେ ପହଞ୍ଚିଗଲେ । ଏହାକୁ ଲକ୍ଷ୍ୟକରି ଘୋରା ଆବେ ସୋସାଇଟି ନାମକ ଏନ୍‌ଜିଓ, ନେଚର କଞ୍ଜରଭେଶନ ଫାଉଣ୍ଡେଶନ ଏବଂ ଅରୁଣାଚଳପ୍ରଦେଶ ଜଙ୍ଗଲ ବିଭାଗ ପ୍ରଥମେ ହର୍ନବିଲଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନେଇଥିଲେ । ପରେ ଏମାନଙ୍କ ସହ ପାକ୍କେ ପଗା ହର୍ନବିଲ ଫେଷ୍ଟିଭାଲ କମିଟି ଏବଂ ବିବେକାନନ୍ଦ କେନ୍ଦ୍ର ବିଦ୍ୟାଳୟ ଆଲୁମ୍ନି ଆସୋସିଏଶନ ସାମିଲ ହୋଇଛନ୍ତି । ଅରୁଣାଚଳପ୍ରଦେଶର ନାଇଶି ସମ୍ପ୍ରଦାୟର ଆଦିବାସୀମାନେ ହର୍ନବିଲଙ୍କୁ ଶିକାର କରି ସେମାନଙ୍କ ମାଂସ ଖାଇବା ସହ ଅଣ୍ଡା ବିକ୍ରି କରିଥାନ୍ତି । ଏବେ ଏହି ଆଦିବାସୀଙ୍କୁ 'ନେଷ୍ଟ ପ୍ରୋଟେକ୍ଟର' ବା ସଂରକ୍ଷକ ଭାବେ ଘୋଷଣା କରାଯାଇଛି । ଏମାନେ ବନ ହର୍ନବିଲଙ୍କ ସୁରକ୍ଷା କରିବା ସହ ସେମାନଙ୍କ ଛୁଆ କିଭଳି ମୃତ୍ୟୁମୁଖରେ ନ ପଡ଼ନ୍ତି ସେଥି ପାଇଁ ବସାରୁ ଛୁଆଙ୍କୁ ଉଦ୍ଧାର କରୁଛନ୍ତି । ଏବେ ସୁଦ୍ଧା ୨୩୮ଟି ହର୍ନବିଲ ଛୁଆକୁ ବଡ଼ କରି ଜଙ୍ଗଲରେ ଛାଡ଼ି ସାରିଲେଣି । କେବଳ ଏତିକି ନୁହେଁ ଏହି ପକ୍ଷୀଙ୍କ ସୁରକ୍ଷା ପାଇଁ ବର୍ଷକୁ ୬,୦୦୦ରୁ ୧୦,୦୦୦ ଗଛ ଲଗାଯାଉଛି ।

## ୫୦ ବର୍ଷ ତଳର ଧରିତ୍ରୀ

୨ ଡିସେମ୍ବର ୧୯୭୬

- ୧୩ଟି ରାଜ୍ୟର ମୋଟ ୩୧ଟି ନୂଆ ପରିକଳ୍ପନା ନିମନ୍ତେ ଗ୍ରାମ୍ୟ ବିଦ୍ୟୁତ୍‌କର କର୍ପୋରେଶନ ୯ କୋଟି ୧୫ ଲକ୍ଷ ଟଙ୍କା ଋଣ ମଞ୍ଜୁର କରିଛନ୍ତି ।
- ବାଂଲାଦେଶର ସାମରିକ ଶାସନ କର୍ତ୍ତୃପକ୍ଷଙ୍କ ଆଦେଶରେ ପୂର୍ବତନ ରାଷ୍ଟ୍ରପତି ସାଣ୍ଡକାର ମୁସ୍ତାକ ଅହମ୍ମଦଙ୍କ ସମେତ ୯ ନେତା ଗିରଫ ।

## ଚିରନ୍ତନୀ

ଏହି ପଥେ ଆସେ ଏହି ତରୁମୂଳେ ହୁଏ ସେ ଉଭା
ସୁକୁମାରୀ ଲତା ମୃଣାଳସମ ସେ, ବୟସ ଯୁବା ।
ହାସ ତାର ଦିଶେ କାଶଫୁଲ ତୋରା ଧବଳ ଅତି
ଏହି ପଥେ ପାଦ ପକାଇ ଚଳଇ ଚପଳ ମତି ।
-(ସେହି ମୁଁ ନିଜେ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 3 | 7 | | | 6 | | 5 | 9 |
| 5 | | | | 4 | | | | |
| | | 2 | | | 1 | | | |
| | | | | | | | | 5 |
| | 5 | 1 | 7 | | 3 | 9 | | |
| 8 | | | | | | | | 6 |
| 1 | | | | | | 7 | | |
| | 8 | | | | 4 | | | 2 |
| | | | | 6 | 8 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 7 | 9 | 2 | 5 | 6 | 3 | 4 | 8 | 1 |
| 1 | 4 | 5 | 9 | 7 | 8 | 3 | 6 | 2 |
| 8 | 3 | 6 | 4 | 1 | 2 | 5 | 7 | 9 |
| 9 | 6 | 7 | 1 | 4 | 5 | 8 | 2 | 3 |
| 3 | 8 | 4 | 2 | 9 | 7 | 1 | 5 | 6 |
| 2 | 5 | 1 | 3 | 8 | 6 | 7 | 9 | 4 |
| 4 | 2 | 8 | 6 | 5 | 1 | 9 | 3 | 7 |
| 6 | 7 | 9 | 8 | 3 | 4 | 2 | 1 | 5 |
| 5 | 1 | 3 | 7 | 2 | 9 | 6 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅର୍ଜୁନ ଯୋଜନା କେବେ

ମହାଶୟ,

ସରକାରଙ୍କ ସୁଭଦ୍ରା ଯୋଜନା ଦ୍ୱାରା ରାଜ୍ୟର ଲକ୍ଷ ଲକ୍ଷ ମହିଳା ଉପକୃତ ହେଉଛନ୍ତି, ହେବେ ମଧ୍ୟ । ପାଞ୍ଚ ବର୍ଷରେ ସେମାନେ କିଛି ଛୋଟମୋଟ ବ୍ୟବସାୟରେ ଅର୍ଥ ଖଟାଇ ଆତ୍ମନିର୍ଭରଶୀଳ ହେବେ । ଏହା ଏକ ଭଲ ଯୋଜନା । ମାତ୍ର ସ୍ତ୍ରୀ ଓ ପୁରୁଷ ହେଉଛନ୍ତି ମୁଦ୍ରାର ଦୁଇଟି ପାର୍ଶ୍ୱ । କେବଳ ତରାଜୁର ଗୋଟିଏ ପାଖକୁ ଓଜନିଆ କଲେ ଅପରପାଖଟି ଖାଲି ହୋଇଯାଉଛି । ଏହାକୁ ସମତୁଲ ରହିବାକୁ ହେଲେ ପୁରୁଷମାନଙ୍କ ନିମନ୍ତେ ତୁରନ୍ତ ଅର୍ଜୁନ ଯୋଜନା ପ୍ରଣୟନ କରିବାକୁ ହେବ । ସମ୍ପ୍ରତି ରାଜ୍ୟରେ ପାଠୁଆ, ଅଧାପାଠୁଆ ଲକ୍ଷ ଲକ୍ଷ ଅର୍ଜୁନ ବେକାର ହୋଇ ରହିଛନ୍ତି । ସେମାନଙ୍କ ନିମନ୍ତେ ସେମିତି କିଛି ଆଖିଦୃଶିଆ ଯୋଜନା ଥିଲାପରି ମନେହେଉନି । ଏଣୁ ଯଥାଶିଘ୍ର ବ୍ଲକ ଓ ୱାର୍ଡସ୍ତରରେ ଏମାନଙ୍କୁ ଚିହ୍ନଟ କରାଯାଇ ଅର୍ଜୁନ ଯୋଜନାରେ ସାମିଲ କରାଯାଉ ଓ କିଛି କିଛି ସହାୟତା ରାଶି ପ୍ରଦାନ କରାଯାଉ । ରାଜ୍ୟର ମାନବ ସମ୍ବଳର ସୁପରିଚାଳନା ନିମନ୍ତେ ଯୁବ ସମାଜକୁ ଆତ୍ମନିର୍ଭରଶୀଳ କରାଯିବା ଉଚିତ । ପ୍ରଶାସନ ଏଥିପ୍ରତି ବିଚାର କରି ତୁରନ୍ତ ପଦକ୍ଷେପ ନେବାକୁ ହେବ ।

-ପ୍ରତାପଚନ୍ଦ୍ର ପାଢ଼ୀ, ନିଗମନଗର-ଆର୍କୋଲୀ, ବ୍ରହ୍ମପୁର, ଗଞ୍ଜାମ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଯୁବ ବ୍ୟବସାୟୀଙ୍କ ଅକାଳ ବିୟୋଗ

ପରଜଙ୍ଗ,୧।୧୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବଜାର ସାହିର ଜମ୍ନେଶର ଦଳବେହେରା(୪୧)ଙ୍କ ସୋମବାର ଅକାଳ ବିୟୋଗ ହୋଇଛି। ସେ ପରଜଙ୍ଗ ବଜାରରେ ମୋବାଇଲ ଦୋକାନ କରିଥିଲେ। ସୂଚନା ଅନୁଯାୟୀ, କିଛିଦିନ ପୂର୍ବରୁ ତାଙ୍କ ଦେହ ଅସୁସ୍ଥ ହୋଇଥିଲା। ସୋମବାର ସକାଳେ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ



ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ଯାଇଥିଲେ। ଡାକ୍ତରଙ୍କୁ ଦେଖାଇ ସମସ୍ତ ପରୀକ୍ଷା କରାଇଥିଲେ। ତେବେ ରିପୋର୍ଟ ଆସିବା ପୂର୍ବରୁ ଅଧିକ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତ ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବୁଲୁଙ୍କ ସାନଭାଇ ପହଞ୍ଚି ମୃତଦେହ ପରଜଙ୍ଗ ବାସଭବନକୁ ଆଣିଥିଲେ। ବହୁ ମନ୍ୟଗଣ୍ୟ ବ୍ୟକ୍ତି ଓ ବ୍ୟବସାୟୀ ପହଞ୍ଚି ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ କରାଯାଇଥିଲା। ତାଙ୍କ ମୃତ୍ୟୁରେ ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନ, ବ୍ଲକ ଅଧକ୍ଷ ଶର୍ମିଷ୍ଠା ଦଳବେହେରା, ସାମାଜିକ କର୍ମୀ ପ୍ରଶାନ୍ତ ଦଳବେହେରା, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ଦୀପକ ଗୋଛାୟତ ପ୍ରମୁଖ ଗଭୀର ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଛୋଟ ୨ଟି ପୁଅ ଓ ଝିଅ ଅଛନ୍ତି। ତାଙ୍କ ମୃତ୍ୟୁରେ ପରଜଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଅନୁଗୋଳରେ ଆରମ୍ଭ ହେଲା 'ଇ-ବିଟ୍ ପାଟ୍ରୋଲିଂ'

- ଜନସାଧାରଣଙ୍କ ସୁରକ୍ଷା ପାଇଁ ସ୍ମାର୍ଟ ପୋଲିସର ସ୍ମାର୍ଟ ପଦକ୍ଷେପ
- ଅପରାଧୀମାନଙ୍କ ହେବ ଜିଓ-ଟ୍ୟାଗ୍
- ଖଣିଜ ପ୍ରତିଷ୍ଠାନ ପାଣ୍ଠି ସାହାଯ୍ୟରେ ୨୫ଟି ଥାନାରେ ଲାଗୁ



ଜିଲାପାଳ ଓ ପୋଲିସ ଅଧିକାରୀମାନେ 'ଇ-ବିଟ୍ ପାଟ୍ରୋଲିଂ' ପ୍ରଣାଳୀର ଶୁଭାରମ୍ଭ କରୁଛନ୍ତି।

ଅନୁଗୋଳ,୧।୧୨ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲାରେ ଅପରାଧ ନିୟନ୍ତ୍ରଣ ଏବଂ ସାଧାରଣ ଜନତାଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଜିଲା ପୋଲିସ ପକ୍ଷରୁ 'ଇ-ବିଟ୍ ପେଟ୍ରୋଲିଂ' ପ୍ରଣାଳୀ ଆରମ୍ଭ କରାଯାଇଛି। ସାମାନ୍ୟ ଅପରାଧରୁ ଆରମ୍ଭ କରି ଗୁରୁତର ଅପରାଧ ପର୍ଯ୍ୟନ୍ତ ସମସ୍ତ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିବା ଏହି ପ୍ରକଳ୍ପର ମୂଳ ଉଦ୍ଦେଶ୍ୟ। ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ସତ୍ୟବ୍ରତ ରାଉତ, ଜିଲାପାଳ ଅବଦଲ ମୁହମ୍ମଦ ଅଖତାର, ଏସ୍‌ପି ରାହୁଲ ଜୈନ ଓ ବରିଷ୍ଠ ପୋଲିସ ଅଧିକାରୀମାନଙ୍କ ଉପସ୍ଥିତିରେ ସୋମବାର ଏହାର ଶୁଭାରମ୍ଭ କରାଯାଇଥିଲା। ଏଟିଏମ୍, ବଜାର, ପାର୍କ, ଉପାସନା ସ୍ଥଳ ଏବଂ ବୟସ୍କ ନାଗରିକଙ୍କ ଘର ଆଦିକୁ ଜିଓ-ଟ୍ୟାଗିଂ କରାଯାଇଥିବାରୁ ବିଟ୍ ଅଫିସରମାନେ ମୋବାଇଲ ଆପ୍ ମାଧ୍ୟମରେ ସେଠାକୁ ଯାଇଥିବା ସମୟର ଡିଜିଟାଲ ଲଗ୍ ଅପଲୋଡ୍ କରିପାରିବେ। ଆପ୍ଟିରେ ରିଅଲ-ଟାଇମ, ଲୋକେସନ ଟ୍ରାକିଂ, ମୋବାଇଲ ଆଟେଣ୍ଡାନ୍ସ, ଡିଜିଟାଲ ଅବଜରଭେସନ ରେକର୍ଡ, ଅସମ୍ପୂର୍ଣ୍ଣ ପାଟ୍ରୋଲିଂ କିମ୍ବା ମିସ୍ ହେଲେ ସ୍ୱୟଂଚାଳିତ ଆଲର୍ଟ ଭଳି ସୁବିଧା ରହିଛି। ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ଅନୁଦାନରେ ଜିଲାର ସମସ୍ତ ୨୫ଟି ଥାନା ଅଞ୍ଚଳ ଅନ୍ତର୍ଗତ ଅପରାଧ ପ୍ରବଣସ୍ଥାନ, ଜନସମାଗମ ସ୍ଥଳ, ପର୍ଯ୍ୟଟନ କେନ୍ଦ୍ର ଏବଂ ସମ୍ବେଦନଶୀଳ ସ୍ଥାନକୁ ଚିହ୍ନଟ କରି ସର୍ବମୋଟ ୧,୩୩୧ଟି ବିଟ୍ ପୋଷ୍ଟ ନିର୍ଦ୍ଧାରଣ କରାଯାଇଛି। ଜିଲା ପୋଲିସ ମୁଖ୍ୟାଳୟରେ ଏକ ଆଧୁନିକ କଣ୍ଟ୍ରୋଲ ରୁମ ସ୍ଥାପିତ ହୋଇଥିବା ବେଳେ ପାଟ୍ରୋଲିଂରେ ନିୟୋଜିତ କର୍ମଚାରୀମାନେ ଜିପିଏସ୍ ସକ୍ଷମ ସ୍ମାର୍ଟ ମୋବାଇଲ ଫୋନ୍ ମାଧ୍ୟମରେ 'ଇ-ବିଟ୍' ଆପ୍ ବ୍ୟବହାର କରି ରିଅଲ-ଟାଇମ ରିପୋର୍ଟ କରିପାରିବେ। ଏହା ଫଳରେ ପୋଲିସର ଗତିବିଧି, ଘଟଣାସ୍ଥଳର ସ୍ଥିତି ଓ ଅପରାଧ ସମ୍ପର୍କିତ ସୂଚନା କଣ୍ଟ୍ରୋଲ ରୁମକୁ ତୁରନ୍ତ ମିଳିପାରିବ। ନୂଆ ପ୍ରଣାଳୀ ଆରମ୍ଭ ହେବା ପରେ ଗୁରୁତ୍ୱ ଓ ପୋଲିସ କର୍ମଚାରୀମାନେ କେତେ ସମୟ ଡ୍ୟୁଟି କରୁଛନ୍ତି, ତାହାର ଡିଜିଟାଲ ରେକର୍ଡ ରହିବ। ପୂର୍ବରୁ କର୍ମଚାରୀମାନେ ପୂରା ୮ ଘଣ୍ଟା ଡ୍ୟୁଟି କରୁଛନ୍ତି କି ନାହିଁ, ସେଥିରେ ନିର୍ଭରଶୀଳ ସୂଚନା ମିଳୁ ନ ଥିଲା। କିନ୍ତୁ ଏହି 'ଇ-ବିଟ୍' ପ୍ରଣାଳୀ ମାଧ୍ୟମରେ ଯଦି କୌଣସି କର୍ମଚାରୀ ୮ ଘଣ୍ଟାରୁ କମ୍ ସମୟ ଡ୍ୟୁଟି କରୁଛନ୍ତି, ତେବେ ସେଥିରୁ ସୂଚନା ସିଧାସଳଖ କଣ୍ଟ୍ରୋଲ ରୁମକୁ ମିଳିବ ଏବଂ ସେହି ଦିନଟି ସେମାନଙ୍କ ପାଇଁ ଛୁଟି ଭାବେ ଗଣାଯିବ। ଏହାସହିତ ଜିଲାର ବୟସ୍କ ଲୋକମାନଙ୍କ ଘରକୁ ପୋଲିସ ଠିକ୍ ସମୟରେ ପହଞ୍ଚୁଛନ୍ତି କି ନାହିଁ, ଶାରୀରିକ ସୁରକ୍ଷା ସ୍ଥିତି କେମିତି ଅଛି ସେଥିର ସମ୍ପୂର୍ଣ୍ଣ ତଥ୍ୟ ମଧ୍ୟ ଏହି ଆପ୍ ମାଧ୍ୟମରେ ନିରୀକ୍ଷଣ କରାଯିବ। ପୋଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ, 'ଇ-ବିଟ୍ ପାଟ୍ରୋଲିଂ' ସ୍ମାର୍ଟ ପୋଲିସିଂ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଏହା ଦ୍ୱାରା ପୋଲିସର କାର୍ଯ୍ୟ ପ୍ରଣାଳୀରେ ଅଧିକ ସ୍ୱଚ୍ଛତା, ଦାୟିତ୍ୱବୋଧ ଓ କାର୍ଯ୍ୟକ୍ଷମତା ଆସିବ ଏବଂ ସାଧାରଣ ଜନତା ଏକ ଅଧିକ ସୁରକ୍ଷିତ ପରିବେଶରେ ବାସ କରିବେ।

## ଟିଅର ଗ୍ୟାସ୍‌କୁ ନେଇ ଲୋକେ ପ୍ରଭାବିତ

ଢେଙ୍କାନାଳ,୧।୧୨(ରତନ ନାୟକ)

ଢେଙ୍କାନାଳ ରିଜର୍ଭ ପୋଲିସ ଲାଇନ ପଡିଆଠାରେ ରେଳବାଇ ପୋଲିସ ପକ୍ଷରୁ ସୋମବାର ଟିଅର ଗ୍ୟାସ ଚାଳନା ଅଭ୍ୟାସ ଚାଲିଥିବା ବେଳେ ନିକଟବର୍ତ୍ତୀ ଅଞ୍ଚଳରେ ରହୁଥିବା ଲୋକମାନଙ୍କ ଆଖିରେ ଏହାର ପ୍ରଭାବ ପଡ଼ିଥିଲା ବୋଲି ଅଭିଯୋଗ ହୋଇଛି। ଏ ସମ୍ପର୍କରେ ସାମାଜିକ କର୍ମୀ ସରୋଜ ଶତପଥୀ ଟାଉନ ଥାନା ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ। ଜଣେ ପୋଲିସ ଅଧିକାରୀଙ୍କ ସୂତ୍ରରୁ ଜଣାପଡିଛି, ସୋମବାର ମେଘୁଆ ପାଗ ଥିବାରୁ ଟିଅର ଗ୍ୟାସ ଅଭ୍ୟାସ ସମୟରେ ଏଭଳି ଅସୁବିଧା ହୋଇଥିବା ଅନୁଭବ କରୁଛୁ। ବର୍ତ୍ତମାନ ଆଉକିଛି ଏହାର ପ୍ରଭାବ ନାହିଁ। ଖରାପାଗ ହୋଇଥିଲେ କୌଣସି ସମସ୍ୟା ହୋଇ ନ ଥାନ୍ତା ବୋଲି ପୋଲିସ ଅଧିକାରୀ ଜଣକ କହିଛନ୍ତି।

## ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ

ପରଜଙ୍ଗ,୧।୧୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ତହସିଲ ପ୍ରଶାସନ ତରଫରୁ ସୋମବାର ବାହିଆପୁର ହାଇସ୍କୁଲ ସମ୍ମୁଖରେ ସରକାରୀ ଜାଗାରେ ଥିବା ଏକ ଢାବା ସହ କେତେଟି ଦୋକାନ ଗୃହକୁ ଉପଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଉଚ୍ଛେଦ କରାଯାଇଛି। ଉଚ୍ଛେଦବେଳେ ତହସିଲଦାର ସୁଦେବ କୁମାର ପୃଷ୍ଟି, ଅତିରିକ୍ତ ତହସିଲଦାର ମନୋରଞ୍ଜନ ସାହୁ, ସୁପରଭାଇଜର ଅରବିନ୍ଦ ସାହୁ, କପିଳପଦା ଜେନା, ରାଜସ୍ୱ ନିରୀକ୍ଷକ ଆଲୋକ ଲେଙ୍କାଙ୍କ ସମେତ ପରଜଙ୍ଗ ଥାନା ଏଏସ୍‌ଆଇ ଅଜୟ ସାମଲ, ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନା ଅନୁଯାୟୀ, ପରଜଙ୍ଗରେ ଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ କୋର୍ଟ ପାଇଁ ନୂତନ କୋଠା ନିର୍ମାଣ ନିମନ୍ତେ ପରଜଙ୍ଗ ସରକାରୀ ଜାଗା ନ ମିଳିବାରୁ କୋର୍ଟ ବାହିଆପୁରରେ ହେବାକୁ ସ୍ଥିର ହୋଇଥିଲା। ସେଣୁ ଉକ୍ତ ସରକାରୀ ଜାଗାରୁ ଜବରଦଖଲ ହଟାଇବାକୁ ତହସିଲ ପ୍ରଶାସନ ନୋଟିସ ଦେଇଥିଲେ। ହେଲେ ଢାବା ମାଲିକ କାମାକ୍ଷାନଗର ଉପଜିଲାପାଳଙ୍କ କୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ଉପଜିଲାପାଳ ଏହାର ଶୁଣାଣି କରି ଉଚ୍ଛେଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ପରଜଙ୍ଗ ମୁଖ୍ୟାଳୟର ବିଭିନ୍ନ ସ୍ଥାନ, ପରଜଙ୍ଗ ବଜାରର ବହୁ ସ୍ଥାନ ଜବରଦଖଲରେ ଥିବା ବେଳେ ଦୃଷ୍ଟି ଦିଆଯାଉ ନ ଥିବା ଅଭିଯୋଗ ହେଉଛି। ତହସିଲଦାର ପୃଷ୍ଟି କହିଛନ୍ତି, ଆଇନ ସମସ୍ତଙ୍କ ପାଇଁ ସମାନ, ଆଗକୁ ଉଚ୍ଛେଦ ହେବ।

## ରେଲ୍‌ୱେ କ୍ରସିଂଠାରେ ରେଳରୋକୋ ଆନ୍ଦୋଳନ



ତାଳଚେର, ୧।୧୨ (ମନୋଜ ନନ୍ଦ)

ତାଳଚେର ମହାନଦୀ କୋଇଲା ଶ୍ରମିକ କଂଗ୍ରେସ ପକ୍ଷରୁ ଘଣ୍ଟପଡ଼ା ରେଲୱେ କ୍ରସିଂଠାରେ ସୋମବାର ରେଳରୋକୋ ଆନ୍ଦୋଳନ କରାଯାଇଥିଲା। ଫଳରେ କୌଣସି କୋଇଲା ବୋଝେଇ ଟ୍ରେନ୍ ଚଳାଚଳ କରି ପାରି ନ ଥିଲା। ସୂଚନାଯୋଗ୍ୟ, ପୂର୍ବତନ ଜିଲା ପରିଷଦ ସଦସ୍ୟ ରାଜକିଶୋର ସାହୁ ବାରମ୍ବାର ୱାଗନ ଏବଂ ଟ୍ରକଗୁଡ଼ିକରେ ପାଲଭିଡ଼ି କୋଇଲା ଚାଲାଣ କରିବାକୁ ଦାବି କରି ଆସୁଥିଲେ। ଏହାକୁ କାର୍ଯ୍ୟକାରୀ କରିବାକୁ ସେ ସ୍ଥାନୀୟ ପ୍ରଶାସନ, ଜିଲା ପ୍ରଶାସନ ଏବଂ କୋଇଲା ଖଣି କର୍ତ୍ତୃପକ୍ଷ ଓ ରେଲୱେ କର୍ତ୍ତୃପକ୍ଷଙ୍କୁ ଦାବି ଜଣାଇଥିଲେ। ହେଲେ ଏଥିପ୍ରତି ଗୁରୁତ୍ୱ ଦିଆ ନ ଯିବାରୁ ଆନ୍ଦୋଳନ କରାଯାଇଥିଲା। ଏସ୍‌ଡିପିଓ ଭରସ ସାହୁ ବୁଝାଶୁଝା କରିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମଙ୍ଗଳବାର ଏ ସମ୍ପର୍କରେ ଏକ ବୈଠକ କରାଯିବ ବୋଲି ସ୍ଥିର ହୋଇଛି। ସଭାପତିଙ୍କ ସହ ପୂର୍ବତନ ଅଧ୍ୟକ୍ଷ ଦିଗାମ୍ବର ଗଡ଼ନାୟକ, ଅଶୋକ କୁମାର ଦାସ, ମନୋଜ ସାହୁ, ପୂର୍ବତନ ନଗରପାଳ କେଶବ ଭୂତିଆ, ସବିତାରାଣୀ ଧୀର, ପ୍ରଭାତ ରଥ, ଜିନେଶ ସାହୁ, ସତ୍ୟବ୍ରତ ମହାନ୍ତି, ଶିବ ସନ୍ତୋଷ ସାହୁ, ସହଦେବ ସାହୁ, ସୁନୀଲ ପାଣି, ବିଭୂତି ସାହୁ, ବୀରବର ସାହୁ, ଟିକେନ ନାଏକ, ଦୀପକ ଚାନ୍ଦ, ବିକାଶ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଗାଡ଼ି ଧକ୍କାରେ ବୃଦ୍ଧ ମୃତ

ପରଜଙ୍ଗ,୧।୧୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ ନମ୍ବର ଜାତୀୟ ରାଜପଥର ବଡଝରା ଗ୍ରାମ ନୂଆସାହି ଛକରେ ସୋମବାର ସନ୍ଧ୍ୟାରେ ସେହି ଗ୍ରାମର ଅମ୍ବୁଜ ନାୟକ(୫୦)ଙ୍କ ଏକ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁଯାୟୀ, ଅମ୍ବୁଜ ସାହି ଛକରେ ଥିବା ଦୋକାନରୁ ଚା' ପିଇ ରାସ୍ତା ପାରି ହେଉଥିବାବେଳେ କାମାକ୍ଷାନଗର ପାର୍ଶ୍ୱରୁ ଆସୁଥିବା ଏକ କାର ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ପହଞ୍ଚି ମୃତଦେହ ରଖି କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ। ଖବରପାଇ ପରଜଙ୍ଗ ଏଏସ୍‌ଆଇ ଯୁଗଳ ପ୍ରଧାନ, ଅଜୟ ସାମଲ, ନରିଆ ସାହୁ ପ୍ରମୁଖ ଦୁର୍ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ଏ ନେଇ ପରଜଙ୍ଗ ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

## ଏଡ୍‌ସ ମୁକ୍ତ ସମାଜ ଗଠନରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ଓଡ଼ାପଡ଼ା,୧।୧୨(ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳ ରୋଡସ୍ଥିତ ଓଡ଼ାପଡ଼ା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ସୋମବାର ପାଳିତ ହୋଇଯାଇଛି। ଯୁବ ରେଡ୍‌କ୍ରସ ଅଧିକାରୀ ଡ. ବଳରାମ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧକ୍ଷ ଡ. ଶମ୍ଭୁ ପ୍ରସାଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଏଡ୍‌ସ ସମ୍ପର୍କରେ ସଚେତନ ହେବା ସହ ନିଜ ଅଞ୍ଚଳର ଲୋକଙ୍କୁ ସଚେତନ କରାଇବା ଉଚିତ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଣବ କୁମାର ହୋତା ଯୋଗଦେଇ ଏଡ୍‌ସ ରୋଗର କାରଣ ଓ ନିବାରଣ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ ଓ ପ୍ରାଧ୍ୟାପକ ପ୍ରଦୀପ୍ତ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶ୍ୱ ଏଡ୍‌ସ ଦିବସ ପାଳନ କରିବାର ଆବଶ୍ୟକତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାପତି ଡ. ପୃଷ୍ଟି ଏଡ୍‌ସ ମୁକ୍ତ ସମାଜ ଗଠନ କରିବାରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଆୟୋଜିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଶତଫା ବେହେରା, ତର୍କ ପ୍ରତିଯୋଗିତାରେ ଉର୍ମିରଣୀ ପରିଡ଼ା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଷ୍ଣୁପ୍ରିୟା ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏନ୍‌ସିସି, ଜାତୀୟ ସେବା ଯୋଜନା, ରୋଭର୍ ଓ ରେଞ୍ଜର ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମକୁ ଛାତ୍ରୀ ଶତଫା ବେହେରା ସଂଯୋଜନା କରିଥିବାବେଳେ ବିଶ୍ୱସ୍ମିତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ୍ୟ ମଣ୍ଡିତ କରିଥିଲେ।

## ପୌରପାଳିକା କାର୍ଯ୍ୟାଳୟ, ଢେଙ୍କାନାଳ

**ଢେଙ୍କାନାଳ ସହରବାସୀଙ୍କୁ ନିବେଦନ**

ଆଗାମୀ ଦିନରେ ଏକ ଆଦର୍ଶ, ସୁସ୍ଥ ଏବଂ ସୌନ୍ଦର୍ଯ୍ୟମୟ ଆଧୁନିକ ସହର ଗଠନ ନିମନ୍ତେ ପ୍ରୟାସ ଜାରି ରଖିବାକୁ ସଂକଳ୍ପ ନେଇ ଏହି ପୌରପରିଷଦ ନିମ୍ନୋକ୍ତ କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ନିମନ୍ତେ ପ୍ରଚେଷ୍ଟାରତ।
୧.ପୌର ସମ୍ପତ୍ତି ଆପଣମାନଙ୍କର ସମ୍ପତ୍ତି। ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ଆପଣଙ୍କର। ୨. ସର୍ବସାଧାରଣ ରାସ୍ତା ଓ ଡ୍ରେନ୍‌ରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ। ୩. ସରକାରୀ ଜମି କିମ୍ବା ରାସ୍ତା ଅବରୋଧ କରି ସର୍ବସାଧାରଣ ଯାତାୟାତରେ ଅସୁବିଧା ସୃଷ୍ଟି କରନ୍ତୁ ନାହିଁ। ଜଳ ନିଷ୍କାସନ ପଥ ଅବରୋଧ କରନ୍ତୁ ନାହିଁ। ୪. ସର୍ବସାଧାରଣ ରାସ୍ତାଘାଟରେ ଗୃହପାଳିତ ପଶୁମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟାତରେ ପ୍ରତିବନ୍ଧକ ସୃଷ୍ଟି କରନ୍ତୁ ନାହିଁ। ୫. ପ୍ଲାଷ୍ଟିକ୍ ଓ ପଲିଥିନ୍ ବ୍ୟବହାର ନ କରି ପ୍ରଦୂଷଣମୁକ୍ତ ସହରାଞ୍ଚଳ ଗଠନରେ ସହାୟକ ହୁଅନ୍ତୁ। ୬. ନିୟମିତ କର ଦେଇ ପୌରପରିଷଦର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ। ୭. ପ୍ରତିବର୍ଷ ଏପ୍ରିଲ୍ ଓ ମଇ ମାସରେ ଘର ଟିକସ ପୈଠ କରି ରିହାତିର ସୁଯୋଗ ନିଅନ୍ତୁ। ୮. ପୌରାଞ୍ଚଳରେ ଗୃହ ନିର୍ମାଣ କରିବା ପୂର୍ବରୁ ପୌରସଂସ୍ଥାରୁ ଗୃହ ନକ୍ସାକୁ ଅନୁମୋଦନ କରାଇ ନିଅନ୍ତୁ। ୯.ପୌରସଂସ୍ଥାର ନାଳରେ ଗୃହର ପାଇଖାନା ମଇଳା ପାଣି ନ ଛାଡ଼ି ପୌରପାଳିକାର ସେସ୍‌ପୁଲ୍ ମେସିନ୍ ମାଧ୍ୟମରେ ନିଷ୍କାସିତ କରନ୍ତୁ। ୧୦. ପୌରାଞ୍ଚଳ ମଧ୍ୟରେ ଗୃହ ନିର୍ମାଣ କରିବା ପରେ ନିଜର ଗୃହକୁ ପୌର କାର୍ଯ୍ୟାଳୟରେ ମୂଲ୍ୟାଙ୍କନ କରାଇ ହୋଲ୍‌ଡିଂ ଟ୍ୟାକ୍ସରେ ଅନ୍ତର୍ଭୁକ୍ତ କରାନ୍ତୁ। ୧୧. ପୌରାଞ୍ଚଳ ମଧ୍ୟରେ ଥିବା ସମସ୍ତ ବ୍ୟବସାୟୀ ଓ ବେସରକାରୀ ପ୍ରତିଷ୍ଠାନଗୁଡ଼ିକ ସେମାନଙ୍କର ବ୍ୟବସାୟର ଟ୍ରେଡ୍ ଲାଇସେନ୍ସ ପୌର କାର୍ଯ୍ୟାଳୟରେ କରାଇ ନିଅନ୍ତୁ। ୧୨. ରାଜ୍ୟ ସରକାରଙ୍କ କଠିନ ବର୍ଜ୍ୟବସ୍ତୁ ସୁପରିଚାଳନା, ୨୦୧୬ ନିୟମ ଅନୁଯାୟୀ ସମସ୍ତେ ନିଜ ନିଜର ଗୃହରେ ଶୁଖିଲା ଓ ଓଦା ବର୍ଜ୍ୟବସ୍ତୁ ପାଇଁ ପୃଥକ୍ ପୃଥକ୍ ଭାବରେ (ସବୁଜ-ଓଦା ବର୍ଜ୍ୟବସ୍ତୁ ଓ ନୀଳ-ଶୁଖିଲା ବର୍ଜ୍ୟବସ୍ତୁ) ଦୁଇଗୋଟି ଡଷ୍ଟବିନ୍ ରଖି ପ୍ରତିଦିନ ନିଜ ନିଜର ଘରୁ ବାହାରୁଥିବା ବର୍ଜ୍ୟବସ୍ତୁକୁ ଡଷ୍ଟବିନ୍‌ରେ ରଖି ପୌରସଂସ୍ଥାକୁ ହସ୍ତାନ୍ତର କରନ୍ତୁ ଏବଂ ଏଥିସହିତ ଢେଙ୍କାନାଳ ସହରକୁ ଏକ ସ୍ୱଚ୍ଛ ଓ ସୁନ୍ଦର ସହର ଭାବେ ଗଢ଼ି ତୋଳିବାରେ ସହଯୋଗ କରନ୍ତୁ। ୧୩. ପୌରାଞ୍ଚଳ ମଧ୍ୟରେ ଥିବା ସରକାରୀ ଜମିକୁ ଜବରଦଖଲ କରନ୍ତୁ ନାହିଁ। ୧୪.କୌଣସି ନିର୍ମାଣ କାର୍ଯ୍ୟ ବେଆଇନ ଭାବେ କରନ୍ତୁ ନାହିଁ।

"ଆସନ୍ତୁ ଢେଙ୍କାନାଳ ସହରକୁ ପଲିଥିନ୍‌ମୁକ୍ତ କରିବା ସହିତ ସ୍ୱଚ୍ଛ, ସୁସ୍ଥ ଓ ସବୁଜ ସୁନ୍ଦର କରି ଗଢ଼ି ତୋଳି ପ୍ରଗତିପଥରେ ଆଗେଇନେବା"

**ଆପଣଙ୍କ ସେବାରେ ଢେଙ୍କାନାଳ ପୌରପାଳିକା**

ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଦାସ, ଓ.ପ୍ର.ସେ.
ନିର୍ବାହୀ ଅଧିକାରୀ
ଢେଙ୍କାନାଳ ପୌରପାଳିକା

ଶ୍ରୀମତୀ ଜୟନ୍ତୀ ପାତ୍ର
ଅଧକ୍ଷା
ଢେଙ୍କାନାଳ ପୌରପାଳିକା

## ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ପକ୍ଷରୁ କଳାବ୍ୟାଜ ପରିଧାନ

କାମାକ୍ଷାନଗର,୧।୧୨(ସୁଧୀର କୁମାର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଜନ୍ତାରିବୋଲ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ସୋମବାର ୧୩ ଦଫା ଦାବିରେ କଳାବ୍ୟାଜ୍ ପରିଧାନ କରି ପ୍ରତୀକାତ୍ମକ ଧାରଣା ଦେଇଛନ୍ତି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘର ଆହ୍ୱାନକ୍ରମେ ଏହି ନିଷ୍ପତ୍ତି ନିଆଯାଇଛି। ଶିକ୍ଷୟିତ୍ରୀ ଶିକ୍ଷକ ୬ଦିନ ଧରି ଶାନ୍ତିପୂର୍ଣ୍ଣ ଭାବେ ଓ ଗଣତାନ୍ତ୍ରିକ ପଦ୍ଧତିରେ ବିରୋଧ ପ୍ରଦର୍ଶନ କରିବା ସହ ୧୩ ଦଫା ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ସେମାନେ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନକୁ ପ୍ରତିଷ୍ଠାର ୧୦ବର୍ଷ ବିତି ଯାଇଥିଲେ ସୁଦ୍ଧା ଶିକ୍ଷୟିତ୍ରୀ ଶିକ୍ଷକ ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ ଥିବାରୁ ଏହି ପନ୍ଥା ଗ୍ରହଣ କରିଥିବା ସେମାନେ କହିଛନ୍ତି। ଆଦର୍ଶ ବିଦ୍ୟାଳୟ ରାଜ୍ୟ ଶିକ୍ଷକ ସଂଘ ତରଫରୁ ବାରମ୍ବାର ଉଚ୍ଚସ୍ତରୀୟ ବୈଠକ ପାଇଁ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କଲା ସତ୍ତ୍ୱେ ପ୍ରତିଶ୍ରୁତି ଛଡା କିଛି ମିଳି ନ ଥିବା କହିଛନ୍ତି। ୨୪ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମୃତ୍ୟୁ ପରେ ବି ସେମାନଙ୍କୁ କୌଣସି ପ୍ରକାର ସୁବିଧା ସରକାର ଯୋଗାଇ ନ ଦେବା ଶିକ୍ଷକ ସମାଜର ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ସରକାରୀ ଚାକିରି ସର୍ତ୍ତାବଳୀ ଲାଗୁ ସହ କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ସରକାରୀ ମାନ୍ୟତା ଦେବା ଆଦି ଶିକ୍ଷୟିତ୍ରୀ ଶିକ୍ଷକଙ୍କ ମୁଖ୍ୟ ଦାବି ରହିଛି। ସପ୍ତାହେ ମଧ୍ୟରେ ସରକାର ଏଥିପ୍ରତି ଧ୍ୟାନଦେଇ ନ ଥିବାରୁ ଆଦର୍ଶ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ ମହାସଂଘ ପକ୍ଷରୁ ଡିସେମ୍ବର ୮ରେ ରାଜଧାନୀ ରାଜରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିବା ପାଇଁ ସ୍ଥିର କରାଯାଇଛି।



# ସଚେତନତା ମାଧ୍ୟମରେ ଏଡ୍‌ସ ରୋକାଯାଇପାରିବ



ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରୁଛି।

ଅନୁଗୋଳ,୧।୧୨(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ସ୍ୱାସ୍ଥ୍ୟସମିତି ଏବଂ ଜିଲା ଏଡ୍‌ସ ପ୍ରତିରୋଧ ଓ ନିୟନ୍ତ୍ରଣ କମିଟି ମିଳିତ ଆନୁକୂଲ୍ୟରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟସ୍ତରୀୟ ଛାତ୍ରୀଛାତ୍ର ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଜିଲା ମୁଖ୍ୟ ଚିକିତ୍ସାଳୟଠାରୁ ବାହାରି ସହର ପରିକ୍ରମା କରିଥିଲା। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମଦନ ମୋହନ ପ୍ରଧାନ ସବୁଜ ପତାକା ଦେଖାଇ ଏହି ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ପରେ ଜିଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ କକ୍ଷଠାରେ ସଚେତନତା ସଭାର ଆୟୋଜନ କରାଯାଇଥିଲା। ଏହି ସଭାରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ପ୍ରଧାନ ଯୋଗଦେଇ ସଚେତନତା, ଠିକ୍ ସମୟରେ ରକ୍ତ ପରୀକ୍ଷା ମାଧ୍ୟମରେ ଏଡ୍‌ସକୁ ରୋକାଯାଇପାରିବ ବୋଲି କହିଥିଲେ। ଏଡ୍‌ସ ନିୟନ୍ତ୍ରଣ ୟୁନିଟ ଅଧିକାରୀ ଡା. କ୍ରିଷ୍ଣା ଚନ୍ଦ୍ର ପାଲ ଏଡ୍‌ସର ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାରେ ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଜିନ୍ଦଲ, ନାଲ୍‌କୋ, ରୋଟାରି କ୍ଲବ ରୟାଲ, ଅନୁଗୋଳ ଓ ତାଳଚେରକୁ ସେମାନଙ୍କ ସହଯୋଗ ନିମନ୍ତେ ସମ୍ମାନିତ କରାଯାଇଥିଲା। ଏଡ୍‌ସ ନିୟମନ୍ତ୍ରଣ ବିଭାଗ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ ରୋଗ) ଡା. ପୂର୍ଣ୍ଣିମା ଉଦଗାତା, ଜିନ୍ଦଲ (ସିଏସ୍‌ଆର୍) ସାଧାରଣ ପରିଚାଳକ ଜୟନ୍ତ ମହାନ୍ତ, ନାଲ୍‌କୋ ସ୍ୱାସ୍ଥ୍ୟ ଅଧିକାରୀ ଡ. ଚିନ୍ମୟ ବାରିକଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତର, ନର୍ସ ଛାତ୍ରୀଛାତ୍ର ପ୍ରମୁଖ ଯୋଗ ଦେଇଥିଲେ।

## କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ

ସା:ପୋ:- କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧ (ଓଡ଼ିଶା)

**KEONJHAR CENTRAL CO-OPERATIVE BANK LTD.**
AT/PO. : KEONJHARGARH, KEONJHAR-758001 (ODISHA)
Telephone : (06766) 255183, 251745, Fax : 253137
Email : kendujharccb@gmail.com

No.KCCB/5760/HRD/2025-26 Date : 01.12.2025

**Expression of Interest**

Expressions of Interest are invited from IRDA Accredited Insurance Companies for Fresh Group Mediclaim Insurance Policy for Bank Employees and Directors along with their dependents for the year 2026, commencing from 00 hour 01 Jan 2025 to midnight of 31st Dec 2026. The Tender documents must reach to the office of the undersigned in sealed envelope on or before 16.12.25 latest by 05.00 P.M. Delay in receipt of Tender documents/bids after the due date and time will not be entertained at all and the undersigned will be, in no way responsible for the same. The Quotations so received shall be opened at 11.00 A.M on 17.12.2025 in presence of bidders or their authorized representatives if any.

**I. Opening of Technical bid - 17.12. 2025 at 11:00 AM in the Conference Hall of the Bank.**
**II. Opening of Price bid - 17.12.2025 4:00 PM in the Conference Hall of the Bank.**

The detailed terms and conditions of the tender may be downloaded from our website www.kendujharccb.com. The Authority of the Bank reserves the right to accept or reject the quotation without assigning any reason thereof.

Sd./- Chief Executive Officer
Keonjhar Central Cooperative Bank Ltd.

## ଅଧ୍ୟାପକଙ୍କ ଅକାଳ ବିୟୋଗରେ ଶୋକଶୋଭା

ପାଲଲହଡା,୧।୧୨( ଦିବ୍ୟଜ୍ୟୋତି ଦାଶ)



ପାଲଲହଡ଼ା ଉପଖଣ୍ଡ ମାଲ୍ୟଗିରି ମହାବିଦ୍ୟାଳୟର ଅଧ୍ୟାପକ ଭାସ୍କର ଚନ୍ଦ୍ର ସାହୁ ଦୁର୍ଘଟଣାରେ ଗୁରୁତର ହୋଇ ଚିକିତ୍ସାଧୀନ ଥିବାବେଳେ ସୋମବାର ମୃତ୍ୟୁବରଣ କରିଛନ୍ତି। ସୂଚନା ଅନୁଯାୟୀ, ମାଲ୍ୟଗିରି ମହାବିଦ୍ୟାଳୟ ଛକ ନିକଟରେ ଗତ ଶନିବାର ଏକ କଣ୍ଟେନର ଧକ୍କାରେ ଅଧ୍ୟାପକ ସାହୁ ଗୁରୁତର ହେଇଥିଲେ। ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ପାଲଲହଡା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ଏ ନେଇ କଲେଜ ପରିସରରେ ପ୍ରିନ୍‌ସିପାଲ ସନ୍ଧ୍ୟାରାଣୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶୋକସଭା ଅନୁଷ୍ଠିତ ହେଇଥିଲା। ସମସ୍ତ ଅଧ୍ୟାପିକା ଅଧ୍ୟାପକ କର୍ମଚାରୀ, ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପରେ ଏକ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ସେ ଜଣେ କର୍ତ୍ତବ୍ୟପରାୟଣ, ଛାତ୍ରୀଛାତ୍ର ସ୍ନେହବତ୍ସଳ, ମିଷ୍ଟଭାଷି, ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କ ବିୟୋଗରେ ମହାବିଦ୍ୟାଳୟ ଜଣେ ବ୍ୟକ୍ତିତ୍ୱ ସମ୍ପନ୍ନ ଅଧ୍ୟାପକଙ୍କୁ ହରାଇଥିବା ମତପ୍ରକାଶ ପାଇଥିଲା।

## ଭାରତୀୟ କପା ନିଗମ ଲିମିଟେଡ୍

ଭା.କ.ନି. CCI | ମୋବାଇଲ ଆପ | କପାସ କିଷାନ

**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୦୧.୧୨.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ "କପାସ କିଷାନ" ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ

## EXECUTIVE ENGINEER, MINOR IRRIGATION DIVISION, BOKARO.

e-Procurement Portal
(Two Envelope system)
**E-Tender Reference No. WRD/MID/BOKARO/B.D/ M.M.S.L.I-02-/2025-26 Date : 29.11.2025**

1.Date of Publication of Tender on website :- 15.12.2025 at 2.00 PM
2.Last date/Time for receipt of bids online bids :- e-Procurement Portal (Jharkhandtenders. gov.in)
Fee, Security and other documents :- 27.12.2025 up to 2.00 PM
3.Date of Opening of Tender on website :- 29.12.2025 at 3:00 PM
4.Name & address of office Inviting tender :- Executive Engineer, Minor Irrigation Division, Bokaro, Camp – II, Qr. No- D/1, B. S. City, Bokaro, Jharkhand, Pin no- 827001
5. (a) Contact no of e-Procurement officer :- 9773661712
(b) E-mail of e-Procurement officer :- eemidbok-cemr-jhr@nic.in
6. Helpline number of e-Procurement cell :- 9431510092

| Gr. No. | Name of the work | Estimated Cost (Rs.) | EMD | Cost of BOQ | Time of Completion |
|---|---|---|---|---|---|
| 1 | Construction of Mukhya mantri Solar L.I Scheme in vill- Ghagri, under Block-Chandankiyari, Bokaro. | 1,28,32,300.00 | 1,28,400.00 | 10,000.00 | 11 months |
| 2 | Construction of Mukhya mantri Solar L.I Scheme in vill- Madhukarpur, under Block-Kasmar, Bokaro. | 1,32,88,900.00 | 1,32,900.00 | 10,000.00 | 11 months |

Note :- (1) Only e-Tenders will be accepted.
(2) Published Estimated Cost may Increase or Decrease.
(3) Work will be awarded to those bidders (specially MNRE approved channel partners/MNRE approved manufacturers/ MNRE approved PV system integrators/ A registered manufacturers/Company/ Firm/ Corporation in India (including MSME of Jharkhand) of at least one of the major sub system namely pumps or PV System electronics (confirming to National/International Standards)/ any other agencies having experience of installation and commissioning of such solar powered irrigation schemes). Empanelled Indigenous Manufacturers of 10 HP pumps (AC Surface Motor Pumps) in the department with all accessories for off-grid standalone SPV water pumping systems can also take part in the bid for executing the whole work of the bid. However those bidders who have not yet registered in Water Resources Department can also submit their bid provided they will have to get themselves registered in Water Resources Department within two months from the date of allotment of work.
Further details can be seen on website http://jharkhandtenders.gov.in

Executive Engineer,
Minor Irrigation Division, Bokaro

PR.NO.367452 Minor Irrigation(25-26):D

# ଦଦରା ଆଜବେଷ୍ଟସ୍ ଘରେ ଚାଲିଛି ପାଠପଢ଼ା

## ୭୧ ବର୍ଷର ଜର୍ଜିରା ପ୍ରାଥମିକ ବିଦ୍ୟାଳୟ

ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ୍ ବେଲଟିକିରି ପଞ୍ଚାୟତର ଜର୍ଜିରା ଗ୍ରାମରେ ୧୯୫୪ରେ ସ୍ଥାପିତ ପ୍ରାଥମିକ ବିଦ୍ୟାଳୟ ନାନା ସମସ୍ୟା ଭେଇ ଗତି କରୁଛି। ଜିଲା ସଦର ମହକୁମା ଠାରୁ ମାତ୍ର ୧୨ କି.ମି. ଦୂର ଢେଙ୍କାନାଳ-କାଇମାଟି-ଯୋରନ୍ଦା ମୁଖ୍ୟ ରାସ୍ତା ପାର୍ଶ୍ୱରେ ଏହି ବିଦ୍ୟାଳୟଟି ରହିଛି। ଏଠାରେ ବର୍ତ୍ତମାନ ୭୦ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ଚତୁଃପାର୍ଶ୍ୱରେ ପାଚେରି ଥିଲେ ବି ପଶ୍ଚିମପଟ ପାଚେରିର ଉଚ୍ଚତା କମ୍ ରହିଛି। ବିଦ୍ୟାଳୟ ପରିସରରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବାକୁ ଏକ ପ୍ରକୋଷ୍ଠ ନିର୍ମାଣ ହୋଇଛି। କିନ୍ତୁ ସମ୍ପୃକ୍ତ ଠିକାଦାର ଏଥିପାଇଁ ଟଙ୍କା ପାଉ ନ ଥିବାରୁ ସେ ଏହାକୁ ବ୍ୟବହାର କରିବାକୁ ମନା କରୁଛନ୍ତି। ଏ ନେଇ ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାମଦେବ ବେହେରା ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟ ପ୍ରତିଷ୍ଠା ଆରମ୍ଭରୁ ପଢ଼ିଥିବା ଆଜବେଷ୍ଟସ୍ ଛାତ ଘରେ ସମ୍ପ୍ରତି ଶିଶୁବାଟିକା ଠାରୁ ଆରମ୍ଭ କରି ୫ମ ଶ୍ରେଣୀ ଯାଏ ୬ଟି ଶ୍ରେଣୀର ପିଲାଙ୍କୁ ଶିକ୍ଷାଦାନ କରାଯାଉଛି। ମାଙ୍କଡ଼ଙ୍କ ଉପଦ୍ରବରେ ଆଜବେଷ୍ଟସ୍ ଭାଙ୍ଗିରୁଜି ଯାଇ ବର୍ଷାହେଲେ ପାଣି ଗଳୁଛି। ୭୧ବର୍ଷ ହେବ ଆଜବେଷ୍ଟସ୍ ଛପର ବଦଳରେ ପକ୍କା ଛାତର ବ୍ୟବସ୍ଥା ଏଯାଏ ହୋଇପାରି ନାହିଁ। ଜଣେ ପ୍ରଧାନ ଶିକ୍ଷୟିତ୍ରୀ ଓ ଦୁଇଜଣ ସହକାରୀ ଶିକ୍ଷୟିତ୍ରୀ ୬ଟି ଶ୍ରେଣୀର ପିଲାଙ୍କୁ ୨ଟି ଆଜବେଷ୍ଟସ୍ ପ୍ରକୋଷ୍ଠରେ ଶିକ୍ଷାଦାନ କରୁଛନ୍ତି। ବିଦ୍ୟାଳୟ ପଛ ପାର୍ଶ୍ୱ ବଣବୁଦାରେ ପୂରି ରହିଥିବାରୁ ବିଷଧର ସର୍ପଙ୍କ ଭୟ ରହୁଛି। ତୁରନ୍ତ ପକ୍କା ଛାତର ବ୍ୟବସ୍ଥା କରାଯାଉ ବୋଲି ପ୍ରଦ୍ୟୁମ୍ନଭୂଷଣ ଓ ରାଧାନାଥ ରଥ ଜୟନ୍ତୀ କମିଟି ସଭାପତି ପ୍ରଦ୍ୟୁମ୍ନ ରଥ ଓ ଜିଲା ସକ୍ରିୟ ନାଗରିକ ପରିଷଦ ପକ୍ଷରୁ ଦାବି କରାଯାଇଛି। ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।



ବେଲଟିକିରି ପଞ୍ଚାୟତର ଜର୍ଜିରା ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟ।

# ଛାତ୍ରୀଛାତ୍ରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ

ଗଁଦିଆ,୧।୧୨(ବିଶ୍ୱ ମୋହନ ସାହୁ)

ଢେଙ୍କାନାଳ ଜିଲା ଗଁଦିଆ କପିଳାସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବିଶ୍ୱ ଏଡ୍ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ସଭାରେ ଗଣିତ ବିଭାଗର ଅଧ୍ୟାପକ ସନାତନ ଦାସ ସଭାପତିତ୍ୱ କରିଥିବା ବେଳେ ରେଡ୍‌କ୍ରସ ଦାୟିତ୍ୱରେ ଥିବା ପଦାର୍ଥ ବିଜ୍ଞାନ ଅଧ୍ୟାପକ ହରି ନାରାୟଣ ସେନାପତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରିୟବ୍ରତ ପାତ୍ର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଅଧ୍ୟାପକ ମୃତ୍ୟୁଞ୍ଜୟ ଦାସ, ଅଧ୍ୟାପିକା ସରିତା ବେହେରା, ଅଧ୍ୟାପିକା ପୂଜା ସେନାପତି, ଜ୍ୟୋତ୍ସ୍ନାମୟୀ ଦାସ, ଲକ୍ଷ୍ମୀପ୍ରିୟା ଦାସ ଓ କଲେଜର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ରୋଗର ଭୟାବହତା ସମ୍ପର୍କରେ ଛାତ୍ରୀଛାତ୍ରମାନେ ସଚେତନ ଓ ସତର୍କ ରହିବାକୁ ଅଧ୍ୟାପକ ପ୍ରିୟବ୍ରତ ପାତ୍ର ପରାମର୍ଶ ଦେଇଥିଲେ।

# ନାଗନାଥେଶ୍ୱର ପୀଠର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱ





ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଅତିଥିମାନେ।

ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ବଣସିଂହ ଓ ଡାଭାଳିଆ ପଞ୍ଚାୟତର ବଡ଼ ନାଗନାସ୍ଥିତ ଶ୍ରୀଶ୍ରୀ ନାଗନାଥେଶ୍ୱର ମହାଦେବଙ୍କ ପୀଠରେ ୪ର୍ଥ ବ୍ରାହ୍ମଣୀ ବନ୍ଦାଣ ଓ ନାଗନାଥେଶ୍ୱର ମହୋତ୍ସବର ତୃତୀୟ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ଅକ୍ଷୟ କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷ ଲକ୍ଷ୍ମଣ ସାହୁ ଯୋଗଦେଇ ନାଗନାଥେଶ୍ୱର ପୀଠ ଓ ମହୋତ୍ସବର ପ୍ରଚାର ପ୍ରସାର ପାଇଁ ଗୁରୁତ୍ୱ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶୈଳବାଳା ମିଶ୍ର ଯୋଗ ଦେଇଥିଲେ। ଶିକ୍ଷାବିତ୍ ପ୍ରେମାନନ୍ଦ ରାଉତ, ସାମାଜିକ କର୍ମୀ ଚକ୍ରଧର ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଶ୍ରୀନାଗନାଥେଶ୍ୱର ଆଞ୍ଚଳିକ ପରିଷଦର ସଭାପତି ସୁଦାମ ଚରଣ ବେହେରା ସଭାପତିତ୍ୱ କରିଥିଲେ। ଉପଦେଷ୍ଟା ଅବନୀ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବରିଷ୍ଠ ସଦସ୍ୟ ବିଜୟ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ମାଟ୍ରିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଉକ୍ତ ଅଞ୍ଚଳର ଛାତ୍ରୀ ପ୍ରିତିପ୍ରଜ୍ଞା ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ କଣ୍ଠଶିଳ୍ପୀ ରଶ୍ମି ରଞ୍ଜନ ପଣ୍ଡା, ସ୍ମରଣିକା ନନ୍ଦ ଭଜନ ପରିବେଷଣ କରିଥିଲେ। ଯାଦୁକର ବିମଳ ବିଶ୍ୱାଳ ଯାଦୁ ପରିବେଷଣ କରିଥିଲେ। ଏହାପରେ ସ୍ଥାନୀୟ କଳାକାରମାନେ ନୃତ୍ୟ ସଙ୍ଗୀତ ପରିବେଷଣ କରିଥିଲେ। ଅପରାହ୍ନରେ ଅତିଥିମାନେ ବ୍ରାହ୍ମଣୀ ବନ୍ଦନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା ବିକାଶ ରଥ କରିଥିଲେ।

# ଅଭିଯୁକ୍ତଙ୍କୁ ୫ବର୍ଷ କାରାଦଣ୍ଡ

## ଉଦ୍ଧବ ପାତ୍ର ହତ୍ୟା ମାମଲା

ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ଥାନା ମଦାର ଚୈତନ୍ୟ ଆଶ୍ରମ ନିକଟରେ ୨୦୨୨ ମସିହାରେ ଘଟିଥିବା ଉଦ୍ଧବ ପାତ୍ର ହତ୍ୟା ମାମଲାର ରାୟ ଗତ ୨୯ ତାରିଖରେ ପ୍ରକାଶ ପାଇଛି। ଏହି ମାମଲାର ରାୟ ପ୍ରକାଶ କରି ଅତିରିକ୍ତ ଜିଲା ଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ଭିଜିଲାନ୍ସ) ପ୍ରଣତିସାହା ଅଭିଯୁକ୍ତ ଦାଶରଥି ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୫ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ, ଗତ ୯ ଫେବୃଆରୀ ୨୦୨୨ରେ ଉଦ୍ଧବ ଗାଡ଼ିରେ ବ୍ୟବସାୟ ପାଇଁ ଖଡ଼ଗ୍ରାମ ଅଞ୍ଚଳକୁ ଯାଉଥିଲେ। ଚୈତନ୍ୟ ଆଶ୍ରମ ନିକଟରେ ସାମାନ୍ୟ ବଚସାକୁ କେନ୍ଦ୍ରକରି ଅଭିଯୁକ୍ତ ଦାଶରଥି ଏକ ପିଭଳ କମଣ୍ଡଳୁ ଓ ଲୁହା ପୁଙ୍ଗନଳା ସାହାଯ୍ୟରେ ଉଦ୍ଧବଙ୍କୁ ହତ୍ୟା କରିଥିବା ନେଇ ତାଙ୍କ ବାପା ବିଶ୍ୱନାଥ ପାତ୍ର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୦।୨୦୨୨ରେ ମାମଲା ରୁଜୁ କରିଥିଲା। ସିଟି ସେସନ୍ସ କେସ୍ ନଂ. ୪୪୧/୨୨ର ବିଚାର କରି ଅତିରିକ୍ତ ଜିଲାଜଜ୍ ତଥା ସ୍ୱତନ୍ତ୍ର ଜଜ୍ ଭିଜିଲାନ୍ସ ମୋଟ ୨୨ଜଣଙ୍କ ସାକ୍ଷ୍ୟ ଓ ସରକାରଙ୍କ ପକ୍ଷରୁ ଦାଖଲ କରାଯାଇଥିବା ପ୍ରମାଣପତ୍ର ଆଧାରରେ ଅଭିଯୁକ୍ତ ଦାଶରଥିଙ୍କୁ ୫ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଥିଲେ। ଡେପୁଟି ଡାଇରେକ୍ଟର ପ୍ରସିକ୍ୟୁସନ ଢେଙ୍କାନାଳ ଗଣେଶ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସରକାରଙ୍କ ପକ୍ଷରୁ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବିରେନ୍ଦ୍ର ମହାପାତ୍ର, ଅକ୍ଷୟ କୁମାର ଭୋଇ ଓ ଗଣେଶ୍ୱର ସାହୁ ମାମଲା ପରିଚାଳନା କରିଥିଲେ।

# ଏଡ୍‌ସର କାରଣ, ନିରାକରଣ ଜାଣିଲେ ଛାତ୍ରୀଛାତ୍ର



ଦେବେନ୍ଦ୍ର ଶତପଥୀ ସ୍ମାରକୀ କଲେଜରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଉଛି।

ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ କୋଇଲିପଙ୍ଗିସ୍ଥିତ ଦେବେନ୍ଦ୍ର ଶତପଥୀ ସ୍ମାରକୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଯୁବ ରେଡ୍‌କ୍ରସ ଓ ରେଡ୍ ରିବନ କ୍ଲବ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଯୁବ ରେଡ୍‌କ୍ରସ କାଉନସେଲର ଶୁଭଶ୍ରୀ ପଟ୍ଟନାୟକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୋନାଲି ରାଉତରାୟ ସଭାପତିତ୍ୱ କରି ଏଡ୍‌ସ ରୋଗର କାରଣ ଓ ନିରାକରଣ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ସହଯୋଗ କରିଥିବା ବେଳେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହିତ ପୁରସ୍କୃତ କରାଯାଇଥିଲା।

# ଢେଙ୍କାନାଳ ପୋଲିସର ଅପରେଶନ ଧରପଗଡ଼

ଢେଙ୍କାନାଳ,୧।୧୨(ରତନ ନାୟାର)

- ୭୬ ଜାମିନ ବିହୀନ ପରୱାନା ଜାରି
- ୭୪ ଅବକାରୀ ମାମଲାରେ ୧୧ ଗିରଫ
- ଖଣି ଲୁଟ୍ ମାମଲାରେ ୨୧ ଗିରଫ, ୨୮ ଗାଡ଼ି ଜବତ

ଢେଙ୍କାନାଳ ଜିଲା ପୋଲିସ ପକ୍ଷରୁ ଅପରେଶନ ଧରପଗଡ଼ ଜିଲାରେ ଜାରି ରହିଛି। ଏହି ଅଭିଯାନରେ ଜିଲାର ବିଭିନ୍ନ ଅଞ୍ଚଳରେ ୭୬ଜଣଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଛି। ସେହିପରି ୩ମଜଣ ୱାରେଣ୍ଟିଙ୍କୁ ଧରାଯାଇଛି। ୩ଟି ଏନ୍‌ଡିପିଏସ୍ ମାମଲା ରୁଜୁ କରାଯାଇଥିବା ବେଳେ ୪ଜଣଙ୍କୁ ଗିରଫ କରାଯାଇଛି। ୭୪ଟି ଅବକାରୀ ମାମଲା ରୁଜୁ କରାଯାଇ ୧୧ ଜଣଙ୍କୁ ଗିରଫ କରାଯାଇଛି। ସେହିପରି ଜିଲାରେ ବେଆଇନ ଖଣି ଖନନ ଓ ଲୁଟ୍ ଏବଂ ପଥର ଚୋରାଚାଲାଣକୁ ନେଇ ୨୫ଟି ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଥିବା ବେଳେ ୨୧ ଜଣଙ୍କୁ ଗିରଫ କରାଯାଇଛି। ୨୮ଟି ଗାଡ଼ି ସହ ଗୋଟିଏ ପୋକ୍‌ଲିନ ମେସିନ ଜବତ ହୋଇଛି। ବିଏନ୍‌ଏସ୍‌ର ୧୨୬ ଧାରାରେ ୧୪୨ଜଣଙ୍କୁ ଫିଆର ବିଆଯାଇଛି। ଜିଲାରେ ଅପରାଧକୁ ରୋକିବା ପାଇଁ ଅପରେଶନ ଧରପଗଡ଼ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଢେଙ୍କାନାଳ ଜିଲା ପୋଲିସ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଉଛି। ଢେଙ୍କାନାଳ ଜିଲାର ବିଭିନ୍ନ ଥାନା ଓ ଫାଣ୍ଡିରେ ଅପରେଶନ ଧରପଗଡ଼କୁ ଜୋର ଦିଆଯାଇଛି। ବିଭିନ୍ନ ଆପରାଧିକ ମାମଲାରେ ଅପରାଧୀମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପୋଲିସ ବିଭାଗ ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ଜିଲା ପୋଲିସ ବିଭାଗ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ପ୍ରଦାନ କରାଯାଇଛି।

# ଜିଲା ଭାଜପା ଉପସଭାପତିଙ୍କ ଭ୍ରାତୃ ବିୟୋଗରେ ଶୋକ

ଢେଙ୍କାନାଳ,୧।୧୨(ରତନ ନାୟାର)



ପ୍ରିୟବ୍ରତ ନନ୍ଦ (ଫାଇଲ ଫଟୋ)।

ଢେଙ୍କାନାଳ ଜିଲା ଭାଜପା ଉପସଭାପତି ମାତୃ ପ୍ରସାଦ ନନ୍ଦଙ୍କ କନିଷ୍ଠ ଭ୍ରାତା ପ୍ରିୟବ୍ରତ ନନ୍ଦ(ମୁନ୍ନି)ଙ୍କ ୪୩ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଏ ନେଇ ଜିଲା ଭାଜପା ତରଫରୁ ଗଭୀର ଶୋକ ପ୍ରକଟ କରାଯାଇଛି। ପ୍ରିୟବ୍ରତ ଜଣେ ଫାର୍ମାସିଷ୍ଟ ତଥା ମେଡିକାଲ ରିପ୍ରେଜେଣ୍ଟେଟିଭ ଭାବେ କାର୍ଯ୍ୟରତ ଥିଲେ। ସେ ଜଣେ ନେଳାପି, ମିଷ୍ଟଭାଷୀ ଓ କର୍ତ୍ତବ୍ୟପରାଣ ଯୁବକ ଭାବେ ସହରରେ ବେଶ୍ ପରିଚିତ ଥିଲେ। ରବିବାର ସନ୍ଧ୍ୟାରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଢେଙ୍କାନାଳ ନଗରର ବହୁ ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଗୁଡିଆନାଳିସ୍ଥିତ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଏମ୍‌ପି ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲା ଭାଜପା ସଭାପତି ରାସ ବିହାରୀ ବେହେରା, ରାଷ୍ଟ୍ରୀୟ ପରିଷଦ ସଦସ୍ୟ ଭଗବାନ ଜେନା, ରାଜ୍ୟ କୃଷକ ମୋର୍ଚ୍ଚା ପୂର୍ବତନ ଉପସଭାପତି ରାମଚନ୍ଦ୍ର ପାତ୍ର, ପୂର୍ବତନ ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲା ମିଡିଆ ସେଲ୍ ପ୍ରଭାରୀ ନବ କିଶୋର ଗୁରୁ, ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା, ରତିକାନ୍ତ ସାହୁ, ଜିଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ସନାତନ ବେହେରା, ନଗର ମଣ୍ଡଳ ସଭାପତି ବିକାଶ ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା ଗଭୀର ଶୋକବ୍ୟକ୍ତ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

# ଉତ୍କଳ ଗୌରବଙ୍କ ଜୀବନୀ ଉପରେ ଆଲୋଚନା





ଉତ୍କଳ ଗୌରବ ମଧୁସୂଦନ ଦାସ ବିଚାର ମଞ୍ଚ ପକ୍ଷରୁ ଆଲୋଚନାଚକ୍ର।

ଢେଙ୍କାନାଳ,୧।୧୨(ରତନ ନାୟାର)

ଉତ୍କଳ ଗୌରବ ମଧୁସୂଦନ ଦାସ ବିଚାର ମଞ୍ଚ ଢେଙ୍କାନାଳ ଶାଖା ପକ୍ଷରୁ ସୋମବାର କପିଳାସ ପାଦଦେଶରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସମ୍ମିଳନୀର ରାଜ୍ୟ ସଭାପତି ପ୍ରଫେସର ଡ. ଅଦ୍ୱୈତ କୁମାର ପାତ୍ର, ମଞ୍ଚର ରାଜ୍ୟ ସଭାପତି ଡ. ବାୟାମନୁ ଚର୍ଚ୍ଚି, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିରେନ ରାୟ, ସାମାଜିକ କର୍ମୀ ବିଶ୍ୱଜିତ ଆର୍ଯ୍ୟେନ୍ଦୁ କୁମାର ଜେନା, ଗୋପାଳ ସାମଲ, ଦେବବ୍ରତ ରାଉତ, ଲୋଟନ ଖୁଣ୍ଟିଆ ଓ ମହିଳା ସାମାଜିକ କର୍ମୀ ଟିକିଲି ପଣ୍ଡା, ଦେବକୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ, ଦର୍ଶନ, କାର୍ଯ୍ୟଧାରା ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମଧୁବାବୁଙ୍କ ସ୍ୱପ୍ନ ପୂରଣ ପାଇଁ ଆଗାମୀ ଦିନରେ ଢେଙ୍କାନାଳ ଜିଲାରେ ଜୈବିକ କୃଷି, ଓଡ଼ିଆ ଅସ୍ମିତା, ବେକାର ଯୁବକମାନଙ୍କୁ ରଞ୍ଜ ନିର୍ମାଣ କାର୍ଯ୍ୟରେ ନିୟୋଜନ, କୃଷକମାନଙ୍କୁ ଆତ୍ମନିର୍ଭର କରିବା ଆଦି କାର୍ଯ୍ୟକ୍ରମ କରିବା ପାଇଁ ସ୍ଥିର ହୋଇଥିଲା। ଏଥିସହିତ ମଧୁବାବୁଙ୍କ ଚିନ୍ତାଧାରା ଓଡ଼ିଶାର ଘରେ ଘରେ ପହଞ୍ଚାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।

# ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା




ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଏଡ୍‌ସ ଦିବସ ପାଳନ କରାଯାଇଛି।

ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁରସ୍ଥିତ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଯୁବ ରେଡ୍‌କ୍ରସ୍ ଅଧିକାରୀ ଅଧ୍ୟାପକ ଶ୍ରୀକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ସକାଳ ୭ଟାରେ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀମାନେ ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସାଧାରଣ ଜ୍ଞାନ ଓ ପ୍ରବନ୍ଧ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ପରେ ଅଧ୍ୟାପକ ପ୍ରହ୍ଲାଦ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଧାରଣ ସଭାରେ ପ୍ରାଣୀ ବିଜ୍ଞାନ ଅଧ୍ୟାପକ ପ୍ରହ୍ଲାଦ କୁମାର ନାୟକ, ଏଡ୍‌ସର କାରଣ ଓ ନିରାକରଣ ଏବଂ ଲକ୍ଷଣ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଅଧ୍ୟାପକ ଦୁର୍ଗାମାଧବ ପାଣିଗ୍ରାହୀ, ଡେମୋନଷ୍ଟ୍ରେଟର ଦେବୀ ପ୍ରସାଦ ପତି, ଏଡ୍‌ସ ସମ୍ପର୍କିତ ସତର୍କତା ଅବଲମ୍ବନ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ଆଶିଷ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ସାଗର ସାହିତ୍ୟ ସଂସଦ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତା





ସାଗର ସାହିତ୍ୟ ସଂସଦ ପକ୍ଷରୁ ପ୍ରବନ୍ଧ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଇନ୍ଦିପୁର ପଞ୍ଚାୟତ ସାଗର ସାହିତ୍ୟ ସଂସଦ ପକ୍ଷରୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ପୃଥକ ପୃଥକ ସମୟରେ ଚିତ୍ରାଙ୍କନ ଓ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବାବେଳେ ଏହାର ଫଳାଫଳ ସୋମବାର ଘୋଷିତ ହୋଇଥିଲା। ପ୍ରବନ୍ଧରେ ସଚ୍ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ରଶ୍ମିତା ପ୍ରଧାନ, ରାଜଶ୍ରୀ ରାଜଲକ୍ଷ୍ମୀ, ପ୍ରତିମୟୀ ଧଳ, ଇନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ବର୍ଷା ମହାରଣା, ଶୁଭଶ୍ରୀ ପୃଷ୍ଟି, ବିଷ୍ଣୁପ୍ରିୟା ସାହୁ, ଇନ୍ଦିପୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରୀତି ପ୍ରାଞ୍ଜଳିକା ପୃଷ୍ଟି, ତୃପ୍ତିମୟୀ ସାହୁ, ଲିପସା ସାହୁ, ଇନ୍ଦିପୁର ସରସ୍ୱତୀ ଶିଶୁମନ୍ଦିର ଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରା, ଶୁଭଲକ୍ଷ୍ମୀ ପ୍ରଧାନ, ପ୍ରଜ୍ଞା ପ୍ରିୟଦର୍ଶିନୀ ବେହେରା ଏବଂ ଚିତ୍ରାଙ୍କନରେ ଇନ୍ଦିପୁର ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତୃପ୍ତିମୟୀ ସାହୁ, ରିନା ସାହୁ, ପ୍ରିୟଦର୍ଶିନୀ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସଂସଦର ୧୦ମ ସାମ୍ବତ୍ସରିକ ଉତ୍ସବ ଡିସେମ୍ବର ୩୧ ତାରିଖରେ ଅନୁଷ୍ଠିତ ହେବାକୁଥିବା ବେଳେ ଏହି ଉତ୍ସବରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମକୁ ସଂସଦର କର୍ମକର୍ତ୍ତା ଓ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

# ଭାଲିଆବୋଲ କାଟେଣୀରେ ମନ୍ତ୍ରୀଙ୍କ ଜନଶୁଣାଣି

ଢେଙ୍କାନାଳ,୧।୧୨(ରତନ ନାୟାର)

ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ଢେଙ୍କାନାଳ ଗସ୍ତରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ସଦର ବ୍ଲକ ଭାଲିଆବୋଲ କାଟେଣୀ ପଞ୍ଚାୟତରେ ଜନଶୁଣାଣି କରିଥିଲେ। ସରପଞ୍ଚ ପ୍ରତାପ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଜନଶୁଣାଣିରେ ମନ୍ତ୍ରୀ ଶ୍ରୀ ପାତ୍ର ୧୦୦ରୁ ଊର୍ଦ୍ଧ୍ୱ ଦରଖାସ୍ତ ଗ୍ରହଣ କରି ସମସ୍ୟାର ସମାଧାନ ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସଦର ବିଡିଓ, ଅନ୍ୟ ପ୍ରଶାସନିକ ଅଧିକାରୀ, ମନ୍ତ୍ରୀଙ୍କ ପ୍ରତିନିଧି ଜ୍ଞାନ ରଞ୍ଜନ ନାୟକ, ଜିଲା ଭାଜପାର ପୂର୍ବତନ ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ଜିଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ମଣ୍ଡଳ ସଭାପତି ଲକ୍ଷ୍ମୀଧର ରାଉତ, ପୂର୍ବତନ ମଣ୍ଡଳ ସଭାପତି ଧ୍ରୁବ ଚରଣ ରାଉତ, ପୂର୍ବତନ ସରପଞ୍ଚ ଲକ୍ଷ୍ମଣ ବେହେରା, ବରିଷ୍ଠ ନେତା ବାସୁଦେବ ଧଳ, ରଣବୀର ସିଂ, ଗ୍ରାମ ମୁଖିଆ ଶିଖର ବେହେରା, ଗଙ୍ଗାଧର ବେହେରା ଓ ଚିନ୍ତାମଣି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ କୀ ବାତ୍ ଶୁଣିଲେ ମନ୍ତ୍ରୀ କୃଷ୍ଣ ପାତ୍ର

ଢେଙ୍କାନାଳ,୧।୧୨(ରତନ ନାୟାର)

ଢେଙ୍କାନାଳ ଦକ୍ଷିଣକାଳୀସ୍ଥିତ ନିର୍ବାଚନମଣ୍ଡଳୀ କାର୍ଯ୍ୟାଳୟଠାରେ ସୋମବାର ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବରିଷ୍ଠ ନେତୃବୃନ୍ଦ, କାର୍ଯ୍ୟକର୍ତ୍ତା, ଜନ ପ୍ରତିନିଧି ଓ ବୁଦ୍ଧିଜୀବୀଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୮ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିଥିଲେ। ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' ସମାଜର ସବୁବର୍ଗଙ୍କ ପାଇଁ ପ୍ରେରଣା ଦାୟକ ଥିଲା। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନମନ୍ତ୍ରୀ ନବୀନ ଚନ୍ଦ୍ର ନାରାୟଣ ଦାସ, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମନ୍ କୀ ବାତ୍ ଜିଲା ସଂଯୋଜକ ମାତୃ ପ୍ରସାଦ ନନ୍ଦ, ପୂର୍ବତନ ଜିଲା ସଭାପତି ନରେଶ ଚନ୍ଦ୍ର ମହାପାତ୍ର, ଜିଲା ମିଡିଆ ପ୍ରଭାରୀ ନବ କିଶୋର ଗୁରୁ, ଜିଲା ଉପସଭାପତି ବିଷ୍ଣୁ ପ୍ରସାଦ ଲେଙ୍କା, ରାଜ୍ୟ ପରିଷଦ ସଦସ୍ୟା ଭାରତୀ ସ୍ୱାଇଁ, ନଗରମଣ୍ଡଳ ସଭାପତି ବିକାଶ ସାହୁ, ବରିଷ୍ଠ ନେତା ଅକ୍ଷୟ ମହାନ୍ତି, ଧ୍ରୁବଚରଣ ସ୍ୱାଇଁ, ପରିକ୍ଷିତ ପାଣିଗ୍ରାହୀ, ସବ୍ୟଦାନ ପାତ୍ର, ପ୍ରଶାନ୍ତ ସାହୁ, ଭଲି ନାୟକ, ଗୀତା ସାହୁ, ପ୍ରଭାତୀ ମହାପାତ୍ର, ବିଶ୍ୱେଶ୍ୱର ବୋରା, ରବିନାରାୟଣ ମିଶ୍ର, ଶିଶିର ଦଳେଇ, ବାବଲ ବେହେରା, ଲକ୍ଷ୍ମୀଧର ପାତ୍ର, ବିନୋଦ ମଲ୍ଲିକ, ଅଭିଷେକ ବେହେରା, ରାକେଶ ସାହୁ, ପ୍ରତାପ କୁମାର ବେହେରା, ସଚ୍ଚିଦାନନ୍ଦ ବେହେରା, ଜ୍ଞାନ ରଞ୍ଜନ ନାୟକ ଓ ବାସୁଦେବ ଧଳ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିଛନ୍ତି ଖାଉଟି କଲ୍ୟାଣ ମନ୍ତ୍ରୀ ଓ ଅନ୍ୟମାନେ।

# ଓଭର ଫ୍ରେଣ୍ଡ୍ଲି

**ଫୁର୍‌ସତ୍ ମିଳିଲେ କିଛି ସମୟ କଥାବାର୍ତ୍ତା କରି ମନକୁ ହାଲୁକା କରିବାକୁ ଇଚ୍ଛା ହୁଏ। ହେଲେ ଏମିତି କେତେଜଣ ଓଭର ଫ୍ରେଣ୍ଡ୍ଲି ଥା’ନ୍ତି ଯେଉଁମାନଙ୍କ ପାଖ ଛାଡ଼ିବା କାଠିକର ପାଠ ହୋଇଯାଏ। ସେପରି ଲୋକଙ୍କ ସହ ମିଶିବା ସମୟରେ ନିଜ ଚାତୁରି ଦେଖାଇବାକୁ ଭୁଲନ୍ତୁ ନାହିଁ...**



ସମସ୍ତଙ୍କ ଜୀବନରେ ବନ୍ଧୁମାନଙ୍କର ଆବଶ୍ୟକତା ରହିଛି। ବନ୍ଧୁଙ୍କ ସହିତ ଦି’ପଦ ସୁଖ ଦୁଃଖ ହେଲେ ଅନେକ ସମସ୍ୟାର ସମାଧାନ ହୋଇଯାଏ। ଅଫିସ ହେଉ ବା ଘର ପାଖ ପଡ଼ୋଶୀଙ୍କ ସହ କିଛି ସମୟ କଥାବାର୍ତ୍ତା ହୋଇଗଲେ ମନ ହାଲୁକା ହୋଇଯାଏ। ହୃଦୟକୁ ଶାନ୍ତି ମିଳିଥାଏ। ହେଲେ ଅତ୍ୟଧିକ ବନ୍ଧୁପଣ ଦେଖାଇ କେତେଜଣ ନିଜ ବିଷୟରେ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଏତେ ଅଧିକ ଗପନ୍ତି ଯାହା ଶୁଣିବା ପାଇଁ ବୋର୍ ଲାଗେ। ତାଙ୍କ ସହ କିଛି ସମୟ କଥାବାର୍ତ୍ତା ହେବା ପରେ ଆରମ୍ଭ ହୁଏ ମୁଣ୍ଡବିନ୍ଧା। ସେମାନେ ଏତେ ଗପନ୍ତି ଯେ ପାଖ ଛାଡ଼ି ଯିବା ପାଇଁ ବିଭିନ୍ନ ପ୍ରକାରର ବାହାନା ଖୋଜିବାକୁ ପଡ଼େ। ଆଉ ଏମିତି ସ୍ୱଭାବର ଲୋକମାନଙ୍କୁ କୁହାଯାଏ ଓଭର ଫ୍ରେଣ୍ଡ୍ଲି। ବେଳେବେଳେ ଏଭଳି ଲୋକଙ୍କ ସହିତ କଥାବାର୍ତ୍ତା ହେବା ଦ୍ୱାରା ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ। ଅଫିସ ହେଉ କି ଘର ସବୁ ସ୍ଥାନରେ ଡିଷ୍ଟର୍ବ ହୋଇଥାଏ। ବେଳେବେଳେ କାମ ଭୁଲ୍‌ଭାଲ୍ ହୋଇଯାଏ। ତେଣୁ ସେମାନଙ୍କ ସହିତ କିଭଳି ମିଶିବେ ତାହା ଏକ ସମସ୍ୟା ଭଳି ହୋଇଥାଏ। ହେଲେ ବିଭିନ୍ନ କୌଶଳ ଆପଣାଇ ଏଭଳି ଲୋକଙ୍କ ସହିତ ଏକ ନିର୍ଦ୍ଦିଷ୍ଟ ଦୂରତା ରକ୍ଷା କରିହେବ।

**ସ୍ପଷ୍ଟ କୁହନ୍ତୁ:** ଓଭର ଫ୍ରେଣ୍ଡ୍ଲି ଲୋକଙ୍କର ପ୍ରକୃତିକୁ ଆପଣ ବଦଳାଇ ପାରିବେ ନାହିଁ। ଏହା ବ୍ୟତୀତ ଆପଣ ମଧ୍ୟ ତାଙ୍କ ସହିତ ସମ୍ପର୍କକୁ ହଠାତ୍ ଭାଙ୍ଗିପାରିବେ ନାହିଁ। ତେଣୁ ସେଭଳି ଲୋକଙ୍କ ସହିତ ମିଶିବାକୁ ହେଲେ ସତର୍କ ରହିବାକୁ ହେବ। କଥାବାର୍ତ୍ତା ହେବା ସମୟରେ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ନିର୍ଦ୍ଧାରଣ କରନ୍ତୁ। କିଛି ସମୟ କଥାବାର୍ତ୍ତା ହେବା ପରେ ଯଦି ସେ ଆପଣଙ୍କ ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରି କିଛି ଅଧିକ କହିବାକୁ ଚେଷ୍ଟା କରନ୍ତି ତେବେ ତାଙ୍କୁ ସଙ୍ଗେ ସଙ୍ଗେ ବିରୋଧ କରନ୍ତୁ। ସ୍ପଷ୍ଟଭାବେ ନମ୍ରତାର ସହ ଜଣାଇ ଦିଅନ୍ତୁ କି ଏଭଳି କଥାବାର୍ତ୍ତା କରି ବ୍ୟକ୍ତିଗତ ଜୀବନକୁ ଆକ୍ଷେପ କରିବା ଠିକ୍ ନୁହେଁ। ଏମିତି ସ୍ପଷ୍ଟଭାବେ କହି ବିରୋଧ କରିବା ଦ୍ୱାରା ଯଦି ସେ ଆପଣଙ୍କ କଥାକୁ ଖରାପ ଭାବନ୍ତି ତେବେ ସେଥିପାଇଁ ବ୍ୟସ୍ତ ହୁଅନ୍ତୁ ନାହିଁ କି ଅଧିକ ଚିନ୍ତା କରନ୍ତୁ ନାହିଁ।

**ବ୍ୟସ୍ତ ଦେଖାନ୍ତୁ:** ଓଭର ଫ୍ରେଣ୍ଡ୍ଲି ବ୍ୟକ୍ତିଙ୍କ ସାମ୍ନାରେ ଆପଣ ଯଦି ସ୍ପଷ୍ଟଭାବେ କିଛି କହି ପାରୁନାହାନ୍ତି ତେବେ ଅନ୍ୟ ଉପାୟରେ ମଧ୍ୟ ଓଭର ଫ୍ରେଣ୍ଡ୍ଲି ବ୍ୟକ୍ତିଙ୍କ ପାଖ ଛଡ଼ାଇ ପାରିବେ। କଥାବାର୍ତ୍ତା ସମୟରେ ଯଦି ତାଙ୍କୁ କିଛି କହିପାରୁନାହାନ୍ତି ତେବେ ନିଜକୁ ଅଧିକ ବ୍ୟସ୍ତ ଥିବାର ଦେଖେଇ ହୁଅନ୍ତୁ। ଏହାପରେ କିଛି ନା କିଛି କାମର ବାହାନା କରି ତାଙ୍କ ପାଖରୁ ଚାଲି ଆସନ୍ତୁ। ବାରମ୍ବାର ଏପରି ବ୍ୟବହାର କରିବା ଫଳରେ ସେ ଆପେ ଆପେ ବୁଝିଯିବେ କି ଆପଣ ତାଙ୍କ ସହିତ ବେଶି ସମୟ କଥାବାର୍ତ୍ତା ହେବାକୁ ଚାହୁଁନାହାନ୍ତି।





**ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ:** କଥାର କିଛି ଉତ୍ତର ମିଳିଲେ ହିଁ ଜଣେ ଅନ୍ୟଜଣଙ୍କ ସହିତ କଥା ହୋଇଥାନ୍ତି। ନଚେତ୍ କଥାବାର୍ତ୍ତାର ମଜା ଆସେନି। ତେଣୁ ଓଭର ଫ୍ରେଣ୍ଡ୍ଲି ଲୋକଙ୍କ ସହିତ କଥାବାର୍ତ୍ତା ହେବା ସମୟରେ ଆପଣ ଖୁବ୍ କମ୍ କଥାର ଉତ୍ତର ଦିଅନ୍ତୁ। ସବୁ କଥାର ଉତ୍ତର ଦିଅନ୍ତୁ ନାହିଁ। ଫଳରେ ଓଭର ଫ୍ରେଣ୍ଡ୍ଲି ବନ୍ଧୁଜଣକ ତାଙ୍କ କଥା କହିବାର ମଜା ପାଇପାରିବେ ନାହିଁ। ନିଜଆଡୁ ଅଧିକ ଗପିବାର ଚେଷ୍ଟା କରି ବିଫଳ ହେବେ ଓ ସେହି ସ୍ଥାନରୁ ଚାଲିଯିବେ।

**କମ୍ କଥା କୁହନ୍ତୁ:** ଏଭଳି ବ୍ୟକ୍ତିମାନଙ୍କ ସହିତ ବେଶି କଥାବାର୍ତ୍ତା କରନ୍ତୁ ନାହିଁ। କେବଳ ତାଙ୍କ କଥା ଶୁଣି ସେହି ଅନୁସାରେ ନିହାତି ଆବଶ୍ୟକ ହେଲେ କିଛି କୁହନ୍ତୁ। ବେଳେବେଳେ ଏଭଳି ବ୍ୟକ୍ତିମାନେ ଅଧିକ କଥା କହି ଆପଣଙ୍କଠାରୁ କିଛି ଶୁଣିବା ପାଇଁ ଚାହାନ୍ତି ଓ ପର ମୁହୂର୍ତ୍ତରେ ଆପଣଙ୍କ କଥାକୁ ଅନ୍ୟମାନଙ୍କ ଆଗରେ ଭୁଲ୍ ଉପସ୍ଥାପନା କରି ମଜା ନିଅନ୍ତି। ତେଣୁ କମ୍ କଥା ହେଲେ ତାଙ୍କୁ ସେଭଳି ମଉକା ମିଳିବ ନାହିଁ।

## ଏମାନେ କ’ଣ କରନ୍ତି



**ବାହାନା କରି ଚାଲିଆସେ:** ଆମ ଘର ପାଖରେ ଜଣେ ମାଉସୀ ଅଛନ୍ତି ଯଦି ତାଙ୍କ ସହ ଦେଖା ହୋଇଯାଏ ସେ ଏତେ ଗପନ୍ତି ଯେ ସେଠୁ ଆସିବା ପାଇଁ ମତେ ବାହାନା ଖୋଜିବାକୁ ପଡ଼େ। ମତେ ତ ଆଶ୍ଚର୍ଯ୍ୟ ଲାଗେ କି ସେ ଏତେ ପ୍ରସଙ୍ଗରେ ଏତେ ଶୀଘ୍ର ଶୀଘ୍ର କେମିତି ଗପି ପାରୁଛନ୍ତି। ନିଜେ ଗପି ସାରିବା ପରେ ସେ ଆମ ଘର କଥା ଶୁଣିବା ପାଇଁ ବିଭିନ୍ନ ପ୍ରକାରର କଥା ପଚାରନ୍ତି। ହେଲେ ମୁଁ ତାଙ୍କୁ କିଛି କହେନି। ଖାଲି ଖିଆପିଆ କି ଅନ୍ୟ କିଛି କଥା କହି ତାଙ୍କ ପାଖରୁ ଜଲ୍‌ଦି ଚାଲିଆସେ। ମୋର ଫାଙ୍କା ସମୟ ଥିଲେ ତାଙ୍କ ପାଖରେ ଅଧିକ ସମୟ ରହିଯାଏ।

– *ରାଜଲକ୍ଷ୍ମୀ ପାଣି, ଗୃହିଣୀ, ସମେଇଗାଡ଼ିଆ, ଭୁବନେଶ୍ୱର*



**ଗପିଲେ ଭଲ ଲାଗେ:** ଆମ ଅଫିସରେ ଜଣେ ଅଛନ୍ତି ତାଙ୍କର ଓଭର ଫ୍ରେଣ୍ଡ୍ଲି ଗୁଣ ଅଛି ସତ କିନ୍ତୁ ସେ ବହୁତ ଭଲ। କେବଳ ଅଧିକ ଗପିବା ତାଙ୍କ ଅଭ୍ୟାସ କିନ୍ତୁ କାହାକୁ ଅସୁବିଧାରେ ପକାଇବା ପାଇଁ ସେ କେବେ କିଛି କରନ୍ତି ନାହିଁ। ସେଥିପାଇଁ ତାଙ୍କୁ ଭଲ ଲାଗେ। ତାଙ୍କ ସହ ଗପିଲେ ସେ ବହୁତ ମଜା କରନ୍ତି। ବୋର୍ ନ ହେବା ପାଇଁ ଏଣୁତେଣୁ ଗପି ସମସ୍ତଙ୍କ ମନ ହାଲୁକା କରିଦିଅନ୍ତି। ନିଜ ବିଷୟରେ ସେ ସବୁ କଥା ଖୋଲି କୁହନ୍ତି। ତାଙ୍କ ଆଗରେ କିଛି କଥା କହିଲେ ଅନ୍ୟ ଆଗରେ ସେକଥା କହନ୍ତି ନାହିଁ। ବରଂ କିଛି ସମସ୍ୟା ଥିଲେ ସେ ସାହାଯ୍ୟ କରିବା ପାଇଁ ଆଉ କାହା ସହ କଥା ହେବାକୁ ଆବଶ୍ୟକ ଥିଲେ ତୁରନ୍ତ ସାହାଯ୍ୟ କରନ୍ତି। ସେଥିପାଇଁ ତାଙ୍କୁ ବହୁତ ଭଲ ଲାଗେ।

– *ସ୍ମରଣୀକା ପଟ୍ଟନାୟକ, କର୍ମଜୀବୀ, କିଟ୍, ଭୁବନେଶ୍ୱର*



**ଭଲ ବନ୍ଧୁ:** ଜଣେ କଲିଗ୍‌ଙ୍କ ସହ ସବୁଦିନ ଚା ପିଇବାକୁ ଯାଏ। ଟିକେ ସମୟ ବାହାରକୁ ଯାଇ ବୁଲି ଆସିଲେ ଫ୍ରେଶ ଲାଗେ ସତ, ହେଲେ ସବୁଦିନ ଯିବାକୁ ସମୟ ମିଳେନି। କିନ୍ତୁ ମୁଁ ନ ଯିବା ପର୍ଯ୍ୟନ୍ତ ସେ ପାଖରେ ରହି ଏତେ ଗପିବେ ଯେ ନ ଯାଇ ରହି ହବନି। ଅବଶ୍ୟ ସେ ତାଙ୍କ କାମ ସାରିବା ପରେ ହିଁ ଯାଆନ୍ତି। ତାଙ୍କର ଅଧିକ ଗପିବା ସ୍ୱଭାବ ପାଇଁ ଅଫିସ୍‌ର ବିଭିନ୍ନ ଖବର ବିଷୟରେ ଜାଣିପାରେ। ସେ କେବେ ଅନ୍ୟମାନଙ୍କ ନାଁରେ ଗପି କାହାର କୌଣସି ପ୍ରକାରର କ୍ଷତି କରନ୍ତିନି, ବରଂ ମଜା କଥା କହି ଖୁବ୍ ହସାନ୍ତି। ଆଉ ଅନେକ ସମୟରେ ସାହାଯ୍ୟ କରିବା ପାଇଁ ବିଭିନ୍ନ କଥା କୁହନ୍ତି। ତେଣୁ ତାଙ୍କୁ ଅଫିସରେ ଜଣେ ଭଲ ବନ୍ଧୁଭାବେ ଗ୍ରହଣ କରିଛି।

– *ସ୍ୱର୍ଣ୍ଣପ୍ରଭା ପାଢ଼ୀ, କର୍ମଜୀବୀ, ବକ୍ସିବଜାର, କଟକ*





# ଖାଦ୍ୟାଭ୍ୟାସରୁ ବୁଝନ୍ତୁ ମାନସିକତା

**ଖାଇବାକୁ ନେଇ ପିଲାମାନେ ଅନେକ ସମୟରେ ବହୁ ସମସ୍ୟା ସୃଷ୍ଟି କରନ୍ତି। ଏମିତିକି ତିଆରି ହୋଇଥିବା ଖାଦ୍ୟ ବଦଳରେ ଅନ୍ୟ ଖାଦ୍ୟ ବରାଦ କରନ୍ତି। ବେଳେବେଳେ ବରାଦ କରିବା ପରେ ବି କେତେକ ଖାଆନ୍ତି ନାହିଁ। ପିଲାମାନେ ଏଭଳି ବାରମ୍ବାର କହୁଥିଲେ କିପରି ବ୍ୟବହାର କରିବେ ଜାଣନ୍ତୁ...**



★ପ୍ରଥମ କଥା ହେଉଛି ପିଲାମାନେ ଭିନ୍ନ ଭିନ୍ନ ଖାଦ୍ୟ ପ୍ରତି ଆକୃଷ୍ଟ ହେବା ସେମାନଙ୍କ ମାନସିକ ବିକାଶର ଏକ ଲକ୍ଷଣ। ତେଣୁ ପିଲାଙ୍କର ଏପରି ବ୍ୟବହାରକୁ ସକାରାତ୍ମକ ଢଙ୍ଗରେ ଗ୍ରହଣ କରନ୍ତୁ।

★ପିଲାଙ୍କ ମାନସିକତାକୁ ବୁଝି ଖାଇବାକୁ ଦିଅନ୍ତୁ। ଯଦି ସେମାନେ ଖାଦ୍ୟ ଖାଇବାରେ ଆଗ୍ରହ ଦେଖାଉ ନାହାନ୍ତି ତେବେ ଅନ୍ୟ କିଛି ଖାଦ୍ୟର ବିକଳ୍ପ ଦିଅନ୍ତୁ। କିନ୍ତୁ ରାଗନ୍ତୁ ନାହିଁ।

★ପୂର୍ବରୁ ପସନ୍ଦ ଥିବା ଖାଦ୍ୟ ହୁଏତ ଏବେ ପିଲାଙ୍କୁ ଭଲ ଲାଗି ନ ପାରେ। ତେଣୁ କୌଣସି ଖାଦ୍ୟ ପାଇଁ ବାଧ କରନ୍ତୁ ନାହିଁ।

★ଖାଇବା ପାଇଁ ମନା କରୁଥିଲେ ପିଲାଙ୍କୁ ବୁଝାଇ ପୁଣିଥରେ ସେହି ଖାଦ୍ୟ ଦିଅନ୍ତୁ।

★ବେଳେବେଳେ ପିଲାମାନେ ମାତାପିତାଙ୍କ ଭଳି ଖାଇବାକୁ ପସନ୍ଦ କରନ୍ତି। ତେଣୁ କେବେ କେବେ ଏକାଠି ସମସ୍ତେ ଖାଆନ୍ତୁ।

★ପିଲାଙ୍କୁ ଖାଦ୍ୟ ଦେବାରେ ସମସ୍ୟା ହେଉଛି ବୋଲି ଜଣାନ୍ତୁ ନାହିଁ। ଖାଇବାକୁ ଦେବା ସମୟରେ ପିଲା ଯଦି ଚାହୁଁଛି ତେବେ ସୁବିଧା ଅନୁସାରେ ଖେଳିବାକୁ ଦିଅନ୍ତୁ।

# ଜଏଣ୍ଟ ପେନ୍ ହେଉଥିଲେ...

**ଶୀତଦିନେ ତାପମାତ୍ରା କମ୍ ଥିବାରୁ ଜଏଣ୍ଟ ପେନ୍ ସମସ୍ୟା ଦେଖାଦିଏ। ତେଣୁ ଏହି ସମସ୍ୟାରୁ ମୁକ୍ତି ପାଇଁ କ’ଣ କରିବେ ଜାଣନ୍ତୁ...**



➔ଆଣ୍ଠୁଗଣ୍ଠି ସମସ୍ୟାରୁ ମୁକ୍ତି ପାଇଁ ଶୀତଦିନେ ବିଭିନ୍ନ ଉପାୟ କରିପାରିବେ। ଖାଦ୍ୟପେୟରେ ସାବଧାନତା ସହିତ ଏକ୍ସରସାଇଜ୍ ଓ କିଛି ଘରୋଇ ଚିକିତ୍ସା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରିପାରିବେ।

➔ଜଏଣ୍ଟ ପେନ୍ ହେଉଥିବା ସମୟରେ ଉଷୁମ ସେକ ଦିଅନ୍ତୁ। ପାଣି ପଟି କିମ୍ବା ହଟ୍ ୱାଟର ବ୍ୟାଗ୍‌ରେ ସେକ ଦିଅନ୍ତୁ।

➔ଦରଜ ହେଉଥିବା ସ୍ଥାନରେ ତେଲ ଲଗାଇ ପ୍ରତିଦିନ ମାଲିସ କରନ୍ତୁ।

➔ପ୍ରତିଦିନ ସକାଳେ ୩୦–୪୦ ମିନିଟ୍ ପର୍ଯ୍ୟନ୍ତ ଯୋଗ, ବ୍ୟାୟାମ କରିବା ସହିତ କିଛି ସମୟ ଚାଲନ୍ତୁ।

➔ସକାଳୁ ୧୫–୨୦ ମିନିଟ୍ ପର୍ଯ୍ୟନ୍ତ ସବୁଦିନ ଖରାରେ ବସନ୍ତୁ। କାରଣ ସକାଳ ଖରାରେ ଭିଟାମିନ୍ ଡି ରହିଛି ଯାହା ହାଡ଼ ମଜଭୁତ କରିବାରେ ସହାୟକ ହୋଇଥାଏ।

➔ଓମେଗା–୩ ଓ ଭିଟାମିନ୍ ସି ଥିବା ଖାଦ୍ୟ ଖାଆନ୍ତୁ। ଦିନକୁ ୭ ରୁ ୮ ଗ୍ଲାସ ପାଣି ପିଅନ୍ତୁ। ହଳଦୀ, ଅଦା, ରସୁଣ, ଡାଲଚିନି ଓ ଗୋଲମରିଚ ଭଳି ବିଭିନ୍ନ ଆଣ୍ଟିଇନ୍‌ଫ୍ଲାମେଟୋରି ଖାଦ୍ୟ ଖାଆନ୍ତୁ।

➔ବାସି ଖାଦ୍ୟ ଖାଆନ୍ତୁ ନାହିଁ। ହଠାତ୍ କୌଣସି ଭାରି ଜିନିଷ ଉଠାନ୍ତୁ ନାହିଁ। ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ପେନ୍‌କିଲର ଖାଆନ୍ତୁ ନାହିଁ।

➔ବହୁତ ଲମ୍ବା ସମୟ ଗୋଟିଏ ସ୍ଥାନରେ ବସନ୍ତୁ ନାହିଁ। ରାତିରେ ଠିକ୍ ସମୟ ଭରପୂର ନିଦରେ ଶୁଅନ୍ତୁ।

➔ଏସବୁ କରିବା ପରେ ଯଦି ଦରଜ କମ୍ ହେଉ ନ ଥିବ ତାହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ।

## ସୌନ୍ଦର୍ଯ୍ୟ

# ସୁନ୍ଦରତା ବଢ଼ାଇବ ଘିଅ

❖ଘିଅରେ ଭିଟାମିନ୍ ଏ, ଡି, ଇ, କେ ଏବଂ ଓମେଗା–୯ ଫ୍ୟାଟି ଏସିଡ୍ ଅଛି। ତେଣୁ ଏହାର ବ୍ୟବହାର କରି ତ୍ୱଚାର ବିଭିନ୍ନ ସମସ୍ୟା ସହଜରେ ଦୂର କରିହେବ।

❖ଘିଅକୁ ସିଧାସଳଖ କ୍ରିମ୍ ଭଳି ବ୍ୟବହାର କରିହେବ। ରାତିରେ ମୁହଁ ସଫା କରି ଘିଅକୁ ମସାଜ୍ କରିବା ଭଳି ଲଗାନ୍ତୁ। ବଜାରରେ ମିଳୁଥିବା କେମିକାଲ୍‌ଯୁକ୍ତ ମଶ୍ଚରାଇଜର ତୁଳନାରେ ଏହା ଅଧିକ ଫାଇଦା ଦେଇପାରିବ।

❖ଶୀତଦିନେ ଘିଅରେ ପୂରା ଶରୀରର ମସାଜ୍ ମଧ୍ୟ କରିପାରିବେ। ଏଥିପାଇଁ ଘିଅକୁ ଅଳ୍ପ ଉଷୁମ କରି ମାଲିସ କରନ୍ତୁ। ପିଲାମାନଙ୍କ ପାଇଁ ଏହି ଘିଅ ମସାଜ୍ ଅଧିକ ଫଳପ୍ରଦ।

❖ଶୀତଦିନେ ପାଦ ଫାଟିବା ସମସ୍ୟା ଅନେକଙ୍କର ଥାଏ। ତେଣୁ ରାତିରେ ଶୋଇବା ସମୟରେ ପାଦକୁ ଉଷୁମ ପାଣିରେ ସଫାକରି ଘିଅ ଲଗାନ୍ତୁ। କିଛି ଦିନ ପରେ ପାଦ ଅଧିକ କୋମଳ ହୋଇଯିବ।

❖ଆୟୁର୍ବେଦ ଅନୁସାରେ ଘିଅକୁ କେଶମୂଳରେ ମଧ୍ୟ ଲଗାଇ ହେବ। ଏହା କେଶକୁ ପୋଷଣ ଦେବା ସହିତ ଅଧିକ ମୁଲାୟମ କରିଥାଏ।

❖ଘିଅକୁ କେଶ ମୂଳରେ ଭଲଭାବରେ ଲଗାଇ ମସାଜ୍ କରନ୍ତୁ। ଏହା ଖରାପ ହୋଇଥିବା କେଶକୁ ମଧ୍ୟ ପ୍ରାକୃତିକ ଉପାୟରେ ଠିକ୍ କରିଥାଏ।

❖ଘିଅ କେଶ ମୂଳରେ କେରାଟିନ୍ ମଜଭୁତ କରିଥାଏ। ଫଳରେ କେଶ ଛିଣ୍ଡିବା, ଦୋମୁହାଁହେବା ସମସ୍ୟା ମଧ୍ୟ କମିଯାଇଥାଏ। ତେଣୁ ପ୍ରାକୃତିକଭାବେ ଏକ ଚମକ ମଧ୍ୟ ଆସିଥାଏ।

❖ସପ୍ତାହକୁ ଅତିକମ୍‌ରେ ଥରେ ରାତିରେ କେଶ ମୂଳରେ ଘିଅ ଭଲଭାବେ ମସାଜ୍ କରି ସକାଳୁ ସାମ୍ପୁ କରି ଦିଅନ୍ତୁ।

**ଶୀତଦିନେ ତ୍ୱଚାରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଯାଏ। ଏସବୁର ସମାଧାନ ପାଇଁ କ୍ରିମ୍ ଓ ମଶ୍ଚରାଇଜର ଦରକାର ହୋଇଥାଏ। କିନ୍ତୁ ଘରୋଇ ଉପାୟରେ ଦେଶୀ ଘିଅ ମାଧ୍ୟମରେ ଏହି ସମସ୍ୟାର ସମାଧାନ ମିଳିପାରିବ...**



## ରୋଷେଇ ଟିପ୍ସ

★ଦହିର କୌଣସି ତରକାରୀ କରୁଥିଲେ ଯଦି ତାହା ଛିଣ୍ଡିଯାଉଥାଏ ତାହେଲେ ପ୍ରଥମେ ଦହିକୁ ଅଳ୍ପ ଆଞ୍ଚରେ ଗୋଳାନ୍ତୁ। ଫୁଟିବା ପରେ ଲୁଣ ପକାନ୍ତୁ, ତରକାରୀ ସ୍ୱାଦିଷ୍ଟ ଲାଗିବ।

★ଲେମ୍ବୁ ବ୍ୟବହାର ପରେ ଚୋପାକୁ ଫୋପାଡ଼ନ୍ତୁ ନାହିଁ। ବରଂ ଏଥିରେ ଲୁଣ ପକାଇ ଖରାରେ ଶୁଖାଇ ଆଚାର ତିଆରି କରି ଖାଇପାରିବେ।

★ରୋଷେଇ ଘର ସ୍ଲାବ ସଫା କରିବାବେଳେ ସେଥିରେ କିଛି ଲୁଣ ପକାନ୍ତୁ। ଏହା ଦ୍ୱାରା ପୋକ ଆସିବେ ନାହିଁ ଓ ଘରେ ଏକ ସକାରାତ୍ମକ ବାତାବରଣ ସୃଷ୍ଟି ହେବ।

★ଚୁଡ଼ା ଉପମା ନିମନ୍ତେ ଯଦି ଚୁଡ଼ା ଧୋଇବା ପରେ ଅଧିକ ନରମ ହୋଇ ଯାଉଥାଏ ତାହେଲେ ସେଥିରେ କିଛି ଲେମ୍ବୁ ଚିପୁଡ଼ି ଦିଅନ୍ତୁ। ଖୋଲା ଖୋଲା ରହିବ।

★ବେଳେବେଳେ ରୁଟି ସେକିବା ବେଳକୁ ତାୱାରେ ଲାଗିଯାଏ। ଏହି ସମସ୍ୟା ଦୂର କରିବା ପାଇଁ ତାୱାରେ କିଛି ଲୁଣ ପକାଇ ପୋଛି ଦିଅନ୍ତୁ।

## ଖାଦ୍ୟରୁଚି

# ସାଗୁ ଖେଚୁଡ଼ି

**ଆବଶ୍ୟକ ସାମଗ୍ରୀ–**

ସାଗୁ– ୧୦୦ ଗ୍ରାମ୍, ଆଳୁ– ୧ଟି, ଟମାଟୋ– ୨ଟି (ବଡ଼), ବାଦାମ– ୫୦ଗ୍ରାମ୍, ଜିରା– ୧ ଚାମଚ, କଞ୍ଚାଲଙ୍କା–୨ଟି, ଭୃସୁଙ୍ଗପତ୍ର– ଅଳ୍ପ, ଗୋଲମରିଚ ଗୁଣ୍ଡ– ୧ ଛୋଟ ଚାମଚ, ଲେମ୍ବୁ ରସ– ୧ ବଡ଼ ଚାମଚ, ଧନିଆପତ୍ର– ଅଳ୍ପ, ହଳଦୀ– ଅଳ୍ପ, ଆବଶ୍ୟକ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–**

ପ୍ରଥମେ ସାଗୁକୁ ଧୋଇ ୪–୫ ଘଣ୍ଟା ଭିଜାଇ ରଖନ୍ତୁ। ସାଗୁ ବଢୁରି ଯିବା ପରେ ତାହାକୁ ଛାଣି ରଖନ୍ତୁ। ଆଳୁକୁ ସିଝାଇ ଚୋପା ଛଡ଼ାଇ ଛୋଟ ଛୋଟ ଖଣ୍ଡ କରି ରଖିଦିଅନ୍ତୁ। ଏବେ ଗ୍ୟାସ୍‌ରେ କଡ଼େଇ ବସାଇ ତେଲ କିମ୍ବା ଘିଅ ପକାନ୍ତୁ। ତେଲ ଗରମ ହେଲେ ସେଥିରେ ଜିରା ପକାଇ କଞ୍ଚାଲଙ୍କା ଓ ଭୃସଙ୍ଗପତ୍ର ପକାନ୍ତୁ। ଏହାପରେ ବାଦାମ ମଞ୍ଜି ପକାଇ କିଛି ସମୟ ଭାଜନ୍ତୁ। ଏହାପରେ ସେଥିରେ ସିଝାଆଳୁ ଓ ଟମାଟୋକୁ କାଟି ପକାନ୍ତୁ। ଯଦି ଚାହିଁବେ ଅନ୍ୟ ପରିବା ମଧ୍ୟ ପକାଇପାରିବେ। ତେବେ କିଛି ସମୟ ଗୋଳାଇବା ପରେ ସେଥିରେ ସାଗୁ ଦାନା ପକାନ୍ତୁ। ଏବେ ସୈନ୍ଧବ ଲୁଣ ଓ ଅଳ୍ପ ହଳଦୀ ପକାଇ ଗୋଳାନ୍ତୁ। କିଛି ସମୟ ପରେ ସେଥିରେ ଗୋଲମରିଚ ଗୁଣ୍ଡ ପକାନ୍ତୁ। ପରେ କଡ଼େଇ ତଳକୁ ଓହ୍ଲାଇ ଆଣି ସେଥିରେ ଲେମ୍ବୁ ରସ ଓ ଧନିଆପତ୍ର ପକାଇ ଦିଅନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ସାଗୁ ଖେଚୁଡ଼ି।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଦେଢ଼ବର୍ଷରେ ଜେଲରୁ ୧୩ କଏଦୀ ଫେରାର

ଭୁବନେଶ୍ୱର,୧।୧୨(ସତ୍ୟଜିତ ରାଉତ)

**ପୋଲିସ ହେପାଜତରୁ ଖସିପଳାଇଛନ୍ତି ୩୯ ଅଭିଯୁକ୍ତ**

- ଏବେ ବି ୭ କଏଦୀଙ୍କ ପତ୍ତା ମିଳୁନାହିଁ
- ୮ କରିଛନ୍ତି ଆତ୍ମହତ୍ୟା

ରାଜ୍ୟରେ ଥିବା ଜେଲଗୁଡ଼ିକରେ ଢିଲା ସୁରକ୍ଷା ବ୍ୟବସ୍ଥା କାରଣରୁ କଏଦୀମାନେ ଏହାର ଫାଇଦା ଉଠାଉଛନ୍ତି। ଏପରିକି ସେମାନେ ଅନେକ ଜେଲ କର୍ମଚାରୀଙ୍କୁ ହାତରେ ରଖି ଫେରାର ହେବାକୁ ଯୋଜନା କରୁଛନ୍ତି। ଗତ ଦେଢ଼ବର୍ଷରେ ରାଜ୍ୟର ବିଭିନ୍ନ ଜେଲରୁ ୧୩ ଜଣ କଏଦୀ ଫେରାର ହୋଇଯାଇଛନ୍ତି। ଏମାନଙ୍କ ମଧ୍ୟରୁ ମାତ୍ର ୬ଜଣ ଧରାପଡ଼ିଥିବାବେଳେ ଏବେ ବି ପୋଲିସ ବିଭାଗ ୭ ଜଣଙ୍କ ପତ୍ତା ପାଇପାରିନାହିଁ। ସେହିପରି ବିଭିନ୍ନ ଥାନାରେ ପୋଲିସ ହେପାଜତରୁ ୩୯ ଜଣ ଅଭିଯୁକ୍ତ ଖସି ପଳାଇବାରେ ସକ୍ଷମ ହୋଇଛନ୍ତି। ସୋମବାର ବିଧାନସଭାରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତାଙ୍କ ଅଣତାରକା ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ତଥ୍ୟ ଦେଇଛନ୍ତି।

୨୦୨୪ ଜୁଲାଇ ୧ରୁ ଏ ପର୍ଯ୍ୟନ୍ତ ଖସିପଳାଇଥିବା କଏଦୀଙ୍କ ମଧ୍ୟରୁ ଚୌଦ୍ୱାର ମଣ୍ଡଳ କାରାଗାରରୁ ୨, ସମ୍ବଲପୁର ମଣ୍ଡଳ କାରାଗାରରୁ ଜଣେ, କେନ୍ଦୁଝର ଜିଲା କାରାଗାରରୁ ଜଣେ, ବାଲେଶ୍ୱର ଜିଲା କାରାଗାରରୁ ଜଣେ, ଭବାନୀପାଟଣା ଜିଲା କାରାଗାରରୁ ୨, ରାଉରକେଲା ସ୍ୱତନ୍ତ୍ର କାରାଗାରରୁ ଜଣେ, ପଦ୍ମପୁର ଉପକାରାଗାରରୁ ୨, ସୋର ଉପକାରାଗାରରୁ ଜଣେ ଏବଂ ଜାମୁଝରୀ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମରୁ ୨ଜଣ କଏଦୀ ରହିଛନ୍ତି। ତେବେ ସମ୍ବଲପୁର, କେନ୍ଦୁଝର ଓ ବାଲେଶ୍ୱର ଜେଲରୁ ଖସିପଳାଇଥିବା ସମସ୍ତ ୩, ପଦ୍ମପୁର ସବ୍‌ଜେଲରୁ ୨ ଏବଂ ଭବାନୀପାଟଣା ଜେଲରୁ ଫେରାର ହୋଇଥିବା ୨ଜଣଙ୍କ ମଧ୍ୟରୁ ଜଣଙ୍କୁ ପୁଣି ଧରାଯାଇଛି। ଗତ ଦେଢ଼ବର୍ଷରେ ମୋଟ ୩୧ ଜଣ ବିଚାରାଧୀନ କଏଦୀ ମୃତ୍ୟୁବରଣ କରିଥିବା ବେଳେ ୭୪ ହଜାର ୨୩୬ ଜଣ କଏଦୀ କାରାଗାରରୁ ମୁକୁଳିଛନ୍ତି। ନଭେମ୍ବର ୨୪ ସୁଦ୍ଧା ରାଜ୍ୟର ଜେଲଗୁଡ଼ିକରେ ୧୮ ହଜାର ୬୫୯ ଜଣ କଏଦୀ ଥିବା ମୁଖ୍ୟମନ୍ତ୍ରୀ ବିଧାନସଭାରେ ତଥ୍ୟ ରଖିଛନ୍ତି। ଚୌଦ୍ୱାର ଜେଲରେ ୩, କୋରାପୁଟ ଜେଲରେ ଜଣେ, ପୁରୀ ଜିଲା ଜେଲରେ ଜଣେ, ବରଗଡ଼ ଜିଲା ଜେଲରେ ୨ ଏବଂ ବଡ଼ବିଲ ସବ୍‌ଜେଲରେ ଜଣେ କଏଦୀଙ୍କୁ ମିଶାଇ ମୋଟ୍ ୮ଜଣ ଆତ୍ମହତ୍ୟା କରିଛନ୍ତି। ଜେଲରେ ନିଶାଦ୍ରବ୍ୟ କାରବାର ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରଙ୍କ ପକ୍ଷରୁ କୌଣସି ପ୍ରକାର ମଦ ଓ ନିଶା ସାମଗ୍ରୀ ଆଦି ଜେଲ ଭିତରକୁ ପ୍ରବେଶ କରିବାକୁ କଠୋର ଭାବେ ନିଷେଧ କରାଯାଇଛି। ଏନେଇ ମିଳୁଥିବା ସୂଚନାକୁ ଗୁରୁତ୍ୱର ସହ ଯାଞ୍ଚ କରାଯିବା ସହ ନିଶା କାରବାର ରୋକିବାକୁ ଜେଲ ପ୍ରଶାସନ ଦ୍ୱାରା ନିୟମିତ ତଲାସି, ଚଢ଼ାଉ କରାଯିବା ସହ ସୁରକ୍ଷା ବୃଦ୍ଧି କରାଯାଇଛି। ଅନିୟମିତତା ଚିହ୍ନଟ ହେଲେ ତାହା ବିରୋଧରେ ନିୟମ ଅନୁଯାୟୀ ଜେଲ ପ୍ରଶାସନ ପକ୍ଷରୁ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ଅପରପକ୍ଷରେ ଥାନାଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ଢିଲା ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଥାନା ହାଜତ ତଥା ପୋଲିସ ହେପାଜତରୁ ଫେରାର ହୋଇଯାଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ନନ୍ଦନକାନନ, ସାଲେପୁର, ବଡ଼ମ୍ବା, ଭଦ୍ରେଶ୍ୱର, ତିର୍ତ୍ତୋଲ, ଜଳେଶ୍ୱର, ପଦ୍ମପୁର, ବଲାଙ୍ଗୀର ଟାଉନ ଥାନା, ପଇଁତଲା, ମୁରିବାହାଲ, ମୋହନା, ଝରିଗାଁ, ତେନ୍ତୁଳିଖୁଣ୍ଟି, ମାଲକାନଗିରି, ମାଥିଲି, ଭବାନୀପାଟଣା ଟାଉନ, ବଡ଼ବିଲ, କେନ୍ଦୁଝର, ଆନନ୍ଦପୁର, ଉଦିତନଗର, ଖୋର୍ଦ୍ଧା ଆଦର୍ଶ ଥାନା ଓ ସହଦେବଖୁଣ୍ଟା ଆଦର୍ଶ ଥାନାର ଜଣେ ଲେଖାଏ ଅଭିଯୁକ୍ତ ରହିଥିବାବେଳେ ଗୋପ, ବାରିପଦା ଟାଉନ ଥାନା, ବରଗଡ଼ ଟାଉନ ଥାନା, ନବରଙ୍ଗପୁର, ରାଜଗାଙ୍ଗପୁରରୁ ୨ ଏବଂ ବୌଦ୍ଧ ଓ ଢେଙ୍କାନାଳ ଟାଉନ ଥାନାରୁ ୩ ଜଣ ଲେଖାଏ ଅଭିଯୁକ୍ତ ରହିଛନ୍ତି।

# ଟ୍ରକ୍ ଚାଳକଙ୍କୁ ଛୁରାମାଡ଼ କରି ଲୁଟ୍

ବଡ଼ବିଲ/ଯୋଡ଼ା,୧।୧୨
(ଜୟନ୍ତୀ ରଣା/ମାନସ ମହାନ୍ତି)

**ଜାତୀୟ ରାଜପଥରେ ଲୁଟେରାଙ୍କ ଆତଙ୍କ**

କେନ୍ଦୁଝର ଜିଲା ବଡ଼ବିଲ ଥାନା ରୋଇଡ଼ା ଛକ ୫୨୦ ନମ୍ବର ଜାତୀୟ ରାଜପଥରେ ଲୁଟେରେ ଆତଙ୍କ ଖେଳାଇଛନ୍ତି। ସୋମବାର ଭଦ୍ରାସାହି-ଯୋଡ଼ା ରାସ୍ତାରେ ଜଣେ ଖଣିଜ ବୋଝେଇ ଟ୍ରକ୍ ଚାଳକଙ୍କୁ ଦୁର୍ବୃତ୍ତ ଛୁରାମାଡ଼ କରି ମୋବାଇଲ ଓ ଟଙ୍କା ନେଇଯାଇଛନ୍ତି। ଛୁରାମାଡ଼ରେ ଝାଡ଼ଖଣ୍ଡ ଅଞ୍ଚଳର ଡ୍ରାଇଭର ସତ୍ୟନାରାୟଣ ବିଶ୍ୱକର୍ମା ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ଚାଳକ ଖଣିଜ ଖାଲି କରିବାକୁ ଟ୍ରକ୍(ଓଡି ୦୯ ସି ୯୪୩୫) ନେଇ ଗୁଆଲିରୁ ବିଲେଇପଦା ଆସୁଥିଲେ। ଭଦ୍ରାସାହି-ଯୋଡ଼ା ରାସ୍ତାର ରୋଇଡ଼ା ଛକ ନିକଟରେ ପହଞ୍ଚିବା ବେଳକୁ ୨ ଦୁର୍ବୃତ୍ତ ତାଙ୍କ ଗାଡ଼ିକୁ ଅଟକାଇ ଲୁଟ୍ ଉଦ୍ୟମ କରିଥିଲେ। ଡ୍ରାଇଭର ବିରୋଧ କରିବାରୁ ଦୁର୍ବୃତ୍ତମାନେ ଛୁରାମାଡ଼ କରି ମୋବାଇଲ, ଟଙ୍କା ନେଇଯାଇଥିଲେ। କୌଣସିମତେ ଚାଳକ ସେମାନଙ୍କ କବଳରୁ ମୁକୁଳି ଝାଡ଼ଗାଁରେ ପହଞ୍ଚିବା ପରେ ତାଙ୍କୁ ଗୁରୁତର ଅବସ୍ଥାରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସତ୍ୟନାରାୟଣଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ରାଜପଥରେ ପୂର୍ବରୁ ମଧ୍ୟ ଟ୍ରକ୍ ଚାଳକଙ୍କୁ ଆକ୍ରମଣ କରି ଲୁଟ୍‌ପାଟ ହୋଇଛି। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପୋଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ଦୋଷୀଙ୍କୁ ୨୦ ବର୍ଷ ଜେଲ

କେନ୍ଦୁଝର,୧।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

**ନାବାଳିକା ବଳାତ୍କାର ମାମଲା**

କେନ୍ଦୁଝର ଫାଷ୍ଟ ଟ୍ରାକ୍ କୋର୍ଟରେ ସୋମବାର ଜଣେ ନାବାଳିକାଙ୍କୁ ବଳାତ୍କାର ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ବିଜୟ କୁମାର ମିଶ୍ର ୪ ବର୍ଷୀୟା ନାବାଳିକା ବଳାତ୍କାର ମାମଲାର ବିଚାର କରି ହରିଚନ୍ଦନପୁର ଥାନା ଅନ୍ତର୍ଗତ ଶିରିଷପାଳ ଗ୍ରାମର ଅଭିଯୁକ୍ତ ଟୁନା ହାଁସ୍‌ଦା(୩୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଅନାଦେୟ ଅଧିକ ୬ ମାସ କାରାଦଣ୍ଡ ଶୁଣାଇଛନ୍ତି। ଏଥିସହ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ଜିଲା ଆଇନସେବା ପ୍ରାଧିକରଣକୁ ସୁପାରିସ୍ କରିଛନ୍ତି। ୨୦୨୪ ନଭେମ୍ବର ୧୪ରେ ପୀଡ଼ିତାଙ୍କୁ ଟୁନା ବିସ୍କୁଟ ଦେଇ ଜଣଙ୍କ ଘରକୁ ଡାକିନେଇ ବଳାତ୍କାର କରିଥିବା ପୀଡ଼ିତାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ।

# ଖଣି ଅଧିକାରୀ, ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଘଣ୍ଟାଏ ଅଟକ ରଖିଲେ ଚାଲାଣକାରୀ

**ପଶ୍ଚିମବଙ୍ଗକୁ ବାଲି ଚାଲାଣ ବେଳେ ଚଢ଼ାଉ**

ଭୋଗରାଇ, ୧।୧୨( ପ୍ରଦୀପ ଦାସ )


ଖଣି ଅଧିକାରୀଙ୍କୁ ଅଟକ ରଖିଛନ୍ତି ଚାଲାଣକାରୀ।

ବାଲେଶ୍ୱର ଜିଲାରେ ପ୍ରବାହିତ ସୁବର୍ଣ୍ଣରେଖା ନଦୀରୁ ଚାଲାଣକାରୀମାନେ ବେଧଡକ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଶହ ଶହ ଟ୍ରକ ଚାଲାଣ କରି ମାଲାମାଲ ହେଉଛନ୍ତି। ନଦୀପାର୍ଶ୍ୱସ୍ଥ ଗାଁଗୁଡିକ ନଦୀଗର୍ଭକୁ ଚାଲିଯିବା ଅବସ୍ଥାରେ ରହିଛି। ଏଭଳି ସ୍ଥିତିରେ ଜିଲାପାଳ ତଥା ଜିଲା ଖଣି ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଭୋଗରାଇ ଲକ୍, ଆରୁହାବୃତ୍ତି-୨ ଓ ଦହମୁଣ୍ଡାରେ ଜିଲା ଜୁନିୟର ଖଣି ଅଧିକାରୀଙ୍କ ସହିତ ଏନଫୋର୍ସମେଣ୍ଟ ଟିମ୍ ବାଲି ଚାଲାଣକାରୀଙ୍କ ଉପରେ ଅଚାନକ ଚଢ଼ାଉ କରିଥିଲେ। ଭୋଗରାଇ ଲକ, ଆରୁହାବୃତ୍ତି, ଦହମୁଣ୍ଡା ନିକଟରେ ବେଆଇନ ଭାବେ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ଗଚ୍ଛିତ ରଖିଥିବା ସମସ୍ତ ବେଆଇନ ବାଲିକୁ ଖଣି ଅଧିକାରୀ ଜେସିବି ମାଧ୍ୟମରେ ତାଡ଼ି ନଦୀକୁ ଫିଙ୍ଗି ଦେଇଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ସ୍ଥାନୀୟ କେତେକ ଗ୍ରାମବାସୀ ଖଣି ଅଧିକାରୀଙ୍କୁ ୧ଘଣ୍ଟା ଅଟକ ରଖି ଗାଳିଗୁଲଜ କରି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଖବରପାଇ କମର୍ଦ୍ଦା ଥାନା ପୋଲିସ ପହଞ୍ଚି ଖଣି ଅଧିକାରୀଙ୍କୁ ଉଦ୍ଧାର କରି ଆଣିଥିଲେ।

ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲା ଭୋଗରାଇ ଲକ୍ ନିକଟରେ ଦୀର୍ଘ ଦିନ ଧରି ସୁବର୍ଣ୍ଣରେଖା ନଦୀରୁ ଡଙ୍ଗା ସାହାଯ୍ୟରେ ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରିଆସୁଥିଲେ। ଖବରପାଇ ଜିଲା ଜୁନିଅର ଖଣି ଅଧିକାରୀ ତାପସ କୁମାର ବେହେରା, ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଭୋଗରାଇ ଆଇଆଇସି ରୋହିତ ବଳ ତଥା ଏନଫୋର୍ସମେଣ୍ଟ ଟିମ୍ ସୋମବାର ଭୋଗରାଇ ଲକ୍‌ଠାରେ ପହଞ୍ଚି ଥିଲେ। ଏହିସବୁ କାର୍ଯ୍ୟ ଦେଖି ବାଲି ଚୋରାଚାଲାଣକାରୀଙ୍କ ଛନକା ପଶିଥିଲା। ସେହିପରି ଅପରାହ୍ନରେ ଖଣି ଅଧିକାରୀ ତାପସ କୁମାର ବେହେରା ତାଙ୍କ ଟିମ୍ ଆରୁହାବୃତ୍ତି-୨ ଓ ଦହମୁଣ୍ଡାଠାରେ ବେଆଇନ ଗଚ୍ଛିତ ବାଲିକୁ ଜେସିବିରେ ବାଲି ତାଡି ଫିଙ୍ଗି ଦେବା ସମୟରେ ସ୍ଥାନୀୟ କିଛି ଗ୍ରାମବାସୀ ଏହାର ପ୍ରତିବାଦ କରିବା ସହ ଅଧିକାରୀଙ୍କୁ ଅଟକ ରଖିଥିଲେ। ଏ ସମ୍ପର୍କରେ ଖଣି ଅଧିକାରୀ ତାପସ କୁମାର ବେହେରା କହିଛନ୍ତି ଯେ, ବେଆଇନ ଗଚ୍ଛିତ ବାଲି ତାଡି ଦେବାରୁ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡିଲା। ସେମାନଙ୍କ ନାମରେ କମର୍ଦ୍ଦା ଥାନାରେ ଏତଲା ଦିଆଯାଇଛି।

# ଜେଲ ଗଲେ କଷ୍ଟମର ରିଲେଶନ୍ ଅଫିସର

**ଫାଇନାନ୍ସ କମ୍ପାନୀ କିସ୍ତି ଟଙ୍କା ହଡ଼ପ ମାମଲା**

ବାଲେଶ୍ୱର, ୧।୧୨(ବାଞ୍ଛାନିଧି ଦେ)

ଏକ ଫାଇନାନ୍ସ କମ୍ପାନୀର ଋଣ କିସ୍ତି ଟଙ୍କା ହଡ଼ପ ମାମଲାରେ ବାଲେଶ୍ୱର ଜିଲା ରୂପସା ଥାନା ପୋଲିସ ଚଢ଼ାଉ କରି ସୋମବାର ଉକ୍ତ କମ୍ପାନୀର କଷ୍ଟମର ରିଲେଶନ୍ ଅଫିସରଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଲିଆପାଳ ଥାନା ନାବଦା ଗ୍ରାମର ହରିନାରାୟଣ ସାହୁ (୨୬)। ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯେ, ଆଇଆଇଏଫ୍‌ଏଲ୍ ସମସ୍ତା ଫାଇନାନ୍ସ କମ୍ପାନୀର ଏକ ବ୍ରାଞ୍ଚ ଅଫିସ ରୂପସା ପାଟପୁର ବଜାରରେ ଥିଲା। କମ୍ପାନୀ ତରଫରୁ ଗ୍ରାମାଞ୍ଚଳର ଗରିବ ମହିଳାମାନଙ୍କୁ ଋଣ ଦିଆଯାଇ ମାସିକ କିସ୍ତି ଆଦାୟ କରାଯାଉଥିଲା। ଅଭିଯୁକ୍ତ ଅଫିସର ଜଣକ ମହିଳାଙ୍କଠାରୁ ନିୟମିତ କିସ୍ତି ଆଦାୟ କରି ଅଫିସରେ ଜମା କରୁ ନ ଥିବା ନେଇ ବ୍ରାଞ୍ଚ ମ୍ୟାନେଜର ଥାନାରେ ଅଭିଯୋଗ କରିଥିଲେ।

# ହତ୍ୟା ଅଭିଯୋଗ ଆଣିଲେ ମୃତକଙ୍କ ଭାଇ

ପାତ୍ରପୁର,୧।୧୨(ଉମା ଚରଣ ନେପାକ)

**ମହିଳାଙ୍କ ମୃତଦେହ ଜବତ**

ଗଞ୍ଜାମ ଜିଲା ଜରଡା ଥାନା ଅଧୀନ ପଦାଦିଗି ପଞ୍ଚାୟତ ଅନ୍ତର୍ଗତ ନରଣପୁର ଗ୍ରାମରୁ ସୋମବାର ସକାଳେ ପୋଲିସ ଜଣେ ମହିଳାଙ୍କ ମୃତଦେହ ଜବତ କରିଛି। ସେ ହେଲେ ନରଣପୁର ଗ୍ରାମର କୃଷ୍ଣ ପ୍ରଧାନଙ୍କ ସ୍ତ୍ରୀ କୁମାରୀ(୫୦)। ତେବେ ତାଙ୍କୁ ହତ୍ୟା କରାଯାଇଥିବା କୁମାରୀଙ୍କ ଭାଇ ଅଭିଯୋଗ ଆଣିଛନ୍ତି।

ନରଣପୁର ଗ୍ରାମରେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିବା ଜରଡା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସେଠାରେ ମୃତକ କୁମାରୀଙ୍କ ଭାଇ ଖରିଣିପଡା ଗ୍ରାମର ନିରଞ୍ଜନ ପ୍ରଧାନ ପହଞ୍ଚି ତାଙ୍କ ନାନୀଙ୍କୁ ସ୍ୱାମୀ କୃଷ୍ଣ ନିର୍ଯାତନା ଦେଇ ଆସୁଥିଲେ। ସେ ହିଁ ତାଙ୍କ ନାନୀଙ୍କୁ ହତ୍ୟା କରିଛନ୍ତି ବୋଲି ନିରଞ୍ଜନ ପୋଲିସ ନିକଟରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ କୁମାରୀ ରବିବାର ବିଳମ୍ବିତ ରାତିରେ ନିଜ ଘରେ ରଶି ବାନ୍ଧି ଆତ୍ମହତ୍ୟା କରିଥିବା କୃଷ୍ଣ ଆଖପାଖ ସମ୍ପର୍କୀୟଙ୍କୁ ସୂଚନା ଦେଇଥିଲେ। କୁମାରୀଙ୍କ ଭାଇ ମଧ୍ୟ ସୂଚନା ପାଇ କୃଷ୍ଣଙ୍କ ଘରେ ପହଞ୍ଚିଥିଲେ। ଭାଇ ନିରଞ୍ଜନ ପହଞ୍ଚି ଦେଖିବା ବେଳକୁ ଭଉଣୀ କୁମାରୀଙ୍କ ଦେହରୁ ପ୍ରଚୁର ରକ୍ତସ୍ରାବ ହେଉଥିଲା। ଏହା ଦେଖି ସେ ତାଙ୍କ ନାନୀଙ୍କୁ ହତ୍ୟା କରାଯାଇଥିବା ଜରଡା ପୋଲିସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଗୁରୁତ୍ୱ ଦେଇ ପୋଲିସ ନଂ. ୪୦୧/୨୫ରେ ଏକ ମାମଲା ରୁଜୁକରି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। କୃଷ୍ଣଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା କରୁଛି। ଘଟଣାସ୍ଥଳରୁ ଗୋଟିଏ ଲେଶୁଣି ଓ ପ୍ଲାଷ୍ଟିକ ଚେୟାର ଜବତ ହୋଇଥିବା ଭାରପ୍ରାପ୍ତ ଥାନା ଅଧିକାରୀ ମୀନାକ୍ଷୀ ଦଳବେହେରା କହିଛନ୍ତି।

# ଘର ଭିତରେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ


ନାଲ୍‌କୋ କଲୋନିରେ ମହିଳାଙ୍କ ମୃତ୍ୟୁ ପରେ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

ବଣଁରପାଳ,୧।୧୨ (ସୁବାସ ସାହୁ)

ଅନୁଗୋଳ ଜିଲା ନାଲ୍‌କୋନଗର ଥାନା ଅନ୍ତର୍ଗତ ନାଲ୍‌କୋ କଲୋନୀ ପରିସରରେ ଥିବା ଏକ ୩ ମହଲା ଘର ଭିତରେ ସୋମବାର ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ହେଉଛନ୍ତି ନାଲ୍‌କୋରେ ଚାକିରି କରୁଥିବା ଜଣେ କର୍ମଚାରୀଙ୍କ ସ୍ତ୍ରୀ। ପୋଲିସର ସୂଚନା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ପୂର୍ବାହ୍ନରେ ଅଫିସକୁ ଯାଇଥିଲେ। ମଧ୍ୟାହ୍ନରେ ସେ ଘରକୁ ଖାଇବାକୁ ଆସିଥିବା ବେଳେ ସ୍ତ୍ରୀ କବାଟ ଖୋଲି ନ ଥିଲେ। ସ୍ୱାମୀ ଘରର ପଛପଟ କବାଟ ଦେଇ ଘର ଭିତରକୁ ଯାଇଥିଲେ। ୱାଶିଂ ମେଶିନ ଚାଲିଥିବା ବେଳେ ସ୍ତ୍ରୀ ରୁମ୍ ମଝିରେ ଅଚେତ ଅବସ୍ଥାରେ ପଡ଼ିଥିବା ଦେଖି ସମ୍ପୃକ୍ତ କର୍ମଚାରୀ ତୁରନ୍ତ ତାଙ୍କୁ ନାଲ୍‌କୋ ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ମହିଳାଙ୍କୁ ମୃତ ଘୋଷଣା କରିବା ସହ ପୋଲିସକୁ ସୂଚନା ଦେଇଥିଲେ। ନାଲ୍‌କୋ ପୋଲିସ ଅଧିକାରୀ ଶ୍ୟାମଲାଲ ଓରାମ ଓ ଏସ୍‌ଡିପିଓ ରମାକାନ୍ତ ମହାଳିକ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ଅନୁଗୋଳରୁ ସାଇଣ୍ଟିଫିକ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ଘର ଭିତରେ ତଦନ୍ତ କରାଯାଇଛି।


# Classified Everyday
0674-2580101, 9692975378


REAL ESTATE
SALE

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190.
D- 2685


Healthcare

All types of physiotherapy Contact number 9556924059/ 7656969134, Jharapada.
D-2686

AFFIDAVIT

By virtue of an affidavit sworn before Executive Magistrate, Aul, dated 18.11.25, I Basant Kumar Parida, Address At- Mahasahani, P.O.- Singiri, P.S.- Aul, Dist.- Kendrapara, PIN- 754215, Odisha declare that I have changed my name from Sameer Alam to Basant Kumar Parida. Henceforth, I shall be known as Basant Kumar Parida for all purposes.
Basant Kumar Parida
D-2730

By virtue of an affidavit sworn before the Notary Public, Titilagarh, Dtd.- 01.12.2025, I, Panchanan Dandasena, S/o.- Basudeb Dandasena, R/o. Village At- Nabjiban Chowk, P.O.- Saintala, P.S.- Saintala, Dist.- Balangir (Odisha), PIN- 767032, declare that now I have changed my daughter's name from Samia Shree Dandasena to Somyashree Dandasena. Henceforth, my daughter shall be known as Somyashree Dandasena for all purposes.
Panchanan Dandasena
D-2731

Before Executive Magistrate, Khallikote, Ganjam, I, Gangadhar Mallik (old name), S/o.- Somanath Behera, Kandara Bangala Sahi, Ward No.- 11, At/P.O./P.S.- Rambha, Ganjam, Odisha vide affidavit No.- A/743/15.10.25, That now onwards I shall be known as Jahala Behera (new name), S/o.- Somanath Behera for all future purposes.
D-2732

I, Minu Kaur, W/o.- Sandeep Singh, R/o. Flat No.- 305, Kanheiya Building, Brijdham Housing society, Near Church, P.S.- Town, P.O./Dist.- Sambalpur, PIN- 768001 declare by this affidavit No.- 1908, date- 03.09.2025 that now onwards I shall be known as Minu Kour for all purposes. D-2733

By virtue of an affidavit before Notary Public, Kantabanji on 28.11.2025 that before my marriage and in my educational documents, Aadhaar Card, Bank Account of Bank of Baroda, Kantabanji my name is recorded as "ASTAMEE NAG", after marriage to Santosh Harijan I updated my Aadhaar Card and I known as Astamee Harijan, whereas Astamee Nag and Astamee Harijan, W/o.- Santosh Harijan of Village- Kenduguda, P.O.- Kendupati, P.S.- Khariar, Dist.- Nuapada, Odisha is same and one person.
D-2732

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ରବିନ୍ଦ୍ରନାଥ ପ୍ରତିହାରୀ
ଗାରେଡିପାଞ୍ଚଣ, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୨୦।୧୧।୧୯୪୬
ତିରୋଧାନ: ୨୨।୧୧।୨୦୨୫

ଆପଣ ଥିଲେ ଆମର ପଥ ପ୍ରଦର୍ଶକ। ଆପଣଙ୍କ ବିନା ଆମେ ଦିଗହୀନ। ଆପଣଙ୍କ ନିଷ୍ପାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ:
ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା, ନାତିନାତୁଣୀ, ମା କଲ୍ୟାଣ ମଣ୍ଡପ ପରିବାରବର୍ଗ।


## LEGAL NOTICE

Letter No.- 2015, dtd.- 13.11.2025

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ ଶ୍ରୀ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନମ୍ବର- ୭୨୦/ ୨୦୨୨
(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ଶ୍ରୀ ସମ୍ବିତ୍ ନନ୍ଦ ......ବାଦୀ/ଦରଖାସ୍ତକାରୀ

ବନାମ

ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ,
ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ପଣ୍ଡା ଓ ଅନ୍ୟମାନେ ...ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:
ପ୍ରତିବାଦୀ ନଂ.୧ - ତ୍ରାହି ଜଗନ୍ନାଥ କନ୍‌ଷ୍ଟ୍ରକ୍ସନ ପ୍ରାଇଭେଟ ଲିମିଟେଡ, ନିର୍ଦ୍ଦେଶକ ଶ୍ରୀ ସୁଶାନ୍ତ କୁମାର ପଣ୍ଡା, ପିତା- ଶ୍ରୀ ନିରାକର ପଣ୍ଡା, ପ୍ଲଟ୍ ନଂ.- ୭୨୬/ସି, ନୟାପଲ୍ଲୀ, ବେହେରା ସାହି, ପୋଷ୍ଟ/ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା - ଖୋର୍ଦ୍ଧା।

ଏତଦ୍ଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନମ୍ବର- ୪, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା.୦୮।୧୨।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି ।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଚନ୍ଦକା, ଥାନା ନଂ.୧୭, ମୌଜା- ଗ୍ରାମଡ଼ିହି

ସାବକ

ଖାତା ନମ୍ବର- ୧୨୮, ପ୍ଲଟ୍ ନମ୍ବର- ୨୬୨, କିସମ- ବାଜେ ଦୋ ଫସଲ- ୨, ରକବା- ମୋଟ ଏ୬.୦୨୧ରୁ ଏ୩.୬୧୨.୬ରୁ ଏ୧.୨୦୦ରୁ ଏ୦.୦୬୧.୯୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ, ଖାତା ନମ୍ବର- ୧୨୮, ପ୍ଲଟ୍ ନମ୍ବର- ୨୫୯, କିସମ- ବାଜେ ଦୋ ଫସଲ- ୨, ରକବା- ମୋଟ ଏ୨.୩୧୩ରୁ ଏ୨୬୨.୬ରୁ ଏ୦.୦୫୨.୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ହାଲ୍

ଖାତା ନମ୍ବର- ୯୬, ପ୍ଲଟ୍ ନମ୍ବର- ୬୭୪, କିସମ- ଶାରଦ ଅଣ ଜଳସେଚିତ ଦୁଇ, ରକବା- ମୋଟ ଏ୩.୮୪୭ରୁ ଏ୦.୦୬୧.୯୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ୍, ଖାତା ନମ୍ବର- ୯୬, ପ୍ଲଟ୍ ନମ୍ବର- ୬୭୨, କିସମ- ଶାରଦ ଅଣ ଜଳସେଚିତ ଦୁଇ, ରକବା- ମୋଟ ଏ୦.୧୫୨ରୁ ଏ୦.୦୫୨.୮ ଡେସିମିଲ, ସ୍ୱତ୍ୱ- ସ୍ଥିତିବାନ।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ ।

ତା.- ୧୩।୧୧।୨୦୨୫
ଭୁବନେଶ୍ୱର

ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର
ଧ-୨୬୯୪

# ନଭେମ୍ବରରେ ୧.୭୦ ଲକ୍ଷ କୋଟି ଜିଏସ୍‌ଟି ସଂଗ୍ରହ




**ଭୁବନେଶ୍ୱର,୧।୧୨**

୨୦୨୫ ନଭେମ୍ବରରେ ଭାରତର ମୋଟ ୧ ଲକ୍ଷ ୭୦ ହଜାର ୨୭୬ କୋଟି ଟଙ୍କା ସେବା ଓ ସାମଗ୍ରୀ କର (ଜିଏସ୍‌ଟି) ସଂଗ୍ରହ ହୋଇଛି। ଏହା ଗତବର୍ଷ ନଭେମ୍ବରରେ ୧.୬୯ ଲକ୍ଷ କୋଟି ସଂଗ୍ରହ ତୁଳନାରେ ୦.୭ ପ୍ରତିଶତ ଅଧିକ ହୋଇଥିବାବେଳେ ୨୦୨୫ ଅକ୍ଟୋବର ରେକର୍ଡ ୧.୯୬ ଲକ୍ଷ କୋଟି ତୁଳନାରେ ବହୁତ କମ୍। ଅକ୍ଟୋବରରେ ଦୀପାବଳି, ଦଶହରା ଆଦି ବଡ଼ ପର୍ବପର୍ବାଣି ଯୋଗୁ ଲୋକଙ୍କ ଖର୍ଚ୍ଚ ବଢ଼ିଥିବା ବେଳେ ନଭେମ୍ବରରେ ସେହି ଉତ୍ସାହ କମିଯିବାରୁ ସଂଗ୍ରହରେ ହ୍ରାସ ଦେଖାଯାଇଛି। ଏଥର ସେଣ୍ଟ୍ରାଲ ଜିଏସ୍‌ଟି ୩୪,୮୪୩ କୋଟି, ରାଜ୍ୟ ଜିଏସ୍‌ଟି ୪୨,୫୨୨ କୋଟି ଏବଂ ଇଣ୍ଟିଗ୍ରେଟେଡ୍ ଜିଏସ୍‌ଟି ୪୬,୯୩୪ କୋଟି ଟଙ୍କା ରହିଛି। ଆମଦାନୀ ଉପରେ ଜିଏସ୍‌ଟି ୧୦.୨ ପ୍ରତିଶତ ବଢ଼ି ୪୫,୯୭୬ କୋଟି ଟଙ୍କା ହୋଇଥିବା ବେଳେ ରିଫଣ୍ଡ ପରେ ଘରୋଇ କାରବାରରୁ ନେଟ୍ ସଂଗ୍ରହ ୧.୫ ପ୍ରତିଶତ ହ୍ରାସ ପାଇଁ

**ଅକ୍ଟୋବର ତୁଳନାରେ ବଡ଼ ହ୍ରାସ**

୧,୧୫,୫୫୮ କୋଟି ଟଙ୍କା ରହିଛି। ତଥାପି ଆମଦାନୀ-ରପ୍ତାନିକୁ ମିଶାଇ ନେଟ୍ ସଂଗ୍ରହ ୧୧.୬% ବଢ଼ି ୩୬,୫୨୧ କୋଟି ଟଙ୍କା ହୋଇଛି। ୨୦୨୫ ଏପ୍ରିଲରୁ ନଭେମ୍ବର ପର୍ଯ୍ୟନ୍ତ ମୋଟ ନେଟ୍ ଜିଏସ୍‌ଟି ସଂଗ୍ରହ ୭.୩% ବଢ଼ି ୧୨.୭୯ ଲକ୍ଷ କୋଟି ଟଙ୍କା ହୋଇସାରିଛି। ମାତ୍ର କମ୍ପେନସେଶନ ସେସ୍‌ରେ ବଡ଼ ଧରଣର ପତନ ଦେଖାଯାଇଛି। ଘରୋଇ ସେସ୍ ଗତବର୍ଷର ୧୨,୩୯୮ କୋଟିଠାରୁ ଖସି ମାତ୍ର ୪,୭୩୭ କୋଟି ଟଙ୍କା ରହିଛି ଏବଂ ନେଟ୍ ସେସ୍ ୪,୦୦୬ କୋଟି ଟଙ୍କାକୁ ଖସିଛି। ଏହା ରାଜ୍ୟଗୁଡ଼ିକର କ୍ଷତିପୂରଣ ପାଣ୍ଠି ଉପରେ ଅଧିକ ଚାପ ସୃଷ୍ଟି କରୁଛି। ରାଜ୍ୟଭିତ୍ତିକ ପ୍ରଦର୍ଶନରେ କେରଳ ସର୍ବାଧିକ ୭% ଏସ୍‌ଜିଏସ୍‌ଟି ବୃଦ୍ଧି ସହ ପ୍ରଥମ ସ୍ଥାନରେ ରହିଛି। ମହାରାଷ୍ଟ୍ର ୩ ପ୍ରତିଶତ ଏବଂ ବିହାର ୧ ପ୍ରତିଶତ ବୃଦ୍ଧି ସହ ପଛରେ ରହିଛନ୍ତି। ଅର୍ଥନୀତିବିତ୍‌ମାନେ ମତ ଦେଇଛନ୍ତି ଯେ ପର୍ବପର୍ବାଣି ପରେ ଖର୍ଚ୍ଚ ହ୍ରାସ ଏବଂ କିଛି ସାମଗ୍ରୀରେ ଜିଏସ୍‌ଟି ହାର କମାଇବା ଯୋଗୁ ନଭେମ୍ବରରେ ଏହି ପତନ ହୋଇଛି, ତଥାପି ବାର୍ଷିକ ହିସାବରେ ସଂଗ୍ରହ ସ୍ଥିର ରହିଛି।

## ଜାନୁଆରୀରେ ଭାରତ ପହଞ୍ଚିବ ୪୦ ଲକ୍ଷ ବ୍ୟାରେଲ ତେଲ

**ଭୁବନେଶ୍ୱର,୧।୧୨**

ରୁଷିଆର ତେଲ କମ୍ପାନୀ ରୋସନେଫ୍ଟ ଓ ଲୁକଅଏଲ ଉପରେ ଆମେରିକାର ଲଗାଇଥିବା ପ୍ରତିବନ୍ଧକ ଯୋଗୁଁ ଭାରତର ଡିସ୍କାଉଣ୍ଟରେ ରୁଷିଆ ତେଲ ଆମଦାନି ବାଧାପ୍ରାପ୍ତ ହୋଇଛି। ଭାରତ ଏବେ ଦକ୍ଷିଣ ଆମେରିକାର ଦୂରବର୍ତ୍ତୀ ଦେଶ ଗୁଇଆନାରୁ କ୍ରୁଡ ଅଏଲ ଆଣିବା ଆରମ୍ଭ କରିଛି। ବ୍ଲୁମ୍ବର୍ଗର ଶିପ-ଟ୍ରାକିଙ୍ଗ ଡାଟା ଅନୁଯାୟୀ, ନଭେମ୍ବର ଶେଷରେ ୨ ବଡ଼ ଟ୍ୟାଙ୍କର 'କୋବାଲ୍ଟ ନୋଭା' ଓ 'ଓଲିମ୍ପିକ ଲାଇନ' ଗୁଇଆନାରୁ ୟୁନିଟି ଓ ଲିଜା ଗ୍ରେଡର ପ୍ରାୟ ୪୦ ଲକ୍ଷ ବ୍ୟାରେଲ ତେଲ ନେଇ ଭାରତ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଟ୍ୟାଙ୍କରଗୁଡ଼ିକ ୧୭,୭୦୦ କିଲୋମିଟର ଦୂର ଅତିକ୍ରମ କରି ଜାନୁଆରିରେ ପାରାଦୀପ ଓ ମୁମ୍ବାଇ/ବିଶାଖାପାଟଣା ପହଞ୍ଚିବେ।

## ସିଜିୟୁରେ ଏଚ୍ଆର୍ କନ୍‌କ୍ଲେଭ୍ 'ବିମର୍ଶ'



**ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)**

ଭୁବନେଶ୍ୱରସ୍ଥିତ ସି.ଭି. ରମଣ ଗ୍ଲୋବାଲ ୟୁନିଭର୍ସିଟି(ସିଜିୟୁ) ଏଚ୍ଆର୍ କନ୍‌କ୍ଲେଭ୍ ୨୦୨୫- ବିମର୍ଶ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଜେଏସ୍‌ଏଲ୍(ଅନୁଗୋଳ)ର ସଭାପତି ଏବଂ ସିଏଚ୍ଆର୍‌ଓ ଦିଲୀପ ସିହ୍ନା, ଫାଲ୍‌କନ୍ ମେରାଇନ୍ ଏକ୍ସପୋର୍ଟସ ଲିମିଟେଡ୍ ଗ୍ରୁପ୍ ହେଡ୍ (ଏଚ୍ଆର୍) ଅନିଲ ପ୍ରସାଦ ମହାନ୍ତି ଯୋଗଦେଇଥିଲେ। ଡିଜିଟାଲ ରୂପାନ୍ତରଣ ଦ୍ୱାରା ଭବିଷ୍ୟତରେ କର୍ମକ୍ଷେତ୍ର କିପରି ଭାବେ ପରିଚାଳିତ ହେବ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଅନିଲ ପ୍ରସାଦ ମହାନ୍ତି ସମାନ ଓ ଅନ୍ତର୍ଭୁକ୍ତ ସାଂଗଠନିକ ସଂସ୍କୃତିର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ବଂଶୀଧର ମାଝୀ, ପ୍ରୋ ଭାଇସ୍ ଚାନ୍ସେଲର ପ୍ରଫେସର ଡ. ଜି. ଶ୍ରୀଦେବୀ ଉପଦେଷ୍ଟା ଅମୂଲ୍ୟ ମହାପାତ୍ର ଓ ମ୍ୟାନେଜମେଣ୍ଟ ବିଭାଗର ମୁଖ୍ୟ ଡ. ସଞ୍ଜିତା ଲେଙ୍କା କାର୍ଯ୍ୟ ଜଗତରେ ଦ୍ରୁତ ପରିବର୍ତ୍ତନ ପାଇଁ ଶିକ୍ଷା-ଶିଳ୍ପ ସଂଯୋଗକୁ ସୁଦୃଢ଼କରି କିପରି ଛାତ୍ରୀଛାତ୍ରମାନଙ୍କୁ ପ୍ରସ୍ତୁତ କରାଯିବ ସେ ବିଷୟରେ ଆଲୋକପାତ କରିଥିଲେ। ଶେଷରେ ମ୍ୟାନେଜମେଣ୍ଟ ବିଭାଗର ଡ. ସସ୍ମିତା ମିଶ୍ର ଧନ୍ୟବାଦ ଦେଇଥିଲେ।

## ହରମନପ୍ରୀତ କୌର ପିଏନ୍‌ବିର ପ୍ରଥମ ମହିଳା ବ୍ରାଣ୍ଡ ଆମ୍ବାସାଡର




**ଭୁବନେଶ୍ୱର,୧।୧୨**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କୁ ନିଜର ପ୍ରଥମ ମହିଳା ବ୍ରାଣ୍ଡ୍ ଆମ୍ବାସାଡର ଭାବେ ନିଯୁକ୍ତ କରିଛି। ସୋମବାର ନୂଆଦିଲ୍ଲୀସ୍ଥିତ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହରମନପ୍ରୀତ ସହ କେନ୍ଦ୍ର ଆର୍ଥିକ ସଚିବ ଏମ୍. ନାଗରାଜୁ ଓ ପିଏନ୍‌ବି ଏମ୍‌ଡି ଅଶୋକ ଚନ୍ଦ୍ର ବ୍ୟାଙ୍କର ୪ଟି ନୂଆ ଉତ୍ପାଦ 'ପିଏନ୍‌ବି ରୁପେ ମେଟାଲ କ୍ରେଡିଟ୍ କାର୍ଡ 'ଲକ୍ସୁରା', 'ପିଏନ୍‌ବିୱାନ୍ ୨.୦', 'ଡିଜି ସୂର୍ଯ୍ୟଘର' ଏବଂ 'ପିଏନ୍‌ବି ଅନ୍ ଦ ଆଇଆଇବିଏକ୍ସ ପୋର୍ଟାଲ'ର ଉନ୍ମୋଚନ କରିଛନ୍ତି। ହରମନପ୍ରୀତ ନିଜେ ୧୮ ବର୍ଷ ବୟସରୁ ପିଏନ୍‌ବି ଗ୍ରାହକ ଥିବା କହି ଲକ୍ସୁରା କାର୍ଡର ପ୍ରଥମ ଗ୍ରାହକ ହୋଇଥିବା କହିଛନ୍ତି। ଏହି ଐତିହାସିକ ଘୋଷଣା ପିଏନ୍‌ବିର ମହିଳା ସଶକ୍ତୀକରଣ ଓ ଡିଜିଟାଲ ନବୀକରଣ ପ୍ରତି ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

## ୧୬ ମାସରେ ନିଯୁକ୍ତି ପାଇଛନ୍ତି ୨୫୨୮

**ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)**


ରାଜ୍ୟରେ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ୧୬ ମାସ ମଧ୍ୟରେ ୩୩ଟି ନୂଆ କମ୍ପାନୀ ଓଡ଼ିଶାରେ ନିଜର ୟୁନିଟ୍ ସ୍ଥାପନ କରିଛନ୍ତି। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ବର୍ତ୍ତମାନ ରାଜ୍ୟରେ ଅନ୍ୟୂନ ୩୫୦ରୁ ଅଧିକ କମ୍ପାନୀ ସେମାନଙ୍କର କାର୍ଯ୍ୟାଳୟ ସ୍ଥାପନ କରିଛନ୍ତି ଏବଂ ୩୫ ହଜାରରୁ ଅଧିକ ଯୁବତୀଯୁବକ ସେହି କମ୍ପାନୀରେ

**ରାଜ୍ୟରେ ନୂଆ ୩୩ କମ୍ପାନୀର ୟୁନିଟ୍**

କାର୍ଯ୍ୟରତ ଅଛନ୍ତି। ବିଧାନସଭାରେ ରାମଚନ୍ଦ୍ର କାଡାମ ୧୬ ମାସରେ କାର୍ଯ୍ୟକାରୀ ହୋଇଥିବା କମ୍ପାନୀଗୁଡ଼ିକ ମଧ୍ୟରେ କେତେଜଣ ଓଡ଼ିଆ ଯୁବତୀଯୁବକ ନିଯୁକ୍ତି ପାଇଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଏହାର ଉତ୍ତରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଡା. ମୁକେଶ ମହାଲିଙ୍ଗ ଏହି ତଥ୍ୟ ରଖିଛନ୍ତି। ୧୬ ମାସରେ ନିଯୁକ୍ତି ପାଇଥିବା ମୋଟ ୨୫୨୮ କର୍ମଚାରୀଙ୍କ ମଧ୍ୟରୁ ୧୭୩୦ ଜଣ ଯୁବକ ଥିବାବେଳେ ୭୯୮ ଜଣ ଯୁବତୀ ଅଛନ୍ତି। ମାତ୍ର ସେମାନଙ୍କ ମଧ୍ୟରୁ କେତେଜଣ ଓଡ଼ିଆ ଯୁବତୀଯୁବକ ଅଛନ୍ତି ସେନେଇ ତଥ୍ୟ ମିଳିପାରି ନାହିଁ।

## ଫ୍ୟାଶନ ଫ୍ୟାକ୍ଟ୍ରିରେ ଫ୍ରି ଶପିଂ ଉଇକ୍

**ଭୁବନେଶ୍ୱର,୧।୧୨**




ରିଲାଏନ୍ସ ରିଟେଲର ପ୍ୟାନ୍-ଇଣ୍ଡିଆ ଡିସ୍‌କାଉଣ୍ଟ ଫ୍ୟାଶନ ଷ୍ଟୋର ଫ୍ୟାଶନ ଫ୍ୟାକ୍ଟ୍ରି 'ଫ୍ରି ଶପିଂ ଉଇକ' ଅଫର ଘୋଷଣା କରିଛି। ଏହି ଅଫର ଅନୁଯାୟୀ ଗ୍ରାହକମାନେ ମାତ୍ର ୨୦୦୦ ଟଙ୍କା ଦେଇ ୫୦୦୦ ଟଙ୍କା (ଏମ୍ଆର୍‌ପିର)ର ପୋଷାକ ନେଇପାରିବେ ଏବଂ ସେହି ୨୦୦୦ ଟଙ୍କା ମଧ୍ୟ ସମ୍ପୂର୍ଣ୍ଣ ଫେରିପାଇଯିବେ। ଅର୍ଥାତ୍ ଶୂନ୍ୟ ଖର୍ଚ୍ଚରେ ବ୍ରାଣ୍ଡେଡ୍ ପୋଷାକ ଘରକୁ ଆଣିପାରିବେ। ଏହି ସୀମିତ ସମୟର ଅଫର ଡିସେମ୍ବର ୩ରୁ ୭ ପର୍ଯ୍ୟନ୍ତ ଚାଲିବ। ଗ୍ରାହକମାନେ ୫୦୦୦ ଟଙ୍କାର ପୋଷାକ ବିଲ୍ କରି ମାତ୍ର ୨୦୦୦ ଟଙ୍କା ଦେବେ। ଅବଶିଷ୍ଟ ୨୦୦୦ ଟଙ୍କା ପାଇବା ପାଇଁ ୨ଟି ବିଶେଷ ଉପହାର ପାଇପାରିବେ। ୧୦୦୦ ଟଙ୍କାର ନିଶ୍ଚିତ ମାଗଣା ଉପହାର ସହ ୧୦୦୦ଟଙ୍କାର ଗିଫ୍ଟ ଭାଉଚର ମିଳିବ। ଏହି ଅଫର ମୁଖ୍ୟତଃ ବଜେଟ-ସଚେତନ ପରିବାର, ଯୁବପିଢ଼ି ଏବଂ ଫ୍ୟାଶନପ୍ରେମୀଙ୍କ ଉଦ୍ଦେଶ୍ୟରେ ଘୋଷଣା କରାଯାଇଛି। ଫ୍ୟାଶନ ଫ୍ୟାକ୍ଟ୍ରିରେ ବର୍ଷ ସାରା ୨୦%ରୁ ୭୦% ପର୍ଯ୍ୟନ୍ତ ରିହାତି ରହୁଛି। ଅଫର ଦେଶର ସବୁ ଫ୍ୟାଶନ ଫ୍ୟାକ୍ଟ୍ରିଷ୍ଟୋରରେ ଉପଲବ୍ଧ।

## ଓଡ଼ିଶାରେ ମୋବାଇଲ ଗ୍ରାହକ ସଂଖ୍ୟା ୩.୫୯ କୋଟିକୁ ବୃଦ୍ଧି

**ଭୁବନେଶ୍ୱର,୧।୧୨(ଅନୁରାଧା ମହାରଣା)**

**ଜିଓର ସର୍ବାଧିକ ୧.୬୯ କୋଟି ଗ୍ରାହକ**

**ଟ୍ରାଇ ତଥ୍ୟ**

ଅକ୍ଟୋବରରେ ଓଡ଼ିଶାରେ ମୋଟ ମୋବାଇଲ ଗ୍ରାହକଙ୍କ ସଂଖ୍ୟା ୧.୫୯ ଲକ୍ଷ ବୃଦ୍ଧି ସହ ଅକ୍ଟୋବର ୩୧ ସୁଦ୍ଧା ୩.୫୯ କୋଟି ଅତିକ୍ରମ କରିଛି। ଭାରତୀୟ ଟେଲିକମ୍ ନିୟାମକ ପ୍ରାଧିକରଣ (ଟ୍ରାଇ) ଦ୍ୱାରା ପ୍ରକାଶିତ ସଦ୍ୟତମ ଟେଲିକମ୍ ଉପଭୋକ୍ତା ତଥ୍ୟରେ ଏହା ପ୍ରକାଶ କରାଯାଇଛି। ଏହା ମଧ୍ୟରେ ରିଲାଏନ୍ସ ଜିଓ ୨୦୨୫ ଅକ୍ଟୋବର ମାସରେ ଓଡ଼ିଶାରେ ସର୍ବାଧିକ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଏବଂ ୨୭,୦୦୦ରୁ ଅଧିକ ନୂତନ ହୋମ୍ ବ୍ରଡ୍‌ବ୍ୟାଣ୍ଡ ଗ୍ରାହକ ଯୋଡ଼ିଛି। ଅକ୍ଟୋବରରେ ରିଲାଏନ୍ସ ଜିଓ ଓଡ଼ିଶାରେ ସର୍ବାଧିକ ୧.୬୭ ଲକ୍ଷରୁ ଅଧିକ ନୂତନ ମୋବାଇଲ ଗ୍ରାହକ ଯୋଡ଼ିଥିବାବେଳେ ଉଭୟ ଏୟାରଟେଲ ଏବଂ ବିଏସ୍‌ଏନ୍‌ଏଲ୍ ସେହି ସମାନ ସମୟରେ ରାଜ୍ୟରେ ହଜାର ହଜାର ମୋବାଇଲ ଗ୍ରାହକ ହରାଇଛନ୍ତି। ଜିଓ ୩୧ ଅକ୍ଟୋବର ୨୦୨୫ ସୁଦ୍ଧା ଓଡ଼ିଶାରେ ୧.୬୯ କୋଟିରୁ ଅଧିକ ମୋବାଇଲ ଗ୍ରାହକ ଏବଂ ୪୭ ପ୍ରତିଶତରୁ ଅଧିକ ମୋବାଇଲ ଗ୍ରାହକ ବଜାର ଅଂଶ ହାସଲ କରିଛି। ଜିଓର ସେବା ପ୍ରତି ଗ୍ରାହକଙ୍କ ଅତୁଳନୀୟ ବିଶ୍ୱାସ ଏବଂ ରାଜ୍ୟବ୍ୟାପୀ ଏହାର ଅତ୍ୟାଧୁନିକ ୪ଜି ଓ ୫ଜି ନେଟ୍‌ୱାର୍କ ପ୍ରଯୁକ୍ତିର ଶ୍ରେଷ୍ଠତା ଦ୍ୱାରା ଏହି ମାଇଲଖୁଣ୍ଟ ସମ୍ଭବ ହୋଇଛି। ଅତି ସୁଲଭ ଜିଓ ଭାରତ ୪ଜି ଫୋନ ବଳରେ ବିଶେଷକରି ସାରା ଓଡ଼ିଶାର ଗ୍ରାମୀଣ ଏବଂ ଦୂରଦୂରାନ୍ତ ଅଞ୍ଚଳରେ ହଜାର ହଜାର ୨ଜି ଗ୍ରାହକ ୪ଜିକୁ ଅପ୍‌ଗ୍ରେଡ୍ କରିବାରେ ସକ୍ଷମ ହୋଇଛନ୍ତି। ସୂଚନା ଥାଉକି, ଜାତୀୟ ସ୍ତରରେ, ରିଲାଏନ୍ସ ଜିଓ ଅକ୍ଟୋବର ୨୦୨୫ରେ ଭାରତର ଟେଲିକମ୍ ଅଭିବୃଦ୍ଧିର ନେତୃତ୍ୱ ନେଇ ଏୟାରଟେଲ ଅପେକ୍ଷା ଦେଢ଼ ଗୁଣ ଅଧିକ ଗ୍ରାହକ ଯୋଡ଼ିବା ସହ ଏହାର ଗ୍ରାହକ ବଜାର ଅଂଶ ୪୧.୪ ପ୍ରତିଶତକୁ ବୃଦ୍ଧି ପାଇଛି।

**ଖେଳ ଖବର**

# ଗମ୍ଭୀର, ଅଗରକରଙ୍କୁ ହଠାତ୍ ଡକାଇଲା ବିସିସିଆଇ



ଗୌତମ ଗମ୍ଭୀର ଓ ଅଜିତ ଅଗରକର।

**ମୁମ୍ବାଇ,୧।୧୨**

ଦକ୍ଷିଣ ଆଫ୍ରିକା ବିପକ୍ଷରେ ବୁଧବାର ଖେଳାଯିବାକୁ ଥିବା ଦ୍ୱିତୀୟ ଦିନିକିଆ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳର ମୁଖ୍ୟ କୋଚ୍ ଗୌତମ ଗମ୍ଭୀର ଓ ସିଲେକ୍ସନ କମିଟି ମୁଖ୍ୟ ଅଜିତ ଅଗରକରଙ୍କୁ ଏକ ବୈଠକ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଡାକରା ଦିଆଯାଇଛି। ଏହି ବୈଠକରେ ଜରୁରିକାଳୀନ ଭିତ୍ତିରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯିବ। ଭାରତୀୟ ଦଳର ଦୁଇ ଭେଟେରାନ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ଭବିଷ୍ୟତକୁ ନେଇ ଚର୍ଚ୍ଚା ଲାଗି ରହିଥିବା ବେଳେ ଏହି ବୈଠକ ଡକା ଯାଇଛି। ଦୁଇ ସିନିୟର ଖେଳାଳି ଗତ କିଛି ମ୍ୟାଚ୍‌ରେ ଜବରଦସ୍ତ ପ୍ରଦର୍ଶନ କରିଛନ୍ତି।

ଏକ ରିପୋର୍ଟ ମୁତାବକ, ଏହି ଆଲୋଚନାରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ, ଯୁଗ୍ମ ସମ୍ପାଦକ ପ୍ରଭତେଜ ସିଂ ଭାଟିଆଙ୍କ ସହ ଗମ୍ଭୀର ଓ ଅଗରକର ଯୋଗ ଦେବେ। ତେବେ ନୂଆ ବିସିସିଆଇ ସଭାପତି ମିଥୁନ ମନହାସ ଯୋଗ ଦେବେ କି ନାହିଁ, ତାହା ରିପୋର୍ଟରେ ସ୍ପଷ୍ଟ କରାଯାଇ ନାହିଁ। ମ୍ୟାଚ୍ ଦିନ ବୈଠକ ଥିବାରୁ ଏଥିରେ ରୋହିତ ଓ କୋହଲିଙ୍କ ଭଳି ସିନିୟର ଖେଳାଳିଙ୍କର ସାମିଲ ହେବାର ବିଶେଷ ସମ୍ଭାବନା ନାହିଁ। ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଘରୋଇ ଟେଷ୍ଟ ସିଜନ ବେଳେ ଫିଲ୍ଡ ଭିତରେ ଓ ବାହାରେ ଦଳର ଟାକ୍ଟିସକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଥିଲା। ପରବର୍ତ୍ତୀ ଘରୋଇ ଟେଷ୍ଟ ସିରିଜ୍‌କୁ ୮ ମାସ ଥିବାରୁ ଆମେ ସ୍ପଷ୍ଟ ଯୋଜନା ସହ ଆଗକୁ ବଢ଼ିବାକୁ ଚାହୁଁ। ଆସନ୍ତା ବର୍ଷ ହେବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳ ତା'ର ଟାଇଟଲ ଡିଫେଣ୍ଡ କରିବା ଲାଗି ଫେଭରାଇଟ୍ ଓ ୨୦୨୭ ବିଶ୍ୱକପ୍ ହାତେଇବା ଲାଗି ପ୍ରବଳ ଦାବିଦାର ଥିବାରୁ ଆମେ ଯଥା ଶୀଘ୍ର ଏ ସମସ୍ୟାର ସମାଧାନ କରିବାକୁ ଚାହୁଁ।



ନୂଆଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ସ୍କୁଲ ଗେମ୍ସ ସନ୍ତରଣର ବାଳକ ୨୦୦ ମିଟର ବ୍ରେଷ୍ଟଷ୍ଟ୍ରୋକ୍‌ରେ ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶାର ସୌରଭ ପୁଟେଲ।

## ଭାରତ ଆଜି ସୁଇଜରଲାଣ୍ଡକୁ ଭେଟିବ

**ମଦୁରାଇ, ୧।୧୨ (ପି.ଟି.)**

ଚଳିତ ଏଫ୍ଆଇଏଚ୍ ଜୁନିୟର ହକି ବିଶ୍ୱକପ୍ ପ୍ରତିଯୋଗିତାର ନକ୍ଆଉଟ ପର୍ଯ୍ୟାୟ ପୂର୍ବରୁ ପୁଲ୍ 'ବି'ରେ ଭାରତ ଓ ସୁଇଜରଲାଣ୍ଡ ମଙ୍ଗଳବାର ସେମାନଙ୍କ ଅନ୍ତିମ ଲିଗ୍ ମ୍ୟାଚରେ ପରସ୍ପରକୁ ଭେଟିବେ। ଉଭୟ ଭାରତ ଓ ସୁଇଜରଲାଣ୍ଡ ସେମାନଙ୍କ ଗ୍ରୁପ୍‌ରେ ଅପରାଜେୟ ରହିଛନ୍ତି। ଦୁଇଦଳ ଏପର୍ଯ୍ୟନ୍ତ ସୁଦ୍ଧା ଦୁଇଟି ଗେମ୍‌ରେ ବିଜୟ ଲାଭ କରିଛନ୍ତି। ଗୋଲ୍

**ଏଫ୍ଆଇଏଚ୍ ଜୁନିୟର ହକି**

ବ୍ୟବଧାନ ଦୃଷ୍ଟିରୁ ଭାରତ ପୁଲ୍ 'ବି' ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିଛି। ଭାରତ ଚେନ୍ନାଇଠାରେ ଖେଳିଥିବା ଏହାର ପ୍ରଥମ ଦୁଇଟି ଗେମ୍‌ରେ ଯଥାକ୍ରମେ ଚିଲିକୁ ୭-୦ ଏବଂ ଓମାନକୁ ୧୭-୦ ଗୋଲ୍‌ରେ ପରାସ୍ତ କରିଛି। ଅନ୍ୟପକ୍ଷରେ ଓମାନ ବିପକ୍ଷରେ ସୁଇଜରଲାଣ୍ଡ ୪-୦ ଗୋଲ୍‌ରେ ବିଜୟୀ ହୋଇଥିବା ବେଳେ ଚିଲିକୁ ସ୍ୱଳ୍ପ ବ୍ୟବଧାନରେ ୩-୨ ଗୋଲ୍‌ରେ ପରାସ୍ତ କରିଛି। ଏହି ଦୃଷ୍ଟିରୁ ମଙ୍ଗଳବାର ସୁଇଜରଲାଣ୍ଡ ବିପକ୍ଷ ମ୍ୟାଚରେ ବିଶ୍ୱର ୨ ନମ୍ବର ମାନ୍ୟତାପ୍ରାପ୍ତ ଭାରତୀୟ ଦଳ ଉନ୍ନତ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି। ମାତ୍ର ନକ୍ଆଉଟ ପର୍ଯ୍ୟାୟ ପୂର୍ବରୁ ଭାରତୀୟ ଦଳ ପାଇଁ କିଛି ଚିନ୍ତା ରହିଛି। ଡିଫେନ୍ସ ବିଭାଗକୁ କ୍ୱଚିତ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିଛି। ଗୋଲ୍‌କିପର ଦୀପ୍ ସିଂ ଓ ବିକ୍ରମଜିତ୍ ସିଂଙ୍କୁ ମଧ୍ୟ ଚାପର ସାମ୍ନା ହେବାକୁ ପଡ଼ିନାହିଁ। ପେନାଲ୍‌ଟି କର୍ନରରୁ ଡ୍ରାଗ୍ ଫ୍ଲିକ୍‌କୁ ଗୋଲରେ ପରିଣତ କରିବା ଆଉ ଏକ ସମସ୍ୟା। ଅଧିନାୟକ ରୋହିତ ହେଉଛନ୍ତି ଦଳର ପ୍ରମୁଖ ଡ୍ରାଗ୍‌ଫ୍ଲିକର। ତାଙ୍କୁ ପ୍ରଦର୍ଶନରେ ସୁଧାର ଆଣିବାକୁ ପଡ଼ିବ। ଏହାର ଅର୍ଥ ନୁହେଁ ଯେ, ଭାରତ ପେନାଲ୍ଟି କର୍ନରରୁ ସ୍କୋର କରିନାହିଁ, କିନ୍ତୁ ଅଧିକାଂଶ ଗୋଲ୍ ଇନ୍‌ଡାଇରେକ୍ଟ ଭାରିଏଶନ ଓ ରିବାଉଣ୍ଡରୁ ହୋଇଛି। ଫରୱାର୍ଡ ଲାଇନ୍ ଓ ମିଡ୍ ଫିଲ୍ଡରେ ଚମତ୍କାର ପ୍ରଦର୍ଶନ ଯୋଗୁ ଭାରତ ପ୍ରଥମ ଦୁଇଟି ଗେମ୍ ସହଜରେ ବିଜୟ ଲାଭ କରିଥିଲା। ଦିଲରାଜ ସିଂ ୬ଟି ଗୋଲ୍ ସହ ଟୁର୍ନାମେଣ୍ଟରେ ଯୁଗ୍ମ ଟପ୍ ସ୍କୋରର ହୋଇଛନ୍ତି। ତନ୍ମଧ୍ୟରେ ତାଙ୍କର ଓମାନ ବିପକ୍ଷରେ ହ୍ୟାଟ୍ରିକ୍ ଅନ୍ୟତମ। ମନମିତ୍ ସିଂ, ଅଜିତ ଯାଦବ ଓ ଇଙ୍ଗାଲେମ୍ବା ଲୁୱାଙ୍ଗ ଥୋଉଜାମ ମଧ୍ୟ ଗୋଲ ସ୍କୋର କରିଛନ୍ତି। ଚେନ୍ନାଇରେ ଅବଶିଷ୍ଟ ମ୍ୟାଚ ଖେଳିବା ଲାଗି ପ୍ରତ୍ୟାବର୍ତ୍ତନ କରିବା ପୂର୍ବରୁ ଭାରତ ମଦୁରାଇରେ ସୁଇଜରଲାଣ୍ଡ ବିପକ୍ଷରେ ଏକମାତ୍ର ଗେମ୍ ଖେଳିବ।

## କିଟ୍ ମହିଳା ହକି ଦଳ ଫାଇନାଲରେ

**ଭୁବନେଶ୍ୱର, ୧।୧୨ (ବିଜୟ ରଣା)**

**ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ**

କିଟ୍ ବିଶ୍ୱବିଦ୍ୟାଳୟର ରାଜସ୍ଥାନରେ ଚାଲିଥିବା ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ (କେଆଇୟୁଜି)ର ମହିଳା ହକି ଟୁର୍ନାମେଣ୍ଟର ଫାଇନାଲରେ ପ୍ରବେଶ କରିଛି। ଭଲିବଲ ଓ ଟେନିସରେ ମଧ୍ୟ ଏହି ବିଶ୍ୱବିଦ୍ୟାଳୟ ଭଲ ପ୍ରଦର୍ଶନ କରିଛି। ମହିଳା ହକିରେ କିଟ୍ ପେନାଲ୍‌ଟି ଶୁଟ୍‌ଆଉଟରେ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ୩-୨ରେ ବିଜୟ ଲାଭ କରି ଫାଇନାଲକୁ ଉନ୍ନୀତ ହୋଇଛି। ମ୍ୟାଚର ନିର୍ଦ୍ଧାରିତ ସମୟ ଖେଳ ଗୋଲ୍‌ଶୂନ୍ୟ ଭାବେ ଶେଷ ହୋଇଥିଲା। କିଟ୍ ବୁଧବାର ଫାଇନାଲ ମ୍ୟାଚରେ ଆଇଟିଏମ୍ ଗ୍ୱାଲିୟରକୁ ଭେଟିବ। ସେହିପରି ମହିଳା ଭଲିବଲ୍‌ରେ କିଟ୍ ୩-୧ (୨୫-୨୧, ୨୫-୧୯, ୨୧-୨୫, ୨୫-୧୯) କୋଟାୟମାସ୍ଥିତ ମହାତ୍ମା ଗାନ୍ଧୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। କିଟ୍ ଏହାର ପରବର୍ତ୍ତୀ ମ୍ୟାଚ୍ ଲଭ୍‌ଲି ପ୍ରଫେସନାଲ ୟୁନିଭର୍ସିଟିକୁ ଭେଟିବ। ଅନ୍ୟପକ୍ଷରେ କିଟ୍ ପୁରୁଷ ଟେନିସ ଦଳ ଗୁଜରାଟ ୟୁନିଭର୍ସିଟିକୁ ପରାସ୍ତ କରି ପରାସ୍ତ କରି ସେମିଫାଇନାଲକୁ ଉନ୍ନୀତ ହୋଇଛି। ସିଙ୍ଗଲ୍ସରେ ଦେବାଶିଷ ସାହୁ ୬-୧, ୬-୨ରେ ସୁରଜ ଡାଲଙ୍କୁ ଏବଂ କବୀର ହଂସ ୬-୦,୬-୨ରେ ବରୁଣ ମେହୁଲ ଧଣ୍ଡହୁଆକିୟାଙ୍କୁ ହରାଇ ଦେଇଛନ୍ତି। ସେହିପରି ପୁରୁଷ ଡବଲ୍ସରେ କବୀର ହଂସ ଓ ଅଂଶୁମାନ ସିଂ ଦେ ୬-୩, ୬-୪ରେ କନିଷ୍କ ଜେଟ୍‌ଲୀ ଓ ମାନବେନ୍ଦ୍ର ରାୱତଙ୍କୁ ୬-୩, ୬-୪ରେ ହରାଇ ଦେଇଛନ୍ତି।




ଫାଇନାଲରେ ପ୍ରବେଶ କରିଥିବା କିଟ୍ ମହିଳା ହକି ଦଳ।

## ଗିଲ୍‌ଙ୍କ ଫିଟ୍‌ନେସ ଆସେସ୍‌ମେଣ୍ଟ ଆରମ୍ଭ

**ନୂଆଦିଲ୍ଲୀ,୧।୧୨(ପି.ଟି.)**

ଭାରତର ଟେଷ୍ଟ ଅଧିନାୟକ ଶୁବମନ ଗିଲ ସୋମବାର ତାଙ୍କର ବାଧ୍ୟତାମୂଳକ ଫିଟନେସ ଆସେସ୍‌ମେଣ୍ଟ ଲାଗି ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସ (ସିଓଇ)ରେ ଯୋଗ ଦେଇଛନ୍ତି। ଏଥିରୁ ସେ ଆସନ୍ତା ୯ ତାରିଖରୁ ଦକ୍ଷିଣ ଆଫ୍ରିକା ବିପକ୍ଷ ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍ ଲାଗି ଉପଲବ୍ଧ ହେବେ କି ନାହିଁ, ତାହା ସ୍ପଷ୍ଟ ହେବ। ଗିଲ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟେଷ୍ଟର ଦ୍ୱିତୀୟ ଦିନରେ ବେକଜନିତ ଆହତ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ସେବେଠାରୁ ସେ ପଡ଼ିଆରୁ ଦୂରେଇ ରହିଛନ୍ତି। ଆଗାମୀ ଟି୨୦ ସିରିଜ୍ ଲାଗି ଭାରତୀୟ ଦଳରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନ ଥିବାରୁ ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ସିଲେକ୍ସନ କମିଟି ଗିଲ୍‌ଙ୍କ ଫିଟ୍‌ନେସ ରିପୋର୍ଟ ଅପେକ୍ଷା ରହିଛି।

"ଆହତ ସମସ୍ୟା କାରଣରୁ ଗିଲ୍ ମ୍ୟାଚ୍‌ରୁ ବାଦ୍ ପଡ଼ିବା ପରେ ତାଙ୍କୁ ଇଞ୍ଜେକ୍ସନ ଦିଆଯିବା ସହ ୨୧ ଦିନ ଲାଗି ବିଶ୍ରାମ ଓ ତାଙ୍କ ବେକର ମାଂସପେଶୀକୁ ସଶକ୍ତ କରିବା ପାଇଁ ନିର୍ଦ୍ଦିଷ୍ଟ କିଛି ଏକ୍ସରସାଇଜ କରିବାକୁ ପରାମର୍ଶ ଦିଆଯାଇଥିଲା। ସ୍କିଲ୍ସ ଟ୍ରେନିଂ ଆରମ୍ଭ କରିବା ପୂର୍ବରୁ ଗିଲଙ୍କୁ ବାଧ୍ୟତାମୂଳକ ଫିଟ୍‌ନେସ ଟେଷ୍ଟର ସମ୍ମୁଖୀନ ହେବାକୁ ପଡ଼ିବ। ସ୍କିଲ୍ସ ଟ୍ରେନିଂ ବେଳେ ସ୍ପୋର୍ଟ୍ସ ସାଇନ୍ସ ଟିମ୍ ଦ୍ୱାରା ତାଙ୍କ ଗତିବିଧିର ମୂଲ୍ୟାଙ୍କନ ନ କରାଯିବା ପର୍ଯ୍ୟନ୍ତ କିଛି କୁହାଯାଇପାରିବ ନାହିଁ। ବର୍ତ୍ତମାନ ସୁଦ୍ଧା ତାଙ୍କର ଆଗାମୀ ଟି୨୦ ସିରିଜ୍‌ରେ ଖେଳିବାର ସମ୍ଭାବନା ୫୦-୫୦ ରହିଛି" ବୋଲି ବିସିସିଆଇ ସୂତ୍ରରୁ କୁହାଯାଇଛି।

### ହାର୍ଦ୍ଦିକ ସ୍ମାଟରେ ଖେଳିବେ

ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଟି୨୦ ଫର୍ମାଟକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଅନୁମତି ମିଳିଛି। ସେ ଅଢ଼େଇ ମାସର ବ୍ୟବଧାନ ପରେ କ୍ରିକେଟ ପଡ଼ିଆକୁ ଫେରିବାକୁ ଯାଉଛନ୍ତି। ସେ ମଙ୍ଗଳବାର ବରୋଦା ପାଇଁ ପଞ୍ଜାବ ବିପକ୍ଷରେ ସୟଦ ମୁସ୍ତାକ ଅଲୀ (ସ୍ମାଟ) ଟି୨୦ ମ୍ୟାଚ୍ ଖେଳିଥିଲେ। ଏହାପରେ ୪ ତାରିଖରେ ଗୁଜରାଟ ବିପକ୍ଷ ମ୍ୟାଚ୍‌ରେ ଖେଳିବେ। ଉଭୟ ମ୍ୟାଚ୍‌ରେ ହାର୍ଦ୍ଦିକଙ୍କ ଫିଟ୍‌ନେସ ଯାଞ୍ଚ କରିବା ପାଇଁ ଜାତୀୟ ଚୟନକର୍ତ୍ତା ପ୍ରଜ୍ଞାନ ଓଝା ଉପସ୍ଥିତ ରହିବେ।

## ଛେଳିକୁ ବିଷ ଦିଆଯାଇଥିବା ଅଭିଯୋଗ

ବଇଣ୍ଡା, (ପରିକ୍ଷିତ ସାହୁ): ଅନୁଗୋଳ ଜିଲ୍ଲା କିଶୋରନଗର ଥାନା କରଡିଙ୍ଗବାହାଳ ଗ୍ରାମର ପ୍ରମୋଦ କୁମାର ବାରୀକ ୨ଟି ଛେଳିକୁ ସେହି ଗ୍ରାମର ଜଣେ ବ୍ୟକ୍ତି ଖାଦ୍ୟରେ ବିଷ ଦେଇ ମାରିଦେଇଥିବା ପ୍ରମୋଦ ଥାନାରେ ରବିବାର ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୩୮/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଉଛି।

## ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ

ବଇଣ୍ଡା,୧।୧୨ (ପରିକ୍ଷିତ ସାହୁ)/ ଆଠମଲ୍ଲିକ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲ୍ଲା ଠାକୁରଗଡ଼ ରାମ ମନ୍ଦିର ନିକଟରେ ସୋମବାର ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ରବିବାର କଳସ ଯାତ୍ରା ପରେ ସୋମବାର ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରଶାନ୍ତ ଶତପଥୀ, ଗୀତାଞ୍ଜଳି ଶତପଥୀ, ଲୋକନାଥ ତ୍ରିପାଠୀ, ପ୍ରଭଞ୍ଜନୀ ତ୍ରିପାଠୀ ଯୋଗ ଦେଇଥିବାବେଳେ ପୂଜକ ଅଶୋକ ମିଶ୍ର, ରିକୁଲାଲ ମିଶ୍ର, ନିର୍ମଳ ମିଶ୍ର, ଗଗନ ଆଚାର୍ଯ୍ୟ, ସୌମ୍ୟରଞ୍ଜନ ମିଶ୍ର, ବିଶ୍ୱଜିତ ମିଶ୍ର, ଯୋଗେଶ୍ୱର ତ୍ରିପାଠୀ, ବିନୋଦ ମିଶ୍ର ପ୍ରମୁଖ ଯୋଗଦେଇ ପୂଜା କରିଥିଲେ। ଷୋଳପଦା ବୈଦିକ ବ୍ରାହ୍ମଣ ସମାଜର ସଦସ୍ୟ ସହଯୋଗ କରିଥିଲେ।

## ମହିଳାଙ୍କୁ ହତ୍ୟା ଧମକ ଅଭିଯୋଗ

ବଇଣ୍ଡା,୧।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ବଡ଼ ଡଙ୍ଗିଆଣି ଗ୍ରାମର ମିଲି ବିଶ୍ୱାଳଙ୍କୁ ସେହି ଗ୍ରାମର ବାସୁଦେବ ପ୍ରଧାନ ଓ ତାଙ୍କ ସ୍ତ୍ରୀ କୁମୁଦିନୀ ପ୍ରଧାନ ହତ୍ୟା ଧମକ ଦେଇଥିବା ମିଲି ରବିବାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର ୩୩୪/୨୫ ରେ ଏକ ମାମଲା ରୁଜୁ କରିଛି।

## ଗଦଗଦା ଜଳପ୍ରପାତକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଁ ତତ୍ପରତା

- ପ୍ରଥମ ପର୍ଯ୍ୟାୟରେ ୨୦ ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର
- ଜଳପ୍ରପାତ ଅଞ୍ଚଳ ବୁଲି ଅନୁଧ୍ୟାନ କଲା ବ୍ଲକ ପ୍ରଶାସନ


ଗଦଗଦା ଜଳପ୍ରପାତ ସ୍ଥିତି ଅନୁଧ୍ୟାନ କରୁଛନ୍ତି ପ୍ରଶାସନିକ ଅଧିକାରୀ।

ବନ୍ତଳା,୧।୧୨ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ଅନ୍ଥୁଲିଆ ପଞ୍ଚାୟତ ହିଁସାଲୋଇ ଗାଁରେ ରହିଛି ଗଦଗଦା ଜଳପ୍ରପାତ। ପ୍ରାକୃତିକ ପରିବେଶ ଭିତରେ ଥିବା ଏହି ଜଳପ୍ରପାତ ନିକଟରେ ବଣଭୋଜି ସାଙ୍ଗକୁ ପ୍ରାୟ ୫୦ ଫୁଟ ଉଚ୍ଚରୁ ପ୍ରବାହିତ ଜଳପ୍ରପାତରେ ଗୋଧାଇବାର ମଜା ନେବାକୁ ବର୍ଷ ସାରା ଏଠାରେ ପର୍ଯ୍ୟଟକ ଭିଡ଼ ଲଗାଇଥାନ୍ତି। ବିଶେଷ କରି ଶୀତ ଋତୁରେ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି। ଲୋକଙ୍କ ଆବଶ୍ୟକତାକୁ ଦେଖି ପୂର୍ବତନ ସରପଞ୍ଚ ମୀନାକ୍ଷୀ ସାହୁ, ପୂର୍ବତନ ସମିତି ସଭ୍ୟ ସ୍ୱର୍ଗତ ସଞ୍ଜୀବ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ଏଠାରେ ଏକ ଗ୍ରାମୀଣ ପାର୍କ ନିର୍ମାଣ କରାଯାଇଛି। ତେବେ ଏହି ଅଞ୍ଚଳକୁ ଅଧିକ ଆକର୍ଷଣୀୟ ପାଇଁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ଦେବାକୁ ଦାବି ହୋଇ ଆସୁଥିଲା। ବର୍ତ୍ତମାନ ଏ ଦିଗରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହାର ଉନ୍ନତୀକରଣ ପାଇଁ ପ୍ରଥମ ପର୍ଯ୍ୟାୟରେ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରୁ ୨୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୋମବାର ଅନୁଗୋଳ ବ୍ଲକ ସହକାରୀ ଯନ୍ତ୍ରୀ ହୃଦାନନ୍ଦ ବେହେରା, କନିଷ୍ଠ ଯନ୍ତ୍ରୀ ପ୍ରଶାନ୍ତ ବେହେରା, ଏଡିଇଓ ଶୁଭକାନ୍ତ ପ୍ରଧାନ ଗଦଗଦା ଜଳପ୍ରପାତ ନିକଟରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଖୁବଶୀଘ୍ର ଗଦଗଦା ଜଳପ୍ରପାତ ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସହକାରୀ ଯନ୍ତ୍ରୀ ବେହେରା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଜିଲ୍ଲା ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇ ଗଦଗଦା ଆସୁଥିବା ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏକ ବର୍ଷା ଆଶ୍ରୟସ୍ଥଳୀ, ପାଇଖାନା, ବିଦ୍ୟୁତ ଯୋଗାଣ, ଉପରକୁ ଉଠିବା ପାଇଁ ପାହାଚ ଓ ଭୋଜି ପିଣ୍ଡି ନିର୍ମାଣ ସହ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବାକୁ ଅନ୍ଥୁଲିଆ ସରପଞ୍ଚ ମଧୁସ୍ମିତା ସାହୁ, ସମିତି ସଭ୍ୟା ନମିତା ସାହୁ, ଗୁନା ସାହୁ, ସୌରେନ୍ଦ୍ର ସାହୁ, ରାଜେନ୍ଦ୍ର ପ୍ରଧାନ, ଦିଲୀପ ପ୍ରଧାନ, ପ୍ରକାଶ ପ୍ରଧାନ, ଚନ୍ଦନ ଦେହୁରୀ, ବିଭୂତି ଦେହୁରୀ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଦାବି କରିଥିଲେ। ବର୍ତ୍ତମାନ ଗଦଗଦା ଜଳପ୍ରପାତକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ଦିଗରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଉଥିବାରୁ ଅଞ୍ଚଳବାସୀ ଖୁସିପ୍ରକଟ କରିବା ସହ ଜିଲ୍ଲା ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି।

## ଏଡ୍‌ସର ଭୟାବହତା ସମ୍ପର୍କରେ ସଚେତନତା

ପବିତ୍ରନଗର,୧।୧୨ (ନିରୋଜ ପ୍ରଧାନ)

ଅନୁଗୋଳ ଜିଲ୍ଲା କଣିହା ବ୍ଲକ କୁଲୁମା ପଞ୍ଚାୟତ ଜଗମୋହନ କଲେଜ ପରିସରରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଧ୍ୟାପକ ତଥା କର୍ମଚାରୀମାନଙ୍କୁ ନେଇ କୁଲୁମା ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ କଲେଜ ପରିସରରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ରେଡ୍‌କ୍ରସ ୟୁନିଟ୍ ସଂଯୋଜକ ଅଧ୍ୟାପକ ନିରଞ୍ଜନ ସ୍ୱାଇଁ ଓ ସହ ସଂଯୋଜକ ଡେମୋନଷ୍ଟ୍ରେଟର ବିଷ୍ଣୁ ଚରଣ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଦିଗମ୍ବର ବିଶ୍ୱାଳ ଛାତ୍ରୀଛାତ୍ରଙ୍କୁ ଏଡ୍‌ସର ଭୟାବହତା ଓ ସାମାଜିକ ସଚେତନତା ସମ୍ପର୍କରେ ଅବଗତ କରାଇଥିଲେ। ଅଧ୍ୟାପକ ଇନ୍ଦ୍ରମଣି ସାହୁ, ଅଧ୍ୟାପକ ବସନ୍ତ କୁମାର ପାଣି ଏଡ୍‌ସର କାରଣ, ଭୟାବହତା, ନିରାକରଣ ସହ ସମାଜରେ ବ୍ୟାପକ ସଚେତନତା ଦ୍ୱାରା ଏହି ବ୍ୟାଧିରୁ ମୁକ୍ତି ସମ୍ଭବ ବୋଲି କହିଥିଲେ। ସହ ସଂଯୋଜକ ବିଷ୍ଣୁ ଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ରକ୍ତଭଣ୍ଡାର ପ୍ରତିଷ୍ଠା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର


ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ପାଲଲହଡ଼ା ବିଧାୟକ।

ପାଲଲହଡ଼ା,୧।୧୨ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଦେଇ ୧୪୯ ଓ ୪୯ ନମ୍ବର ରାଜପଥ ଯାଇଥିବାବେଳେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ସେହିପରି ଜାତୀୟ ରାଜପଥ ନିକଟରେ କଲେଜ, ବଜାର ଥିବା କାରଣରୁ ଦୁର୍ଘଟଣାରେ ଅନେକ ଲୋକ ମୃତାହତ ହେଉଛନ୍ତି। ଏପରିସ୍ଥଳେ ପାଲଲହଡ଼ା ଉପଖଣ୍ଡ ଚିକିତ୍ସାଳୟରେ ରକ୍ତଭଣ୍ଡାର ନ ଥିବାରୁ ଦୁର୍ଘଟଣାଗ୍ରସ୍ତଙ୍କୁ ଉତ୍ତମ ଚିକିତ୍ସା ଯୋଗାଇବା ସମ୍ଭବ ହୋଇପାରୁନାହିଁ। ତେଣୁ ପାଲଲହଡାଠାରେ ତୁରନ୍ତ ଏକ ରକ୍ତଭଣ୍ଡାର ଖୋଲିବା ସହିତ ଖମାର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ ଗୃହ ସ୍ଥାପନ ପାଇଁ ପାଲଲହଡ଼ା ବିଧାୟକ ଅଶୋକ ମହନ୍ତି ବିଧାନସଭା ପ୍ରକୋଷ୍ଠରେ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ଲିଖିତ ଭାବରେ ଅନୁରୋଧ କରିଛନ୍ତି। ଏହାସହିତ ପାଲଲହଡ଼ା ନିର୍ବାଚନ ମଣ୍ଡଳୀର ସମସ୍ତ ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବା ଓ ସେଗୁଡିକର ଉନ୍ନତୀକରଣ କରିବାକୁ ଅନୁରୋଧ କରିଛନ୍ତି।

## ପଲ୍ଲୀରେ ପ୍ରଶାସନ, ପଞ୍ଚାୟତସ୍ତରୀୟ ଜନଶୁଣାଣି



ସନ୍ତ୍ରୀଛକ, ୧।୧୨ (ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲ୍ଲା ବଅଁରପାଳ ବ୍ଲକ ଫୁଲପଡ଼ା ପଞ୍ଚାୟତଠାରେ ସୋମବାର ବ୍ଲକ ଉନ୍ନୟନ ଅଧିକାରୀ ଲୋଚନ ଦାସଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ସଭାଗୃହଠାରେ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା, ରାଶନ କାର୍ଡ, ଏବଂ ପାଣି ସମସ୍ୟା ସମ୍ବନ୍ଧୀୟ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପ୍ତିକାନ୍ତ ସାହୁ, ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ସନତ କୁମାର ରାଉତ, ଆସିଷ୍ଟାଣ୍ଟ ପ୍ରୋଗ୍ରାମ ଅଫିସର ପ୍ରଦୀପ କୁମାର ଓଝା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଶାଶ୍ୱତ ସଙ୍ଗୀତା ଦାସ ଏବଂ ପଞ୍ଚାୟତ ୱାର୍ଡ ମେମ୍ବର, ଅଙ୍ଗନବାଡ଼ି କର୍ମୀ ଉପସ୍ଥିତ ଥିଲେ। ବିଡିଓ ଲୋଚନ ଦାସ ଅତିଥି ପରିଚୟ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ। କିପରି ସରକାରୀ ଯୋଜନାରୁ ପ୍ରକୃତ ହିତାଧିକାରୀ ଲାଭ ଉଠାଇପାରିବେ ଓ କେହି ବଞ୍ଚିତ ହେବେନି, ସେ ବିଷୟରେ ଆଲୋଚନା କରିଥିଲେ। ଏହି ଶିବିରରେ ସମୁଦାୟ ୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା।

## ଉପଜିଲାପାଳଙ୍କୁ ୪ ଦଫା ଦାବିପତ୍ର ପ୍ରଦାନ

ପାଲଲହଡ଼ା,୧।୧୨ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା କଲେଜ ଅଧ୍ୟାପକ ଭାସ୍କର ଚନ୍ଦ୍ର ସାହୁ ଗତ ଶନିବାର ଦୁର୍ଘଟଣାରେ ଗୁରୁତର ହୋଇଥିବା ବେଳେ ସୋମବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ତାଙ୍କର ପରଲୋକ ହୋଇଯାଇଛି। ମାଲ୍ୟଗିରି ମହାବିଦ୍ୟାଳୟ ସମ୍ମୁଖରେ ଚାରି ଥାକିଆ ରାଜପଥ ଉପରେ ଦ୍ରୁତ ଗତିରେ ଚଳାଚଳ କରୁଥିବା ଯାନବାହନର ଗତି ନିୟନ୍ତ୍ରଣ ପାଇଁ କୌଣସି ପ୍ରତିଷେଧକ ବ୍ୟବସ୍ଥା ନ ଥିବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ପ୍ରାୟ ୨୦୦୦ ଛାତ୍ରୀଛାତ୍ରଙ୍କ ପାଇଁ ଏହି ରାଜପଥ ଏକପ୍ରକାର ମରଣଯନ୍ତା ପାଲଟିଛି। ସୋମବାର ମାଲ୍ୟଗିରି ମହାବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ପାଲଲହଡା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କୁ ଭେଟି ଜିଲାପାଳଙ୍କ ଉଦ୍ଦେଶ୍ୟ ରେ ୪ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜପଥ ଉପରେ ସ୍ପିଡ୍ ବ୍ରେକର ନିର୍ମାଣ କରିବା, କଲେଜ ଛକଠାରୁ ୧୦୦ ମିଟର ଦୂରରେ ଉଭୟ ପାର୍ଶ୍ୱରେ ଥିବା ଟ୍ରକ ପାର୍କିଂ ବ୍ୟବସ୍ଥାକୁ ଉଚ୍ଛେଦ କରିବା ଏବଂ କଲେଜ ଛକ ସମ୍ମୁଖରେ ଟ୍ରାଫିକ ବ୍ୟବସ୍ଥା କରିବା ଆଦି ଦାବି ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନ କରାଯିବ ବୋଲି ଛାତ୍ର ସଂସଦ ପକ୍ଷରୁ ଚେତାବନୀ ଦିଆଯାଇଛି।


ପାଲଲହଡା ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଯୁବସମାଜ ଯତ୍ନବାନ୍ ହେବା ଆବଶ୍ୟକ





ବଇଣ୍ଡା ଜନତା ମହାବିଦ୍ୟାଳୟ ଓ କିଶୋରନଗର ସ୍ନାତକ ମହାବିଦ୍ୟାଳୟ ପରିସରରେ ଏଡ୍‌ସ ଦିବସ ପାଳନ କରାଯାଉଛି।

ବଇଣ୍ଡା,୧।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଜନତା ମହାବିଦ୍ୟାଳୟ ପରିସରରେ ସୋମବାର ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଅସିତ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ନିରଞ୍ଜନ ଦାସ, ସୁମିତ୍ରା ସ୍ୱାଇଁ, ମଧୁସ୍ମିତା ସାହୁ, ମଧୁସ୍ମିତା ବେହେରା ପ୍ରମୁଖ ଯୋଗଦେଇ ଯୁବ ସମାଜ ଏ ଦିଗରେ ଯତ୍ନବାନ ହେବା ଆବଶ୍ୟକ ବୋଲି କହିଥିଲେ। ସେହିପରି କିଶୋରନଗର ସ୍ନାତକ ମହାବିଦ୍ୟାଳୟ ପରିସରରେ ରେଡ ରିବନ କ୍ଲବ ତରଫରୁ କିଶୋରନଗର ଆଇସିଟିସି କେନ୍ଦ୍ର ସହଯୋଗରେ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଅକ୍ଷୟ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଜୟକୃଷ୍ଣ ପ୍ରଧାନ, ଅଧ୍ୟାପିକା ବୀଣାପାଣି ସାହୁ, ପୁରୁଷୋତ୍ତମ ସାହୁ, ରୋଜାଲିନ ପ୍ରଧାନ, ଶୁଭଶ୍ରୀ ବିଶ୍ୱାଳ ଯୋଗଦେଇଥିଲେ। ରେଡ୍‌କ୍ରସ କାଉନସେଲର ପୁରୁଷୋତ୍ତମ ସାହୁ ଉପସ୍ଥିତ ଥିଲେ। ଛାତ୍ରୀଛାତ୍ରମାନେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବୀଣାପାଣି ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## କୁରାଳ ପଞ୍ଚମୀ ଉତ୍ସବ ପାଳିତ



ବନ୍ତଳା,୧।୧୨ (ସୁଶିତ ସାହୁ)

ଅନୁଗୋଳ ବ୍ଲକ ବଲାସିଂହା ବାଲିସାହି ରାଉଳସାହି ଠାରେ ୫ ଦିନ ବ୍ୟାପୀ ଆନନ୍ଦ ଓ ଉତ୍ସାହର ସହ ୩୩ତମ କୁରାଳ ପଞ୍ଚମୀ ମହୋତ୍ସବ ପାଳିତ ହୋଇଯାଇଛି। ରାଉଳ ସାହି ବାସିନ୍ଦା ୧୦୮ କଳସ ଶୋଭାଯାତ୍ରା, ପ୍ରସାଦ ସେବନ, ନାମସଂକୀର୍ତ୍ତନ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ୫ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ ଓ ଛୋଟ ପିଲାଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଶେଷରେ ଭସାଣି ଶୋଭାଯାତ୍ରା କରାଯାଇଥିଲା। ପରିଚାଳନା କମିଟି ସଭାପତି ଦୁଃଖବନ୍ଧୁ ରାଉନ, ଉପସଭାପତି ନବଘନ ରାଉଳ, ସମ୍ପାଦକ ଗୁନା ଚାଉଳ, କୋଷାଧ୍ୟକ୍ଷ ପ୍ରଶାନ୍ତ ମୁଦୁଲି ଏହାର ନେତୃତ୍ୱ ନେଇଥିଲେ।

## ଅନୁଗୋଳ ବନ ବିଭାଗର କୋମ୍ବିଂ ଅପରେଶନ


କୋମ୍ବିଂ ଅପରେଶନରେ ସାମିଲ ହୋଇଥିବା ବନ କର୍ମଚାରୀମାନେ।

ଅନୁଗୋଳ,୧।୧୨(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ବନଖଣ୍ଡ ପକ୍ଷରୁ ବିଭିନ୍ନ ବନାଞ୍ଚଳର ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ କୋମ୍ବିଂ ଅପରେଶନ କରାଯାଇଛି। ବନ୍ୟପ୍ରାଣୀ କାର୍ଯ୍ୟକଳାପ ବିଶେଷକରି ହାତୀ ଗତିବିଧି ଉପରେ ନଜର ରଖିବା ଏବଂ ଶିକାର, ଜବରଦଖଲ ଭଳି ବେଆଇନ କାର୍ଯ୍ୟକଳାପକୁ ରୋକିବା ଏହାର ମୁଖ୍ୟ ଉଦ୍ଦେଶ୍ୟ। ପରିବେଶଗତ ବିଭ୍ରାଟକୁ ହ୍ରାସ କରିବା ସହିତ ମିଳିତ ସର୍ଭେରୁ ବିଭିନ୍ନ ତଥ୍ୟ ବନବିଭାଗ ସଂଗ୍ରହ କରିଥିଲା। ମାଟି ଚାଲାଣ, ମୂଲ୍ୟବାନ କାଠ ଚୋରି ଏବଂ ବନ୍ୟପ୍ରାଣୀ ଗତିବିଧି ଉପରେ ଦୃଷ୍ଟି ଦେବାକୁ ସଚେତନ କରାଯାଇଥିଲା। ସମସ୍ତ ତଥ୍ୟକୁ ସଂକଳନ କରାଯାଇ ଭବିଷ୍ୟତ ଯୋଜନା ଏବଂ ତଦାରଖ ପାଇଁ ବିଭାଗୀୟ ବନ ଅଧିକାରୀଙ୍କ ନିକଟରେ ଦାଖଲ କରାଯାଇଥିବା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ଅଭିଯୋଗର ଶୀଘ୍ର ସମାଧାନ ନିର୍ଦ୍ଦେଶ

ବଇଣ୍ଡା,୧।୧୨ (ପରିକ୍ଷିତ ସାହୁ)



ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

ଅନୁଗୋଳ ଜିଲ୍ଲା ପ୍ରଶାସନ ପକ୍ଷରୁ କିଶୋରନଗର ବ୍ଲକ ସଭାଗୃହ ପରିସରରେ ସୋମବାର ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଯୋଗଦେଇ ୩୬ଟି ଅଭିଯୋଗ ଶୁଣାଣି କରିଥିଲେ। ଏଥିସହ କିପରି ସମସ୍ତ ଅଭିଯୋଗର ଶୀଘ୍ର ସମାଧାନ ହେବ ସେ ନେଇ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଜନଶୁଣାଣିରେ ଜିଲ୍ଲା ପରିଷଦ ସଭାପତି ବବିତା ପ୍ରଧାନ, ପିଡି ଦେବଦତ୍ତ ମହନ୍ତ, ଆଠମଲ୍ଲିକ ଏସ୍‌ଡିପିଓ ସୁଶାନ୍ତ କୁମାର ତାଡଡିଆ, ଆଠମଲ୍ଲିକ ଉପ ଜିଲାପାଳ ଉପେନ୍ଦ୍ର କୁମାର ଲୁହା, ବିଡିଓ ସୁବ୍ରତ କୁମାର ବେହେରା, ତହସିଲଦାର ବିକ୍ରମ ନାୟକ, ବ୍ଲକ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ଏବିଡିଓ ଦିଲୀପ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। କେତେଜଣ ହିତାଧିକାରୀଙ୍କୁ ଜିଲାପାଳ ପଟ୍ଟା ବଣ୍ଟନ କରିଥିଲେ।

## ସାଇ ମନ୍ଦିରର ବର୍ଷିକ ଉତ୍ସବ

ବଇଣ୍ଡା,୧।୧୨ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଶିଶୁ ମନ୍ଦିର ସାହି ନିକଟରେ ଥିବା ସାଇ ମନ୍ଦିରର ସପ୍ତମ ବର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ରବିବାର ଏ ନେଇ ମନ୍ଦିର କମିଟି ଓ ଅଞ୍ଚଳବାସୀଙ୍କ ପକ୍ଷରୁ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋମବାର ସୂର୍ଯ୍ୟ ପୂଜା ପରେ ହୋମ ଯଜ୍ଞ କରାଯାଇଥିଲା। ଏଥିରେ ଲକ୍ଷ୍ମୀଧର ସାହୁ, ସତ୍ୟଭାମା ସାହୁ କର୍ତ୍ତା ଭାବେ ଯୋଗ ଦେଇଥିଲେ। ପୂଜକ ମଦନ ମୋହନ ମିଶ୍ର, ରାଜେଶ ମିଶ୍ର, ଜିତେନ୍ଦ୍ର ମିଶ୍ର ଯୋଗଦେଇ ପୂଜା କରିଥିଲେ। ଟିନା ପୃଷ୍ଟି, ତପନ ସାହୁ, ସୁନିତା ସାହୁ, ସବ୍ୟସାଚୀ ସାହୁ, ସଲିନା ସାହୁ, ଅଜୟ ବେହେରା ସହଯୋଗ କରିଥିଲେ।



## ବିଶ୍ୱ ଏଡ୍‌ସ ଦିବସରେ ସଚେତନତା ଶୋଭାଯାତ୍ରା

ଅନୁଗୋଳ,୧।୧୨(ମାନସ ବିଶ୍ୱାଳ)

ଅନୁଗୋଳ ସହର ଉପକଣ୍ଠସ୍ଥିତ ଜିନ୍ଦଲ ଫାଉଣ୍ଡେଶନ ପକ୍ଷରୁ ଜିଲାର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ସହିତ ବିଶ୍ୱ ଏଡ୍‌ସ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଏକ ସଚେତନତା ଶୋଭାଯାତ୍ରାରେ ସାବିତ୍ରୀ ଜିନ୍ଦଲ ଡିଏଭି ହାଇସ୍କୁଲ, କଲେଜ ଏବଂ ନର୍ସିଂ ଛାତ୍ରୀଛାତ୍ରଙ୍କ ସମେତ ତୃତୀୟ ଲିଙ୍ଗ ସମ୍ପ୍ରଦାୟର ସଦସ୍ୟ ଏବଂ ଅନ୍ୟାନ୍ୟ ଅଂଶୀଦାରମାନେ ସହ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରତିରୋଧକ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ସମ୍ବଳିତ ହୋର୍ଡିଂ ଲଗାଯାଇଥିଲା। ବିଭିନ୍ନ ଅଞ୍ଚଳରେ କଣ୍ଡୋମ ଭେଣ୍ଡିଂ ମେଶିନ ଲଗାଯାଇଥିଲା। ସମ୍ପ୍ରଦାୟର ସଦସ୍ୟମାନଙ୍କୁ ଏଚ୍‌ଆଇଭିର ପ୍ରଭାବ ଏବଂ ନିଜକୁ ସୁରକ୍ଷିତ ରଖିବାର ଉପାୟ ବିଷୟରେ ସଚେତନ କରାଯାଇଥିଲା। ଜିଲ୍ଲା ଏଡ୍‌ସ ନିବାରଣ ଏବଂ ନିୟନ୍ତ୍ରଣ ୟୁନିଟ୍ (ଡିଏପିସିୟୁ) ଅନୁଗୋଳ ସହିତ ମିଳିତ ଭାବେ ସହରରେ ଏକ ବଡ଼ଧରଣର ଶୋଭାଯାତ୍ରା କରାଯାଇଥିଲା। ଆଇସିଟିସି ପଦକ୍ଷେପ ମାଧ୍ୟମରେ ଜିନ୍ଦଲ ଫାଉଣ୍ଡେଶନର ଅନୁଗୋଳ ୟୁନିଟ୍ ଏଯାଏ ୫.୩୪ ଲକ୍ଷ ଲୋକଙ୍କ ପାଖରେ ପ୍ରତିରୋଧ, ଯତ୍ନ ଏବଂ ସମର୍ଥନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ପହଞ୍ଚାଇ ପାରିଛି। ଏହାସହିତ ବର୍ତ୍ତମାନ ସୁଦ୍ଧା ୫.୦୩ ଲକ୍ଷ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଏଚ୍‌ଆଇଭି ପରୀକ୍ଷା କରିବାର ସୁବିଧା ପାଇଛନ୍ତି। ଏହି ଅବସରରେ ଜିନ୍ଦଲ ଷ୍ଟିଲର ଲଜିଷ୍ଟିକ୍ସ ବିଭାଗ ପକ୍ଷରୁ ପ୍ରୋଜେକ୍ଟ କବଚ ଅଧୀନରେ ଲାଷ୍ଟ ମାଇଲ କେୟାର ସଙ୍ଗଠନ ସହିତ ସହଭାଗିତାରେ ଟ୍ରକ୍ ପାର୍କିଂ ଅଞ୍ଚଳରେ ଡିସେମ୍ବର ୩ରୁ ଏକ ସପ୍ତାହ ବ୍ୟାପୀ ଏଚ୍‌ଆଇଭି ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ଯାଇଛି। ଜିନ୍ଦଲ ଫାଉଣ୍ଡେଶନ ବର୍ଷତମାମ ସାମୁଦାୟିକ ସ୍ୱାସ୍ଥ୍ୟ ପ୍ରତି ଏହାର ପ୍ରତିବଦ୍ଧତା ଜାରି ରଖିଛି। ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଏଚ୍‌ଆଇଭି/ଏଡ୍‌ସ ମୁକାବିଲାରେ ଏହାର ନିରନ୍ତର ପ୍ରୟାସ ପାଇଁ ଜିନ୍ଦଲ ଫାଉଣ୍ଡେଶନକୁ ସ୍ୱୀକୃତି ଏବଂ ସମ୍ମାନିତ କରିଛି।


ବିଶ୍ୱ ଏଡ୍‌ସ ଦିବସ ପାଳନ ଅବସରରେ ସଚେତନତା ଶୋଭାଯାତ୍ରା।

## ଦାବି ପୂରଣ ନ ହେଲେ ସ୍କୁଲ ବନ୍ଦ ଚେତାବନୀ



ଛେଣ୍ଡିପଦା ଓ ତାଳଚେରରେ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଛେଣ୍ଡିପଦା,୧।୧୨ (ଅଜିତ ଧଳ)/ ତାଳଚେର (ମନୋଜ ନନ୍ଦ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୨ ଦଫା ଦାବି ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ ସହିତ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷକ ମହାସଂଘ ଡାକରାରେ ଛେଣ୍ଡିପଦା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ସୁଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ଶତାଧିକ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକ ୨ ଦଫା ଦାବି ନେଇ ଏହି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବାରମ୍ବାର ଶିକ୍ଷକଙ୍କ ଦାବିକୁ ସରକାର ପ୍ରତ୍ୟାଖାନ କରୁଥିବା ନେଇ ଶିକ୍ଷକଶିକ୍ଷୟିତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାପରେ ଏବିଇଓ ପବିତ୍ର ମୋହନ ଦେହୁରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବି ପୂରଣ ନ ହେଲେ ୫ ତାରିଖ ଠାରୁ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିରେ ଧାରଣା ଦେବା ସହିତ ସ୍କୁଲଗୁଡିକ ବନ୍ଦ କରିବେ ବୋଲି ଚେତାବନୀ ଦେଇଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନ ରେ ଛେଣ୍ଡିପଦା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ସୁରେଶ ଚନ୍ଦ୍ର ସାହୁ, କୋଷାଧ୍ୟକ୍ଷ ସୁମନ୍ତ ନାୟକ, ଆଞ୍ଚଳିକ ସମ୍ପାଦକ ଅନନ୍ତ ଚରଣ ସାହୁ, ଶମ୍ଭୁନାଥ ସାହୁ, ହାରାମ ବେହେରା, ସୁରେଶ ଚନ୍ଦ୍ର ବେହେରା, ଦେବରାଜ ନାଏକ, ମୁକେଶ ଚନ୍ଦ୍ର ସାହୁ, ପ୍ରଦୋଷ ପ୍ରସାଦ ସାହୁ, ସତ୍ୟରଞ୍ଜନ ସାହୁ, ସୁବାସ ବେହେରା, ମଧୁସୂଦନ ସାହୁ, ପ୍ରଦୀପ ବେହେରା, ସରୋଜ ସାହୁ, ସଞ୍ଜୟ ନାୟକ, ବସନ୍ତ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନୂତନ ପେନସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ରାଜ୍ୟ ବ୍ୟାପୀ ଆନ୍ଦୋଳନ ପରିପ୍ରେକ୍ଷୀରେ ସୋମବାର ତାଳଚେର ବ୍ଲକ ଶିକ୍ଷା କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯାଇଛି। ପ୍ରାଥମିକ ଶିକ୍ଷକମାନଙ୍କର ମୂଳ ପଦବୀକୁ ଅପଗ୍ରେଡ କରି ଲେବୁଲ-୯ ଅନୁଯାୟୀ ମୂଳ ବେତନ ଟ.୩୫,୪୦୦/- କରିବା, ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରୁ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ କରି ୨୦୦୧ ମସିହା ଠାରୁ ଅଦ୍ୟାବଧି କାର୍ଯ୍ୟରତ ସମସ୍ତ ଶିକ୍ଷକଙ୍କ ଠିକା କାର୍ଯ୍ୟସମୟକୁ ମୂଳ ଚାକିରିରେ ଗଣନା କରିବା ସହିତ ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ କରିବାକୁ ଦାବି କରାଯାଇଛି। ଏ ନେଇ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଏହାସହିତ ୫ ଓ ୬ ତାରିଖରେ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ଆନ୍ଦୋଳନରେ ଯୋଗଦେଇ ଦାବି ହାସଲ ପର୍ଯ୍ୟନ୍ତ ବିକ୍ଷୋଭ ଜାରି ରଖିବା ପାଇଁ ସଂଘ ତରଫରୁ ସୂଚନା ଦିଆଯାଇଛି। ଯଦି ସରକାର ଦାବି ପୂରଣ ନ କରନ୍ତି ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ତାଳଚେର ବ୍ଲକ ସଂଘ ତରଫରୁ ସଭାପତି ମିନତୀ ଦାସ ଓ ସମ୍ପାଦକ ନିରୋଦ କୁମାର ଦାସମହାପାତ୍ର ଚତାବନୀ ଦେଇଛନ୍ତି।

## ବିଶ୍ୱ ପାଇଁ ଆହ୍ୱାନ ପାଲଟିଛି ପ୍ରଦୂଷଣ

### ଆଜି ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ



**ଭୁବନେଶ୍ୱର, ୧।୧୨**

ସମଗ୍ର ବିଶ୍ୱ ପାଇଁ ପ୍ରଦୂଷଣ ଏକ ବଡ଼ ସମସ୍ୟା ପାଲଟିଛି। ଭାରତରେ ମଧ୍ୟ ଏହି ସମସ୍ୟା ଧୀରେ ଧୀରେ ଗମ୍ଭୀର ଆକାର ଧାରଣ କରୁଛି। ଦିଲ୍ଲୀ-ଏନ୍‌ସିଆର୍, ପାଟଣା, ଲକ୍ଷ୍ନୌ, ମୁମ୍ବାଇ ଭଳି ଅନେକ ବଡ଼ ବଡ଼ ସହରରେ ନିଃଶ୍ୱାସ ନେବା ପାଇଁ ସ୍ୱଚ୍ଛ ବାୟୁର ଅଭାବ ଦେଖାଦେଉଛି। ବିକାଶ ନାମରେ ଗଛ କାଟିବା ସହ ଅତ୍ୟଧିକ ଗାଡ଼ିମୋଟର ଚଳାଚଳ, କଳକାରଖାନା ସ୍ଥାପନ, ପ୍ଲାଷ୍ଟିକ୍ ବ୍ୟବହାର ଆଦି ପ୍ରଦୂଷଣକୁ ବଢ଼ାଇବାରେ ଲାଗିଛି। ପ୍ରଦୂଷଣ କାରଣରୁ ଲୋକେ ଆଲର୍ଜି, ଆଖି ପୋଡ଼ିବା, ନିଃଶ୍ୱାସ ନେଇ ନ ପାରିବା, କାଶ, ଗଳା ପୋଡ଼ିବା ଆଦି ସହ ଫୁସ୍‌ଫୁସ୍‌ଜନିତ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟାରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ପ୍ରଦୂଷଣକୁ ନେଇ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୨କୁ ଜାତୀୟ ପ୍ରଦୂଷଣ ନିୟନ୍ତ୍ରଣ ଦିବସ ଭାବେ ପାଳନ କରାଯାଉଛି। ୧୯୮୪ରେ ଭୋପାଳର ଗ୍ୟାସ୍ ବିସ୍ଫୋରଣ ଘଟଣାରେ ମୃତ୍ୟୁବରଣ କରିଥିବା ଲୋକଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୨ରେ ଏହି ଦିବସ ପାଳନ କରାଯାଇଆସୁଛି। ବାୟୁ, ଜଳ, ମୃତ୍ତିକା, ଧ୍ୱନି ଆଦି ପ୍ରଦୂଷଣର ଖରାପ ପରିଣାମ ସମ୍ପର୍କରେ ଲୋକଙ୍କୁ ଜଣାଇବା ସହିତ ପ୍ରଦୂଷଣରୁ ହେଉଥିବା ବିପଦ ସମ୍ପର୍କରେ ଲୋକଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଏବଂ ଏହାକୁ ରୋକିବା ପାଇଁ ବିଭିନ୍ନ ଉପାୟ ସମ୍ପର୍କରେ ସୂଚିତ କରିବା ଏହି ଦିବସର ମୂଳ ଲକ୍ଷ୍ୟ।

# ଆଦିତ୍ୟ ପ୍ରସାଦ ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷ ପୁରସ୍କାର'

### ୨୬ତମ ବିଜ୍ଞାନ ଓ ପରିବେଶ କଂଗ୍ରେସ ଉଦ୍‌ଯାପିତ

**ଭୁବନେଶ୍ୱର, ୧।୧୨ (ବନ୍ଦନା ସେଠୀ)**

ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କିଟ୍ ଅଡିଟୋରିୟମ୍‌ରେ ଚାଲିଥିବା ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ 'ନିରନ୍ତର ସବୁଜ ସୀମା' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଓଇଏସ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ, ସମ୍ମାନିତ ଅତିଥି ଭାବେ ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ଯୋଗଦେଇଥିଲେ। ଅତିଥିମାନେ ୨୦୩୦ ମସିହା ମଧ୍ୟରେ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଗବେଷଣା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ପଦ୍ମଶ୍ରୀ ପ୍ରଫେସର ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷ ପୁରସ୍କାର' ପ୍ରଦାନ କରାଯାଇଥିଲା। ଏଥସହ ଗବେଷକମାନଙ୍କୁ ସର୍ବୋତ୍ତମ ନିବନ୍ଧ ଉପସ୍ଥାପନା ପୁରସ୍କାର ପ୍ରଦାନ କରାଯାଇଥିଲଶ। ଡିନ୍ ପ୍ର. ପ୍ରଶାନ୍ତ ରଥ, ସଂଯୋଜକ ପ୍ର. ସନ୍ଦୀପ ନାରାୟଣ କୁଣ୍ଡୁ ଉପସ୍ଥିତ ଥିବାବେଳେ ସହ ସଂଯୋଜକ ଡ. ସୁରଭି ଜୈନ ଧନ୍ୟବାଦ ଅର୍ପଣ କରିଥିଲେ।





**ଏକତା, କୋରାପୁଟ**

ଲୋକପ୍ରିୟ ଖବରକାଗଜ ଧରିତ୍ରୀର ୫୨ତମ ସ୍ୱନକ୍ଷତ୍ର ଅବସରରେ ସମସ୍ତ ପାଠକଙ୍କୁ ଆନ୍ତରିକ ଶୁଭକାମନା

ବର୍ତ୍ତମାନର ଆଧୁନିକ ଯୁଗରେ କୋରାପୁଟ ଜିଲ୍ଲାର ଆଦିବାସୀମାନେ ସେମାନଙ୍କର ପୂର୍ବଦିନର କଳା, ସଂସ୍କୃତି ଓ ପରମ୍ପରାକୁ ଭୁଲିଯାଇ ଆଧୁନିକ ଯୁଗର ପରମ୍ପରା ସବୁ ଆପଣେଇ ଆଦିବାସୀ କଳା ଓ ସଂସ୍କୃତିକୁ ଅନ୍ଧକାର ଆଡକୁ ମୁହାଁଉଛି । ଫଳରେ ସେମାନେ ସେମାନଙ୍କର ପାରମ୍ପରିକ ଚାଷ, ପାରମ୍ପରିକ ଖାଦ୍ୟ ଅଭ୍ୟାସ, ପାରମ୍ପରିକ ନାଚଗୀତ, ପାରମ୍ପରିକ ପର୍ବପର୍ବାଣି ଓ ସେମାନଙ୍କର ସ୍ଥାନୀୟ ଶାସନ ବ୍ୟବସ୍ଥା ଲୋପ ପାଇବାକୁ ବସିଲାଣି । ଏହି ପରିପ୍ରେକ୍ଷୀରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା, କୋରାପୁଟ ଦଶମନ୍ତପୁର ବ୍ଲକର ୫୦ଟି ଗ୍ରାମରେ ମୁକ୍ତ ଆକାଶ ଶିକ୍ଷାକେନ୍ଦ୍ର ମାଧ୍ୟମରେ ଆଦିବାସୀ ଗୋଷ୍ଠୀର ତିନିସ୍ତର ପିଢ଼ିଙ୍କୁ ନେଇ ଯଥା- ବୃଦ୍ଧ ବୃଦ୍ଧା, ଯୁବକ ଯୁବତୀ ଓ ଶିଶୁମାନଙ୍କୁ ଏକତ୍ରିତ କରି ଗ୍ରାମର ଦକ୍ଷ ବ୍ୟକ୍ତିଙ୍କ ଦ୍ୱାରା ଆଦିବାସୀଙ୍କ ପରମ୍ପରା ଓ ସଂସ୍କୃତିକୁ ନୂତନ ପିଢ଼ିଙ୍କୁ ଶିକ୍ଷା ପ୍ରଦାନ କରି ସେମାନଙ୍କର କଳା ଓ ସଂସ୍କୃତି ଅଭ୍ୟାସ କରିବାରେ ପ୍ରୟାସ କରୁଛି ଯଥା ଦେଶୀ ବିହନ ସଂଗ୍ରହ ଓ ବ୍ୟବହାର, ଜୈବିକ ଖତ ପ୍ରସ୍ତୁତି ଓ ବ୍ୟବହାର, ଗୀତ ରଚନା ଓ ଗାଇବା ଅଭ୍ୟାସ, ହଳ ଲଙ୍ଗଳ ପ୍ରସ୍ତୁତି ଓ ମରାମତି, ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ ଓ ବ୍ୟବହାର, ଚେରମୂଳି ଔଷଧ ଚିହ୍ନଟ ଓ ବ୍ୟବହାର, ପୂଜାପାଠର ଅଭ୍ୟାସ ଓ ପାରମ୍ପରିକ ଖାଦ୍ୟ ଅଭ୍ୟାସ ଇତ୍ୟାଦି । ପରମ୍ପରାକୁ ବଜାୟ ରଖିବା ନିମନ୍ତେ ଏକତାର ଏକ ପ୍ରୟାସ ଆଗକୁ ମଧ୍ୟ ଜାରି ରହିବ ।






































ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୨/୨୦୨୫ Bhubaneswar, Tuesday, December 2/ 2025




# ୪୫ ମିନିଟ୍‌ରେ ସରିଗଲା ଟିକେଟ

## ଭାରତ-ଦକ୍ଷିଣ ଆଫ୍ରିକା ଟି୨୦

କଟକ,୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍‌ର ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭର ମାତ୍ର ୪୫ ମିନିଟ୍‌ରେ ଟିକେଟ ବୁକିଂ ହୋଇଯାଇଛି। ଅନ୍‌ଲାଇନରେ ମାତ୍ର ୨ ହଜାର ଟିକେଟ ଉପଲବ୍ଧ ରହିଥିଲା। ସୋମବାର ଅପରାହ୍ଣ ୨ଟାରେ ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେଶନରେ ଏହି ଟିକେଟ ଉପଲବ୍ଧ ହୋଇଥିବା ବେଳେ ପ୍ରଥମ କିଛି କ୍ଷଣରେ ଗ୍ୟାଲେରି ଟିକେଟଗୁଡ଼ିକ ବୁକିଂ ଶେଷ ହୋଇଯାଇଥିଲା। ପରେ ଏସି ବକ୍ସ, ସ୍ପେଶିଆଲ ଏନକ୍ଲୋଜର ଭଳି ଦାମୀ ଟିକେଟଗୁଡ଼ିକ ବିଳମ୍ବରେ ସରିଥିଲା। ତେବେ ଗତ ମ୍ୟାଚ୍ ତୁଳନାରେ ଚଳିତଥର ଅନ୍‌ଲାଇନରେ କମ୍ ସଂଖ୍ୟକ ଟିକେଟ ଆଶାୟୀ ଆପ୍ଲିକେଶନ୍ ହିଟ୍ କରିଥିବା ଦେଖିବାକୁ ମିଳିଥିଲା। ଏଥର ମାତ୍ର ୨ ହଜାର ଟିକେଟ ଅନ୍‌ଲାଇନ ପ୍ଲାଟଫର୍ମରେ ଉପଲବ୍ଧ ଥିବାରୁ ଅନେକେ ଟିକେଟ ପାଇବା ଆଶା ଛାଡ଼ି ଦେଇଥିଲେ । ତେବେ ଅନ୍‌ଲାଇନ ଟିକେଟ ବୁକ୍ କରିଥିବା କ୍ରିକେଟପ୍ରେମୀମାନେ ଡିସେମ୍ବର ୮ ଓ ୯ରେ କେମ୍ବ୍ରିଜ ସ୍କୁଲର ସ୍ୱତନ୍ତ୍ର କାଉଣ୍ଟରରୁ ହାର୍ଡକପି ପାଇବେ।

ସୂଚନାନୁଯାୟୀ, ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ପ୍ରଥମ ଟି-୨୦ ମ୍ୟାଚ୍ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଛି। ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ବାରବାଟୀରେ ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି। ଗତ ୨୦ ଦିନ ହେବ ପିଚ୍ ଏବଂ ଆଉଟ ଫିଲ୍ଡରେ କାମ ଚାଲିଥିବା ବେଳେ ପିଚ୍‌ର ଚୂଡ଼ାନ୍ତ ପ୍ରସ୍ତୁତି ମଙ୍ଗଳବାରଠାରୁ ଆରମ୍ଭ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଅନ୍‌ଲାଇନ ଟିକେଟ ବୁକିଂ ଆରମ୍ଭ ହୋଇଥିଲା। ପରେ ୩ ଓ ୪ ତାରିଖରେ ଓସିଏ ଅନୁବନ୍ଧିତ ୟୁନିଟ୍‌କୁ ଟିକେଟ ବିକ୍ରି କରାଯିବ। ବିଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କ୍ଲବ, ଜିଲା ସଂଘ ଏବଂ ସଦସ୍ୟଙ୍କ ପାଇଁ ମୋଟ୍ ୧୧ ହଜାର ଟିକେଟ ବିକିବାକୁ ଓସିଏ ସ୍ଥିର କରିଛି। ଅବଶିଷ୍ଟ ୧୦ ହଜାର ଟିକେଟ କାଉଣ୍ଟରକୁ ପଠାଯିବ। ଅଫଲାଇନ୍ ଟିକେଟ ବିକ୍ରି ନିମନ୍ତେ ୫ ଏବଂ ୬ ତାରିଖ ଧାର୍ଯ୍ୟ ହୋଇଛି।

# ୫ ପଦକ ସହ ପ୍ରତ୍ୟାଶାଙ୍କ ପ୍ରତ୍ୟାବର୍ତ୍ତନ

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)



ମା' ଚାରୁଶ୍ରୀ ଓ ବାପା ରଜତ ରାୟଙ୍କ ସହ ପ୍ରତ୍ୟାଶା ରାୟ। (ଫଟୋ: ବିକାଶ ନାୟକ)

ରାଜସ୍ଥାନରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ୫ ପଦକ ଜିତି ସୋମବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି ଓଡ଼ିଶାର ସୁଇମିଂ ସେନ୍‌ସେଶନ ପ୍ରତ୍ୟାଶା ରାୟ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ପ୍ରତ୍ୟାଶା ସନ୍ତରଣ ଇଭେଣ୍ଟରେ ୩ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ଏହାକୁ ମିଶାଇ ୨୩ ବର୍ଷୀୟ ପ୍ରତ୍ୟାଶା ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ନିଜର ପଦକ ସଂଖ୍ୟାକୁ ୧୮ରେ ପହଞ୍ଚାଇଛନ୍ତି। ଏହା ବ୍ୟତୀତ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକର ମଧ୍ୟ ଅଧିକାରିଣୀ ହୋଇ ସାରିଛନ୍ତି ଏହି ତାରକା ସୁଇମର। ଗତବର୍ଷ ଗୁଆହାଟୀରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ସେ ଶ୍ରେଷ୍ଠ ପ୍ରଦର୍ଶନ କରି ୪ ସ୍ୱର୍ଣ୍ଣ ଏବଂ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ମାତ୍ର ଏହାପରେ ସେ କାନ୍ଧରେ ଯନ୍ତ୍ରଣା ଅନୁଭବ କରିଥିଲେ। ଯଦିଓ ଅସ୍ତ୍ରୋପଚାର ଆବଶ୍ୟକ ପଡ଼ି ନ ଥିଲା ତେବେ ସେ ୨ ମାସ ରିହାବରେ ରହିଥିଲେ। ଏହାଫଳରେ ସେ ତାଙ୍କ ପ୍ରିୟ ଇଭେଣ୍ଟ ବ୍ୟାକ୍‌ଷ୍ଟ୍ରୋକ୍‌ରୁ ଦୂରେଇ ରହିଥିଲେ। ମାତ୍ର ସହଜରେ ହାର ମାନିବାକୁ ପ୍ରସ୍ତୁତ ନ ଥିବା ସାହସି ପ୍ରତ୍ୟାଶା ରେସିଂ ପ୍ରକ୍ରିୟା ଜାରି ରଖି ଫ୍ରିଷ୍ଟାଇଲ ସନ୍ତରଣ କରିଥିଲେ। ୨୦୦ ଓ ୪୦୦ ମିଟର ଇଭେଣ୍ଟରେ ମଧ୍ୟ ସେ ପ୍ରତିଦ୍ୱନ୍ଦ୍ୱିତା କରିବା ଆରମ୍ଭ କରିଥିଲେ। ଗତବର୍ଷ ସେପ୍ଟେମ୍ବରରେ ଅନୁଷ୍ଠିତ ଜାତୀୟ ସିନିୟର ସୁଇମିଂ ପ୍ରତିଯୋଗିତା ବେଳକୁ ସେ ସୁସ୍ଥ ହୋଇ ରିଲେରେ ସ୍ୱର୍ଣ୍ଣ ଏବଂ ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍‌ରେ ରୌପ୍ୟ ପଦକ ଜିତିଥିଲେ। ଜାପାନରେ ହେବାକୁଥିବା ୨୦୨୬ ଏସିଆନ ଗେମ୍ସରେ ଅଂଶଗ୍ରହଣ କରିବା ତାଙ୍କର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏହା ପୂର୍ବରୁ ସେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗନେଇ ଟାଇମିଂରେ ଉନ୍ନତି ଆଣିବାକୁ ଲକ୍ଷ୍ୟ ରଖିଛନ୍ତି। ପ୍ରତ୍ୟାଶାଙ୍କ କ୍ୟାରିୟର ଆରମ୍ଭ କୌଣସି ଚଳଚ୍ଚିତ୍ର କାହାଣୀଠାରୁ କମ୍ ନୁହେଁ। ତାଙ୍କ ପିଲାଦିନର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ମା ଚାରୁଶ୍ରୀ ଏବଂ ବାପା ରଜତ ରାୟ ଅନେକ ଡାକ୍ତରଖାନାର ଦ୍ୱାରସ୍ଥ ହୋଇଥିଲେ। ୱାଟର ଥେରାପି ତାଙ୍କ କ୍ଷେତ୍ରରେ କାମ କରିପାରେ ବୋଲି ଚାରୁଶ୍ରୀଙ୍କ ହୃଦ୍‌ବୋଧ ହୋଇଥିଲା। ସେହି ଥେରାପିରୁ ଆଜିର ପ୍ରତ୍ୟାଶା କେବଳ ଓଡ଼ିଶା ନୁହେଁ ଜାତୀୟ ସ୍ତରରେ ସନ୍ତରଣ ରାଣୀ ପାଲଟିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ବାପା ରଜତ ରାୟ ଏବେ ଓଡ଼ିଶା ପୋଲିସରେ ଜଣେ ବରିଷ୍ଠ ଅଧିକାରୀ ଭାବେ କାର୍ଯ୍ୟରତ।

# ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଆରମ୍ଭ



କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବ୍ୟାଡ୍‌ମିଣ୍ଟନ ଖେଳି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ସୋମବାର ଆରମ୍ଭ ହୋଇଛି। ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆ, ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ୍ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ୬ ତାରିଖ ପର୍ଯ୍ୟନ୍ତ ଚାଲିବ। କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ''୩୭ତମ ଜାତୀୟ ସବ୍-ଜୁନିୟର ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଆୟୋଜନ ଆମ ସମସ୍ତଙ୍କ ପାଇଁ ଗର୍ବର ବିଷୟ। ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର କ୍ରୀଡ଼ାବିତ୍‌ମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ସମସ୍ତ ଖେଳାଳି ଟୁର୍ନାମେଣ୍ଟରେ ଉତ୍କୃଷ୍ଟ ପ୍ରଦର୍ଶନ କରିବେ ବୋଲି ମୁଁ ଆଶା କରୁଛି। ଜାତୀୟ ସ୍ତରୀୟ ପ୍ରତିଯୋଗିତାର ଆୟୋଜନ ଓଡ଼ିଶାର ସମସ୍ତ ବ୍ୟାଡ୍‌ମିଣ୍ଟନ ପ୍ରତିଭାଙ୍କୁ ଉତ୍ସାହିତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଏକ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ପାଇଁ କ୍ରୀଡ଼ା ପ୍ରତିଭାମାନଙ୍କୁ ପ୍ରେରିତ କରିବ'' ବୋଲି କ୍ରୀଡ଼ାମନ୍ତ୍ରୀ ଏହି ଅବସରରେ ପ୍ରକାଶ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୫ ଓ ୧୭ ବର୍ଷରୁ କମ୍ ବର୍ଗରେ ପ୍ରତିଯୋଗିତା ହେଉଛି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, ନିର୍ଦ୍ଦେଶକ ୟେଦୁଲା ବିଜୟ, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ କୋଚ୍ ଗାଙ୍ଗୁଲି ପ୍ରସାଦ, ଚୟନ କମିଟି ସଦସ୍ୟ ସଂଜୀବ ସଚଦେବା, ଇଣ୍ଡିଆନ ପାରା ବ୍ୟାଡ୍‌ମିଣ୍ଟନ କୋଚ ଭି. ମୁରଲୀ କ୍ରିଷ୍ଣା, ଇଣ୍ଡିଆନ ବ୍ୟାଡ୍‌ମିଣ୍ଟନ କୋଚ୍ ଗୋବର୍ଦ୍ଧନ ରେଡ୍ଡୀ, ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଅଫ୍ ଇଣ୍ଡିଆର ଯୁଗ୍ମ ସଚିବ କେ.କେ. ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ।

# ଇଣ୍ଡିଆନ ପିକଲ ବଲ୍ ଲିଗ୍ ଆରମ୍ଭ

**ନୂଆଦିଲ୍ଲୀ, ୧।୧୨ (ପି.ଟି.):** ଇଣ୍ଡିଆନ ପିକଲ ବଲ୍ ଲିଗ୍ ଏଠାରେ ସୋମବାରଠାରୁ ଆରମ୍ଭ ହୋଇଛି। ଏଥିରେ ୬ଟି ଫ୍ରାଞ୍ଚାଇଜ୍ ଭାଗ ନେବେ। ସ୍ଥାନୀୟ ଇନ୍ଦିରାଗାନ୍ଧୀ ଇନ୍‌ଡୋର ଷ୍ଟାଡିୟମ ପରିସରରେ ରହିଥିବା କେଡି ଯାଦବ ଇନ୍‌ଡୋର ହଲ୍‌ରେ ଟୁର୍ନାମେଣ୍ଟର ଆକର୍ଷଣୀୟ ଟ୍ରଫି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ଏହି ଇଭେଣ୍ଟ ଡିସେମ୍ବର ୭ରେ ଶେଷ ହେବ।

# ମହିଳା ହକି ମୁଖ୍ୟ କୋଚ୍ ହରେନ୍ଦ୍ରଙ୍କ ଇସ୍ତଫା

ନୂଆଦିଲ୍ଲୀ,୧।୧୨(ପି.ଟି.)



ହରେନ୍ଦ୍ର ସିଂ

ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ହରେନ୍ଦ୍ର ସିଂ ସୋମବାର ନିଜ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଏହି ନିଷ୍ପତ୍ତି ପଛରେ ସେ ବ୍ୟକ୍ତିଗତ କାରଣ ଦର୍ଶାଇଛନ୍ତି। ମିଳିଥିବା ସୂଚନା ମୁତାବକ, ହରେନ୍ଦ୍ର ତାଙ୍କ ଇସ୍ତଫା ପତ୍ର ହକି ଇଣ୍ଡିଆ (ଏଚ୍‌ଆଇ)କୁ ମେଲ କରିଛନ୍ତି। ତାଙ୍କ ପୂର୍ବରୁ ମୁଖ୍ୟ କୋଚ୍ ଦାୟିତ୍ୱରେ ଥିବା ନେଦରଲାଣ୍ଡ୍ସର ଜୋଏର୍ଡ ମାରିଜନେଙ୍କୁ ପୁନଃ ନିଯୁକ୍ତ କରାଯାଇପାରେ। ମାରିଜନେଙ୍କ ମାର୍ଗଦର୍ଶନରେ ଭାରତୀୟ ମହିଳା ହକି ଦଳ ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଥିଲା। ସେ ୨୦୨୧ ଅଗଷ୍ଟରେ ମୁଖ୍ୟ କୋଚ୍ ପଦରୁ ଇସ୍ତଫା ଦେଇଥିଲେ। ଅନ୍ୟପକ୍ଷରେ ପୂର୍ବରୁ ଆମେରିକା ପୁରୁଷ ହକି ଦଳର କୋଚ୍ ଭାବେ କାର୍ଯ୍ୟ କରିଥିବା ହରେନ୍ଦ୍ର ୨୦୨୪ ଏପ୍ରିଲରେ ଭାରତୀୟ ଦଳର ମୁଖ୍ୟ କୋଚ୍ କାର୍ଯ୍ୟଭାର ସମ୍ଭାଳିଥିଲେ। ଏଥିପୂର୍ବରୁ ସେ ଭାରତୀୟ ଜୁନିୟର ପୁରୁଷ ଦଳର କୋଚ୍ ଥିଲେ। ତାଙ୍କ କାର୍ଯ୍ୟକାଳରେ ଭାରତୀୟ ଦଳ ୨୦୧୬ରେ ଜୁନିୟର ହକି ବିଶ୍ୱକପ୍ ଜିତିଥିଲା। ଗତ ଏକବର୍ଷ ହେଲା ଭାରତୀୟ ମହିଳା ହକି ଦଳର ପ୍ରଦର୍ଶନ ଅତ୍ୟନ୍ତ ନୈରାଶ୍ୟଜନକ ରହିଛି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୨୦୨୪-୨୫ରେ ଭାରତ ୧୬ ମ୍ୟାଚ୍ ଖେଳି ମାତ୍ର ଦୁଇଟି ମ୍ୟାଚ୍ ଜିତିଥିବା ବେଳେ ପରବର୍ତ୍ତୀ ସିଜନ ଲାଗି ଯୋଗ୍ୟତା ହାସଲ କରିବାରେ ବିଫଳ ହୋଇଛି।

# ଓଡ଼ିଶା ଏଚ୍‌ପିସି ଆଥ୍‌ଲେଟ୍‌ଙ୍କୁ ୨୦ ପଦକ



ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ପଦକ ବିଜୟୀ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଏଚ୍‌ପିସି ଜିମ୍ନାଷ୍ଟ ଓ ଅନ୍ୟମାନେ।

## ଲିସ୍‌ବନ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍

ଭୁବନେଶ୍ୱର, ୧।୧୨ (ତପନ ସ୍ୱାଇଁ)

ପର୍ତ୍ତୁଗାଲର ଲିସବନରେ ନଭେମ୍ବର ୨୧ ରୁ ୨୩ ପର୍ଯ୍ୟନ୍ତ ଅନୁଷ୍ଠିତ ଅନ୍ତର୍ଜାତୀୟ କଣ୍ଟିନେଣ୍ଟାଲ କପ୍‌ରେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ-ପରଫର୍ମାନ୍ସ ସେଣ୍ଟର (ଜିଏଚ୍‌ପିସି) ଆଥ୍‌ଲେଟମାନେ ଚମତ୍କାର ପ୍ରଦର୍ଶନ କରି ୨୦ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ସାମିଲ। ଏହି ସଫଳତା ବିଶ୍ୱସ୍ତରୀୟ ତାଲିମ ବ୍ୟବସ୍ଥା, ଭିତ୍ତିଭୂମି ଏବଂ କ୍ରୀଡ଼ାବିତ ବିକାଶ ମଡେଲରେ ରାଜ୍ୟର ନିରନ୍ତର ନିବେଶ ଦ୍ୱାରା ପରିଚାଳିତ ଉଚ୍ଚ-ପ୍ରଦର୍ଶିତ କ୍ରୀଡ଼ା ବିକାଶରେ ଓଡ଼ିଶାର ଅଗ୍ରଣୀ ଭୂମିକାର ଜ୍ୱଳନ୍ତ ପ୍ରମାଣ। ଏହା ଓଡ଼ିଶା-ଏଏମ୍/ଏନ୍‌ଏସ୍ ଇଣ୍ଡିଆ ସହଭାଗିତାର ସଫଳତାକୁ ମଧ୍ୟ ପ୍ରତିଫଳିତ କରୁଛି।

ସିନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି-ସିନିୟର) ବର୍ଗରେ, ଜଗଦୀଶ ବାରିକ ଅଲ୍-ଆରାଉଣ୍ଡ, ରିଙ୍ଗସ୍ ଏବଂ ଭଲ୍ଟରେ ଚମତ୍କାର ପ୍ରଦର୍ଶନ କରି ୩ଟି ବ୍ରୋଞ୍ଜ ହାସଲ କରିଥିବାବେଳେ ମୃତ୍ୟୁଞ୍ଜୟ ପଟ୍ଟନାୟକ ପାରାଲାଲ୍ ବାର୍‌ସରେ ଏକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସୁମିତ ଧଳଙ୍କ ସମେତ ଏହି ତିନି ଜଣ ମିଶି ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି-ସିନିୟର) ବର୍ଗରେ, ତନୁ ଅନଇଭେନ ବାର୍‌ସରେ ବ୍ରୋଞ୍ଜ ଏବଂ ପ୍ରିୟାଂଶୀ ବଂଶଲ ଭଲ୍ଟରେ ବ୍ରୋଞ୍ଜ ପାଇଛନ୍ତି। ତନୁ, ପ୍ରିୟାଂଶୀ, ଅଦିତି ଟୋଡି, ଅଦିତା ମଣ୍ଡଳ ଏବଂ ରଶ୍ମିତା ଦଳଗତ ଇଭେଣ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତ।

ସେହିପରି ଜୁନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍‌ଏଜି-ଜୁନିଅର) ବର୍ଗରେ, ଅଂଶୁମାନ ସୁନ୍ଦରା ହାଇ ବାରରେ ସ୍ୱର୍ଣ୍ଣ, ବିରୁ ଚନ୍ଦ୍ର ରାଓ ଭଲ୍ଟସ ଏବଂ ଅଲ୍-ଆରାଉଣ୍ଡ ଜିମ୍ନାଷ୍ଟିକ୍ସରେ ୨ଟି ରୌପ୍ୟ ପଦକ ଜିତିବା ସହିତ ଫ୍ଲୋର, ପୋମେଲ ହର୍ସ ଏବଂ ରିଙ୍ଗ୍ସରେ ୩ଟି କାଂସ୍ୟ ପଦକ ପାଇଛନ୍ତି। ଦେବାଶିଷ ରେଡ୍ଡୀ ପୋମେଲ୍ ହର୍ଷ ଏବଂ ହାଇବାର୍ସରେ ୨ ରୌପ୍ୟ ପଦକ ସହିତ ଭଲ୍ଟ ଏବଂ ଅଲ୍- ଆରାଉଣ୍ଡ ବର୍ଗରେ ୨ଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦଳଗତ ଇଭେଣ୍ଟରେ ଅଂଶୁମାନ, ଦେବାଶିଷ ଏବଂ ବିରୁ ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଜୁନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି-ଜୁନିଅର) ବର୍ଗରେ ପ୍ରୀତି ଝାଙ୍କର ଭଲ୍ଟରେ ରୌପ୍ୟ ପଦକ ହାସଲ କରିଛନ୍ତି।



କଲମ୍ବୋରେ ଅନୁଷ୍ଠିତ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ବିଶ୍ୱକପ୍‌ରେ ଚାମ୍ପିୟନ ଭାରତୀୟ ଦଳର ୪ ଓଡ଼ିଶା ଖେଳାଳି ସୋମବାର ପ୍ରତ୍ୟାବର୍ତ୍ତନ କରିବାପରେ ଭୁବନେଶ୍ୱରରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। (ଫଟୋ: ବିକାଶ ନାୟକ)

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ